# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୦/୨୦୨୬ (୧୪ ପୃଷ୍ଠା) | Bhubaneswar, Tuesday, January 20/2026 | Page 14 | ₹ 7.00 | BALASORE

୫୨ଶ ଭାଗ ୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 58 | ମୂଲ୍ୟ ₹୭/-





Celebrating
60
Years of
Anokha Swad
DIAMOND JUBILEE
KAMLA PASAND
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

# ଧରିତ୍ରୀ DHARITRI

52 Years

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୦/୨୦୨୬ | Bhubaneswar, Tuesday, January 20/2026 | ପୃଷ୍ଠା-୧







# ବଡ଼ବିଲରେ ବଡ଼ ବ୍ୟାଙ୍କ ଡକାୟତି

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରୁ ଲୁଟିନେଲେ ୭.୫ କୋଟିର ସୁନା ଅଳଙ୍କାର

**ବ୍ୟାଙ୍କରେ ସୁନା ଅଳଙ୍କାର ଦେଇ ଲୋକମାନେ ଋଣ ନେଉଛନ୍ତି। ଏପରି କି ଅନେକେ ବ୍ୟାଙ୍କକୁ ସୁରକ୍ଷିତ ସ୍ଥାନ ମନେକରି ନିଜର ସୁନାଅଳଙ୍କାରକୁ ବ୍ୟାଙ୍କ ଲକରରେ ରଖୁଛନ୍ତି। ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅବହେଳା ଏବଂ ସୁରକ୍ଷା ଅଭାବରୁ ବିଭିନ୍ନ ସମୟରେ ବ୍ୟାଙ୍କ ଲୁଟ୍ ହେଉଛି। ସୋମବାର କେନ୍ଦୁଝର ଜିଲା ବଡ଼ବିଲ୍‌ସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ସଶସ୍ତ୍ର ଡକାୟତି ହୋଇଛି। ୫ରୁ ୬ ମୁଖାପିନ୍ଧା ଦୁର୍ବୃତ୍ତ ବନ୍ଧୁକ ମୁନରେ ୭.୫୦ କୋଟି ଟଙ୍କାର ସୁନା ଅଳଙ୍କାର ଏବଂ ୪.୩୪ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ବଡ଼ବିଲରୁ ରାଜ୍ୟର ସବୁଠୁ ବଡ଼ ବ୍ୟାଙ୍କ ଡକାୟତି ବୋଲି କୁହାଯାଉଛି। ବ୍ୟାଙ୍କରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଏବଂ ଏସ୍‌ଓପି ପାଳନ କରାଯାଇ ନ ଥିବାରୁ ଦୁର୍ବୃତ୍ତମାନେ ଡକାୟତି କରି ଫେରାର ହେବାରେ ସଫଳ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଦୁର୍ବୃତ୍ତଙ୍କୁ ଧରିବାକୁ ଏବେ ସୀମା ସିଲ୍ କରି ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ ଚାଲିଥିବା ଏସ୍‌ପି କହିଛନ୍ତି।**

ବଡ଼ବିଲ,୧୯।୧ (ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲ ସବ୍‌ଡିଭିଜନାଲ ପୋଲିସ ଅଫିସର (ଏସ୍‌ଡିପିଓ)ଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୨ ଶହ ମିଟର ଦୂରରେ ଥିବା ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ବଡ଼ବିଲ ଶାଖାରେ ସୋମବାର ସଶସ୍ତ୍ର ଡକାୟତି ହୋଇଛି। ୫ ରୁ ୬ ଦୁର୍ବୃତ୍ତ ବ୍ୟାଙ୍କ ଭିତରେ ପଶି ବନ୍ଧୁକ ମୁନରେ ଷ୍ଟ୍ରଙ୍ଗରୁମ୍‌ରୁ ପ୍ରାୟ ୭.୫୦ କୋଟିର ସ୍ୱର୍ଣ୍ଣ ଅଳଙ୍କାର ଏବଂ ନଗଦ ପ୍ରାୟ ୪.୩୪ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଘଟଣାସ୍ଥଳରେ କେନ୍ଦୁଝର ଏସ୍‌ପିଙ୍କ ସମେତ ପୋଲିସ ଅଧିକାରୀ ପହଞ୍ଚି ତନାଘନା ଆରମ୍ଭ କରିଛନ୍ତି। ରାଜ୍ୟ ସୀମାନ୍ତକୁ ସିଲ୍ କରି ଖାନ୍‌ତଲାସି ଜାରି ରହିଥିବା ବଡ଼ବିଲ ଥାନା ଅଧିକାରୀ ଅଶୋକ ନାୟକ କହିଛନ୍ତି। ବ୍ୟାଙ୍କ ଏସ୍‌ଓପି ପାଳନ କରି ନ ଥିବା ଓ ସୁରକ୍ଷାକର୍ମୀ ନ ଥିବାରୁ ପୋଲିସ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଛି।

ସୂଚନା ଅନୁଯାୟୀ, ବଡ଼ବିଲ-କଳିଙ୍ଗନଗର ରାସ୍ତାରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ବଡ଼ବିଲ ଶାଖା ରହିଛି। ସୋମବାର ଅପରାହ୍ନରେ ୫ରୁ ୬ ବନ୍ଧୁକଧାରୀ ଦୁର୍ବୃତ୍ତ ମୁଖା, ହେଲମେଟ୍ ପିନ୍ଧି ବ୍ୟାଙ୍କ ଭିତରକୁ ପ୍ରବେଶ ☞ପୃଷ୍ଠା-୨



**ରୁଷିଆରେ ପ୍ରବଳ ତୁଷାରପାତ: ୧୩୦ ବର୍ଷର ରେକର୍ଡ ଭାଙ୍ଗିଲା**

ରୁଷିଆର ଦୂର ପ୍ରାଚ୍ୟରେ ଅବସ୍ଥିତ କାମଚାଟକା ଉପଦ୍ୱୀପରେ ପ୍ରବଳ ତୁଷାରପାତ ଯୋଗୁ ସେଠାକାର ଅନେକ ସହର ବରଫ ତଳେ ଏକପ୍ରକାର ପୋତି ହୋଇଯାଇଛି। ଏଭଳି ତୁଷାରପାତ ଗତ ପ୍ରାୟ ୧୩୦ ବର୍ଷର ରେକର୍ଡ ଭାଙ୍ଗିଥିବା କେତେକ ରିପୋର୍ଟ ଦର୍ଶାଉଛି। ସେଠାକାର ରାଜଧାନୀ ପେଟ୍ରୋପାଭଲୋଭସ୍କ-କାମଚାଟସ୍କିରେ ୧୦ରୁ ୪୦ ଫୁଟ ଯାଏ ବରଫ ଜମିଯାଇଛି। ଫଳରେ ୪ ମହଲା କୋଠା ପର୍ଯ୍ୟନ୍ତ ବରଫ ମାଡ଼ି ଯାଇଛି। ଏହା ସମ୍ପୂର୍ଣ୍ଣ ଯୋଗାଯୋଗ ବ୍ୟବସ୍ଥାକୁ ଅଚଳ କରିଦେଇଥିବାବେଳେ କୋଠା ଛାତରୁ ବଡ଼ ବଡ଼ ବରଫ ଖସି କେତେଜଣ ଲୋକଙ୍କ ମୃତ୍ୟୁ ଘଟିଛି।

# ୨ ହାଇସ୍ପିଡ୍ ଟ୍ରେନ୍ ମଧ୍ୟରେ ଧକ୍କା: ୩୯ ମୃତ

ଆଡାମୁଜ୍(ସ୍ପେନ୍),୧୯।୧

ସ୍ପେନ୍‌ର ଦକ୍ଷିଣ ଭାଗରେ ଏକ ହାଇସ୍ପିଡ୍ ଟ୍ରେନ୍ ରବିବାର ରାତିରେ ଲାଇନଚ୍ୟୁତ ହୋଇ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ଟ୍ରେନ୍‌କୁ ଧକ୍କା ଦେବାରୁ ଅନ୍ୟୁନ ୩୯ ଜଣଙ୍କ ମୃତ୍ୟୁ ଘଟିବା ସହ ୧୫୯ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୮ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ୧୨ ଜଣଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ରଖାଯାଇଛି। ୨୦୧୩ ପରେ ଦେଶରେ ଏହା ସବୁଠୁ ମର୍ମନ୍ତୁଦ ରେଳ ଦୁର୍ଘଟଣା। କେତେଜଣ ଆହତ ଯାତ୍ରୀଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ☞ପୃଷ୍ଠା-୨

# ନିତୀନ ନବୀନ ଭାଜପା ଅଧ୍ୟକ୍ଷ ନିର୍ବାଚିତ

ନୂଆଦିଲ୍ଲୀ,୧୯।୧



ଭାଜପା ନେତା ନିତୀନ ନବୀନ ସୋମବାର ନିର୍ଦ୍ୱନ୍ଦ୍ୱରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ମଙ୍ଗଳବାର ସେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିବେ। ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ଦଳ ମୁଖ୍ୟାଳୟଠାରେ ପଦବୀ ହସ୍ତାନ୍ତର ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଦଳର ଅନ୍ୟ ବରିଷ୍ଠ ନେତାମାନେ ଯୋଗଦେବେ। ଭାଜପାର ୩୬ ସାଂଗଠନିକ ରାଜ୍ୟରୁ ୩୦ଟିରେ ସଭାପତି ନିର୍ବାଚନ ଶେଷ ହେବା ପରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ବୋଲି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | କୁଲି, ମୂଲିଆଙ୍କ ଦେଶ

# ୯୧କୁ ଖସିଲା ଟଙ୍କା

ମୁମ୍ବାଇ,୧୯।୧(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସୋମବାର ୯୧ ଅତିକ୍ରମ କରିବା ପରେ ପୂର୍ବଦିନ ତୁଳନାରେ ୧୪ ପଇସା ହ୍ରାସ ପାଇ ୯୦.୯୨ରେ ସ୍ଥିର ରହିଛି। ଡଲାର ତୁଳନାରେ ଟଙ୍କା ୯୧ ମାର୍କ ଟପିବା ମାସକ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ବିଶ୍ୱ ବାଣିଜ୍ୟକୁ ନେଇ ଅନିଶ୍ଚିତତା ଯୋଗୁ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ବଢ଼ିଚାଲିଥିବାବେଳେ ଟଙ୍କା ନିମ୍ନଗାମୀ ହେବାରେ ଲାଗିଛି। ଆମେରିକୀୟ ମୁଦ୍ରା ଦୁର୍ବଳ ଏବଂ ଅଶୋଧିତ ତୈଳ ଦର ହ୍ରାସ ସତ୍ତ୍ୱେ ଘରୋଇ ଷ୍ଟକ ବଜାରରେ ବିକ୍ରି ଚାପ ଯୋଗୁ ଭାରତୀୟ ମୁଦ୍ରା ନିମ୍ନଗାମୀ ହେଉଥିବା ଫରେକ୍ସ ବିଶେଷଜ୍ଞମାନେ କହିଛନ୍ତି। ଆମେରିକାର ଗ୍ରୀନ୍‌ଲାଣ୍ଡ ଅକ୍ତିଆର ଯୋଜନାକୁ ବିରୋଧ କରୁଥିବା ୟୁରୋପୀୟ ଦେଶଗୁଡ଼ିକ ଉପରେ ୧୦ ପ୍ରତିଶତ ଟାରିଫ୍ ଲଗାଇବେ ବୋଲି ରାଷ୍ଟ୍ରପତି ☞ପୃଷ୍ଠା-୨







# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ମନନ ନାଟ୍ୟ ସଂସ୍ଥା ପକ୍ଷରୁ ଫାଉଣ୍ଡେଶନ୍ ଡେ ପାଳନ ଅବସରରେ ଡ୍ରାମା ଫେଷ୍ଟିଭାଲ୍, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ତ୍ରିବେଣୀ ମହୋତ୍ସବ, ସ୍ଥାନ: ତ୍ରିବେଣୀ ପଡ଼ିଆ, ଅନ୍ତର୍ବେଦୀ ପୀଠ ନିକଟ, ବନମାଳୀପୁର, ସମୟ: ସନ୍ଧ୍ୟା ୭ଟା।

**କଟକ**
- ଉତ୍କଳ ରଜକ କଲ୍ୟାଣ ସମାଜ ପକ୍ଷରୁ ପୋଙ୍ଗଲ ପୂଜା ଓ ପ୍ରତିଷ୍ଠା ଦିବସ, ସ୍ଥାନ: କମ୍ୟୁନିଟି ସେଣ୍ଟର, ବିଦ୍ୟାଧରପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକାଦଶ ଦିବସ, ସ୍ଥାନ: ରେଭେନ୍ସା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସିଂଘଲ ପରିବାର ପକ୍ଷରୁ ଶ୍ରୀମଦ ଭାଗବତ କଥା ଜ୍ଞାନଯଜ୍ଞର ଷଷ୍ଠ ଦିବସ, ସ୍ଥାନ: ଜେବିଏସ ଗାର୍ଡେନ, ତୁଳସୀ ପୁର, ସମୟ: ଅପରାହ୍ନ ୩ଟା।
- ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- କବୟିତ୍ରୀ କବିତା ମିଶ୍ରଙ୍କ ମଧୁରେଖା କବିତା ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: କାଳୀ ଭବନ, ଖାନନଗର, ସମୟ: ଅପରାହ୍ନ ୫ଟା।
- କଳିଙ୍ଗ ଭାରତୀ ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ଗୁରୁ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ଜୟନ୍ତୀରେ ସାରସ୍ୱତ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ଭଞ୍ଜ ମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**
- ଜଟଣୀ ପୌରପରିଷଦ ସ୍ତରୀୟ ସାମୂହିକ ବନ୍ଦେ ମାତରମ୍ ଗାନ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ୍, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାପା ମା' ସେବାଶ୍ରମ ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବ, ସ୍ଥାନ: ସେବାଶ୍ରମ ପରିସର, ତିରିମଲ, ରାଣୀପୁର, ଜଟଣୀ, ସମୟ: ଅପରାହ୍ନ ୧ଟା।

**ବାଲେଶ୍ୱର**
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ସକାଳ ୮ଟା।
- ଜୟନାରାୟଣ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ଇନ୍ଦିରା ଶିଶୁ ଉଦ୍ୟାନ, ବ୍ଲକ ଛକ, ବାଲିଆପାଳ, ସମୟ: ସକାଳ ୮ଟା ୩୦।
- ସାମୂହିକ ବନ୍ଦେ ମାତରଂ ପ୍ରତିଯୋଗିତା ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ପଞ୍ଚାୟତ ସମିତି ପରିସର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ଜିଲା ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାହାବଳପୁର ଫିସାରୀ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା।
- 'ନାଟ୍ୟପ୍ରଭା'ର ବାର୍ଷିକ ଉତ୍ସବ, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଚତୁର୍ଥ ବାର୍ଷିକ ହାଳଦୀପଦା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ପ୍ରାଣୀ ଡାକ୍ତରଖାନା ପଡ଼ିଆ, ହଳଦୀପଦା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ବିଶ୍ୱ ହିନ୍ଦୁ ସମ୍ମିଳନୀ, ସ୍ଥାନ: ମେଳଣ ପଡ଼ିଆ, ଧାମନଗର, ସମୟ: ସକାଳ ୮ଟା।
- ସରସ୍ୱତୀ ଶିଶୁମନ୍ଦିରର ୨୫ତମ ଜୟନ୍ତୀ ସମାରୋହ, ସ୍ଥାନ: ରାଉତରାପୁର, ଆଗରପଡ଼ା, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ମାତରମ୍‌ର ୧୫୦ବର୍ଷ ପୂର୍ତ୍ତି ଅବସରରେ ପୁରସ୍କାର ବିତରଣ ସଭା, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ନିଲୋକ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ନିଲୋକ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ପିଏମଶ୍ରୀ ଉତ୍ସବ, ସ୍ଥାନ: ଦାଖା ହାଇସ୍କୁଲ ପରିସର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ମଣ୍ଡଳସ୍ତରୀୟ ହିନ୍ଦୁ ସମ୍ମିଳନୀ, ସ୍ଥାନ: କୁବେରଶ୍ୱର ମନ୍ଦିର ପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ଫାଉଣ୍ଡେଶନ ଟ୍ରଷ୍ଟର ବାର୍ଷିକ ଉତ୍ସବ, ସ୍ଥାନ: ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ଅଭିନବ ଶିକ୍ଷାଗତ କାର୍ଯ୍ୟକ୍ରମର ଉଦ୍‌ଯାପନୀ, ସ୍ଥାନ: ଆଗରପଡ଼ା, ସମୟ: ଅପରାହ୍ନ ୩ଟା।
- ମହୋତ୍ସବ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।

**କେନ୍ଦୁଝର**
- ପ୍ରସ୍ତାବିତ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଦ୍ୱିତୀୟ ଗ୍ରାମସଭା, ସ୍ଥାନ: ଚେମେଣା ପଞ୍ଚାୟତ ବଡ଼ ନୂଆ ଗାଁ ପ୍ରାଥମିକ ବିଦ୍ୟାଳୟ ପଡିଆ, ପାଟଣା, ସମୟ: ପୂର୍ବାହ୍ନ ୧୦ଟା ୩୦।

**ମୟୂରଭଞ୍ଜ**
- ତ୍ରିରଙ୍ଗା କ୍ଲବ୍ ପକ୍ଷରୁ ବାର୍ଷିକ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପୂର୍ଣ୍ଣଚନ୍ଦ୍ରପୁର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା, ସ୍ଥାନ: କଚେରୀ ଷ୍ଟାଡ଼ିୟମ, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ମୋରଡ଼ା ପ୍ରିମିୟର ଲିଗର ଚତୁର୍ଥ ଦିବସ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ମା'ଶୀତଳା ଦେବୀଙ୍କ ବାର୍ଷିକ ଝାମୁଯାତ୍ରା ଅବସରରେ ଚଣ୍ଡି ଯଜ୍ଞ, ସ୍ଥାନ: ଡାକୋଇ କଲାରାଫୁଲିଆ, ମୋରଡ଼ା ବ୍ଲକ, ସମୟ: ଅପରାହ୍ନ ୧ଟା।
- ମକର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିଂହଟିଆ ଶିବ ମନ୍ଦିର ପ୍ରାଙ୍ଗଣ, ବଡ଼ସାହି, ସମୟ: ଅପରାହ୍ନ ୫ଟା।

**ବ୍ରହ୍ମପୁର**
- ମେଗା ରକ୍ତଦାନ ଶିବିର, ସ୍ଥାନ: ତୁଳସୀ ନଗର,ସମୟ: ସକାଳ ୮ଟା।

**ଗଞ୍ଜାମ**
- ବେଠିଆବୋରଦା ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ବୁଗୁଡ଼ା ବ୍ଲକ୍, ବେଠିଆବୋରଦା ସ୍କୁଲ, ସମୟ: ପୂର୍ବାହ୍ନ ୧୦ ଟା।
- ନିଷ୍ଟ ବିଶ୍ୱବିଦ୍ୟାଳୟର ୨୯ ପ୍ରତିଷ୍ଠା ଦିବସ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ ଟା।

**ଢେଙ୍କାନାଳ**
- ନିଯୁକ୍ତି ମେଳା ୨୦୨୫-୨୦୨୬, ସ୍ଥାନ: ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ, ସମୟ: ସକାଳ ୯ଟା।
- ଢେଙ୍କାନାଳ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ ମହିଷାପାଟ ପଲ୍ଲିଶ୍ରୀ ମେଳାପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ ବାରାଦା ମାତୃଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- କୋଷ୍ଟଗାର୍ଡର ୫୦ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।
- ପାରାଦୀପ ପୌରପରିଷଦ ପକ୍ଷରୁ ବନ୍ଦେ ମାତରମ ୧୫୦ତମ ପୂର୍ତ୍ତି ଉପଲକ୍ଷେ ସାଧାରଣ ସଭା ଓ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ,ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

**କେନ୍ଦ୍ରାପଡ଼ା**
- ତ୍ରିବେଣୀ ମେଳା ରୁଦ୍ର ଶାନ୍ତି ଯଜ୍ଞ, ସ୍ଥାନ: ଆଟେଶ୍ୱର ଶୈବ ପୀଠ,ଜଗନ୍ନାଥପୁର, ଡେରାବିଶ, ସମୟ: ସକାଳ ୭ଟା।
- ସାର୍ବଜନିନ ଗଙ୍ଗା ପୂଜା, ମକର ମେଳା ଓ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତୀ, ମହାକାଳପଡା, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଢ଼ୋଲ, ଜମରା, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା।
- ମକର ମହୋତ୍ସବ, ସ୍ଥାନ: ବିଲେଇସୁଣୀ ମକର ପଡିଆ, ପଳସୁଧା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ କୃପାସିନ୍ଧୁ ଦାସ ବାବାଜୀ ମହାରାଜ (ଅଖା ବାବା)ଙ୍କ ସ୍ମରଣୋତ୍ସବ, ସ୍ଥାନ: ଶ୍ରୀ ନାମବ୍ରହ୍ମ ସେବାଶ୍ରମ, ଜେନାପାଟଣା, ପୁରୁଷୋତ୍ତମପୁର, ଦୁତିଆଳ, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାଠ ପୂଜାର୍ଚ୍ଚନା, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ସକାଳ ୭ଟା।
- ଖଣ୍ଡପଡା ବିଧାୟକଙ୍କ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଭାପୁର ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ:ପୂର୍ବାହ୍ନ ୧୦ଟା।
- ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଅବସରରେ ବ୍ଲକସ୍ତରୀୟ ଉତ୍ସବ, ସ୍ଥାନ: ନୟାଗଡ଼ ବ୍ଲକ ଇଟାମାଟି ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଓଡଗାଁ ଏନ୍‌ଏସି ପକ୍ଷରୁ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଅବସରରେ ଉତ୍ସବ, ସ୍ଥାନ: ଓଡଗାଁ ସରକାରୀ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୫ମ ଦିବସ ମ୍ୟାଚ ଗୋପୀନାଥପୁର ବନାମ କଣ୍ଟିଲୋ ଲାଇଫଟାଇମ କ୍ରିକେଟ କ୍ଲବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟର ନବମ ଦିବସର ୩ୟ ସେମି ଫାଇନାଲ ମ୍ୟାଚରେ ଶାଳଝରିଆ ବନାମ ଢ଼ୋଲମରା କ୍ରିକେଟ କ୍ଲବ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମ୍‌ଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ୨ୟ ଦିବସ ମ୍ୟାଚରେ ଭୁବନେଶ୍ୱରର ୟୁନାଇଟେଡ ୟୁଥ୍ କ୍ଲବ ଗଣ୍ଡରପୁର ବନାମ ଏସ୍‌ଜେସି ଫୁଟବଲ କାଲିକୁଟେ କେରଳ, ସ୍ଥାନ:ନୟାଗଡ଼ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।

**ରାୟଗଡ଼ା**
- ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ୍ ୧୫୦ ବର୍ଷ ପାଳନ, ସ୍ଥାନ: ଗୁଡାରି ନିଗାମନ ସାହି କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ବ୍ଲକ କଂଗ୍ରେସର ମିଶ୍ରଣ ପର୍ବ, ସ୍ଥାନ: ଇରିପିପୁଟ, କଲ୍ୟାଣସିଂହପୁର, ସମୟ: ପୂର୍ବାହ୍ନ ୧୦ ଟା।
- ରାଷ୍ଟ୍ର ଗୀତ ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସାମୂହିକ ରାଷ୍ଟ୍ରଗୀତ ଗାନ ସ୍ଥାନ: ଗୁଣପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ନବରଙ୍ଗପୁର**
- ସାମୁହିକ ବନ୍ଦେ ମାତରମ୍ ଗାନ, ସ୍ଥାନ: ଉମରକୋଟ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଏକ୍ସ ବୋର୍ଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ, ସ୍ଥାନ: କୋଷାଗୁମୁଡ଼ାସ୍ଥିତ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।

**କୋରାପୁଟ**
- କୋଟପାଡ଼ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, କୋଟପାଡ଼, ସମୟ: ପୂର୍ବାହ୍ନ ୧୧ଟା।

**ମାଲକାନଗିରି**
- ବିଜ୍ଞାନ ମେଳା, ସ୍ଥାନ: ଲକ୍ଷ୍ମଣ ନାୟକ ଇଂଲିଶ ମିଡିୟମ ସ୍କୁଲ, କାଲିମେଳା, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ, କାଲିମେଳା, ସମୟ: ପୂର୍ବାହ୍ନ ୧୧ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଦା ଗୋଡ଼େ ଭୁଞ୍ଜିବ**
**ଓଦା ଗୋଡ଼ଟିରେ ଶୋଇଲେ**
**ମହାଦୋଷ ଥାଏ ଏ ମହୀରେ ।**

ହାତଗୋଡ଼ ଧୋଇକରି ଭୋଜନକରିବା ଦ୍ୱାରା ମଣିଷ ଦୀର୍ଘାୟୁ ହୋଇଥାଏ। ପରନ୍ତୁ ଓଦା ଗୋଡ଼ରେ ଶୋଇଲେ ମହାପାତକ ଲାଗୁଥିବାର ଜଣାଯାଇଥାଏ। ତେଣୁ ସର୍ବଦା ଓଦାଗୋଡ଼ ପୋଛି ଶୟନ କରିବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଓଳି ତଳେ**
**ଠିଆ ନ ହେବ ସନ୍ଧ୍ୟାକାଳେ ।**

ସାଧାରଣତଃ ସନ୍ଧ୍ୟା ସମୟରେ ବିଭିନ୍ନ ଜନ୍ତୁଙ୍କ ଆତଯାତ ହୋଇଥାଏ। ତେଣୁ ସୁରକ୍ଷା ଦୃଷ୍ଟିରୁ ସନ୍ଧ୍ୟା ସମୟରେ ଓଳି ତଳେ ଠିଆ ନ ହେବା ଲାଗି ଏଠାରେ ପରାମର୍ଶ ଦିଆଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

**ଓଡ଼ିଶାରେ ୭ କୋଟିର ବଡ଼ ବ୍ୟାଙ୍କ ଲୁଟ୍: କେନ୍ଦୁଝର**




## ବଡ଼ବିଲରେ ବଡ଼...

ପ୍ରଥମ ପୃଷ୍ଠାରୁ...

କରିଥିଲେ। ଏହି ସମୟରେ ବ୍ୟାଙ୍କ ବିଏମ୍ (ବ୍ରାଞ୍ଚ ମ୍ୟାନେଜର) ପଙ୍କଜ ବର୍ଣ୍ଣୱାଲ ଏବଂ କ୍ୟାଶିୟର ଦାୟିତ୍ୱରେ ଥିବା ବ୍ୟାଙ୍କର ଏବିଏମ୍ ପ୍ରିୟମ ରଞ୍ଜନ ହୋତା କାର୍ଯ୍ୟରତ ଥିଲେ। ଭିତରେ ୪ରୁ ୫ ଜଣ ଗ୍ରାହକ ମଧ୍ୟ ଥିଲେ। ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୨ ବ୍ୟାଙ୍କ ଅଧିକାରୀ ଓ ଗ୍ରାହକଙ୍କୁ ଭୟଭୀତ କରି ସମସ୍ତଙ୍କ ନିକଟରୁ ପ୍ରଥମେ ମୋବାଇଲ ନେଇଯାଇଥିଲେ। ଏହି ସମୟରେ ବ୍ୟାଙ୍କ ଭିତରକୁ ଏକ ସଂସ୍ଥାର ଆକାଉଣ୍ଟାଣ୍ଟ ସୁବାସ ଅଧିକାରୀ ପ୍ରବେଶ କରୁଥିବାବେଳେ ତାଙ୍କୁ ମଧ୍ୟ ଦୁର୍ବୃତ୍ତ କଲାର ଧରି ଟାଣି ନେଇ ମୋବାଇଲ ଛଡ଼ାଇ ନେଇଥିଲେ। ପରେ ସମସ୍ତଙ୍କୁ ଏକ ରୁମ୍‌ରେ ଭର୍ତ୍ତି କରି ବନ୍ଦ କରିଦେଇଥିଲେ। ବ୍ୟାଙ୍କର ୨ ଅଧିକାରୀଙ୍କୁ ନେଇ ଷ୍ଟ୍ରଙ୍ଗ୍ ରୁମ୍ ଖୋଲି ପ୍ରାୟ ୫ କିଲୋଗ୍ରାମ ସ୍ୱର୍ଣ୍ଣ ଅଳଙ୍କାର ଏବଂ ନଗଦ ପ୍ରାୟ ୪.୩୪ ଲକ୍ଷ ଟଙ୍କା ନେଇଯାଇଥିଲେ। ଲୁଟ୍ ହୋଇଥିବା ଅଳଙ୍କାରର ଆନୁମାନିକ ମୂଲ୍ୟ ପ୍ରାୟ ୭.୫୦ କୋଟି ଟଙ୍କା ହେବ ବୋଲି ପୋଲିସ କହିଛି। ଦୁର୍ବୃତ୍ତମାନେ ପ୍ରାୟ ୨୦ରୁ ୨୫ ମିନିଟ୍ ଧରି ବ୍ୟାଙ୍କ ଭିତରେ ରହି ଆତଙ୍କ ଖେଳାଇଥିବା ବେଳେ ଅପରାହ୍ନ ୨ଟା ୩୦ରେ ସେଠାରୁ ପଳାଇଥିଲେ। ଖବର ପାଇ କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଦାଗୁଡ୍ଡୁ, ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ବଡ଼ବିଲ ଆଇଆଇସି ନାୟକ ଓ ଯୋଡ଼ା ଆଇଆଇସି ପ୍ରଶାନ୍ତ କୁମାର ସାମଲ ସଦଳବଳ ପହଞ୍ଚିଥିଲେ। ବ୍ୟାଙ୍କ ତଥା ଆଖପାଖ ଅଞ୍ଚଳରେ ଥିବା ସିସି କ୍ୟାମେରାଗୁଡ଼ିକୁ ଯାଞ୍ଚ କରିଥିଲେ। ଏଥିସହ ପୋଲିସ ବିଭିନ୍ନ ସ୍ଥାନରେ ଯାନବାହନଗୁଡ଼ିକର ଖାନ୍‌ତଲାସି ଜାରି ରଖିବା ସହ ରାଜ୍ୟ ସୀମାନ୍ତକୁ ସିଲ୍ କରି ତଦନ୍ତ କରୁଛି। ଡକାୟତି ସମୟରେ ବ୍ୟାଙ୍କର ସାଇରନ କାହିଁକି ବାଜିଲା ନାହିଁ, ବ୍ୟାଙ୍କର ତଳିଆ କର୍ମଚାରୀଙ୍କ ଅନୁପସ୍ଥିତି, କ୍ୟାଶିୟର ଛୁଟିରେ ଥିବାବେଳେ ଡକାୟତି ଘଟଣାକୁ ପୋଲିସ ତଦନ୍ତ ପରିସରକୁ ଆଣି ବ୍ୟାଙ୍କର କର୍ମଚାରୀଙ୍କୁ ପଚରାଉଚରା କରୁଛି। ବ୍ୟାଙ୍କରୁ ଡକାୟତି ଖବର ଚାରିଆଡ଼େ ପ୍ରଚାରିତ ହେବା ପରେ ସୁନା ଅଳଙ୍କାର ବନ୍ଧା ପକାଇ ଋଣ ନେଇଥିବା ଲୋକେ ବ୍ୟାଙ୍କ ସମ୍ମୁଖରେ ପହଞ୍ଚି କିଭଳି ସୁନା ଅଳଙ୍କାର ଫେରିପାଇବେ ସେ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ଦୁର୍ବୃତ୍ତଙ୍କ ଟେର୍ ପାଇବାରେ ବିଫଳ ହୋଇଛି।

ଥାନା ଅଧିକାରୀ ନାୟକ କହିଛନ୍ତି, ପୋଲିସ ଖବର ପାଇବା ମାତ୍ରେ ଘଟଣାସ୍ଥଳରେ ପହଞ୍ଚିଛି। ଗତ ଅକ୍ଟୋବରରେ ସମସ୍ତ ବ୍ୟାଙ୍କକୁ ନେଇ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ସେଥିରେ ବ୍ୟାଙ୍କରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ବିଭିନ୍ନ ଏସ୍‌ଓପି(ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର) ଲାଗୁ କରାଯାଇଥିଲା। ମାତ୍ର ଲୁଟ୍ ହୋଇଥିବା ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ଗୋଟିଏ ହେଲେ ଗାଇଡ୍‌ଲାଇନ ପାଳନ କରିନାହାନ୍ତି। ଠିକ୍ ନଗଦ ଟଙ୍କା ଓ ସ୍ୱର୍ଣ୍ଣ ଅଳଙ୍କାରର ହିସାବ ଚାଲିଥିବାରୁ ବ୍ୟାଙ୍କର କର୍ତ୍ତୃପକ୍ଷ ଏତଲା ଦେଇ ନ ଥିବା ଥାନା ଅଧିକାରୀ କହିଛନ୍ତି। ସୂଚନାଥାଉକି, ବ୍ୟାଙ୍କରେ ମୋଟ କର୍ମଚାରୀ ସଂଖ୍ୟା ୪ ଥିବା ବେଳେ ତନ୍ମଧ୍ୟରୁ ଜଣେ ବିଏମ୍, ଜଣେ ଏବିଏମ୍, ଜଣେ କ୍ୟାଶିୟର ଓ ଜଣେ ତଳିଆ କର୍ମଚାରୀ। ସୋମବାର କ୍ୟାଶିୟର ଛୁଟିରେ ଥିବାବେଳେ ଏବିଏମ କ୍ୟାଶିୟର ଦାୟିତ୍ୱରେ ଥିଲେ। ବ୍ୟାଙ୍କରେ ସୁରକ୍ଷାକର୍ମୀ ଆଦୌ ନ ଥିବା ଯୋଗୁ ପୋଲିସ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଯୋଡ଼ା ସହରର ମୁଖ୍ୟ ବଜାରରେ ଥିବା ଓଡ଼ିଶା ଗ୍ରାମ୍ୟବ୍ୟାଙ୍କରୁ ଦୁର୍ବୃତ୍ତ ୨୦୨୫ ଜୁନ୍ ୧୨ରେ ଲୁଟ୍ କରିଥିଲେ। ଦୁର୍ବୃତ୍ତ ପ୍ରାୟ ୧୦ ଲକ୍ଷ ଟଙ୍କା ଓ କେତେକ ସୁନା ପ୍ୟାକେଟ ନେଇଯାଇଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ହେଁ ଅଦ୍ୟାବଧି କୌଣସି ଅଭିଯୁକ୍ତ ଗିରଫ ହୋଇନାହାନ୍ତି।

## ୨ ହାଇସ୍ପିଡ୍ ଟ୍ରେନ୍...

୩୦୦ ଯାତ୍ରୀଙ୍କୁ ନେଇ ମାଲାଗାରୁ ରାଜଧାନୀ ମାଡ୍ରିଡ୍ ଯାଉଥିବା ଉକ୍ତ ଟ୍ରେନ୍ ରବିବାର ରାତି ୭ଟା ୪୫ ମିନିଟ୍ ସମୟରେ ଲାଇନଚ୍ୟୁତ ହୋଇଥିଲା। ଏହି ସମୟରେ ପାଖ ଲାଇନ୍‌ରେ ମାଡ୍ରିଡ୍‌ରୁ ହୁଏଲ୍‌ଭା ଯାଉଥିବା ଅନ୍ୟ ଏକ ଟ୍ରେନ୍‌କୁ ଏହା ଧକ୍କା ଦେଇଥିଲା। ଉକ୍ତ ଟ୍ରେନ୍‌ର ସମ୍ମୁଖ ଭାଗ ବଗିରେ ପ୍ରାୟ ୨୦୦ ଯାତ୍ରୀ ଥିବାବେଳେ ସେମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ପରିବହନ ମନ୍ତ୍ରୀ ଓସ୍କାର ପୁଏଣ୍ଟେ କହିଛନ୍ତି। ଲାଇନଚ୍ୟୁତ ଟ୍ରେନ୍ ଦ୍ୱିତୀୟ ଟ୍ରେନ୍‌ର ପ୍ରଥମ ୨ଟି ବଗି ସହ ଧକ୍କା ହେବା ଫଳରେ ସେଗୁଡ଼ିକ ୪ ମିଟର ତଳକୁ ଖସିପଡ଼ିଥିଲେ। ଦୁର୍ଘଟଣାସ୍ଥଳକୁ ସିଙ୍ଗଲ୍ ଟ୍ରାକ୍ ରାସ୍ତା ଥିବାରୁ ଉଦ୍ଧାର କାର୍ଯ୍ୟରେ ସମସ୍ୟା ସୃଷ୍ଟି ହୋଇଥିଲା। ଆମ୍ବୁଲାନ୍ସ ଯିବା ଆସିବା କରିବାରେ ଅସୁବିଧା ହୋଇଥିଲା। ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ଏବଂ ପରିବହନ ମନ୍ତ୍ରୀ ପୁଏଣ୍ଟେ ଦୁର୍ଘଟଣାସ୍ଥଳକୁ ଯାଇଛନ୍ତି। ଦୁର୍ଘଟଣାଗ୍ରସ୍ତ ବଗିଗୁଡ଼ିକ ମୋଡ଼ିହୋଇ ପଡ଼ି ରହିଥିବା ଫଟୋ ଓ ଭିଡିଓରୁ ଦେଖିବାକୁ ମିଳିଛି। କେତେଜଣ ଟ୍ରେନ୍ ବଗିର ଭାଙ୍ଗିଯାଇଥିବା ଝରକାରେ ଚଢ଼ିଥିବାବେଳେ ଝରକା କାଚ ଭାଙ୍ଗିବାକୁ କେତେଜଣ ଜରୁରୀ ହାତୁଡ଼ି ବ୍ୟବହାର କରୁଥିବା ଦେଖାଯାଇଛି। ଦୁର୍ଘଟଣାବେଳେ ଭୂକମ୍ପ ଭଳି ଅନୁଭୂତ ହୋଇଥିଲା ବୋଲି ଜଣେ ସ୍ଥାନୀୟ ଖବରଦାତା କହିଛନ୍ତି।

## ନିତୀନ ନବୀନ...

ଦଳର ରିଟର୍ନିଂ ଅଫିସର ଡ. କେ. ଲକ୍ଷ୍ମଣ କହିଛନ୍ତି। ଏଥିପାଇଁ ଗତ ୧୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତଦନୁଯାୟୀ ସୋମବାର ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ନାମାଙ୍କନପତ୍ର ଦାଖଲ ସମ୍ପୂର୍ଣ୍ଣ ହୋଇଥିଲା। ନବୀନଙ୍କ ସପକ୍ଷରେ ୩୭ ସେଟ୍ ନାମାଙ୍କନପତ୍ର ଦାଖଲ ହୋଇଥିବାବେଳେ ଯାଞ୍ଚ ପରେ ସବୁଗୁଡ଼ିକ ବୈଧ ରହିଥିଲା। ନାମାଙ୍କନପତ୍ର ପ୍ରତ୍ୟାହାର ସମୟସୀମା ଶେଷ ହେବା ପରେ କେବଳ ନବୀନ ଏକମାତ୍ର ପ୍ରାର୍ଥୀ ରହିଥିବାରୁ ତାଙ୍କୁ ଭାଜପାର ଜାତୀୟ ଅଧ୍ୟକ୍ଷ ପଦ ପାଇଁ ଲକ୍ଷ୍ମଣ ପ୍ରସ୍ତାବ ରଖିଥିଲେ।

## ୯୧କୁ ଖସିଲା...

ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିବାରୁ ନିବେଶକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଟଙ୍କା ମୂଲ୍ୟ ୯୦.୬୮ରୁ ଆରମ୍ଭ ହୋଇ ସର୍ବନିମ୍ନ ୯୧.୦୧ରେ ପହଞ୍ଚିଥିଲା ଅର୍ଥାତ ୧ ଡଲାର ୯୧ ଟଙ୍କା ୧ ପଇସା ହୋଇଥିଲା। ଶେଷରେ ଏହା ପୂର୍ବଦିନ ତୁଳନାରେ ୧୪ ପଇସା ହ୍ରାସ ପାଇ ୯୦.୯୨ରେ ସ୍ଥିର ରହିଛି। ଗତ ଡିସେମ୍ବର ୧୬ରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବାଧିକ ୯୧.୧୪କୁ ହ୍ରାସ ପାଇ ଦିବସର କାରବାର ଶେଷ ସୁଦ୍ଧା ୯୦.୯୩ ରହିଥିଲା। ଗତ ଶୁକ୍ରବାର ଟଙ୍କା ମୂଲ୍ୟ ୪୪ ପଇସା ହ୍ରାସ ପାଇ ୯୦.୭୮ ରହିଥିଲା।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**
ଆଜି ଅନୁକୂଳ ଗ୍ରହ ପ୍ରଭାବରୁ ସ୍ଥଗିତ କାର୍ଯ୍ୟାରମ୍ଭ, ଆର୍ଥିକ ଉନ୍ନତି, ସାମାଜିକ ସ୍ତରରେ ସମ୍ମାନିତ ହେବେ। ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପ ଏବଂ ଛୋଟ ଦୋକାନ କାରବାରରୁ ଲାଭବାନ୍ ହେବେ। ଅଶ୍ୱିନୀ ନକ୍ଷତ୍ରର ସନ୍ଦେହ ଏବଂ ଭୁଲ୍ ବୁଝାମଣା ହେତୁ ପାରିବାରିକ ଅଶାନ୍ତି ସୃଷ୍ଟି ହୋଇପାରେ।

**ବୃଷ**
କର୍ମକ୍ଷେତ୍ରର ବିବାଦୀୟ ସ୍ଥିତି ପ୍ରଶମିତ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ରୋହିଣୀ ନକ୍ଷତ୍ର ସକାଶେ ବନ୍ଧୁଙ୍କ ମଧ୍ୟସ୍ଥତା ଫଳରେ ପାରିବାରିକ ସ୍ଥିତିରେ ଉନ୍ନତି ହେବ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାର ନିଷ୍ପତ୍ତି ନେବେ। ସାଧାରଣ କଥାକୁ କେନ୍ଦ୍ରକରି ବିରକ୍ତିଭାବ ସୃଷ୍ଟି ହେବ। ଆଜିର ଯାତ୍ରାରେ ଆଦର, ଗୌରବ ପାଇପାରନ୍ତି।

**ମିଥୁନ**
ଆଜି ମୃଗଶିରା ନକ୍ଷତ୍ରର ଅର୍ଥଲାଭର ପ୍ରଚେଷ୍ଟା ନିରର୍ଥକ ହେବନାହିଁ। ପଡ଼ୋଶୀଙ୍କ ସାହାଯ୍ୟରେ କାମ ହାସଲକରିବା ଫଳରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମକରି ଅନୁତପ୍ତ ହୋଇପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ଅନୁକୂଳ ପରିସ୍ଥିତି ସତ୍ତ୍ୱେ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ପୁଷ୍ୟା ନକ୍ଷତ୍ର ପର କଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ ଦ୍ୱାରା ଅପଦସ୍ଥ ହେବେ। ସଭାସମିତିରେ ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାମ ହାସଲ କରିବା ପାଇଁ ଚେଷ୍ଟା କରିପାରନ୍ତି।

**ସିଂହ**
ପାରିବାରିକ ସମସ୍ୟା ସମାଧାନକରି ଆଶ୍ୱସ୍ତି ଲଭିବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଅସମର୍ଥିତ ସୂତ୍ରରୁ ପ୍ରାପ୍ତ ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବ୍ୟବସାୟରେ ମାନ୍ଦାବସ୍ଥା ଦେଖାଦେବ। ସ୍ୱାର୍ଥ ହାସଲର ଆଶା ନିରର୍ଥକ ମନେକରି ମିତ୍ର କେହି ଛଳନାକରି ଦୂରେଇଯାଇ ପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ର ସନ୍ତୋଷଜନକ ରହିବ।

**କନ୍ୟା**
କର୍ମକ୍ଷେତ୍ରରେ ବିଜାତୀୟ ବ୍ୟକ୍ତି ସମସ୍ୟା ସୃଷ୍ଟିକରିପାରନ୍ତି। ଶିଳ୍ପ, ବାଣିଜ୍ୟ, ସାହିତ୍ୟ ଗବେଷଣା, ସାମ୍ବାଦିକତା ତଥା ଏଜେନ୍ସିପରେ ଆଶାଜନକ ସୁଫଳ ମିଳିବ। କଠିନ ପରିଶ୍ରମଜନିତ ଆକସ୍ମିକ ଭାବରେ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ହସ୍ତା ନକ୍ଷତ୍ର ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ଭ୍ରାତୃବିବାଦର ସମ୍ମୁଖୀନ ହୋଇପାରନ୍ତି।

**ତୁଳା**
ନିଜର ବିଚାରବୁଦ୍ଧି ବିନିଯୋଗକରି ପରିସ୍ଥିତିକୁ ସଜାଡ଼ି ନେବେ। ଘରୋଇ ସମସ୍ୟା ସମାଧାନରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଗୁରୁତ୍ୱପୂର୍ଣ୍ଣ କାମରେ ଆତ୍ମୀୟଙ୍କ ଉପରେ ଭରସାକରି ନିରାଶ ହେବେ। ବିଶାଖା ନକ୍ଷତ୍ର ସକାଶେ ସାହିତ୍ୟ, ସଙ୍ଗୀତ ତଥା ସଭାସମିତିରେ ସୁନାମ ମିଳିବ। ଆଲୋଚନାରେ ନିଜକୁ ସଙ୍କୁଚିତ ରଖିବେ।

**ବିଛା**
ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟରେ ନ ହେବାରୁ ଅବସାଦ ଲାଗି ରହିବ। ଆଜି ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ଦୀର୍ଘଦିନରୁ ଅଟକି ରହିଥିବା କାମ କିମ୍ବା ପାଇ ନ ଥିବା ଅର୍ଥପ୍ରାପ୍ତିରେ ଆନନ୍ଦ ଅନୁଭବ କରିପାରନ୍ତି। ଅନୁରାଧା ନକ୍ଷତ୍ର କର୍ମକ୍ଷେତ୍ରରେ ବୃଥାଶଙ୍କାକରି ସୁଯୋଗକୁ ହାତଛଡ଼ା କରିବା ସୂଚନା ରହିଛି।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ଉଭେଇ ଯିବା ଅନୁଭବ କରିବେ। ମତଭେଦ କାରଣରୁ ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଫଳରେ କାମ ସୁବିଧାରେ ସମ୍ପନ୍ନ ହେବ । ଉତ୍ତରାଷାଢ଼ା ନକ୍ଷତ୍ରର ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା ପ୍ରତି ଆଗ୍ରହ ବଢ଼ିପାରେ।

**ମକର**
ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ ଓ ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭକରି ଆନନ୍ଦ ଅନୁଭବ କରିବେ। ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ ପରୋକ୍ଷ ସାହାଯ୍ୟ ଲାଭକରି କାମ ହାସଲ କରିବେ। ଅନ୍ୟମନସ୍କରୁ ଦ୍ରବ୍ୟ ନଷ୍ଟହେବା ଆଶଙ୍କା ଦେଖାଦେବ। ଦର୍ଶନୀୟ ସ୍ଥାନ ଭ୍ରମଣ, ଆମଦାନୀ କାରବାର, ବନ୍ଧୁସମ୍ପର୍କରେ କିଞ୍ଚିତ ସମସ୍ୟା ଆସିପାରେ।


**କୁମ୍ଭ**
ଶତଭିଷା ନକ୍ଷତ୍ରର ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣରେ ରହିବ। କେତେକ କ୍ଷେତ୍ରର ବିବାଦୀୟ ସ୍ଥିତି ସମ୍ପର୍କରେ ଜାଣିଥିଲେ ମଧ୍ୟ ଚୁପ୍ ରହିବେ। ବାଣିଜ୍ୟ, ବ୍ୟବସାୟ ତଥା ନିର୍ମାଣ କାମ ଧିମେଇଯିବାରୁ ସାମୟିକ ବ୍ୟସ୍ତତା ଅନୁଭବ କରିପାରନ୍ତି। ଆଜିର ଯାତ୍ରାରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବାର ଆଶଙ୍କା ଉପୁଜିପାରେ।

**ମୀନ**
ରେବତୀ ନକ୍ଷତ୍ରର ମନ ଅନୁଯାୟୀ କାମ ହାସଲ କରିବାରେ ପୂର୍ବାହ୍ନଟି ପ୍ରୀତିପ୍ରଦ ରହିବ। ନିଜ ପରିସରରେ ରହୁଥିବା କୌଣସି ବିଜାତୀୟ ବ୍ୟକ୍ତି କାମରେ ଅସହଯୋଗ କରିବା ଆଶଙ୍କା ରହିଛି। ଅର୍ଥନୈତିକ କାରବାର, ଜମିଜମା ସମସ୍ୟା, ବ୍ୟବସାୟ ଓ ପରିବହନର ପ୍ରତିବନ୍ଧକ ଦୂରେଇବାରେ ସମର୍ଥ ହେବେ।

ଆଜି ଜାନୁଆରୀ ୨୦ ତାରିଖ, ମାଘ ଶୁକ୍ଳ ଦ୍ୱିତୀୟା ମଙ୍ଗଳବାର। ରାଶିନକ୍ଷତ୍ର- ଦିବା ଘ.୦୧।୦୬ ପର୍ଯ୍ୟନ୍ତ ଶ୍ରବଣା/ମକର, ତପ୍ରେ ଧନିଷ୍ଠା ନକ୍ଷତ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ତଥା ପୂର୍ଣ୍ଣିମାର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୧୨ ଗତେ ଘ.୧୦।୫୧ ମଧ୍ୟେ, ଘ.୦୧।୦୩ ଗତେ ଘ.୦୧।୨୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୪୨ ଗତେ ଘ.୦୪।୦୫ ମଧ୍ୟେ ରାହୁକାଳ।


THE INSTITUTE OF Company Secretaries of India
भारतीय कम्पनी सचिव संस्थान
IN PURSUIT OF PROFESSIONAL EXCELLENCE
Statutory body under an Act of Parliament
(Under the jurisdiction of Ministry of Corporate Affairs)
Vision "To be a global leader in promoting good corporate governance"
Motto सत्यं वद। धर्मं चर। speak the truth. abide by the law.
Mission "To develop high calibre professionals facilitating good corporate governance"

Company Secretary (CS)
The Governance Professional
A Career with Endless Opportunities
Join CS Course Now



☑ କଳା ☑ ବିଜ୍ଞାନ ☑ ବାଣିଜ୍ୟ ସବୁ ଶୃଙ୍ଖଳାର ବିଦ୍ୟାର୍ଥୀଙ୍କ ପାଇଁ ସୁଯୋଗ
- ଦୂରଶିକ୍ଷା
- ଆଇସିଏସ୍‌ଆଇ ଦ୍ୱାରା ଅଧ୍ୟୟନ ସାମଗ୍ରୀ ଦିଆଯାଏ
- ଇଚ୍ଛାଧୀନ କ୍ଲାସରୁମ ଶିକ୍ଷା
- ଅନ୍‌ଲାଇନ କେନ୍ଦ୍ରୀକୃତ କ୍ଲାସ୍ / ରେକର୍ଡେଡ୍ ଭିଡିଓ ଲେକ୍ଚର
- ଇ-ଶିକ୍ଷଣ ସୁବିଧା
- କର୍ମନିଯୁକ୍ତି, ପ୍ରାକ୍ଟିସ୍ ଓ ଶିକ୍ଷା କ୍ଷେତ୍ରରେ ସୁଯୋଗ
- ଆକର୍ଷଣୀୟ ପାରିଶ୍ରମିକ ଏବଂ ଅଭିବୃଦ୍ଧି ସୁଯୋଗ

ସିଏସ୍ ଯୋଗ୍ୟତାକୁ ୟୁଜିସି ଦ୍ୱାରା ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ସମତୁଲ୍ୟ ସ୍ୱୀକୃତି ଦିଆଯାଇଛି
ୟୁକେ ଏବଂ ୟୁଏଇ ଯୋଗ୍ୟତା ସନ୍ଦର୍ଭରେ ୟୁକେ ଇଏନ୍‌ଆଇସି ସିଏସ୍ ଏକ୍‌ଜିକ୍ୟୁଟିଭ୍ ଏବଂ ସିଏସ୍ ପ୍ରଫେସନାଲ ପ୍ରୋଗ୍ରାମକୁ ଯଥାକ୍ରମେ ବ୍ୟାଚେଲର ଓ ମାଷ୍ଟର୍ସ ଡିଗ୍ରୀ ଭାବେ ବେଞ୍ଚମାର୍କ କରିଛି

ବିଦ୍ୟାର୍ଥୀରୁ କମ୍ପାନୀ ସେକ୍ରେଟାରି ପର୍ଯ୍ୟନ୍ତ ଯାତ୍ରା
ସିଏସ୍ ଏକ୍‌ଜିକ୍ୟୁଟିଭ୍ ଏଣ୍ଟ୍ରାନ୍ସ ଟେଷ୍ଟ (ସିଏସ୍‌ଇଇଟି) (୪ଟି ପେପର) → ସିଏସ୍ ଏକ୍‌ଜିକ୍ୟୁଟିଭ୍ ପ୍ରୋଗ୍ରାମ୍ (୭ଟି ପେପର) → ସିଏସ୍ ପ୍ରଫେସନାଲ ପ୍ରୋଗ୍ରାମ୍ (୭ଟି ପେପର) → ପ୍ରି-ମେମ୍ବରଶିପ୍ ଟ୍ରେନିଂ → ସିଏସ୍ ମେମ୍ବରଶିପ୍ → ନିରବଚ୍ଛିନ୍ନ ବୃତ୍ତିଗତ ବିକାଶ

ସିଏସ୍ ଏକ୍‌ଜିକ୍ୟୁଟିଭ୍ ଏଣ୍ଟ୍ରାନ୍ସ ଟେଷ୍ଟ (ସିଏସ୍‌ଇଇଟି)
ଯୋଗ୍ୟତା - ସିନିୟର ସେକେଣ୍ଡାରି ପରୀକ୍ଷା (୧୦+୨ ପଦ୍ଧତି) ଉତ୍ତୀର୍ଣ୍ଣ/ଅଧ୍ୟୟନରତ ବିଦ୍ୟାର୍ଥୀ ଓ ତାହାର ସମତୁଲ୍ୟ
ପଞ୍ଜୀକରଣ ପାଇଁ କଟ୍-ଅଫ୍ ତାରିଖ
- ଜୁନ୍ ସିଏସ୍‌ଇଇଟି : ୧ ଅକ୍ଟୋବର - ୩୧ ଜାନୁଆରୀ (ଜୁନ୍ ୨୦୨୬ ସିଏସ୍‌ଇଇଟି ପାଇଁ ୧୫ ଫେବୃଆରୀ, ୨୦୨୬)
- ଅକ୍ଟୋବର ସିଏସ୍‌ଇଇଟି : ୧ ଫେବୃଆରୀ - ୩୧ ମେ
- ଫେବୃଆରୀ ସିଏସ୍‌ଇଇଟି : ୧ ଜୁନ୍ - ୩୦ ସେପ୍ଟେମ୍ବର
ଦେୟ : ଟ.୭,୫୦୦/- (ଏସ୍‌ଆଇପି ଏବଂ ଅନ୍‌ଲାଇନ କ୍ଲାସେସ୍ ସମେତ)
ସିଏସ୍‌ଇଇଟି

ସିଏସ୍ ଏକ୍‌ଜିକ୍ୟୁଟିଭ୍ ପ୍ରୋଗ୍ରାମ୍
ଯୋଗ୍ୟତା - ସିଏସ୍‌ଇଇଟି ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀ (ସିନିୟର ସେକେଣ୍ଡାରି ପରୀକ୍ଷା (୧୦+୨ ପଦ୍ଧତି) ଉତ୍ତୀର୍ଣ୍ଣ ଓ ଏକ ବର୍ଷରୁ ଅଧିକ ପୁରୁଣା ହୋଇ ନ ଥିବା ସିଏସ୍‌ଇଇଟି ରେଜଲ୍ଟ)/ ସିଏସ୍ ଫାଉଣ୍ଡେଶନ ପ୍ରୋଗ୍ରାମ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀ/ ଗ୍ରାଜୁଏଟ୍*/ ପୋଷ୍ଟ ଗ୍ରାଜୁଏଟ୍/ ସିଏ ଫାଇନାଲ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀ/ ସିଏମ୍‌ଏ ଫାଇନାଲ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀ।
*ଶେଷ ବର୍ଷ/ଶେଷ ସେମିଷ୍ଟର ପରୀକ୍ଷା ଦେବାକୁ ଯାଉଥିବା ପ୍ରାର୍ଥୀମାନେ ଅସ୍ଥାୟୀ ଭାବେ ପଞ୍ଜୀକରଣ କରିପାରିବେ।
ପଞ୍ଜୀକରଣ ପାଇଁ କଟ୍-ଅଫ୍ ତାରିଖ
- ୩୧ ମେ (ଉଭୟ ଗ୍ରୁପ୍ ଡିସେମ୍ବର ପରୀକ୍ଷାରେ - ସମାନ ବର୍ଷ)
- ୩୦ ନଭେମ୍ବର (ଉଭୟ ଗ୍ରୁପ୍ ଜୁନ୍ ପରୀକ୍ଷାରେ - ପରବର୍ତ୍ତୀ ବର୍ଷ)
- ୩୧ ଜୁଲାଇ (ଗୋଟିଏ ଗ୍ରୁପ୍ ଡିସେମ୍ବର ପରୀକ୍ଷାରେ - ସମାନ ବର୍ଷ)
- ୩୧ ଜାନୁଆରୀ (ଗୋଟିଏ ଗ୍ରୁପ୍ ଜୁନ୍ ପରୀକ୍ଷାରେ - ସମାନ ବର୍ଷ)
ଦେୟ : ଟ.୧୮,୪୦୦/- ସିଏସ୍‌ଇଇଟି ଯୋଗ୍ୟତାପ୍ରାପ୍ତ / ସିଏସ୍ ଫାଉଣ୍ଡେଶନ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀଙ୍କ ପାଇଁ
ଟ.୨୩,୪୦୦ ଗ୍ରାଜୁଏଟ୍ / ପୋଷ୍ଟ ଗ୍ରାଜୁଏଟ୍ / ଆଇସିଏଆଇ / ଆଇସିଏମ୍‌ଏଆଇ ଫାଇନାଲ କୋର୍ସ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀଙ୍କ ପାଇଁ
ସିଏସ୍ ଏକ୍‌ଜିକ୍ୟୁଟିଭ୍ ପ୍ରୋଗ୍ରାମ୍

ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ (ଆଇସିଏସ୍‌ଆଇ) ଏକ ଅଗ୍ରଣୀ ରାଷ୍ଟ୍ରୀୟ ବୃତ୍ତିଗତ ନିକାୟ ଅଟେ ଯାହାକୁ କମ୍ପାନୀ ସେକ୍ରେଟାରି ବୃତ୍ତିର ନିୟନ୍ତ୍ରଣ ଓ ବିକାଶ ପାଇଁ ସଂସଦୀୟ ଅଧିନିୟମ (କମ୍ପାନୀ ସେକ୍ରେଟାରି ଅଧିନିୟମ, ୧୯୮୦) ଅଧୀନରେ ପ୍ରତିଷ୍ଠା କରାଯାଇଛି।

କମ୍ପାନୀ ସେକ୍ରେଟାରିଙ୍କ ଭୂମିକା
ବୋର୍ଡ ଅଫ୍ ଡାଇରେକ୍ଟରଙ୍କ ଉପଦେଷ୍ଟା | ପ୍ରମୁଖ ମ୍ୟାନେଜରିଆଲ କର୍ମଚାରୀ | ଅନୁପାଳନ ଅଧିକାରୀ | ମୁଖ୍ୟ ଗଭର୍ନାନ୍ସ ଅଧିକାରୀ | କର୍ପୋରେଟ୍ ପ୍ଲାନର୍ ଏବଂ ଷ୍ଟ୍ରାଟେଜିକ୍ ମ୍ୟାନେଜର | ଆର୍ବିଟ୍ରେଟର୍ ଓ ମିଡିଏଟର
କର୍ପୋରେଟ୍ ରିସ୍କ ମ୍ୟାନେଜର | ଇଣ୍ଟର୍ନାଲ ଅଡିଟର | ସଚିବସ୍ତରୀୟ /ଅନୁପାଳନ ଅଡିଟର | ସାମାଜିକ ପ୍ରଭାବ ମୂଲ୍ୟାୟନକାରୀ | ଇନ୍‌ସଲଭେନ୍ସି ପ୍ରଫେସନାଲ
ପଞ୍ଜୀକୃତ ମୂଲ୍ୟାୟନକାରୀ | ଜିଏସ୍‌ଟି ପ୍ରଫେସନାଲ | ଏମ୍‌ଏସ୍‌ଏମ୍‌ଇ/ଷ୍ଟାର୍ଟଅପ୍ କାଟାଲିଷ୍ଟ | ପ୍ରତିନିଧିତ୍ୱ ସେବା | ପ୍ରମାଣନ ସେବା

ଆଇସିଏସ୍‌ଆଇ ସହ ସମ୍ପର୍କ କରନ୍ତୁ www.icsi.edu | ଅନ୍‌ଲାଇନ୍ ହେଲ୍ପଡେସ୍କ : http://support.icsi.edu
ଆଇସିଏସ୍‌ଆଇ ସହାୟତା ଡେସ୍କ: ୦୧୨୦-୪୫୨୨ ୦୦୦ (ସୋମବାରରୁ ଶୁକ୍ରବାର ପୂର୍ବାହ୍ନ ୯.୩୦ରୁ ଅପରାହ୍ନ ୫.୦୦ ଘଟିକା)

# ବିଧାନ ପରିଷଦ ସୁନିଶ୍ଚିତ

ଭୁବନେଶ୍ୱର, ୧୯।୧ (ସୁନିତ୍ ମିଶ୍ର)

ରାଜ୍ୟରେ ବିଧାନ ପରିଷଦ ଗଠନ ହେବ, ଏହାଦ୍ୱାରା ଯୁବ ସମର୍ଥକଙ୍କୁ ସୁଯୋଗ ମିଳିବ, ଏହି କଥା କହି ୨୦୧୪ ଏବଂ ୨୦୧୯ ନିର୍ବାଚନ ସମୟରେ ଏକାଧିକ ଟିକେଟ ଆଶାୟୀଙ୍କୁ ବୁଝାଇବାରେ ବିଜେଡି ସଫଳ ହୋଇଥିଲା। ସେହି ଯୁବଗୋଷ୍ଠୀ ବିଳମ୍ବରେ ବୁଝିଲେ ଯେ ତାହା ଏକ ଥୋପ ଥିଲା। ୨୦୧୮ ଅଗଷ୍ଟ ୨୪ରେ ବିଜେଡି ସରକାର ବିଧାନ ପରିଷଦ ସମ୍ପର୍କିତ ପ୍ରସ୍ତାବ କ୍ୟାବିନେଟ୍‌ରେ ପାରିତ କରାଇ ଯୁବ ନେତାମାନଙ୍କ ଭିତରେ ଥଇଥାନ କରାଇବାର ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟା କରିଥିଲେ। ସେତେବେଳେ ବିଜେଡି ସତରେ ଚାହିଁଥିଲେ ରାଜ୍ୟରେ ବିଧାନ ପରିଷଦ ଗଠନ ଲାଗି କେନ୍ଦ୍ରର ଅନୁମୋଦନ ମଧ୍ୟ ଆଣିପାରିଥାଆନ୍ତା, ସେଥିପାଇଁ ଅନେକ ସୁଯୋଗ ମଧ୍ୟ ଥିଲା। ହେଲେ ତାହା ନ କରିବା ଦ୍ୱାରା ଜଣାପଡ଼ିଲା ଯେ, ବିଜେଡିର ବିଧାନ ପରିଷଦ ଗଠନ ତାହା ମିଛ ଥିଲା।

ଏବେ ୭୧ ଏକର ଜମିରେ ନୂତନ ଲୋକସେବା ଭବନ ଏବଂ ନୂଆ ବିଧାନସଭା ନିର୍ମାଣ ହେବାକୁ ଥିବାବେଳେ ଗତ ୧୨ ତାରିଖରେ ଏହାର ଭିତ୍ତିପ୍ରସ୍ତର ପଡ଼ିଲା। ଯାହାସବୁ ନୂଆ ନିର୍ମାଣ ହେବ ତା'ର ବିସ୍ତୃତ ତଥ୍ୟ ଜାଣିବା ପାଇଁ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ତ୍ତମାନ ଯେଉଁ ବିଧାନସଭା ରହିଛି ତାହା ଭଙ୍ଗାଯିବ ନାହିଁ, ବରଂ ତାହା ମ୍ୟୁଜିୟମ ଭାବେ ରହିବ। ଭବିଷ୍ୟତରେ ବିଧାନ ପରିଷଦ ଗଠନ ହେଲେ ସେହି ବିଲ୍ଡିଂ ବ୍ୟବହାର କରାଯିବ। ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପରେ ଏକପ୍ରକାର ବୁଝାପଡୁଛି ଯେ, ସରକାର ଦୂରଦୃଷ୍ଟି ରଖିକି ବିଧାନସଭାର ନୂଆ ବିଲ୍ଡିଂ ନିର୍ମାଣ କରୁଛନ୍ତି। ଅର୍ଥାତ୍ ଜଣେ ମନ୍ତ୍ରୀଙ୍କ ଦ୍ୱାରା ଇଙ୍ଗିତ ବିଧାନ ପରିଷଦ ଗଠନ ସମ୍ପର୍କିତ ପ୍ରସଙ୍ଗକୁ ଗୁରୁତ୍ୱର ସହ ନିଆଯିବା ଦରକାର। ଚର୍ଚ୍ଚା ଓ ଆଲୋଚନା ନ କରି ଜଣେ ଦାୟିତ୍ୱସମ୍ପନ୍ନ ମନ୍ତ୍ରୀ ବିଧାନ ପରିଷଦ ଗଠନ ନେଇ ଉଲ୍ଲେଖ କରି ନ ଥାନ୍ତେ। ଜାଣିବା ଶୁଣିବା ମହଲରେ ଅନେକଙ୍କ କହିବା କଥା, ଭାଜପା ଶାସନରେ ମନ୍ତ୍ରୀମାନେ କେନ୍ଦ୍ର ସରକାରଙ୍କ ସହ ବିଚାରବିମର୍ଶ କରିବା ପୂର୍ବରୁ ଏତେ ବଡ଼ ଘୋଷଣା କରିପାରିବେ ନାହିଁ। କାରଣ ମନ୍ତ୍ରୀଙ୍କ ମନ୍ତବ୍ୟ ପରଠାରୁ ବହୁ ଯୁବ ସମର୍ଥକ ଶାସକ ଦଳ ପ୍ରତି ଆକୃଷ୍ଟ ହେବା ସହିତ ବିଧାନ ପରିଷଦରେ ସ୍ଥାନ ପାଇବା ଆଶାରେ ଭାଜପା ଆଡ଼କୁ ଢଳିଲେଣି। ପୂର୍ତ୍ତ ମନ୍ତ୍ରୀଙ୍କ



ଏହି ବିବରଣୀ ଅଧିକ ବିଶ୍ୱସନୀୟ ହେଉଛି, କାରଣ ଏବେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଥିବାରୁ ରାଜ୍ୟ ନେତାମାନଙ୍କ ପ୍ରତ୍ୟେକଟି ଇଚ୍ଛା ସମ୍ପୂର୍ଣ୍ଣ ଭାବେ ସାକାର ହେବାର ସୁଯୋଗ ରହିଛି। ତେଣୁ ମନ୍ତ୍ରୀଙ୍କ କହିବାନୁଯାୟୀ ଓଡ଼ିଶାରେ ବିଧାନ ପରିଷଦ ହେବା ସୁନିଶ୍ଚିତ।

ସୂଚନାଯୋଗ୍ୟ, ଦେଶରେ ଏବେ ୨୮ ରାଜ୍ୟ ଏବଂ ୮ଟି କେନ୍ଦ୍ରଶାସିତ ଅଞ୍ଚଳ ରହିଛି। ସେଗୁଡ଼ିକ ମଧ୍ୟରୁ ୧୯ ରାଜ୍ୟ ଏବଂ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ଭାଜପା ନେତୃତ୍ୱାଧୀନ ସରକାର ରହିଛି। ବର୍ତ୍ତମାନ ଆନ୍ଧ୍ରପ୍ରଦେଶ, ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର, ତେଲଙ୍ଗାନା ଏବଂ ଉତ୍ତରପ୍ରଦେଶ ଭଳି ୬ଟି ରାଜ୍ୟରେ ବିଧାନ ପରିଷଦ ଅଛି। ଏହି ୬ ରାଜ୍ୟ ମଧ୍ୟରୁ ୪ଟି ସ୍ଥାନରେ ଏନ୍‌ଡିଏ ସରକାର ଥିବାବେଳେ କର୍ଣ୍ଣାଟକ ଏବଂ ତେଲଙ୍ଗାନାରେ କଂଗ୍ରେସ ଶାସନ ଚାଲିଛି। ଦେଶର ବାକି ୧୩ ରାଜ୍ୟ ଓ ୨ କେନ୍ଦ୍ରଶାସିତ ରାଜ୍ୟରେ ବିଧାନ ପରିଷଦ ଗଠନ ଦିଗରେ ଭାଜପା ସରକାର ସେଭଳି ଚିନ୍ତା କଲାଭଳି ମନେହେଉନାହିଁ। ବିଧାନ ପରିଷଦ ସଦସ୍ୟମାନଙ୍କ ଲାଗି ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପ୍ରକାର ଦରମା ବ୍ୟବସ୍ଥା ରହିଥାଏ। ଯେଉଁସବୁ ରାଜ୍ୟରେ ବିଧାନ ପରିଷଦ ସଦସ୍ୟ ରହିଛନ୍ତି, ସେମାନେ ଉକ୍ତ ରାଜ୍ୟଗୁଡ଼ିକର ବିଧାୟକମାନଙ୍କ ଭଳି ଦରମା ଏବଂ ଭତ୍ତା ପାଉଛନ୍ତି। ସେମାନଙ୍କ କାର୍ଯ୍ୟକାଳ ସରିବା ପରେ ପେନସନ୍ ସୁବିଧା ମଧ୍ୟ ମିଳିଥାଏ। ଅନେକ ରାଜ୍ୟ ବିଚାର କରୁଛନ୍ତି, ବିଧାନ ପରିଷଦ ଗଠନର କୌଣସି ଆବଶ୍ୟକତା ନାହିଁ। ବିଧାନ ପରିଷଦ ରହିଥିବା ୬ ରାଜ୍ୟରେ ସେଭଳି କିଛି ଅଧିକ ବିକାଶ ହୋଇଯାଇନାହିଁ ବୋଲି ଜାତୀୟସ୍ତରରେ ଅନେକ ସମୟରେ ଆଲୋଚନା ହୋଇଥାଏ। ବିଧାନ ପରିଷଦ ଦ୍ୱାରା ରାଜ୍ୟ ସରକାରଙ୍କ ଉପରେ ଅନେକ ଶହ କୋଟି ଟଙ୍କାର ଆର୍ଥିକ ବୋଝ ରହିବ। ଏଠାରେ ଉଲ୍ଲେଖ କରାଯାଇପାରେ, ନରେନ୍ଦ୍ର ମୋଦି ସରକାରଙ୍କ ପ୍ରଥମ ୨ଟି ପାଳି ସମୟରେ ରାଜ୍ୟ ସଭା ବାରମ୍ବାର ଏକ ଅସୁବିଧାର କାରଣ ସାଜିଥିଲା। ରାଜ୍ୟସ୍ତରରେ ବିଧାନ ପରିଷଦର ଯେଉଁଭଳି କାର୍ଯ୍ୟ ଥାଏ, ଦିଲ୍ଲୀରେ ରାଜ୍ୟ ସଭା ସହିତ ଏହାର ଅନେକ ସାମଞ୍ଜସ୍ୟ ରହିଛି। ତେବେ ସମ୍ବିଧାନ ଅନୁଯାୟୀ ରାଜ୍ୟ ସଭା ଏବଂ ରାଜ୍ୟରେ ବିଧାନ ପରିଷଦର ଅନେକ କର୍ତ୍ତବ୍ୟ ରହିଛି।

ଯଦି ଓଡ଼ିଶାରେ ବିଧାନ ପରିଷଦ ଗଠନ ହୁଏ, ତାହାହେଲେ ୨୦୧୮ ଅଗଷ୍ଟ ୨୪ରେ ବିଜେଡି ସରକାରଙ୍କ ଦ୍ୱାରା କ୍ୟାବିନେଟ୍ ମଞ୍ଜୁରୀ ପାଇଥିବା ବିଧାନ ପରିଷଦ ସମ୍ପର୍କିତ ପ୍ରସ୍ତାବର ତଥ୍ୟ ଅନୁଯାୟୀ, ବିଧାନସଭା ସଂଖ୍ୟାର ଏକ ତୃତୀୟାଂଶ ଆସନକୁ ନେଇ ବିଧାନ ପରିଷଦ ଗଠନ ହେବ। ଏବେ ରାଜ୍ୟରେ ୧୪୭ ଆସନ ବିଶିଷ୍ଟ ବିଧାନସଭା ରହିଥିବା ବେଳେ ଏହାର ଏକ ତୃତୀୟାଂଶ ଦେଖିଲେ ସେହି ସଂଖ୍ୟା ୪୯ ହେଉଛି। ଅର୍ଥାତ୍ ବର୍ତ୍ତମାନ ରାଜ୍ୟରେ ବିଧାନ ପରିଷଦ ଗଠନ ହେଲେ ସେଥିରେ ୪୯ ଜଣ ସଦସ୍ୟ ରହିବେ। ସେଥିମଧ୍ୟରୁ ୧୬ ଜଣଙ୍କୁ ରାଜ୍ୟର ବିଧାୟକ ଏବଂ ୧୬ ଜଣ ରାଜ୍ୟର ଜିଲା ପରିଷଦ ସଦସ୍ୟ ଓ ପଞ୍ଚାୟତର ସମିତି ସଭ୍ୟଙ୍କ ଦ୍ୱାରା ନିର୍ବାଚିତ ହେବେ। ୯ ଜଣଙ୍କୁ ରାଜ୍ୟପାଳ ମନୋନୀତ କରିବେ। ଏହାଛଡା ୪ ଜଣ ଶିକ୍ଷକ ଏବଂ ୪ ଜଣ ଗ୍ରାଜୁଏଟ୍ ବିଧାନ ପରିଷଦକୁ ନିର୍ବାଚିତ ହେବେ। ଆହୁରି ଗୋଟିଏ କଥା ମନେ ପକାଇଦେବାକୁ ଚାହୁଁ କି, କିଛିଦିନ ତଳେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଭାଜପା, ବିଜେଡି ଓ କଂଗ୍ରେସ ମିଳିତ ଭାବେ ନିଷ୍ପତ୍ତି କରି ବିଧାନସଭାରେ ବିଧାୟକ, ମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତିଙ୍କ ସମେତ ପୂର୍ବତନ ବିଧାୟକ ଓ ମନ୍ତ୍ରୀ ସମସ୍ତଙ୍କ ଦରମା ବୃଦ୍ଧି ସମ୍ପର୍କିତ ବିଲ୍‌କୁ ଗୃହରେ ପାରିତ କରାଇଦେଲେ। ଏହି ସମୟରେ ସବୁ ଦଳ ଖୁସିରେ ଏକାଠି ମଧ୍ୟ ହୋଇଗଲେ। ମାତ୍ର ଏହି ଦରମା ବୃଦ୍ଧି ପ୍ରସଙ୍ଗକୁ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରଥମେ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟର ଲୋକମାନଙ୍କ ମଧ୍ୟରେ ଅହେତୁକ ଭାବେ ବିଧାୟକମାନଙ୍କ ଭତ୍ତା ବୃଦ୍ଧିକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଲା। ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଥିବାବେଳେ ତାଙ୍କ ଦଳର ବିଧାୟକ ଓ ମନ୍ତ୍ରୀମାନେ ଦରମା ବୃଦ୍ଧି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ଲାଗି ଦାବିପତ୍ର ପ୍ରଦାନ କଲେ। ବିଜେଡି ଏବଂ କଂଗ୍ରେସ ପକ୍ଷରୁ ମଧ୍ୟ ଏହି ନିଷ୍ପତ୍ତି ପ୍ରତ୍ୟାହାର ଲାଗି କୁହାଗଲା। ତେଣୁ ବିଧାନ ପରିଷଦ ଗଠନ ହେଲେ ବିଧାନସଭା ଭଳି ଅତିରିକ୍ତ ଖର୍ଚ୍ଚର ଏକ ବୋଝ ରାଜ୍ୟକୁ ସହିବାକୁ ପଡ଼ିପାରେ।

# ବେଆଇନ ଭାବେ ଭୂତଳ ଜଳ ଶୋଷୁଛି ଜେଏସ୍‌ଡବ୍ଲ୍ୟୁ କମ୍ପାନୀ

କୁଜଙ୍ଗ, ୧୯।୧ (ମନୋଜ ପ୍ରଧାନ)



ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ବୋରୱେଲ ଖନନ କରାଯାଉଛି।

- ମଧୁର ପାନୀୟ ଜଳ ପାଇବାରୁ ବଞ୍ଚିତ ହେବା ଆଶଙ୍କାରେ ଢିଙ୍କିଆ ଚାରିଦେଶବାସୀ
- ୩୦୦ରୁ ଊର୍ଦ୍ଧ୍ୱ ବୋରୱେଲ ଖନନ କରାଯାଇ କାରଖାନା ନିର୍ମାଣରେ ବ୍ୟବହାର କରାଯାଉଛି
- କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ, ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ

ଭୂତଳ ଜଳର ସଂରକ୍ଷଣ ପାଇଁ ସରକାରୀସ୍ତରରେ ବ୍ୟାପକ ପଦକ୍ଷେପ ନିଆଯାଉଥିବାବେଳେ ଏହାକୁ ଉତ୍ତୋଳନ ପାଇଁ କଟକଣା ଜାରି କରାଯାଇଛି। ଏଭଳିସ୍ଥଳେ ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ଚାରିଦେଶ(ଢିଙ୍କିଆ, ଗଡ଼କୁଜଙ୍ଗ, ନୂଆଗାଁ ପଞ୍ଚାୟତ)ରେ ନିର୍ମାଣାଧୀନ ଥିବା ଜେଏସ୍‌ଡବ୍ଲ୍ୟୁ ଇସ୍ପାତ ପ୍ରକଳ୍ପରେ ବେଆଇନ ଭାବେ ଭୂତଳ ଜଳର ବହୁଳ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ଏହାର କୁପରିଣାମ ସ୍ଥାନୀୟ ବାସିନ୍ଦାଙ୍କୁ ଆଗାମୀ ଦିନରେ ଭୋଗିବାକୁ ପଡ଼ିବ ବୋଲି ଆଶଙ୍କା କରାଯାଉଛି। ଏନେଇ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଆଗାମୀ କିଛି ବର୍ଷ ମଧ୍ୟରେ ଅଞ୍ଚଳବାସୀଙ୍କୁ ମଧୁର ଜଳ ମିଳିବ ନାହିଁ ବୋଲି କ୍ଷୋଭ ପ୍ରକାଶ ପାଇଛି।

ଢିଙ୍କିଆ ଚାରିଦେଶରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିର୍ମାଣ ନିମନ୍ତେ ପ୍ରାଥମିକ ପର୍ଯ୍ୟାୟରେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ୩ଟି ବୋରୱେଲ ଖୋଳିବାକୁ ଅନୁମତି ଦେଇଛି। ମାତ୍ର ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ବେଆଇନ ଭାବେ ୩୦୦ରୁ ଊର୍ଦ୍ଧ୍ୱ ବୋରୱେଲ ଖନନ କରାଯାଇ ଭୂତଳ ଜଳକୁ କାରଖାନା ନିର୍ମାଣରେ ବ୍ୟବହାର କରାଯାଉଛି। ଏ ସମ୍ପର୍କରେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡରେ ଅଭିଯୋଗ ହେଲାପରେ କମ୍ପାନୀ କର୍ତ୍ତୃପକ୍ଷ ସମ୍ପୃକ୍ତ ବୋରୱେଲଗୁଡ଼ିକର ଉପର ପାଇପ୍‌ଗୁଡ଼ିକୁ ଖୋଲି ଦେଇଥିଲେ। ଏବେ କିନ୍ତୁ ଲେବର କଲୋନୀ ଓ ବ୍ୟାଚିଙ୍ଗ ପ୍ଲାଣ୍ଟକୁ ଜଳ ଯୋଗାଣ ନିମନ୍ତେ ସେଠାରେ ପୁନର୍ବାର ବୋରୱେଲ ଖନନ କରାଯାଉଥିବା ଅଭିଯୋଗ ହୋଇଛି। ପୂର୍ବରୁ ୧ ହଜାର ଫୁଟରୁ ଊର୍ଦ୍ଧ୍ୱ ଗଭୀରର ଅନେକ ବୋରୱେଲ ଖୋଳାଯାଇ କାର୍ଯ୍ୟକ୍ଷମ ହୋଇଛି। ଏଭଳିସ୍ଥିତିରେ ଢିଙ୍କିଆ ଚାରିଦେଶ ଅଞ୍ଚଳରେ ଥିବା ଅଗଭୀର ଟ୍ୟୁବ୍‌ୱେଲ୍‌ରୁ ଆଗାମୀ ଦିନରେ ଲୁଣାପାଣି ନିର୍ଗତ ହେବାର ଆଶଙ୍କା କରାଗଲାଣି। ଏହାଦ୍ୱାରା ପାନୀୟ ଓ ବ୍ୟବହାର ଉପଯୋଗୀ ଜଳ ସଙ୍କଟ ମଧ୍ୟକୁ ଢିଙ୍କିଆ ଚାରିଦେଶ ଠେଲି ହୋଇଯିବ। ଏହାସତ୍ତ୍ୱେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଓ ଜିଲା ପ୍ରଶାସନ ପକ୍ଷରୁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ ବୋଲି ଦୀନଦୟାଲ ପାରାଦୀପ ଇଣ୍ଡଷ୍ଟ୍ରିଆଲ ୱାର୍କର୍ସ ୟୁନିୟନ ସଭାପତି କ୍ଷୀରୋଦ ଚନ୍ଦ୍ର ପରିଡ଼ା ଏବଂ ଜିନ୍ଦଲ ପ୍ରଭାବିତ ଢିଙ୍କିଆ ଚାରିଦେଶ ଉନ୍ନୟନ ସମିତି ଆବାହକ ବିଜୟ କେତନ ସାହୁ ପ୍ରେସ ବିଜ୍ଞପ୍ତିରେ ଜରିଆରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନେ ସେଥିରେ ଉଲ୍ଲେଖ କରିଛନ୍ତି ଯେ, ଶିଳ୍ପାୟନ ନାଁରେ ମଣିଷ ଜୀବନକୁ ମରଣ ମୁହଁକୁ ଠେଲି ଦିଆ ନ ଯାଉ। କମ୍ପାନୀ ପକ୍ଷରୁ ମହାନଦୀର ଯୋବ୍ରା ଆନିକଟରୁ ପାଇପ୍ ଯୋଗେ ପାଣି ଆଣି ନିର୍ମାଣ ଓ ଅନ୍ୟାନ୍ୟ କାର୍ଯ୍ୟରେ ଲଗାଇବା ପାଇଁ ଚୁକ୍ତି ହୋଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ସେଥିପାଇଁ ବ୍ୟବସ୍ଥା ହୋଇନାହିଁ। ଏହାର ତଦନ୍ତ କରାଗଲେ ସମସ୍ତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ପରିଡ଼ା ଓ ସାହୁ ଦାବି କରିଛନ୍ତି। ଏ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପର ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ମିତ୍ରଭାନୁ ଚୌଧୁରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ୍ ଫୋନ ଉଠାଇ ନ ଥିଲେ।

## ପାରଦ ଉପରମୁହାଁ, ୨୪ ପର୍ଯ୍ୟନ୍ତ କୁହୁଡ଼ି

**ଭୁବନେଶ୍ୱର, ୧୯।୧ (ବନ୍ଦନା ସେଠୀ):** ରାଜ୍ୟରେ ଏବେ ଋତୁ ବଦଳୁଛି। ରାତିରେ ଶୀତ କମିଥିବାବେଳେ ଦିନରେ ଖରାତାତି ବଢୁଛି। ତେବେ ଭୋର୍ ସମୟରେ ଶୀତ ଲହରି ଜାରି ରହିଥିଲେ ମଧ୍ୟ ଦିନସାରା ବସନ୍ତ ଋତୁର ପବନ ନିଆରା ଅନୁଭବ ଦେଉଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ପାରଦ ଏବେ ଉପରମୁହାଁ ହୋଇଛି। ତାପମାତ୍ରା ବୃଦ୍ଧି ପାଇବା ସହ ଶୀତ କମିଛି। ସେହିପରି ଆଗାମୀ ୫ଦିନ ଅର୍ଥାତ୍ ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଦେଖାଦେବା ନେଇ ଆକଳନ କରାଯାଇଛି।

# କଳଙ୍କ, କନ୍ଦଳରୁ କେବେ ମୁକୁଳିବ କଂଗ୍ରେସ

ଭୁବନେଶ୍ୱର, ୧୯।୧
(ରବିନାରାୟଣ ଜେନା)




ରାଜ୍ୟରେ ଗୋଟିଏ ପରେ ଗୋଟିଏ ସାଧାରଣ ନିର୍ବାଚନ, ରାଜ୍ୟ ସଭା ନିର୍ବାଚନ, ଉପନିର୍ବାଚନ ଓ ଅନ୍ୟାନ୍ୟ ନିର୍ବାଚନ ଯାଉଛି ଏବଂ ଆସୁଛି। ହେଲେ ଦୀର୍ଘ ୨୬ବର୍ଷ ଧରି ଜାତୀୟ କଂଗ୍ରେସ କେବଳ ସଂଘର୍ଷ କରି ଚାଲିଛି, ମାତ୍ର ସଫଳତାର ସ୍ୱାଦ ପାଇପାରୁ ନାହିଁ। କଂଗ୍ରେସ ଶାସନରେ ୧୯୮୪ରେ ହୋଇଥିବା ଛବିରାଣୀ ହତ୍ୟାକାଣ୍ଡ ଓ ପରେ ୧୯୯୯ ଜାନୁଆରୀ ୯ରେ ହୋଇଥିବା ଅଞ୍ଜନା ମିଶ୍ର ଗଣବଳାତ୍କାରର କଳଙ୍କ ପାଇଁ ଦଳ ଆଗକୁ ବଢ଼ି ପାରୁନାହିଁ। କଂଗ୍ରେସ ଶାସନର ସେହି କଳଙ୍କିତ ଇତିହାସ ପାଇଁ ଦଳର ନେତା ଓ କର୍ମୀଙ୍କ ମନୋବଳ ଦିନକୁ ଦିନ କ୍ଷୀଣ ହୋଇଯାଉଛି। ହେଲେ କଂଗ୍ରେସକୁ ଭଲ ପାଉଥିବା ଲୋକେ ଏବେ ବି ରାଜ୍ୟରେ କିଭଳି ଦଳ କ୍ଷମତାକୁ ଫେରିବ ସେନେଇ ସ୍ୱପ୍ନ ଦେଖୁଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ନିଜର ନୀତି ଓ ଆଦର୍ଶକୁ ନେଇ ଆଗକୁ ଯିବା ପରିବର୍ତ୍ତେ ସେଇ କଳଙ୍କିତ ଇତିହାସକୁ ମୁଣ୍ଡାଇ ବର୍ଷସାରା ବୁଲିବାକୁ ବାହାରିଛି। ଏହା ସମସ୍ତ କଂଗ୍ରେସପ୍ରେମୀଙ୍କୁ ହତୋତ୍ସାହ କରୁଛି।

ସେହିପରି ଦଳ ଭିତରେ ସବୁବେଳେ ଶୃଙ୍ଖଳାର ପାଠପଢ଼ା ଯାଉଛି। ହେଲେ ଦଳର ଛାମୁଆ ନେତାମାନେ ସମୟେ ସମୟେ ଏମିତି କନ୍ଦଳ କାଢ଼ି ଦେଉଛନ୍ତି ଯେ, ପରବର୍ତ୍ତୀ ସମୟରେ ଦଳ ଉପରକୁ ଉଠିବା ପାଇଁ ରାହା ପାଉନାହିଁ; ଯେଉଁଥିପାଇଁ ନିକଟରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କୁ ବିଦା କରିବା ପର୍ଯ୍ୟନ୍ତ କଥା ଯାଇଛି। ମୋକିମଙ୍କ ବହିଷ୍କାର ରାଜ୍ୟ କଂଗ୍ରେସରେ ସୁଧାର ଆଣିବ ନା ଦଳକୁ ରସାତଳକୁ ନେଇଯିବ, ତାହା ସମୟ କହିବ। ହେଲେ ଭକ୍ତଙ୍କ କଠୋର ଆଭିମୁଖ୍ୟକୁ ନେଇ ଦଳରେ ଏବେ ବି ଗୁଞ୍ଜରଣ ଲାଗି ରହିଛି।

ଇତିମଧ୍ୟରେ ରାଜ୍ୟ କଂଗ୍ରେସର ମଙ୍ଗ ବହୁ ବରିଷ୍ଠ ନେତାମାନେ ଧରିଛନ୍ତି, ହେଲେ ଯଥା ପୂର୍ବଂ ତଥା ପରମ୍ ନ୍ୟାୟରେ କଂଗ୍ରେସର ଗତି ମନ୍ଥର ରହିଛି। ଓଡ଼ିଶାରେ କଂଗ୍ରେସ କିଭଳି କ୍ଷମତାକୁ ଫେରିବ ତାକୁ ନେଇ ଏଆଇସିସି ପକ୍ଷରୁ ୨୦୨୫ ଫେବୃଆରୀରେ ସଂଗ୍ରାମୀ ନେତା ଭକ୍ତ ଚରଣ ଦାସଙ୍କୁ ପିସିସି ସଭାପତି ଆସନରେ ବସାଗଲା। ଏଠାରେ ମନେପକାଇ ଦିଆଯାଇପାରେ ଯେ, ପୂର୍ବରୁ କେଉଁଭଳି ଭାବେ କଂଗ୍ରେସର ହାଇକମାଣ୍ଡ ଓଡ଼ିଶାକୁ ଏକ ଏକ୍ସପେରିମେଣ୍ଟ ଭାବେ ବ୍ୟବହାର କରୁଥିଲେ। ଦିଲ୍ଲୀରୁ ନିଯୁକ୍ତି ପାଇ ଭୁବନେଶ୍ୱର ମାଟି ଛୁଇଁବା ମାତ୍ରେ ନୂଆ ରାଜ୍ୟ କଂଗ୍ରେସ କମିଟି ସଭାପତିଙ୍କୁ ବିରୋଧ ଆରମ୍ଭ କରି ଦିଆଯାଉଥିଲା। ଗୋଟିଏ ପରିବାରର ବ୍ୟବସାୟିକ ସ୍ୱାର୍ଥକୁ ସୁହାଉ ନ ଥିବା ବ୍ୟକ୍ତି କଂଗ୍ରେସର ସଭାପତି ଭାବେ ତିଷ୍ଠିବାର ଅସଫଳ ହେଉଥିଲେ। ଦଳକୁ ବାରମ୍ବାର ବିକ୍ରି କରି ଯେଉଁ ପରିବାର ଲାଭ ଉଠାଉଥିଲା, ତାହାକୁ ଆଜି ଭକ୍ତଙ୍କ ଦ୍ୱାରା ଦମନ କରାଯାଇଛି। ଏହି ପରିସ୍ଥିତିରେ ଭକ୍ତ ଦଳକୁ ଶୃଙ୍ଖଳିତ କରିବା ସହିତ ଆଗକୁ କିଭଳି ବଢ଼ିବ ସେଥିନେଇ ବିଭିନ୍ନ ପ୍ରକାର ରଣକୌଶଳ ପ୍ରୟୋଗ କରି ଚାଲିଛନ୍ତି। ହେଲେ ନିକଟରେ ନୂଆପଡ଼ାରେ ହୋଇଥିବା ଉପନିର୍ବାଚନରେ ଦଳକୁ ସେତେଟା ସଫଳତା ମିଳିପାରିଲା ନାହିଁ। ଯଦିଓ ସଂଖ୍ୟା ଦୃଷ୍ଟିରୁ ନୂଆପଡ଼ାରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଲା, ତଥାପି ପୂର୍ବ ନିର୍ବାଚନରେ ଯେତିକି ପରିମାଣର ଭୋଟ ମିଳିଥିଲା ତାହା ବଜାୟ ରଖିପାରିଲା ନାହିଁ। ଏହି ଉପନିର୍ବାଚନ ଭକ୍ତଙ୍କ ପାଇଁ ଅଗ୍ନି ପରୀକ୍ଷା ରହିଥିଲେ ହେଁ ସେ ସଫଳ ହୋଇପାରି ନ ଥିଲେ।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସଭାରେ ଓଡ଼ିଶାର ୪ଟି ଆସନ ଖାଲି ହେବାକୁ ଯାଉଛି। ଏ ସମସ୍ତ ଆସନ ଏବେ ବିଜେଡି ଖାତାରେ ରହିଥିବାବେଳେ ଅଙ୍କ ଦୃଷ୍ଟିରୁ ଏସବୁ ଆଉ ପୁନର୍ବାର ବିଜେଡି ଖାତାକୁ ଫେରିବ ନାହିଁ। ରାଜନୀତି ପାଣିପାଗ କହୁଛି ଯେ, ସେଥିରୁ ଭାଜପା ୨ଟି ଏବଂ ବିଜେଡି ଗୋଟିଏ ଆସନ ପାଇବେ। ଅବଶିଷ୍ଟ ଆସନଟି ପାଇଁ ବିଜେଡି–ଭାଜପା ମଧ୍ୟରେ ଅଙ୍କକଷା ଜୋରଦାର ଚାଲିଛି। ନିକଟରେ ବିଜେଡିରୁ ଦୁଇ ବିଧାୟକ ସଦସ୍ୟ ନିଲମ୍ବନ ହେବା ପରେ ଦଳରେ ହଟଚମଟ ଲାଗି ରହିଛି।

ଭାଜପା ଏବଂ ବିଜେଡି ରାଜ୍ୟ ସଭା ଦୌଡ଼ରେ ରହିଥିବାବେଳେ ଏସବୁ ଦୌଡ଼ରେ କଂଗ୍ରେସ ନାହିଁ। ସଂଖ୍ୟା ଦୃଷ୍ଟିରୁ ବହୁ ପଛରେ ରହିଥିବାରୁ କେତେକ ସଦସ୍ୟ କେବଳ କିଣାବିକା ପାଇଁ ସଜବାଜ ହେଉଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହା କଂଗ୍ରେସର ଛବିକୁ ପୁଣିଥରେ ମଳିନ ଯେ ନ କରିବ ତାକୁ ନେଇ ଏବେଠାରୁ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ଆଗକୁ ୨୦୨୭ରେ ରହିଛି ପଞ୍ଚାୟତ ନିର୍ବାଚନ। ଯଦି କଂଗ୍ରେସ ଏବେଠାରୁ ଘର ନ ସଜାଡ଼େ ତେବେ ଏହା ପୁନର୍ବାର ଦଳ ପାଇଁ ଘାତକ ସାବ୍ୟସ୍ତ ହେବ। ଯେଉଁ ପାପକୁ ଧୋଇବା ପାଇଁ ଭକ୍ତଙ୍କୁ ଦାୟିତ୍ୱ ଦିଆଯାଇଛି ଯଦି ସେ ପୁଣି ଥରେ ସେଥିରେ ଘାଣ୍ଟି ହେବେ ଏବଂ କଂଗ୍ରେସର କଳଙ୍କିତ ଅଧ୍ୟାୟକୁ ସାଙ୍ଗରେ ଧରି ବୁଲିବେ ତେବେ ଦଳର କ୍ଷମତା ଆଶା ମଉଳିଯିବ ବୋଲି ବିଶିଷ୍ଟ ରାଜନେତାମାନେ ବିବେଚନା କରୁଛନ୍ତି।

# ଭଦ୍ରକ ଡାକ୍ତରଖାନା ବାଥ୍‌ରୁମ୍‌ରୁ ମିଳିଲା ମୃତଦେହ

ଭଦ୍ରକ, ୧୯।୧
(ସନାତନ ରାଉତ)

## ପୁଣି ଅଲୋଡ଼ା ଶିଶୁକନ୍ୟା

ପୁଣି ଅଲୋଡ଼ା ହେଲା ନବଜାତ ଶିଶୁକନ୍ୟା। ଡାକ୍ତରଖାନା ବାଥ୍‌ରୁମ୍‌ରୁ ମିଳିଛି ଏକ ନବଜାତ ଶିଶୁକନ୍ୟାର ମୃତଦେହ। ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଡାକ୍ତରଖାନାର ମହିଳା ୱାର୍ଡ ବାଥ୍‌ରୁମ୍‌ରେ ନବଜାତ ଶିଶୁକନ୍ୟା ପଡ଼ିଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ଦେଖିବା ପରେ ଘଟଣା ସାମ୍ନାକୁ ଆସିଛି। କେହି ଜଣେ ସଦ୍ୟ ପ୍ରସବା ଏହି ନବଜାତ ଶିଶୁକନ୍ୟାକୁ ବାଥ୍‌ରୁମ୍‌ରେ ପକାଇ ଚିକିତ୍ସାଳୟରୁ ପଳାଇ ଯାଇଥିବା ଏବଂ ପରେ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ତେବେ ଡାକ୍ତରଖାନା କର୍ମଚାରୀ କିମ୍ବା ଏପରିକି ସେହି ୱାର୍ଡରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀ, ଷ୍ଟାଫ୍‌ନର୍ସ ଓ ସୁରକ୍ଷା କର୍ମୀ ଘଟଣା ବିଷୟରେ କିପରି ଜାଣିପାରିଲେ ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଏ ଓ କେଉଁ ପରିସ୍ଥିତିରେ ଏପରି ପିଲା ଜନ୍ମ କରି ଛାଡ଼ି ଚାଲି ଯାଇଛନ୍ତି, ତାହାକୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଖୋଳତାଡ଼ ଆରମ୍ଭ କରିଛନ୍ତି। ତେବେ ନୂତନ ଭାବେ ଯୋଗଦେଇଥିବା ନୂତନ ଭାବେ ଯୋଗ ଦେଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।



ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡ଼ିକୁ ମାନିବାକୁ ତତ୍ପର ହେଉଥାଅ- ଜାଣିରଖ ଯେ, ତୁମେ ତତ୍କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ। -ଶ୍ରୀମା

-ଦ୍ୱିତୀୟାର ଚନ୍ଦ୍ର ଦର୍ଶନ



# କୁଳି, ମୂଲିଆଙ୍କ ଦେଶ

ପାଖାପାଖି ୧୫୦ କୋଟି ଲୋକସଂଖ୍ୟା ବିଶିଷ୍ଟ ଭାରତରେ ଯୁବଶକ୍ତିର କେତେ ବେରୋଜଗାର ଅଛନ୍ତି ତାହାର ବାସ୍ତବ ସଂଖ୍ୟା ଜାଣିବା ଅସମ୍ଭବ। ଏଇଥିପାଇଁ ଅସମ୍ଭବ କୁହାଯାଉଛି ଯେ, କାରଣ ଏବକାର ପରିସ୍ଥିତିରେ କୌଣସି ସରକାରୀ କଳ ଦ୍ୱାରା ସଂଗୃହୀତ ତଥ୍ୟ ଉପରେ ଭରସା କରାଯାଇପାରିବ ନାହିଁ। ତେବେ ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍‌ଓ) ଏବଂ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହ୍ୟୁମାନ ଡେଭଲପ୍‌ମେଣ୍ଟ (ଆଇଏଚ୍‌ଡି) ୨୦୨୪ରେ ଏକ ରିପୋର୍ଟ ପ୍ରକାଶ କରିଥିଲେ, ଯେଉଁଥିରେ ଦର୍ଶାଯାଇଥିଲା ଯେ ନିଯୁକ୍ତିବିହୀନ ଭାରତୀୟଙ୍କ ମଧ୍ୟରେ ରହିଛନ୍ତି ୮୩ ପ୍ରତିଶତ ଯୁବବର୍ଗ। ଅର୍ଥାତ୍ ଭାରତରେ ଯୁବ ବେକାର ବ୍ୟକ୍ତିଙ୍କ ସଂଖ୍ୟା ବଢ଼ିଚାଲିଛି। ଏବେ ଚକିତ କଲାଭଳି ଏକ ରିପୋର୍ଟ 'ୱାର୍କଇଣ୍ଡିଆ' ପକ୍ଷରୁ ପ୍ରକାଶ ପାଇଛି। ଭାରତରେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଆଶାୟୀ ଓ ନିଯୁକ୍ତିଦାତାଙ୍କ ମଧ୍ୟରେ ଘଟସୂତ୍ର ସ୍ଥାପନ କରିବା ଦିଗରେ କାର୍ଯ୍ୟ କରୁଥିବା ଏହି ଅନ୍‌ଲାଇନ୍ ଜବ୍ ପୋର୍ଟାଲ କହିଛି ଯେ, ଦେଶରେ ବହୁ ଚାକିରି ଦଶମ ଶ୍ରେଣୀ ତଳକୁ ପଢ଼ିଥିବା ବର୍ଗକୁ ପସନ୍ଦ କରୁଛି। ଏହାର ଅର୍ଥ ବୁଝାଯିବା କଥା ନୁହେଁ ଯେ, ଦଶମ ପରେ ଅର୍ଜନ କରାଯାଇଥିବା ଡିଗ୍ରୀର ମାନେ କିଛି ନାହିଁ। କିନ୍ତୁ ଦେଶର ଶ୍ରମ ବଜାର କିଭଳି ଦିଗରେ ଗତି କରୁଛି ତାହାକୁ ଲକ୍ଷ୍ୟ କରିବା କଥା। କମ୍ ଶିକ୍ଷାଗତ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତି କିଭଳି ନିଯୁକ୍ତି ବଜାରରେ ଆଦର ପାଉଛନ୍ତି ତାହାର ସଂଖ୍ୟାତ୍ମକ ରିପୋର୍ଟ ୱାର୍କଇଣ୍ଡିଆ ପ୍ରକାଶ କରିଛି। ୨୦୨୫ରେ ପ୍ରାୟ ୯.୯ ଲକ୍ଷ ନିଯୁକ୍ତିଦାତା ଓ ୧୦ କୋଟିରୁ ଅଧିକ କର୍ମଚାରୀଙ୍କ ନିଯୁକ୍ତି ତଥ୍ୟ ଉପରେ ଆଧାରିତ ରିପୋର୍ଟରେ କୁହାଯାଇଛି ଯେ, ଚାକିରି ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଦଶମ ଶ୍ରେଣୀ ତଳେ ରହିଥିବା ବର୍ଗଙ୍କ ସବୁଠାରୁ ଅଧିକ ଚାହିଦା ଥିବା ଯୋଗ୍ୟତା ପାଲଟିଯାଇଛି। ଅନ୍ୟପକ୍ଷରେ କର୍ମଚାରୀ ଓ ମାନବ ସମ୍ବଳ ଦିଗରେ କାର୍ଯ୍ୟରତ 'ଟିମ୍‌ଲିଜ୍'ର ଏକ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ୭୫ ପ୍ରତିଶତ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଏବେବି ଶିଳ୍ପ ଆବଶ୍ୟକତା ସହ ଅସଙ୍ଗତ ରହିଛନ୍ତି। ଚାକିରି ଓ ଶିକ୍ଷା ବର୍ତ୍ତମାନ ଭିନ୍ନ ପଥରେ ଯାଉଛନ୍ତି, ଯାହା ପୂର୍ବରୁ ହାତେହାତେ ଚାଲୁଥିଲା।

> କାର୍ଯ୍ୟଦକ୍ଷତାର ଘୋର ଅଭାବ ଯୋଗୁ ଭାରତର ଯୁବପିଢ଼ି ନିଯୁକ୍ତିଯୋଗ୍ୟ ହୋଇପାରୁ ନାହାନ୍ତି। ଦଶମ ଶ୍ରେଣୀରୁ ନିମ୍ନ ଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ମିଳୁଥିବାର ଅର୍ଥ ହେଉଛି କୁଳି, ମୂଲିଆ ଓ କ୍ଲିନର ଚାକିରି। ଖୁବ୍‌ଶୀଘ୍ର ଏହି ଦେଶ ଅଳ୍ପ କେତେକ ପୁଞ୍ଜିପତିଙ୍କ ଦ୍ୱାରା ଶାସିତ ହେବ, ଯେଉଁଥିରେ ସାଧାରଣ ଯୁବତୀଯୁବକ କେବଳ ସେହି ଛୋଟକାଟିଆ କାମରେ ନିଯୁକ୍ତ ହେଉଥିବେ।

ଉପରଲିଖିତ ରିପୋର୍ଟ ଦେଖିଲେ ଭାରତରେ ନିଯୁକ୍ତିର ବିଷମ ଦିଗସବୁ ପଦାକୁ ଆସୁଛି। ଏଥିପାଇଁ ଦେଶର ଶିକ୍ଷା ଓ ନିଯୁକ୍ତିଭିତ୍ତିକ ନୀତି ବା ଯୋଜନାକୁ ଇଙ୍ଗିତ କରାଯାଇପାରେ। ଭାରତ ବିକଶିତ ରାଷ୍ଟ୍ର ହେବା ପାଇଁ ସ୍ୱପ୍ନ ଦେଖିବା ସ୍ୱାଗତଯୋଗ୍ୟ। ୫ ଟ୍ରିଲିୟନ ଅର୍ଥନୀତି ପାଇଁ ଆକାଂକ୍ଷା ରଖିବା ଉତ୍ସାହଜନକ। କିନ୍ତୁ ପ୍ରଶ୍ନ ଉଠୁଛି ଯେ, ଏଥିପାଇଁ ଦେଶର ଯୁବଶକ୍ତିକୁ କେତେ ପରିମାଣରେ ପ୍ରସ୍ତୁତ କରାଯାଉଛି। ଗତ ଦଶନ୍ଧି ହେବ ନିଯୁକ୍ତି କ୍ଷେତ୍ରକୁ ବ୍ୟାପକ କରାଯାଉଥିବା ଜୋରଦାର କୁହାଯାଉଛି। ବାସ୍ତବରେ ଦେଖିଲେ କମ୍ ପାଠ ପଢ଼ି କୁଶଳୀ ହେଉଥିବା ବର୍ଗଙ୍କୁ ବିଶେଷ ଅଗ୍ରାଧିକାର ଦିଆଯାଉଛି। କାରଣ ଭାରତରେ ଶିକ୍ଷାଲାଭ କରିଥିବା ଯୁବକ ଯଦି ନିଜକୁ ଉଚ୍ଚଶିକ୍ଷିତ ମନେକରନ୍ତି, ତେବେ ସେମାନେ ନିଜ ହାତରେ କୌଣସି କାର୍ଯ୍ୟ କରିବାକୁ ପସନ୍ଦ କରନ୍ତି ନାହିଁ। ସମସ୍ତଙ୍କୁ ଟେବୁଲରେ ବସା ଚାକିରି ଆବଶ୍ୟକ, ଯେଉଁଥିରେ ମାସ ଶେଷରେ ଦରମା ସୁନିଶ୍ଚିତ ଥିବ। ଯଦି ଦରମା ସହିତ ଉପୁରି ମିଳିପାରିଲା ତେବେ ତାହା ଆକର୍ଷଣୀୟ ଚାକିରି, ଯାହାକୁ ହାସଲ କରିବା ପାଇଁ ଆଶାୟୀ ସମ୍ପତ୍ତି ବିକ୍ରିକରି ଘୁସ୍ ଦେବାପାଇଁ ପ୍ରସ୍ତୁତ ହୋଇଯାଆନ୍ତି। କାର୍ଯ୍ୟରେ ସମୟ ଏବଂ ଗୁଣବତ୍ତାକୁ ଆଖିରେ ରଖିବାର ଚରିତ୍ର ଆମେ ଭାରତୀୟମାନେ ଶିଖିବାକୁ ନାରାଜ। ସମୟ ଥିଲା ଭାରତରୁ ଅନେକ ପୂର୍ଣ୍ଣାଙ୍ଗ ଉତ୍ପାଦ ବିଦେଶକୁ ରପ୍ତାନି ହେଉଥିଲା। ଗତ ଦଶନ୍ଧିର ରେକର୍ଡ ଦେଖିଲେ ମନେହେଉଛି ଏହି ଦେଶରୁ କେବଳ କଞ୍ଚାମାଲ ବିଦେଶକୁ ରପ୍ତାନି ହେଉଛି। ଭାରତୀୟ ଯୁବକ ବାସ୍ତବରେ କାର୍ଯ୍ୟ ନୁହେଁ, ଚାକିରି ଖୋଜିଥାନ୍ତି। ଏହି ଦୁଇଟି ଶବ୍ଦ ମଧ୍ୟରେ ଅନେକ ଅନ୍ତର ରହିଛି। କାର୍ଯ୍ୟଦକ୍ଷତାର ଘୋର ଅଭାବ ଯୋଗୁ ଭାରତର ଯୁବପିଢ଼ି ନିଯୁକ୍ତିଯୋଗ୍ୟ ହୋଇପାରୁ ନାହାନ୍ତି। ଦଶମ ଶ୍ରେଣୀରୁ ନିମ୍ନ ଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ମିଳୁଥିବାର ଅର୍ଥ ହେଉଛି କୁଳି, ମୂଲିଆ ଓ କ୍ଲିନର ଚାକିରି। ଖୁବ୍‌ଶୀଘ୍ର ଏହି ଦେଶ ଅଳ୍ପ କେତେକ ପୁଞ୍ଜିପତିଙ୍କ ଦ୍ୱାରା ଶାସିତ ହେବ, ଯେଉଁଥିରେ ସାଧାରଣ ଯୁବତୀଯୁବକ କେବଳ ସେହି ଛୋଟକାଟିଆ କାମରେ ନିଯୁକ୍ତ ହେଉଥିବେ।

# ଜଳବାୟୁ ବିପଦ ସୂଚକାଙ୍କ ଚେତାବନୀ



ପ୍ରକାଶ ତ୍ରିପାଠୀ

ସମ୍ପ୍ରତି ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ବିପଦପୂର୍ଣ୍ଣ ସ୍ତରରେ ପହଞ୍ଚିଛି। ଏହାଦ୍ୱାରା ଅନେକ ଅଞ୍ଚଳରେ ଜନସାଧାରଣ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି। ଏହାର ମୁଖ୍ୟ କାରଣ ଭାବେ ଯାନବାହନ ଓ ଶିଳ୍ପ ଆଦିରୁ ଧୂଆଁ ନିଷ୍କାସନ, ନିର୍ମାଣ କାର୍ଯ୍ୟ, ଅଳିଆ ଏବଂ ନଡ଼ା ପୋଡ଼ିବାଜନିତ ପ୍ରଦୂଷଣ କୁହାଯାଉଛି। ଏହି ପ୍ରଦୂଷଣର ପ୍ରଭାବ କେବଳ ଦିଲ୍ଲୀ ପର୍ଯ୍ୟନ୍ତ ସୀମିତ ନୁହେଁ; ବିହାର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଚଣ୍ଡିଗଡ଼ ଭଳି ପାହାଡ଼ିଆ ଏବଂ ଅନ୍ୟାନ୍ୟ ରାଜ୍ୟରେ ବାୟୁ ଗୁଣବତ୍ତାକୁ ମଧ୍ୟ ଖରାପ କରୁଛି। ଠିକ୍ ଏହି ସମୟରେ ଜଳବାୟୁ ବିପଦ ସୂଚକାଙ୍କ ୨୦୨୬ର ଏକ ସଦ୍ୟ ରିପୋର୍ଟ ପ୍ରକାଶ ପାଇଛି, ଯାହା କି ଭାରତର ଜଳବାୟୁ ପ୍ରତି ଚରମ ଚେତାବନୀ ଦେଇଛି। ଏହି ରିପୋର୍ଟ ଅନୁଯାୟୀ ୧୯୯୫-୨୦୨୪ ସମୟ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଚରମ ପାଣିପାଗ ଘଟଣା (ବନ୍ୟା, ସାମୁଦ୍ରିକ ଝଡ଼, ଅଂଶୁଘାତ, ମରୁଡ଼ି ଇତ୍ୟାଦି) ପାଇଁ ସବୁଠାରୁ ଅଧିକ ସମ୍ବେଦନଶୀଳ ଶୀର୍ଷ ଦଶଟି ଦେଶ ମଧ୍ୟରେ ଭାରତ ସ୍ଥାନ ପାଇଛି। ଏହି ତିରିଶ ବର୍ଷର ସମୟ ମଧ୍ୟରେ, ଭାରତ ପ୍ରାୟ ୪୩୦ଟି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି, ଯେଉଁଥିରେ ପ୍ରାୟ ଅଶୀ ହଜାର ଲୋକଙ୍କ ମୃତ୍ୟୁ ହେବା ସହ ଶହେ କୋଟିରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଏହି ସମୟରେ ଆନୁମାନିକ ଆର୍ଥିକ କ୍ଷତି ଥିଲା ପ୍ରାୟ ୧୭୦ ବିଲିୟନ। ଏହି ରିପୋର୍ଟ ଆହୁରି ସ୍ପଷ୍ଟ କରିଛି ଯେ ଭାରତ 'ନିରନ୍ତର ବିପଦ' ବର୍ଗରେ ରହି ଆସିଛି ଓ ଦେଶରେ ଜଳବାୟୁ ବିପର୍ଯ୍ୟୟ ଏତେ ନିୟମିତ ଘଟୁଛି ଯେ ଗୋଟିଏ ବିପର୍ଯ୍ୟୟର ପ୍ରଭାବରୁ ସମ୍ପୂର୍ଣ୍ଣ ମୁକୁଳିବା ପୂର୍ବରୁ ଆଉ ଗୋଟିଏ ବିପର୍ଯ୍ୟୟ ଘଟି ଯାଉଛି। ଯଦି ଜଳବାୟୁ-ସ୍ମାର୍ଟ ନୀତି, ବିପର୍ଯ୍ୟୟ ପରିଚାଳନା, ସବୁଜ ଭିତ୍ତିଭୂମି, ଜଳ ସଂରକ୍ଷଣ, ଉପକୂଳ ସୁରକ୍ଷା ଏବଂ ଗ୍ରାମୀଣ ବିକାଶ ଉପରେ ତୁରନ୍ତ ଏବଂ ସକ୍ରିୟ ପଦକ୍ଷେପ ନିଆ ନ ଯାଏ, ତେବେ ଆଗାମୀ ଦଶନ୍ଧିଗୁଡ଼ିକରେ ଭାରତର ଦୁର୍ବଳତା ଆହୁରି ବୃଦ୍ଧି ପାଇପାରେ। ପ୍ରକାଶଯୋଗ୍ୟ ଯେ ଜଳବାୟୁ ବିପଦ ସୂଚକାଙ୍କ ହେଉଛି ଜର୍ମାନୱାଚ ନାମକ ଏକ ଅନ୍ତର୍ଜାତୀୟ ପରିବେଶଭିତ୍ତିକ ସ୍ୱାଧୀନ ସଂଗଠନର ଏକ ବାର୍ଷିକ ପ୍ରକାଶନ। ଏହି ସଂଗଠନ ୨୦୦୬ ମସିହାରୁ ଚରମ ପାଣିପାଗ ଘଟଣାଗୁଡ଼ିକର ମାନବ ଏବଂ ଆର୍ଥିକ କ୍ଷତିକୁ ସର୍ବେକ୍ଷଣ କରିଆସୁଛି।

ବ୍ରାଜିଲର ବେଲେମରେ ଅନୁଷ୍ଠିତ ଜଳବାୟୁ ବିପଦ ସୂଚକାଙ୍କ ସମ୍ମିଳନୀରେ ପ୍ରକାଶିତ ରିପୋର୍ଟ



ପୁଣିଥରେ ବିଶ୍ୱ ସମ୍ମୁଖରେ ସେହି କଠୋର ସତ୍ୟକୁ ଉପସ୍ଥାପନ କରିଛି, ଯାହା ଆମେ ବର୍ଷ ବର୍ଷ ଧରି ଅନୁଭବ କରିଆସୁଛୁ। କିନ୍ତୁ ଏହାର ସମାଧାନ ଖୋଜିବାର ଗତି ଏପର୍ଯ୍ୟନ୍ତ ନଗଣ୍ୟ। ଏହି ରିପୋର୍ଟରେ ଭାରତର ଏକ ଭୟଙ୍କର ଜଳବାୟୁ ଚିତ୍ର ଯେପରି ଦର୍ଶାଯାଇଛି, ତାହାକୁ ଅଣଦେଖା କଲେ ତାହା ଜାତୀୟ ସୁରକ୍ଷା, ଅର୍ଥନୀତି, ଖାଦ୍ୟ ସୁରକ୍ଷା ଏବଂ ମାନବ ଜୀବନ ପାଇଁ ବିପଦପୂର୍ଣ୍ଣ ହେବ। ଯେତେବେଳେ ଭାରତ ବିଶ୍ୱ ପ୍ଲାଟଫର୍ମରେ ବିକାଶକୁ ତ୍ୱରାନ୍ୱିତ କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଭିତ୍ତିଭୂମିରେ ପ୍ରଚୁର ନିବେଶ କରିବା ବିଷୟରେ କଥାବାର୍ତ୍ତା କରୁଛି, ସେତେବେଳେ ଜଳବାୟୁ ସଙ୍କଟ ଆମ ବିକାଶରେ ନୂଆ ନୂଆ ପ୍ରତିବନ୍ଧକ ସୃଷ୍ଟି କରୁଛି। ଭାରତର ଭୌଗୋଳିକ ବିବିଧତା ଏଥିପାଇଁ ସୁଯୋଗ ଏବଂ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ସାମୁଦ୍ରିକ ବାତ୍ୟା/ଘୂର୍ଣ୍ଣିବାତ୍ୟାର ବୃଦ୍ଧି ପାଉଥିବା ତୀବ୍ରତା, କିଛି ଅଞ୍ଚଳରେ ନିରନ୍ତର ମରୁଡ଼ି ଏବଂ ଅନେକ ରାଜ୍ୟରେ ବିନାଶକାରୀ ବନ୍ୟା - ଏହି ତିନୋଟି ମିଳିତ ଭାବରେ ଭାରତ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି, ଯାହା ଖାଦ୍ୟ ଶୃଙ୍ଖଳ, ଜଳ ସୁରକ୍ଷା ଏବଂ ଜୀବିକା ପାଇଁ ଗମ୍ଭୀର ବିପଦ ଆଣିଛି। ଗତ ବର୍ଷର ପ୍ରବଳ ବର୍ଷା ଏବଂ ବନ୍ୟା ପ୍ରାୟ ଆଠ ନିୟୁତ ଲୋକଙ୍କୁ ପ୍ରଭାବିତ କରିଥିଲା। ଏହି ସଂଖ୍ୟା ସୂଚାଇ ଦିଏ ଯେ ପ୍ରତ୍ୟେକ ଜଳବାୟୁ ପ୍ରଭାବ ବର୍ତ୍ତମାନ ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ସିଧାସଳଖ ପ୍ରଭାବିତ କରୁଛି।

୧୪୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ଖାଦ୍ୟ ଯୋଗାଇବା ନିଶ୍ଚିତ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ। ଜଳବାୟୁ ପରିବର୍ତ୍ତନ କୃଷି ଚକ୍ରକୁ ପରିବର୍ତ୍ତନ କରିଛି। କୃଷି ତଥା ଆନୁଷଙ୍ଗିକ କୃଷିକୁ ଅନିଶ୍ଚିତ ପରିସ୍ଥିତିକୁ ଠେଲି ଦେଇଛି। ଋତୁଚକ୍ର ପରିବର୍ତ୍ତନ, ପରିବର୍ତ୍ତନଶୀଳ ତାପମାତ୍ରା, ଅସମୟରେ ବର୍ଷା ଏବଂ ଦୀର୍ଘ ମରୁଡ଼ି ଅନେକ ଫସଲର ଉତ୍ପାଦନକୁ ଗଭୀର ଭାବରେ ପ୍ରଭାବିତ କରିଛି। ତେଣୁ, ଆଜି କେବଳ କୃଷି ପ୍ରଯୁକ୍ତିବିଦ୍ୟା ନୁହେଁ ବରଂ ଚାଷୀ ସ୍ତରରେ ବ୍ୟାପକ ସଚେତନତା, ଫସଲ ବିବିଧତା, ଜଳ ସଂରକ୍ଷଣ ଏବଂ ତାପମାତ୍ରା-ପ୍ରତିରୋଧୀ ବିହନ ଉପରେ ଗବେଷଣା ମଧ୍ୟ ସମାନ ଭାବରେ ଜରୁରୀ। ଭାରତ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ଏହାର ଜଳବାୟୁ ପ୍ରତିବଦ୍ଧତାକୁ ଗମ୍ଭୀରତାର ସହିତ ଅନୁସରଣ କରିଛି। ନବୀକରଣୀୟ ଶକ୍ତି, ବିଶେଷକରି ସୌର ଶକ୍ତି କ୍ଷେତ୍ରରେ ଭାରତର ଅଗ୍ରଗତି ଉଲ୍ଲେଖନୀୟ। କିନ୍ତୁ କେବଳ ଲକ୍ଷ୍ୟ ସ୍ଥିର କରିବା ଯଥେଷ୍ଟ ନୁହେଁ, ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତୃଣମୂଳ ସ୍ତରରେ ଏହାର ପ୍ରକୃତ ପ୍ରଭାବ କେତେ ତାହା ନିରୂପଣ ହେବା ଆବଶ୍ୟକ। ତାପମାତ୍ରା ବୃଦ୍ଧି ପାଇଁ ପଦକ୍ଷେପ ହେଉ କିମ୍ବା କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ଯୋଜନା ହେଉ, ସେମାନଙ୍କର ଫଳାଫଳ କେବଳ କାଗଜପତ୍ରରେ ନୁହେଁ ବରଂ ଗ୍ରାମ ଏବଂ ସହରଗୁଡ଼ିକର ପ୍ରକୃତ ପରିସ୍ଥିତିରେ ଦୃଶ୍ୟମାନ ହେବା ଉଚିତ। ଏହାକୁ ହାସଲ କରିବା ପାଇଁ, ଗ୍ରାମ ପଞ୍ଚାୟତଠାରୁ ଆରମ୍ଭ କରି ପୌର ସଂସ୍ଥା ପର୍ଯ୍ୟନ୍ତ ସମସ୍ତଙ୍କୁ ସମାଧାନ ପ୍ରକ୍ରିୟାରେ ସାମିଲ କରିବା ଅତ୍ୟନ୍ତ ଜରୁରୀ। ବିକାଶ ଏବଂ ପରିବେଶ ସୁରକ୍ଷାକୁ ଅସଙ୍ଗତ ବୋଲି ବିଚାର କରିବା ଏକ ଦୀର୍ଘକାଳୀନ ଭୁଲ୍। ପରିବେଶଗତ ଦୃଷ୍ଟିରୁ ଆଜି ସମସ୍ତ ବିକାଶ ମଡେଲ ସମ୍ବେଦନଶୀଳ ହେବା ଆବଶ୍ୟକ। ଯଦି ବିକାଶ ଜଙ୍ଗଲ କଟାର ମୂଲ୍ୟରେ ଆସେ, ତେବେ ଏହାର ଲାଭ କ୍ଷଣସ୍ଥାୟୀ ଏବଂ କ୍ଷତି ଅଧିକ। ଏହା ମଧ୍ୟ ଏକ ସତ୍ୟ ଯେ ବିଶ୍ୱ କାର୍ବନ ନିର୍ଗମନରେ ଯେଉଁ ଦେଶମାନଙ୍କର ଅବଦାନ ନଗଣ୍ୟ, ସେମାନେ ଜଳବାୟୁ ସଙ୍କଟର ଅଧିକ ସମ୍ମୁଖୀନ ହେଉଛନ୍ତି। ବିକାଶଶୀଳ ଦେଶମାନଙ୍କ ପାଖରେ ଜଳବାୟୁ ବିପର୍ଯ୍ୟୟର ମୁକାବିଲା ପାଇଁ ସୀମିତ ସମ୍ବଳ ଏବଂ ସୀମିତ କ୍ଷମତା ଅଛି। ତେଣୁ, ବିକଶିତ ରାଷ୍ଟ୍ରଗୁଡ଼ିକର ଦାୟିତ୍ୱ କେବଳ ଆର୍ଥିକ ସହାୟତାରେ ନୁହେଁ, ବରଂ ସେମାନଙ୍କର କାର୍ବନ ନିର୍ଗମନରେ ଯଥେଷ୍ଟ ଏବଂ ତୁରନ୍ତ ହ୍ରାସ କରିବାରେ ମଧ୍ୟ ରହିଛି। ଭାରତ ପାଇଁ, ଜଳବାୟୁ ପରିବର୍ତ୍ତନ ଆଉ ଏକ ଦୂର ବିପଦ ନୁହେଁ; ଏହା ପ୍ରତିବର୍ଷ, ପ୍ରତ୍ୟେକ ଋତୁରେ ଆମ ଦ୍ୱାରକୁ କରାଘାତ କରୁଛି।

ଏହା କେବଳ ସରକାରୀ ନୀତି, ଶିଳ୍ପ କିମ୍ବା ଅନ୍ତର୍ଜାତୀୟ ଚୁକ୍ତିନାମାର ବିଷୟ ନୁହେଁ, ବରଂ ସମଗ୍ର ସମାଜର ଦାୟିତ୍ୱ। ଯଦି ଏହାର ମୁକାବିଲାର ପ୍ରୟାସକୁ ଯୁଦ୍ଧକାଳୀନ ସ୍ତରରେ କରା ନ ଯାଏ, ତେବେ ଏହି ସଙ୍କଟ ଆଗାମୀ ଦଶନ୍ଧିରେ କେବଳ ମାନବ ସଙ୍କଟକୁ ବୃଦ୍ଧି କରିବ ନାହିଁ ବରଂ ଭାରତର ବିକାଶ ଯାତ୍ରାକୁ ଗୁରୁତର ଭାବରେ ବାଧା ଦେବ। ସାମଗ୍ରିକ ଭାବରେ, ଏହା କୁହାଯାଇପାରେ ଯେ ଜଳବାୟୁ ସଙ୍କଟ ଏକ ବିଶ୍ୱ ସଙ୍କଟ ଏବଂ ଭାରତକୁ ଏହା ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିବ। ଏହା ଏପରି ଏକ ସମସ୍ୟା ଯାହା ଆମ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଖାଦ୍ୟ ପର୍ଯ୍ୟନ୍ତ ସବୁକିଛିକୁ ପ୍ରଭାବିତ କରୁଛି। ତେଣୁ, ଏହାର ଭୟଙ୍କର ପରିସ୍ଥିତିକୁ ବୁଝିବା ଆବଶ୍ୟକ। ଯଦି ଆମେ ସମୟ ମଧ୍ୟରେ ଜାଗ୍ରତ ନ ହେବା, ତେବେ ଏହି ସମସ୍ୟା ଆହୁରି ବଢ଼ିଯିବ। ଏହି ଅର୍ଥରେ, ଜଳବାୟୁ ବିପଦ ସୂଚକାଙ୍କ-୨୦୨୬ କେବଳ ଏକ ପରିସଂଖ୍ୟାନ ନୁହେଁ, ଏହା ଏକ ଚେତାବନୀ। ଏହା ଦର୍ଶାଏ ଯେ ଜଳବାୟୁ ସଙ୍କଟ ଆଉ ଭବିଷ୍ୟତର କଥା ନୁହେଁ, ବରଂ ବର୍ତ୍ତମାନର ଚରମ ବାସ୍ତବତା।

ମୋ:୯୪୩୭୨୩୨୪୬୩

# ବୁଦ୍ଧି ବିସ୍ଫୋଟ



ଡ. ନରେନ୍ଦ୍ର ସେଠୀ

ବିଜ୍ଞାନ ଦୃଷ୍ଟିରେ ୨୦୨୬କୁ ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣରେ ଦଣ୍ଡାୟମାନ ଥିବାର ଦେଖିବାକୁ ମିଳିଛି। ଏଆଇ ନାମରେ କୃତ୍ରିମ ବୁଦ୍ଧିମତ୍ତା ସମଗ୍ର ବିଶ୍ୱକୁ ବଦଳାଇ ଦେବାର ସାମର୍ଥ୍ୟ ନେଇ ବିଶ୍ୱର ମାନବ ସମ୍ବଳ ଉପରେ କୋପ ଦୃଷ୍ଟି ନିକ୍ଷେପ କରିଛି। ଏଆଇ ଯେତିକି ଦ୍ରୁତ ବେଗରେ ଆମ ଜୀବନ ଶୈଳୀକୁ ପ୍ରଭାବିତ କରୁଛି ଏହା ଦ୍ୱାରା ଏକଥା ସତ୍ୟ ଯେ ଆଗାମୀ ସମୟ ସମ୍ପୂର୍ଣ୍ଣ ରୋବୋ ଦ୍ୱାରା ପରିଚାଳିତ ହେବାକୁ ଯାଉଛି। ବିଶେଷ କରି ହ୍ୟୁମାନୋଏଡ ରୋବୋଗୁଡ଼ିକୁ ନେଇ ବିଜ୍ଞାନ ଅଧିକ ଉତ୍ସାହିତ ଅଛି। ଏହି ହ୍ୟୁମାନୋଏଡ ରୋବୋ କଳକାରଖାନାରୁ ବାହାରି ଆମମାନଙ୍କ ଘର ଓଳେଇବା, ରୋଷେଇ କରିବା, ଜଗୁଆଳି ରହିବା, ଲୁଗାସଫା କରିବା ଇତ୍ୟାଦି ନିତ୍ୟ କାମ କରିବାକୁ ଯାଉଛି ଓ ଏଥିପାଇଁ ଅନେକ ବିଶ୍ୱସ୍ତରୀୟ କମ୍ପାନୀ ଆଗେଇ ଆସିଲେଣି। ଯଦି ଏହା ହୁଏ ତା'ହେଲେ ଅଷ୍ଟାଦଶ ଶତାବ୍ଦୀର ଶିଳ୍ପ ବିପ୍ଳବ ପରେ ଏହା ବିଜ୍ଞାନର ଏକ ବଡ଼ ବିପ୍ଳବ କହିଲେ ଭୁଲ୍ ହେବନାହିଁ। ଏହାକୁ ନେଇ ସବୁଠୁ ବଡ଼ ବିପଦ ମାନବ ସମାଜର ସୁରକ୍ଷା ଉପରେ, ଯାହା 'ଏଆଇ-୨୦୨୭' ନାମକ ରିପୋର୍ଟରେ ସମଗ୍ର ବିଜ୍ଞାନ ଜଗତରେ ଏକ କୋକୁଆ ଭୟ ସୃଷ୍ଟି କରିଛି। ଡାନିଏଲ କୋକୁଟାଯିଲୋ ନାମକ ଜଣେ କମ୍ପ୍ୟୁଟର ବୈଜ୍ଞାନିକ ଏଆଇ -୨ ନାମରେ ଏକ ଗବେଷଣା ରିପୋର୍ଟ ପ୍ରକାଶ କରି ଦାବି କରଛନ୍ତି ଯେ ଆସନ୍ତା କିଛି ବର୍ଷ ଭିତରେ ସମଗ୍ର ମାନବ ସଭ୍ୟତା ଏଆଇ ଯୋଗୁଁ ଲୋପ ପାଇଯିବ। ଏହି ଭବିଷ୍ୟବାଣୀ ପରୀ କାହାଣୀ ପରି ଲାଗୁଥିଲେ ମଧ୍ୟ ଯେଉଁ ଦ୍ରୁତ ଗତିରେ ଏଆଇ ମଣିଷର ଗାଣିତିକ କ୍ଷମତାକୁ ପଛରେ ପକାଇ ମାଡି ଚାଲିଛି, ତାହା ସତ ହୋଇପାରେ। ବିଜ୍ଞାନର ଚମତ୍କାର ଯେଉଁ ଏଆଇକୁ ଜନ୍ମ ଦେଇଛି ତାହା ଦିନକୁ ଦିନ ଅତି ବୁଦ୍ଧିମାନ ଓ ଶକ୍ତିଶାଳୀ ହେବାକୁ ଲାଗିଛି ଯେ ଭିବିଷ୍ୟତରେ ମଣିଷ ଏହାର ପ୍ରଥମ ଶିକାର ହୋଇପାରେ। ମଣିଷର ମସ୍ତିଷ୍କ ନିଜର ବିକାଶ ପାଇଁ ଖାଦ୍ୟ ଆବଶ୍ୟକ କରୁଥିବା ବେଳେ ଏହି ଯାନ୍ତ୍ରିକ ବୁଦ୍ଧିମତ୍ତା ନିଜର ବିଚକ୍ଷଣ ବୁଦ୍ଧିକୁ ପ୍ରଖର କରିବା ପାଇଁ ସର୍ବଦା ତଥ୍ୟ ପାଇଁ ଆତୁର ଥାଏ। ତେଣୁ ମଣିଷ ନିଜର ଆତ୍ମ ଚେତନା ବିକାଶ ପାଇଁ ବେଶ୍ ଦୀର୍ଘ ସମୟ ନେଉଥିବା ବେଳେ କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ ଏହି ଯାନ୍ତ୍ରିକ ହ୍ୟୁମାନୋଏଡ ରୋବୋଗୁଡ଼ିକ ନିମିଷକେ ଚେତନାପ୍ରାପ୍ତ କରିନେବେ। ଏଆଇର ବିବେକ ଶୂନ୍ୟ ପ୍ରଖର ବୁଦ୍ଧି ଜାଣି ପାରେନା 'ମୁଁ କିଏ ଓ ସେ ମାନବର ଚେତନା ଯୁକ୍ତ ବୁଦ୍ଧିକୁ ନକଲ କରି ଘୋର ବିପର୍ଯ୍ୟୟ ସୃଷ୍ଟି କରିପାରେ। ତେଣୁ ବିଜ୍ଞାନ ଏକ ଏପରି ଚମତ୍କାର ପ୍ରସ୍ତୁତ କରି ସାରିଛି ଯିଏ ମଣିଷକୁ ନକଲ କରି ଧୋକା ଦେବା ସଂଗେ ସଂଗେ ପ୍ରତିରୋଧ ମଧ୍ୟ କରିପାରେ।




ବିଜ୍ଞାନର ଏହି ଜୟଯାତ୍ରା ଯୋଗୁ ୨୦୨୭ ବେଳକୁ ଅନେକ ଦେଶରେ ଏଆଇକୁ ବିରୋଧ କରି ବ୍ୟାପକ ଜନ ଆନ୍ଦୋଳନ ହେବାର କୁହାଯାଉଛି। ବୋଧେ ସେଇଥିପାଇଁ କିଛି ବର୍ଷ ପୂର୍ବରୁ ଏକବିଂଶ ଶତାବ୍ଦୀର ସବୁଠୁ ବିଚକ୍ଷଣ ବୈଜ୍ଞାନିକ ଷ୍ଟିଫେନ ହକିନ୍ସ ଭବିଷ୍ୟବାଣୀ କରିଥିଲେ ଯେ ପୃଥିବୀ ଦିନେ ରୋବୋମାନେ ଅକ୍ତିଆର କରି ମଣିଷକୁ ଦାସ କରିନେବେ। ମାନବ ଅସ୍ତିତ୍ୱର ସମ୍ଭାବ୍ୟ ବିନାଶର କାରଣ ମଧ୍ୟରେ ରୋବୋମାନଙ୍କର ଆଧିପତ୍ୟ ସ୍ଥାପନ କରିବା ମଧ୍ୟ ଏକ ସମ୍ଭାବ୍ୟ କାରଣ ହୋଇପାରେ। ରୋବୋକୁ ବିକଶିତ କରିବାର ପ୍ରଚେଷ୍ଟା ଯଦି ଜାରି ରୁହେ ତା'ହେଲେ ଏହା ଭସ୍ମାସୁର ହୋଇ ମଣିଷକୁ ନାଲିଆଖି ଦେଖେଇ ପାରେ। ତେବେ ଏହି ରୋବୋମାନେ ବରଦାନ ସାବ୍ୟସ୍ତ ହୋଇ ମଣିଷର ଅନେକ କାର୍ଯ୍ୟ କରିପାରୁଛନ୍ତି ଓ ସୂଚନା ବିଜ୍ଞାନ କ୍ଷେତ୍ରରେ ମଣିଷ ପାଇଁ ନୂତନ ନିଯୁକ୍ତି ସୁଯୋଗ ତିଆରି ହୋଇଛି। ଟିକେ ଅଧିକ ବୁଦ୍ଧି ଥିବାରୁ ମଣିଷ ସିମ୍ପାଞ୍ଜିମାନଙ୍କୁ ଛାଡି ଆଜି ଏ ସୋପାନରେ ପହଞ୍ଚିଛି। ଏପର୍ଯ୍ୟନ୍ତ ମଣିଷ ତା'ର ବୁଦ୍ଧିମତ୍ତାକୁ ଆହୁରି ବଢ଼େଇବାକୁ ପ୍ରୟାସ ଜାରିରଖିଛି। ଯାହା ଫଳରେ ଅତି ବୁଦ୍ଧିମାନ ରୋବୋ ତିଆରି କରି ଅନେକ ଆସାଧ୍ୟ କାମକୁ ନିମିଷକେ କରିପାରୁଛି। ଏହି ପରିପ୍ରେକ୍ଷୀରେ ମହାନ୍ ବୈଜ୍ଞାନିକ ଷ୍ଟିଫେନ୍ ହକିନସଙ୍କ ଆକଳନ ଅନୁସାରେ ଭବିଷ୍ୟତରେ ମଣିଷ ଓ ମଣିଷ ତିଆରି ରୋବୋ ମଧ୍ୟରେ ସଂଘର୍ଷ ହେବ ଓ ରୋବାମାନେ ପୃଥିବୀ ଉପରେ ଆଧିପତ୍ୟ ଜମେଇବାର ସମ୍ଭାବନା ଅଛି। ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଅସମ୍ଭବ ନୁହେଁ। ଏହି ସମସ୍ୟାକୁ ବୁଦ୍ଧି ବିସ୍ଫୋଟ କୁହାଯାଉଛି, ଯାହାଫଳରେ ନିଜେ ରୋବୋ ଓ କମ୍ପ୍ୟୁଟରଗୁଡ଼ିକ ନିଜ ପାଇଁ ଅତି ପ୍ରଖର ପ୍ରୋଗ୍ରାମ ତିଆରି କରିନେବେ ଏବଂ ମଣିଷକୁ ନିଜର ଦାସ କରିନେବେ। ଯଦିଓ ଏହା ଉପରେ ମାନବ ସମାଜ ଏତେ ଗୁରୁତ୍ୱ ଦେଇନି, ଏହା ଦିନେ ମଣିଷ ଅସ୍ତିତ୍ୱକୁ ସଙ୍କଟରେ ପକାଇ ପାରେ।

ମହାଦେବଙ୍କଠାରୁ ବରପ୍ରାପ୍ତ ହେବା ପରେ ଭସ୍ମାସୁର ପରୀକ୍ଷା କରିବା ପାଇଁ ଶିବଙ୍କୁ ଗୋଡ଼ାଇଥିବାର ଉଦାହରଣ ଆମେ ପୌରାଣିକ କଥାରେ ଶୁଣିଛେ। ଦିନେ ଏହି ଯନ୍ତ୍ର ମାନବ ଅଣ୍ଟି ଛୁରି ତଣ୍ଟି କାଟିବା ଆଳରେ ମଣିଷର ବିନାଶର କାରଣ ନ ହେଉ। ବିଜ୍ଞାନ କେତେଦୂର ଓ କେଉଁ ସୀମା ପର୍ଯ୍ୟନ୍ତ ଯିବା ଉଚିତ ତାହାର କିଛି ମାପଦଣ୍ଡ ନାହିଁ। ଜ୍ଞାନ ପିପାସୁ ମଣିଷର ଜିଜ୍ଞାସାକୁ ବିଜ୍ଞାନ ସର୍ବଦା ଜବକାଚରେ ପରୀକ୍ଷା କରିଛି। ବିଜ୍ଞାନର ଚରମ ଖ୍ୟାତି ଓ ଉନ୍ନତି କେବେ ସଂସାରରେ ମଣିଷର ଆଧିପତ୍ୟକୁ ପ୍ରଶ୍ନ ନ କରୁ। ବିଜ୍ଞାନର ଚମତ୍କାର ସୃଷ୍ଟି ଏଆଇ ବହୁ ଜନ କଲ୍ୟାଣକାରୀ କେମିତି ହେବ ଓ ଭବିଷ୍ୟତରେ ବିପର୍ଯ୍ୟୟ ସୃଷ୍ଟି ନ କରିବ ସେଥିପାଇଁ ଗହନ ଗବେଷଣା ଜରୁରୀ।

ମୋ: ୭୦୦୪୦୬୮୧୧୦

## ଏଇ ଭାରତରେ

ଏବେ ବିବାହ ଉତ୍ସବରେ ପରିବେଶ ପ୍ରଦୂଷଣକାରୀ କାର୍ଯ୍ୟ ଦେଖିବାକୁ ମିଳୁଛି। ଖାଦ୍ୟ ନଷ୍ଟ ସହ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌ର ବ୍ୟାପକ ବ୍ୟବହାର କରାଯାଉଛି। ହେଲେ ମଧ୍ୟପ୍ରଦେଶରେ ଦେଖିବାକୁ ମିଳିଛି ମୟଙ୍କ ଓ ରାଶିଙ୍କ ମଧ୍ୟରେ ହୋଇଥିବା ଏକ ନିଆରା ବାହାଘର, ଯାହା ବିନା ବର୍ଜ୍ୟରେ ବାହାଘର ଉତ୍ସବକୁ ଉପଭୋଗ କରାଯାଇପାରେ ବୋଲି ବାର୍ତ୍ତା ଦେଇଛି। ଏହି ଉତ୍ସବରେ ୨୫୦୦ ଅତିଥି ଯୋଗଦେଇଥିଲେ। ସାଜସଜ୍ଜାରେ ଜଳ ସଂରକ୍ଷଣ, ରକ୍ତଦାନ ଏବଂ ହେଲ୍‌ମେଟ୍ ସୁରକ୍ଷା ସମ୍ପର୍କିତ ସଚେତନାତ୍ମକ ବାର୍ତ୍ତା ଭରି ରହିଥିଲା। ଏହି ବାହାଘର ଭୋଜିରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରାଯିବା ସହ ବାଣ ଫୁଟାଯାଇ ନ ଥିଲା। ପତ୍ରଥାଳିରେ ଖାଦ୍ୟ ପରଷାଯାଇଥିଲା। ବାହାଘରରେ କୌଣସି ଅର୍ଥ କିମ୍ବା ଜିନିଷ ଉପହାର ଆକାରରେ ଦିଆଯାଇନାହିଁ, ବରଂ ୨୧ଟି ଚାରା ଗଛ ଉପହାର ଆକାରରେ ଗ୍ରହଣ କରାଯାଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

### ୨୦ ଜାନୁଆରୀ ୧୯୭୭

- ମୌନୀ ଅମାବାସ୍ୟା ଉପଲକ୍ଷେ ଗଙ୍ଗା-ଯମୁନା ସଙ୍ଗମ ସ୍ଥଳରେ ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ପୁରୁଷ, ମହିଳା ଓ ଶିଶୁ ବୁଡ଼ ପକାଇଛନ୍ତି।
- ସମ୍ବିଧାନର ୮୫ ଦଫା ଅନ୍ତର୍ଗତ ୨ୟ ଧାରାର 'ଖ' ଉପଧାରାରେ ନ୍ୟସ୍ତ କରାଯାଇଥିବା କ୍ଷମତା ଅନୁଯାୟୀ ରାଷ୍ଟ୍ରପତି ଫକିରୁଦ୍ଦିନ ଅଲ୍ଲୀ ମହମ୍ମଦ ଲୋକସଭା (୫ମ) ଭାଙ୍ଗି ଦେଇଛନ୍ତି।
- ଶୋଚନୀୟ ବିମାନ ଦୁର୍ଘଟଣାରେ ଯୁଗୋସ୍ଲୋଭିୟାର ପ୍ରଧାନମନ୍ତ୍ରୀ ଡିଜ୍‌ମାଲ ବିଜେଡିକ୍‌ଙ୍କ ପରଲୋକ।
- ଭିଏତ୍‌ନାମର ବିଭିନ୍ନ ରାଜନୈତିକ ଦଳ ମିଶି ଏକ ଜାତୀୟ ମିଳିତ ସାମ୍ମୁଖ୍ୟ ଗଠନ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | | 1 | | | | 5 | 3 | |
| | 7 | 6 | 9 | 3 | | | | |
| 7 | | 8 | 6 | | | | 4 | |
| | | | 7 | | | | | |
| | 5 | 4 | | | | | 1 | 8 |
| | | | | 7 | | | 8 | |
| | 9 | 3 | | 2 | | | | |
| | | | 1 | | 8 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 9 | 5 | 1 | 3 | 8 | 2 | 7 |
| 1 | 2 | 8 | 6 | 7 | 4 | 5 | 9 | 3 |
| 7 | 3 | 5 | 2 | 9 | 8 | 4 | 1 | 6 |
| 5 | 8 | 7 | 1 | 3 | 6 | 9 | 4 | 2 |
| 4 | 9 | 6 | 8 | 2 | 7 | 3 | 5 | 1 |
| 3 | 1 | 2 | 4 | 5 | 9 | 7 | 6 | 8 |
| 2 | 7 | 4 | 9 | 8 | 1 | 6 | 3 | 5 |
| 9 | 5 | 3 | 7 | 6 | 2 | 1 | 8 | 4 |
| 8 | 6 | 1 | 3 | 4 | 5 | 2 | 7 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମହାନଦୀର ଅସ୍ତିତ୍ୱ ସଙ୍କଟରେ

ମହାଶୟ,

ସମୟ ଥିଲା ମହାନଦୀରେ ଜଳ ପରିପୂର୍ଣ୍ଣ ରହୁଥିଲା। ଗ୍ରୀଷ୍ମକାଳରେ ମଧ୍ୟ ନଦୀ ଶୁଷ୍କ ହେଉ ନ ଥିଲା। ଆଜି ଗ୍ରୀଷ୍ମ ଆସିବା ପୂର୍ବରୁ ଅନେକ ସ୍ଥାନରେ ଜଳଧାରା ସଙ୍କୁଚିତ ହେଉଛି। ଏହା ପଛରେ ଅନେକ କାରଣ ରହିଛି। ଉପର ଅଞ୍ଚଳରେ ଅତ୍ୟଧିକ ବନ୍ଧ ଓ ଜଳାଶୟ ନିର୍ମାଣ, ଅନିୟନ୍ତ୍ରିତ ଜଳ ଉତ୍ତୋଳନ, ଜଙ୍ଗଲ କଟା, ନଦୀକୂଳରେ ଅବୈଧ ବାଲି ଖନନ ଏସବୁ ମିଶି ମହାନଦୀର ସ୍ୱାଭାବିକ ପ୍ରବାହକୁ ଅବରୋଧ କରିଛି। ତା' ସହ ଜଳବାୟୁ ପରିବର୍ତ୍ତନ ଫଳରେ ବର୍ଷାର ଅସମାନ ବଣ୍ଟନ ସମସ୍ୟାକୁ ଗୁରୁତର କରିଦେଇଛି। ମହାନଦୀ ଉପରେ ନିର୍ଭରଶୀଳ ଲକ୍ଷାଧିକ ଚାଷୀ ସିଞ୍ଚନ ଜଳ ଅଭାବରେ ଚିନ୍ତିତ। ପାନୀୟ ଜଳ ସମସ୍ୟା ଧୀରେ ଧୀରେ ଗମ୍ଭୀର ହେଉଛି। ମତ୍ସ୍ୟଜୀବୀ ସମୁଦାୟର ଜୀବିକା ମଧ୍ୟ ଭାରି ସଙ୍କଟରେ। ଏହି ପରିସ୍ଥିତିରେ ମହାନଦୀକୁ ବଞ୍ଚାଇବା ପାଇଁ କେବଳ ସଭା, ସେମିନାର ବା ଆଲୋଚନା ପର୍ଯ୍ୟାପ୍ତ ନୁହେଁ। ଆବଶ୍ୟକ ଗଭୀର, ସମନ୍ୱିତ ଓ ଦୂରଦର୍ଶୀ କାର୍ଯ୍ୟ ପରିକଳ୍ପନା। ନଦୀର ସ୍ୱାଭାବିକ ପ୍ରବାହ ରକ୍ଷା ପାଇଁ ପାରଦର୍ଶୀ ଓ ନ୍ୟାୟସଙ୍ଗତ ଜଳନୀତି ଗଠନ ଅତ୍ୟାବଶ୍ୟକ। ନଦୀକୂଳରେ ଜଙ୍ଗଲ ସୁରକ୍ଷା, ଅବୈଧ ବାଲି ଖନନ ଉପରେ କଠୋର ନିୟନ୍ତ୍ରଣ ଓ ପ୍ରଦୂଷଣମୁକ୍ତ ମହାନଦୀ ଗଠନ ପାଇଁ ସରକାରୀ ପଦକ୍ଷେପ ସହ ସାଧାରଣ ନାଗରିକଙ୍କ ସଚେତନ ଭୂମିକା ଅତ୍ୟନ୍ତ ଜରୁରୀ। ମହାନଦୀ ବଞ୍ଚିଲେ ଓଡ଼ିଶା ବଞ୍ଚିବ। ଏହି ନଦୀକୁ ଅବହେଳା କରିବା ମାନେ ଆମେ ନିଜ ଆଗାମୀ ପିଢ଼ିଙ୍କ ଭବିଷ୍ୟତ ସହ ଖେଳୁଛୁ। ତେଣୁ ଏହା କେବଳ ଏକ ନଦୀକୁ ବଞ୍ଚାଇବାର ଲଢ଼େଇ ନୁହେଁ, ଓଡ଼ିଶାର ଅସ୍ତିତ୍ୱ ଓ ଆଗାମୀକାଲିକୁ ରକ୍ଷା କରିବାର ଜରୁରୀ ଆହ୍ୱାନ।

-ସିତାଂଶୁ ଶେଖର ମିଶ୍ର, ଶାନ୍ତିନଗର, ସୋନପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

କେଉଁ ପଥେ ଚାଲିଛି ମୁଁ
ଜାଣେ ନାହିଁ ନିଜେ,
ଜାଣେ ନାହିଁ ଅଛି ଏଥି
କ୍ଷତି ଲାଭ କି ଯେ !
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଜିଲା ମହୋତ୍ସବ ଭଦ୍ରାୟଣୀ ଓ ପଲ୍ଲିଶ୍ରୀ ମେଳା

## ଖାଦ୍ୟ ଷ୍ଟଲ୍‌ରେ ଜମିଲା ଭିଡ଼

ଭଦ୍ରକ,୧୯।୧(ସନାତନ ରାଉତ)

ଭଦ୍ରକ ନେହେରୁ ଷ୍ଟାଡିୟମ୍‌ରେ ରବିବାର ରାତି ୯ଟାରେ ଜିଲା ମହୋତ୍ସବ ଭଦ୍ରାୟଣୀ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ମହୋତ୍ସବରେ ଅତିଥି ଭାବେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାସୁଦେବପୁର ବିଧାୟକ ଅଶୋକ ଦାସ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲାପାଳ ଦିଲୀପ ରାଉତରାଏ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଯେନା ଓ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଯୋଗ ଦେଇଥିଲେ। ଏହି ମହୋତ୍ସବ ମାଧ୍ୟମରେ ଗ୍ରାମାଞ୍ଚଳରେ ପ୍ରସ୍ତୁତ ହେଉଥିବା ବିଭିନ୍ନ ପାରମ୍ପରିକ ସାମଗ୍ରୀର ବଜାର ସୁବିଧା ସହ ଲୋକଲୋଚନକୁ ଆଣିବା ସମ୍ଭବ ହୋଇପାରିଛି ବୋଲି ଅତିଥିମାନେ କହିଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ପ୍ରଥମେ ମେଳାରେ ପଡ଼ିଥିବା ଷ୍ଟଲ୍ ପରିଦର୍ଶନ କରି ବିଭିନ୍ନ ସାମଗ୍ରୀ ଦେଖିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଓଲିଉଡ୍ ଗାୟକ ସ୍ୱୟମ୍ ପାଢ଼ୀଙ୍କ ସଙ୍ଗୀତରେ ଦର୍ଶକମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଝୁମିଥିଲେ। ଏହାବ୍ୟତୀତ ପୁରୀରୁ ଆସିଥିବା ମାଲଖମ୍ ଓ ସ୍ଥାନୀୟ ନୃତ୍ୟ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଏହି ଅବସରରେ ଗୋଟିଏ ଗୋଡ଼ ହରାଇଥିବା ଓଡ଼ିଶୀ ନୃତ୍ୟଶିଳ୍ପୀ ନିତ୍ୟାନନ୍ଦ ଦାସ ଓ ୟୁପିଏସ୍‌ସି ପରୀକ୍ଷାର୍ଥୀଙ୍କ ପାଇଁ 'ଦ ଲାଷ୍ଟ ଏକ୍‌ଜାମ୍' ବହି ଲେଖି ୟଙ୍ଗେଷ୍ଟ ମୋଟିଭେସନାଲ ଅଥର୍ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଓ ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡ ପୁରସ୍କାର ପାଇଥିବା ବନ୍ତ ବ୍ଲକ ବାଙ୍ଗୋରପଦୀ ଗ୍ରାମର ଭାସ୍କର ସାହୁଙ୍କ ପୁଅ ତଥା ଭଦ୍ରକ ଏସ୍‌ବିଡି ସ୍କୁଲର ୭ମ ଶ୍ରେଣୀ ଛାତ୍ର ନିତିନଜିତ୍ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଷ୍ଟଲ୍‌ରେ ସ୍ଥାନିତ ହୋଇଥିବା ବେଳେ ଚଳିତବର୍ଷ ପ୍ରଥମଥର ଭଦ୍ରାୟଣୀ ମହୋତ୍ସବରେ ସୁଭଦ୍ରା ଶକ୍ତି, ମତ୍ସ୍ୟ ଓ ପ୍ରାଣିସମ୍ପଦ, କୃଷି ଯନ୍ତ୍ରପାତି, ପୁସ୍ତକ ମେଳା ଆଦି ସ୍ଥାନିତ କରାଯାଇଛି। ଅନ୍ୟବର୍ଷ ଅପେକ୍ଷା ଷ୍ଟଲ୍ ସଂଖ୍ୟା ବୃଦ୍ଧି ହୋଇଥିବା ବେଳେ ଚଳିତବର୍ଷ ୪୧୦ଟି ଷ୍ଟଲ୍ କରାଯାଇଛି। ପ୍ରଥମ ଦିନରେ କିଛି ଷ୍ଟଲ୍ ଫାଙ୍କା ପଡ଼ିଥିବା ଦେଖାଯାଇଥିଲା। ଉଦ୍‌ଘାଟନୀ ସନ୍ଧ୍ୟା ରବିବାର ଥିବାରୁ ଫୁଡ୍‌ଷ୍ଟଲ୍‌ରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବାମ୍ଫୁ ଚିକେନ୍, ମଟନ ମୁଢ଼ି, ଫାଷ୍ଟଫୁଡ୍ ଷ୍ଟଲ୍‌ରେ ଭିଡ଼ ଲାଗିରହିଥିଲା।



ଓଡ଼ିଶୀ ନୃତ୍ୟଶିଳ୍ପୀ ନିତ୍ୟାନନ୍ଦ ଦାସ ଓ ବନ୍ତ ବ୍ଲକ ବାଙ୍ଗୋରପଦୀ ଗ୍ରାମର ଛାତ୍ର ନିତିନଜିତ୍ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଉତ୍ତେଜନା, ଅଧାରୁ କାର୍ଯ୍ୟକ୍ରମ ବନ୍ଦ

## ଷ୍ଟଲ୍ ବଣ୍ଟନରେ ହେରଫେର, ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥିଙ୍କୁ ନେଇ ଅସନ୍ତୋଷ



ଯୁବକମାନେ ମଞ୍ଚ ଆଗରେ ହୋହଲ୍ଲା କରୁଛନ୍ତି।

ଭଦ୍ରକ,୧୯।୧(ସନାତନ ରାଉତ)

ଭଦ୍ରକ ଜିଲା ମହୋତ୍ସବ 'ଭଦ୍ରାୟଣୀ'ର ସୋମବାର ଥିଲା ୨ୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ କାର୍ଯ୍ୟକ୍ରମ ଆରମ୍ଭ ହେବା ମାତ୍ରେ ଉତ୍ତେଜନା ପ୍ରକାଶ ପାଇବାରୁ କାର୍ଯ୍ୟକ୍ରମ ସ୍ଥଗିତ ରହିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ସନ୍ଧ୍ୟା ୬ଟାରେ କେତେଜଣ ଯୁବକ ପହଞ୍ଚି ଷ୍ଟଲ୍ ବଣ୍ଟନରେ ହେରଫେର ହୋଇଥିବା ଅଭିଯୋଗ କରି ହୋହଲ୍ଲା କରିବା ସହ କାର୍ଯ୍ୟକ୍ରମ ବନ୍ଦ କରିଥିଲେ। ଜିଲା ମହୋତ୍ସବରେ ସ୍ଥାନୀୟ ଲୋକଙ୍କୁ ଷ୍ଟଲ୍ ନ ଦେଇ ଅଧିକ ଟଙ୍କା ନେଇ ବାହାର ଲୋକଙ୍କୁ ଷ୍ଟଲ୍ ଦିଆଯାଇଥିବା ସେମାନେ ଅଭିଯୋଗ ଆଣିଛନ୍ତି। ଅପରପକ୍ଷେ ଉଦ୍‌ଘାଟନୀ ସନ୍ଧ୍ୟାରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ କାହିଁକି ମୁଖ୍ୟଅତିଥି ଘୋଷଣା କରାଗଲା ବୋଲି ପ୍ରଶ୍ନ କରି ସେମାନେ ହୋହଲ୍ଲା କରିଥିଲେ। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମ ବନ୍ଦ କରିଥିବା ଯୁବକମାନଙ୍କୁ ବୁଝାଇବା ସହ ଆଲୋଚନା କରିଥିଲେ। ଏହାମଧ୍ୟରେ ୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କୌଣସି ସମାଧାନ ବାହାରି ନ ପାରିବାରୁ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ତେବେ ମେଳାରେ ସ୍ଥାନ ପାଇଥିବା ଷ୍ଟଲ୍ ଖୋଲା ରହିଥିବା ବେଳେ ମଞ୍ଚ କାର୍ଯ୍ୟକ୍ରମ ବନ୍ଦ ରଖାଯାଇଛି।

# 'ଚିରନ୍ତନତାର ଠିକଣା ବନ୍ଦେ ମାତରମ୍ ସଙ୍ଗୀତ'

## ବ୍ଲକ୍‌ସ୍ତରୀୟ ସାମୂହିକ ରାଷ୍ଟ୍ର ଗୀତ ଗାନ କାର୍ଯ୍ୟକ୍ରମ

ତିହିଡ଼ି,୧୯।୧(ସଞ୍ଜିତ ବଳ)

'ବନ୍ଦେ ମାତରମ୍' କେବଳ ଏକ ସଙ୍ଗୀତ ନୁହେଁ, ଶକ୍ତି ସଞ୍ଚୟ ପାଇଁ ଏହା ପ୍ରେରଣା। ପ୍ରତ୍ୟେକଙ୍କ ହୃଦୟକୁ ସ୍ପର୍ଶ କରୁଥିବା ଏହି ସଙ୍ଗୀତ ଚିରନ୍ତନତାର ଠିକଣା ବୋଲି ତିହିଡ଼ି ବ୍ଲକ୍‌ସ୍ତରୀୟ ସାମୂହିକ ରାଷ୍ଟ୍ର ଗୀତ ଗାନ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ୍‌ର ୧୫୦ବର୍ଷ ଅବସରରେ ତିହିଡ଼ିସ୍ଥିତ ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ ପରିସରରେ ସୋମବାର ପୂର୍ବାହ୍ନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ନିରଞ୍ଜନ ବାରିକ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଅବନ୍ତୀ ଦାସ ଯୋଗଦେଇ ଏକଦା ଏହି ସଙ୍ଗୀତ ଏକତାବଦ୍ଧ ହେବାକୁ ପ୍ରେରଣା ଦେଇଥିଲା ବୋଲି କହିଥିଲେ। ମୁଖ୍ୟବକ୍ତା ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଅନ୍ୟତମ ଅତିଥି ଭାବେ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତି, ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଡ. ଅମୂଲ୍ୟ ସେନାପତି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଦେବକିଶୋର ଦାସ ଓ ଛାତ୍ରୀମାନେ ବନ୍ଦେ ମାତରମ୍ ଗାନ କରିଥିବା ବେଳେ ଶିକ୍ଷକ କୃପାସିନ୍ଧୁ ମହାନ୍ତି ସଙ୍ଗୀତର ସ୍ରଷ୍ଟା ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସ୍ୱଦେଶୀ ସଂକଳ୍ପ ପତ୍ର ପାଠ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ଲକ କୃଷି ଅଧିକାରୀ ଅମର ପ୍ରସାଦ ସାହୁ, ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ, ଡବ୍ଲ୍ୟୁଇଓ ସୌମ୍ୟା ସୁଚରିତା ମହାନ୍ତି, ଅଧ୍ୟାପିକା ଉଷାରାଣୀ ଜେନା, ସ୍ୱାସ୍ଥ୍ୟକେନ୍ଦ୍ର ବିତ୍ତୀୟ ଅଧିକାରୀ ବିପ୍ଳବ ରଞ୍ଜନ ପତି, ପ୍ରଧାନଶିକ୍ଷୟିତ୍ରୀ ରେବତୀ ପଲାଇ, ଶିକ୍ଷକ ମନ୍ମଥ ଦାସ, ନିର୍ମଳ ଦାସ, ବଂଶୀଧର ଦାସ, ଦେବବ୍ରତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସିଆର୍‌ସିସି କେଶବ ଚନ୍ଦ୍ର ସାହୁଙ୍କ ସମେତ ହିମାନୀ ମଲ୍ଲିକ, ଅନ୍ନପୂର୍ଣ୍ଣେଶ୍ୱରୀ ସାହୁ, ପ୍ରଫୁଲ୍ଲ ସାହୁ, ରଶ୍ମିରେଖା ସୂତାର, ବନଜ୍ୟୋସ୍ନା ପରିଡ଼ା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଦେଶାତ୍ମବୋଧକ ଗୀତରେ ନୃତ୍ୟ ପରିବେଷଣ କରିଥିଲେ।



ଅତିଥିମାନେ ସ୍ୱଦେଶୀ ସଂକଳ୍ପ ପତ୍ର ପାଠ କରୁଛନ୍ତି।

# ନାବାଳିକା ଅପହରଣ, ଅସଦାଚରଣ ମାମଲା, ୨ ଗିରଫ

ବାସୁଦେବପୁର,୧୯।୧(କାଳିପଦ ରାୟ): ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାବରଙ୍ଗ ପୋଲିସ ପୃଥକ୍ ନାବାଳିକା ଅପହରଣ ଓ ଅସଦଚରଣ ମାମଲାରେ ୨ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ତିହିଡ଼ି ଥାନା ଅଧୀନ ମନ୍ଦାରମାଳ କୁବେରା ଗ୍ରାମର କାର୍ତ୍ତିକେଶ୍ୱର ନାୟକ(୩୦) ଓ ଗୋରାମାଟି ପଞ୍ଚାୟତ ତୋରଣପଦା ଗ୍ରାମର ସନ୍ତୋଷ କୁମାର ପଲେଇ(୧୯)। ସୂଚନା ଅନୁଯାୟୀ, ୨ବର୍ଷ ତଳେ କାର୍ତ୍ତିକ ଜଣେ ନାବାଳିକାଙ୍କୁ ଅପହରଣ କରିଥିଲେ। ପରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିଥିବା ବେଳେ ସେ ଫେରାର ଥିଲେ। ତାଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା ଥିଲା। ସାବରଙ୍ଗ ପୋଲିସ ଏସ୍‌ଆଇ ଜୟଶ୍ରୀ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କୁ ଗତ ଶନିବାର ବେଙ୍ଗାଲୁରୁରୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୨୫୭/୨୩) ରୁଜୁ ହୋଇଥିଲା। ସେହିପରି ସପ୍ତାହେ ପୂର୍ବରୁ ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାରେ ସନ୍ତୋଷଙ୍କୁ ପୋଲିସ ଗିରଫ କରିଛି। ଏନେଇ ସାବରଙ୍ଗ ଥାନାରେ ମାମଲା (ନଂ.୨୧/୨୬) ରୁଜୁ ହୋଇଥିଲା।

# ଭୁଲ୍ ଚାଲାଣ ହଟାଇବାକୁ ପ୍ରତିଶ୍ରୁତି

ଆଗରପଡ଼ା,୧୯।୧(ସୁଶାନ୍ତ ଦାସ)

**ଧରିତ୍ରୀ ପ୍ରଭାବ**

**ଅଟୋ ଚାଳକଙ୍କୁ ହେଲ୍‌ମେଟ୍ ଚାଲାଣ ଘଟଣା**

ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବଡ଼ମହିଷଗୋଠ ପଞ୍ଚାୟତ ନିବାସୀ ରାମକୃଷ୍ଣ ନାଥଙ୍କ ଅଟୋରେ ହେଲ୍‌ମେଟ୍ ଚାଲାଣ ସମ୍ପର୍କିତ ଖବର ସୋମବାର ଧରିତ୍ରୀରେ ପ୍ରକାଶ ପରେ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପୋଲିସ ବିଭାଗର ଭୁଲ୍ ଯୋଗୁ ଅଟୋରେ ହେଲ୍‌ମେଟ୍ ଚାଲାଣ କଟିଥିବା ଜଣାପଡ଼ିଥିଲା। ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ପରାମର୍ଶକ୍ରମେ ରାମକୃଷ୍ଣ ସୋମବାର ଏସ୍‌ପିଙ୍କ ଅଫିସରେ ଜଣାଇବା ପରେ ଭୁଲ୍ ଚାଲାଣକୁ ହଟାଇ ଦିଆଯିବ ବୋଲି ତାଙ୍କୁ ପ୍ରତିଶ୍ରୁତି ଦିଆଯାଇଛି। ଧରିତ୍ରୀରେ ଖବର ପ୍ରକାଶ ପରେ ଖୁବ୍‌ଶୀଘ୍ର ତାଙ୍କ ସମସ୍ୟା ସମାଧାନ ହୋଇଥିବାରୁ ସେ କୃତଜ୍ଞତା ଜଣାଇଛନ୍ତି। ସୂଚନାଥାଉ କି, ରାମକୃଷ୍ଣ ନିଜ ଅଟୋର ପଲ୍ୟୁଶନ ନିୟନ୍ତ୍ରଣ ସାର୍ଟିଫିକେଟ୍ ବାହାର କରିବାକୁ ଯାଇଥିବା ବେଳେ ତାଙ୍କର ହେଲ୍‌ମେଟ୍ ଚାଲାଣ କଟିଥିବା ଜାଣିବାକୁ ପାଇଥିଲେ।

# ଶିକ୍ଷକ କ୍ରିକେଟ ଟୁର୍ନାମେଣ୍ଟ ବିଇଓ ଅଫିସ ଟିମ୍‌କୁ ଚାମ୍ପିୟନ ଟ୍ରଫି

ଧାମନଗର,୧୯।୧(ଦେବେନ୍ଦ୍ର ଆଢ଼ିଆ): ଧାମନଗର ବ୍ଲକ ଜୟନଗରସ୍ଥିତ ଖେଳପଡ଼ିଆରେ ରବିବାର ବ୍ଲକ୍‌ସ୍ତରୀୟ ଶିକ୍ଷକ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଇଓ ଅଫିସ ଟିମ୍ ଚାମ୍ପିୟନ ହୋଇଛି। ୮ ଟିମ୍ ଭାଗ ନେଇଥିଲେ। ବିଇଓ ଅଫିସ ସହ ଇନ୍ଦ୍ରଗୋବିନ୍ଦ କ୍ଲଷ୍ଟର, ଖଙ୍ଗରା କ୍ଲଷ୍ଟର ସହ ବିରୁହାଁ କ୍ଲଷ୍ଟର, ଖଡ଼ିପଦା କ୍ଲଷ୍ଟର ସହ ତାଳପଦା କ୍ଲଷ୍ଟର, ଧୁଷୁରୀ କ୍ଲଷ୍ଟର ସହ ନଦୀଗାଁ କ୍ଲଷ୍ଟର ମଧ୍ୟରେ କ୍ୱାର୍ଟର ମ୍ୟାଚ୍ ହୋଇଥିଲା। ବିଇଓ ଅଫିସ ଓ ଖଡ଼ିପଦା କ୍ଲଷ୍ଟର ମଧ୍ୟରେ ପ୍ରଥମ ସେମିଫାଇନାଲ, ଖଙ୍ଗରା କ୍ଲଷ୍ଟର ଓ ନଦୀଗାଁ କ୍ଲଷ୍ଟର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ବିଇଓ ଅଫିସ ଓ ଖଙ୍ଗରା କ୍ଲଷ୍ଟର ଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ବିଇଓ ଅଫିସ ଟିମ୍ ୬ ଓଭରରେ ୬ ଉଇକେଟ ହରାଇ ୬୪ ରନ୍ କରିଥିଲା। ଖଙ୍ଗରା କ୍ଲଷ୍ଟର ୬ ଓଭରରେ ୪ ଉଇକେଟ ହରାଇ ୪୮ ରନ୍ କରିବାରେ ସକ୍ଷମ ହୋଇଥିଲା। ଅମ୍ପାୟର ଭାବେ ଏମ୍ ଡି ସଲାଉଦ୍ଦିନ ଓ ଅଶ୍ୱିନୀ କୁମାର ବେହେରା ପରିଚାଳନା କରିଥିବା ବେଳେ ଚିତ୍ତରଞ୍ଜନ ସେଠୀ ସ୍କୋରର ଥିଲେ। ରୂପକ ମିଶ୍ର, ଭର୍ତ୍ତ ତରାଇ ଓ ଅଜିତ ରଣା ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ରୀଡ଼ାମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ମହାପାତ୍ର ଓ ଭାଜପା ନଗର ସଭାପତି ପ୍ରଶାନ୍ତ ପରିଡ଼ା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମନୋଜ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟର ଅଧକ୍ଷା ତନବିର ଆବିଦ, ଏମ୍‌ପି ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ଭାବଗ୍ରାହୀ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍, ମ୍ୟାନ୍ ଅଫ୍ ଦି ସିରିଜ, ବେଷ୍ଟ ବୋଲର, ବେଷ୍ଟ ଉଇକେଟକିପର, ବେଷ୍ଟ ଫିଲ୍ଡର ବେଷ୍ଟ କ୍ୟାଚର, ଡିସିପ୍ଲିନ ଟିମ୍ ଓ ବେଷ୍ଟ ଗେମ୍ ଚେଞ୍ଜରଙ୍କୁ ପୁରସ୍କୃତ କରାଯାଇଥିଲା।

# ଖବରଦାତା ସଂଘର ସାଙ୍ଗଠନିକ ବୈଠକ

ଧାମନଗର,୧୯।୧(ଦୀନକୃଷ୍ଣ ମହାପାତ୍ର)

ଧାମନଗର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ବନ୍ଧୁମିଳନ ଓ ସାଙ୍ଗଠନିକ ବୈଠକ ରବିବାର ସନ୍ଧ୍ୟାରେ ଧାମନଗରସ୍ଥିତ ଜଳସେଚନ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପୂର୍ବ ରଞ୍ଜନ ବେହେରା, ଧାମନଗର ସଂଘର ସଭାପତି ସୁଶାନ୍ତ କୁମାର ରାଉତ, ସମ୍ପାଦକ ବିବେକାନନ୍ଦ ପଣ୍ଡା, ଜାଫର ଅଲ୍ଲୀ, ସନ୍ତୋଷ କୁମାର ଦାସ, ସଞ୍ଜୀବ ନାୟକ, ଜଗନ୍ନାଥ ବେହେରା, ରତିକାନ୍ତ ନାୟକ, ପ୍ରଶାନ୍ତ ଦ୍ୱିବେଦୀ, ଦୁର୍ଗାପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ସଂଘକୁ କିପରି ଧାମନଗରରେ ସୁଦୃଢ଼ କରାଯାଇପାରିବ ତାହା ଉପରେ ଆଲୋଚନା କରାଯାଇଥିଲା। ତେବେ ସଂଘରେ ରହି ସଂଘ ବିରୋଧୀ କାର୍ଯ୍ୟ କରଥିବା ସଦସ୍ୟଙ୍କୁ ବହିଷ୍କୃତ କରାଯିବା ସହ ନୂତନ ଭାବେ ୧୫ରୁ ଅଧିକ ସଦସ୍ୟଙ୍କୁ ସାମିଲ କରାଯାଇଛି। ନୂତନ ସଭ୍ୟମାନଙ୍କୁ ସଂଘର ରାଜ୍ୟ ଓ ଜିଲା ସଭାପତିଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା।


# ଧୁଷୁରୀ ପ୍ରିମିୟର ଲିଗ୍ କ୍ରିକେଟ: ବେତାଳିଗାଁ ଚାମ୍ପିୟନ




ଅତିଥିମାନେ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

ଧୁଷୁରୀ,୧୯।୧(ଦୀପ୍ତିରଞ୍ଜନ ନାୟକ): ଧାମନଗର ବ୍ଲକ ଧୁଷୁରୀ କାଳୀପଡ଼ିଆରେ ଗତ ୧୨ ତାରିଖରୁ ଚାଲିଥିବା ଧୁଷୁରୀ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ୱାଲି କ୍ରିଷ୍ଣନଗରର ରୁଦ୍ର ଏକାଦଶକୁ ହରାଇ ବେତାଳିଗାଁ କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। ୨୪ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ରୁଦ୍ର ଏକାଦଶ ୩୪୧ ରନ୍ କରିଥିଲା। ଜବାବରେ ବେତାଳିଗାଁ ୩୪୮ ରନ୍ କରି ବିଜୟୀ ହୋଇଥିଲା। ବେତାଳିଗାଁର ବିଜୟ ଦାସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଲିପୁ ନାୟକ ମ୍ୟାନ୍ ଅଫ୍ ଦି ସିରିଜ୍ ଟ୍ରଫି ହାସଲ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ନାୟକ ମୁଖ୍ୟ ଅତିଥି, ଜିଲା ପରିଷଦ ସଦସ୍ୟ ପ୍ରଦୀପ ମଲ୍ଲିକ ବିଶେଷ ଅତିଥି, ପୂର୍ବତନ ବ୍ଲକ ବିଜେଡି ସଭାପତି ଉମେଶ ମହାନ୍ତି, ସରପଞ୍ଚ ନରେନ୍ଦ୍ର ନାରାୟଣ ନାୟକ, ଅଜୟ ମଲ୍ଲିକ, ବ୍ଲକ ଯୁବ ବିଜେଡି ସଭାପତି ଭାରତ ବିଜୟ ଦଳାଇ, ସନ୍ଦୀପ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୟୀ ଦଳକୁ ଟ୍ରଫି ସହ ୨୫ ହଜାର ୫୫୫ ଟଙ୍କାର ଚେକ୍ ଏବଂ ରନରଅପ୍ ଟିମ୍‌କୁ ଟ୍ରଫି ସହ ୧୫ ହଜାର ୧୧୧ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଅମ୍ପାୟାର ଭାବେ ନିର୍ମାଲ୍ୟ ତରାଇ, ଅକ୍ଷୟ ଷଡ଼ଙ୍ଗୀ ଓ ସଞ୍ଜୀବ ରଣା ମ୍ୟାଚ୍ ପରିଚାଳନା କରିଥିଲେ। ସରୋଜ କୁମାର ରାଉତ ଓ ଶୁଭେନ୍ଦୁ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ସରୋଜ ସ୍ୱାଇଁ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସୁଶାନ୍ତ ନାୟକ, ରୂପରଞ୍ଜନ ଦୋଳାଇ, ଜ୍ଞାନ ସ୍ୱାଇଁ ସମେତ କମିଟିର ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନା କରିଥିବା ବେଳେ ଯୁବ ବ୍ୟବସାୟୀ ବ୍ରଜକିଶୋର ବିଶ୍ୱାଳ, ମନୋଜ ସାହୁ, ଚିନ୍ମୟ ବିଶ୍ୱାଳ ଓ ବିଜୟ ବିଶ୍ୱାଳ ସହଯୋଗ କରିଥିଲେ।



# ଶିକାର ଭିଡିଓ ହଟାଇବାକୁ ୟୁଟ୍ୟୁବ୍‌କୁ ଚିଠି

**କେନ୍ଦୁଝର,୧୯।୧(ନରେଶ ଚନ୍ଦ୍ର ପଟ୍ଟନାୟକ)**

ସୋସିଆଲ ମିଡିଆ ପ୍ଲାଟଫର୍ମରେ ଅବାଧଭାବେ ବନ୍ୟପ୍ରାଣୀଙ୍କୁ ହଇରାଣ କରିବା, ଧରିବା ଆଦି ଭିଡିଓ କରି ପୋଷ୍ଟ କରାଯାଉଛି। ଏନେଇ ଅର୍ଥ ରୋଜଗାର ହେଉଥିବାରୁ ବନ ବିଭାଗ ପକ୍ଷରୁ ଲଗାଯାଇଥିବା କଟକଣାକୁ କେହି ଭ୍ରୂକ୍ଷେପ କରୁନାହାନ୍ତି। ଏ ନେଇ ବନ୍ୟପ୍ରାଣୀ ଭିଡିଓ ପୋଷ୍ଟ କରିବା ବିରୋଧରେ କେନ୍ଦୁଝର ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। କେନ୍ଦୁଝର ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି ୧୫ ଜାନୁୟାରୀ ୨୦୨୬ରେ ଏକ ବେଆଇନ ଶିକାର ଭିଡିଓ ହଟେଇବା ପାଇଁ ୟୁଟ୍ୟୁବ କମ୍ପାନୀକୁ ଚିଠି ଲେଖିବା ପରେ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ୭ ଅଗଷ୍ଟ ୨୦୧୯ରେ ମିର୍ଜା ଏମ୍‌ଡି ଅରିଫ ନାମକ ୟୁଟ୍ୟୁବ ଆକାଉଣ୍ଟରେ 'କିଙ୍ଗ କୋବ୍ରା ଏଗ୍ ରେସକ୍ୟୁ ଆଣ୍ଡ ରିଲିଜ୍ ଇନ୍ କେନ୍ଦୁଝର' ଟାଇଟଲ ଉଲ୍ଲେଖ କରାଯାଇ ଏକ ଭିଡିଓ ପୋଷ୍ଟ କରାଯାଇଛି। କେନ୍ଦୁଝର ଡିଭିଜନର ଘଟଗାଁ ରେଞ୍ଜ ଅଧୀନ ଅଟେଇ ସଂରକ୍ଷିତ ଜଙ୍ଗଲରେ ଅହିରାଜ ସାପ ଶୁଖିଲା ପତ୍ର ଏକାଠି କରି ଅଣ୍ଡା ଦେଇଥିଲା। ମିର୍ଜା ସ୍ଥାନୀୟ ବନ ବିଭାଗକୁ ନ ଜଣାଇ ବସାକୁ ଭାଙ୍ଗି ଅଣ୍ଡାଗୁଡ଼ିକ ଅନ୍ୟ ଏକ ଜଙ୍ଗଲରେ ନେଇ ଫୋପାଡ଼ିଥିଲେ। ଏକ ସଂରକ୍ଷିତ ଜଙ୍ଗଲ ଭିତରେ ସାପ ଅଣ୍ଡା ଦେଇଥିବାରୁ ସେଇ ବସା ଭାଙ୍ଗି ଅଣ୍ଡାଗୁଡ଼ିକ ନଷ୍ଟ କରିବା ବେଆଇନ। ଏଥିସହ କିଙ୍ଗ୍ କୋବ୍ରା ବା ଅହିରାଜ ସାପ ସିଡ୍ୟୁଲ-୧ ବନ୍ୟପ୍ରାଣୀ ହୋଇଥିବାରୁ ସାପର ବସା ଭାଙ୍ଗି ତା' ଅଣ୍ଡାକୁ ବାହାର କରିବା ଧର୍ତ୍ତବ୍ୟ ଅପରାଧ। ବନ୍ୟପ୍ରାଣୀ ଆଇନ ଧାରା-୨ (୧୬) ଅନୁଯାୟୀ କୌଣସି ପକ୍ଷୀ ବା ସରୀସୃପଙ୍କ ବସା ନଷ୍ଟ କରି ଅଣ୍ଡା ହଟେଇବା ଶିକାର ବୋଲି ଧରାଯାଇଥାଏ। ତେଣୁ ଉକ୍ତ

## ବନ୍ୟପ୍ରାଣୀଙ୍କ ଭିଡିଓ ପୋଷ୍ଟ ବିରୋଧରେ ପଦକ୍ଷେପ

ଭିଡିଓ ହଟାଇବାକୁ ଡିଏଫ୍‌ଓ ୟୁଟ୍ୟୁବ କମ୍ପାନୀକୁ ନୋଟିସ୍ ଦେଇଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ୟୁଟ୍ୟୁବ କମ୍ପାନୀ ବିରୋଧରେ ବନ୍ୟପ୍ରାଣୀ ଆଇନ ଦଫା ୫୨ (ପ୍ରୋତ୍ସାହନ) ଲଗେଇ ଅଭିଯୁକ୍ତ କରାଯିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି। କେନ୍ଦୁଝର ଆସି ଷ୍ଟେଟ୍‌ମେଣ୍ଟ ଦେବା ପାଇଁ ୟୁଟ୍ୟୁବ କମ୍ପାନୀର ଅଧିକାରୀଙ୍କ ନାମରେ ମଧ୍ୟ ବିଧିବଦ୍ଧ ସମନ ଜାରି କରାଯିବ ବୋଲି ବନ ବିଭାଗ ସୂଚନା ଦେଇଛି। ମିର୍ଜାଙ୍କ ଆକାଉଣ୍ଟରେ ସୋସିଆଲ ମିଡ଼ିଆ କମ୍ପାନୀ ଦ୍ୱାରା ହୋଇଥିବା ଆର୍ଥିକ କାରବାର ଯାଞ୍ଚ କରିବା ପାଇଁ ୨୦୨୩ରେ ଇଡିକୁ ଦିଆଯାଇଥିଲା। ଉକ୍ତ ଫାଇଲ କେନ୍ଦୁଝର ଡିଏଫ୍‌ଓ ଖୋଲିବେ ବୋଲି ମଧ୍ୟ ସୂଚନା ମିଳିଛି। ସ୍ନେକ୍ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ବନ୍ୟପ୍ରାଣୀ ଆଇନର ଦଫା ୫୮(ସି) ଅନୁଯାୟୀ କୌଣସି କମ୍ପାନୀ ବନ୍ୟପ୍ରାଣୀ ଅପରାଧରୁ ବେଆଇନ ସମ୍ପତ୍ତି ଆହରଣ କରି ପାରିବେ ନାହିଁ। ମାତ୍ର ୟୁଟ୍ୟୁବ ଭଳି କମ୍ପାନୀ ଏଥିରେ ସାମିଲ ହୋଇଥିବାରୁ ବନ୍ୟପ୍ରାଣୀ ଆଇନ ଦଫା ୫୮ ଅନୁଯାୟୀ ମାମଲା ରୁଜୁ କରିବା ଉଚିତ। ଏପରିକି ଅନେକ ସାପ ଧରାଳି ମିର୍ଜା ସହାୟତାରେ ସାପ ଧରିବା ଭିଡିଓ ସୋସିଆଲ ମିଡିଆରେ ଉପଲବ୍ଧ ଅଛି। ତେଣୁ ମିର୍ଜାଙ୍କ ସହିତ ବେଆଇନ ଭାବେ ସାପ ଧରିବା ଭିଡିଓ ପୋଷ୍ଟ କରିଥିବା ବ୍ୟକ୍ତିଙ୍କୁ ଗିରଫ କରିବା ସହିତ ଇଡି ଦ୍ୱାରା ଯାଞ୍ଚ ହେବା ଆବଶ୍ୟକ ବୋଲି କହିଥିଲେ।

ସୂଚନାଯୋଗ୍ୟ, ୨୦୧୩ ମାର୍ଚ୍ଚ ୧୫ରେ ତତ୍କାଳୀନ ବନ୍ୟପ୍ରାଣୀ ପିସିସିଏଫ ଏବଂ ଚିଫ୍ ୱାଇଲ୍ଡ ଲାଇଫ ୱାର୍ଡେନ ସୁଶାନ୍ତ ନନ୍ଦ ବନ୍ୟପ୍ରାଣୀଙ୍କୁ ଧରି ଫଟୋ ବା ଭିଡିଓ କରିବାକୁ ବେଆଇନ ଘୋଷଣା କରିଥିଲେ। କଟକଣା ଉଲ୍ଲଂଘନ କରି ସାପ ଧରିବା ଭିଡିଓ ପାଇଁ ଭଦ୍ରକର ସାପ ଧରାଳି ମିର୍ଜା ମହମ୍ମଦ ଅରିଫ ପ୍ରଥମେ ଗିରଫ ହୋଇଥିଲେ। ପରେ ଯାଜପୁରରେ ମାଙ୍କଡ ଧରି ସେମାନଙ୍କୁ ଖାଇବାକୁ ଦେଇ ଭିଡିଓ ପାଇଁ ମୋନାଲିସା ଭଦ୍ର ଏବଂ ତାଙ୍କ ସ୍ୱାମୀ ବଦ୍ରି ନାରାୟଣ ଭଦ୍ର ଗିରଫ ହୋଇଥିଲେ। ଏହା ସତ୍ତ୍ୱେ କଡ଼ା କାର୍ଯ୍ୟାନୁଷ୍ଠାନ ଅଭାବରୁ ବନ୍ୟପ୍ରାଣୀଙ୍କୁ ଧରି ବେଆଇନଭାବେ ଭିଡିଓ କରିବା ସହ ଫଟୋ ଉଠାଇ ପୋଷ୍ଟ କରାଯାଉଛି। କେନ୍ଦୁଝର ଡିଏଫ୍‌ଓ ସୋସିଆଲ ମିଡ଼ିଆ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପଦକ୍ଷେପ ନେଇଥିବାରୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଉଛି।

# ଯୋଡ଼ାରେ ମିଳିତ ଅଭିଯୋଗ ଶୁଣାଣି




ଜନଶୁଣାଣିରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଜନ ପ୍ରତିନିଧି।

**ଯୋଡ଼ା,୧୯।୧(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ସଭାଗୃହରେ ସୋମବାର ଏକ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଯୋଡ଼ା ବ୍ଲକ୍‌ର ୧୯ ପଞ୍ଚାୟତ ଏବଂ ଯୋଡ଼ା, ବଡ଼ବିଲ ପୌରପାଳିକାରୁ ଅନେକ ଲୋକ ଆସି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଥିଲେ। ସମୁଦାୟ ୬୦ ଟି ଅଭିଯୋଗ ଅତିରିକ୍ତ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକ ଶୁଣାଣି କରି ବିଭିନ୍ନ ବିଭାଗର ଉପସ୍ଥିତ ଅଧିକାରୀଙ୍କୁ ସମାଧାନ ଦିଗରେ ଆଲୋଚନା କରିଥିଲେ। ବିଶେଷତଃ ମୁଖ୍ୟତଃ ମୁର୍ଗା ମହାଦେବ ମନ୍ଦିରର ଉନ୍ନତି, ଖଣି ପ୍ରବଣ ବାମୋରୀ ଅଞ୍ଚଳରେ ବଢୁଥିବା ନ କଲି ଡାକ୍ତରଙ୍କ ପ୍ରାଦୁର୍ଭାବ, କେମ୍ପହଟିଂରେ ରାସ୍ତା ନିର୍ମାଣ, ରୋଇଡା ସାହି ଭିତରେ ଥିବା ମଦ ଦୋକାନ ଉଚ୍ଛେଦ, ଧୂଳି ଧୂଆଁ, ନିଯୁକ୍ତି, ଜମି ପଟ୍ଟା, ପାନୀୟ ଜଳ ସମ୍ବନ୍ଧୀୟ ଅଭିଯୋଗ ହୋଇଥିଲା। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ଡାଗୁଡୁ, ଜିଲା ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି, ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ା, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ବିନୋଦ ବିହାରୀ ମିଶ୍ର, ବଡବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ଯୋଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ସାମଲ, ଯୋଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରିଣୀ, ଯୋଡ଼ା ବିଡିଓ ଡେନିସ ବେହେରା, ଯୋଡ଼ା ବ୍ଲକ୍ ଅଧକ୍ଷ କବିନ୍ଦ୍ର ନାଏକଙ୍କ ସହିତ ଅନ୍ୟ ସମସ୍ତ ବିଭାଗର ଆଞ୍ଚଳିକ ଅଧିକାରୀ ଅଂଶ ଗ୍ରହଣ କରିଥିଲେ। ଏହି ଅବସାରେ ୫ ଜଣଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା।

# ରେଳ ୱାଗନରୁ ଝୁଲନ୍ତା ମୃତଦେହ ଜବତ

**କେନ୍ଦୁଝର,୧୯।୧**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ନରଣପୁର ଷ୍ଟେଶନରେ ଛିଡ଼ା ହୋଇଥିବା ଏକ ମାଲ ବୋଝେଇ ଟ୍ରେନ୍‌ର ୱାଗନରୁ ଝୁଲନ୍ତା ଅବସ୍ଥାରେ ଏକ ମୃତଦେହକୁ ରେଲୱେ ପୋଲିସ ଜବତ କରିଛି। ମୃତକ ପାଟଣା ଥାନା ଅନ୍ତର୍ଗତ ବେଗନା ଗ୍ରାମରେ ହିତାଂଶୁ ଶେଖର ସେଠୀ(୩୨)। ସେ ଗତ ୪ ବର୍ଷ ତଳେ ପ୍ରେମ ବିବାହ କରି କେନ୍ଦୁଝର ସହର କାଶିପୁରଠାରେ ଭଡା ଘରେ ରହି ଇଲେକ୍ଟ୍ରି ଦୋକାନ କରିଥିଲେ। ଗତ କିଛି ଦିନ ତଳେ ଜଣେ ଲୋକ ଇଲେକ୍ଟ୍ରି ସାମଗ୍ରୀ ନେଇ ଟଙ୍କା ଦେଉ ନ ଥିଲେ। ଏ ନେଇ ବାରମ୍ବାର ଟଙ୍କା ମାଗି ନିରାଶ ହେବା ପରେ ଟାଉନ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଉପସ୍ଥିତିରେ ହିତାଂଶୁ କିଛି ଟଙ୍କା ଫେରି ପାଇଥିଲେ। ତେବେ ସେ ଏହି କାରଣରୁ ବା ପାରିବାରିକ ଅଶାନ୍ତି କାରଣରୁ ଗତ କିଛି ଦିନ ହେବ ଚିନ୍ତାଗ୍ରସ୍ତ ଥିଲେ। ହିତାଂଶୁ ଗତ ୧୮ତାରିଖ ଅପରାହ୍ନରେ ମୋବାଇଲ ଫୋନ ବନ୍ଦ କରି କୁଆଡେ ପଳାଇଥିଲେ। ଘର ଲୋକ ବହୁ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ଅପରାହ୍ନ ୧ଟା ୩୦ରେ ନରଣପୁର ରେଳ ଷ୍ଟେଶନରେ ଥିବା ଏକ ମାଲବାହୀ ଟ୍ରେନ୍‌ର ୱାଗନରୁ ହିତାଂଶୁଙ୍କ ଝୁଲନ୍ତା ମୃତଦେହ ଠାବ ହୋଇଥିଲା। ପରିବାର ଲୋକ ଏ ନେଇ ଜିଆରପି ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ଭଦ୍ରକ ଜିଆରପି ପୋଲିସ ଷ୍ଟେଶନ ମାଷ୍ଟର ଶ୍ରୀକାନ୍ତ ସାହୁଙ୍କ ଏତଲା କ୍ରମେ ଅପମୃତ୍ୟୁ ମାମଲା (ନଂ.୨/୨୦୨୬) ରୁଜୁ ହୋଇ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି। ହତ୍ୟା ନା ଆତ୍ମହତ୍ୟା ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ବିକଶିତ ଭାରତ ଗଠନର ସଂକଳ୍ପ ଭିବି-ଜି ରାମ ଜି

**କେନ୍ଦୁଝର,୧୯।୧**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଭାଜପା କାର୍ଯ୍ୟାଳୟ ସଭାଗୃହରେ ସୋମବାର ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଓ ଆଜୀବିକା ମିଶନ(ଗ୍ରାମୀଣ)(ଭିବି-ଜିରାମ-ଜି) ବିକଶିତ ଭାରତ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଶୁକଦେବ ମହାନ୍ତଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ବଡ଼ଚଣା ବିଧାୟକ ଅମର ନାୟକ ଉପସ୍ଥିତ ଭିବି-ଜିରାମ-ଜି ଯୋଜନାରେ ଜବ୍ କାର୍ଡଧାରୀଙ୍କୁ ୧୦୦ ଦିନ କମ ବଦଳରେ ୧୨୫ ଦିନକୁ ବୃଦ୍ଧି କରାଯାଇଛି। ବନାଞ୍ଚଳ ଅନୁସୂଚିତ ଜନଜାତି ଶ୍ରମିକଙ୍କୁ ୨୫ ଦିନର ଅତିରିକ୍ତ ନିଯୁକ୍ତି ପ୍ରଦାନ କରାଯିବ। ତାହା ସହିତ ୭ ଦିନରେ ମଜୁରୀ ପୈଠ ସହିତ ୧୫ ଦିନ ମଧ୍ୟରେ କାମ ନ ପାଇଲେ ସେମାନଙ୍କୁ ବେକାରୀ ଭତ୍ତା ମିଳବ, ଗ୍ରାମୀଣ ବିକାଶ ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରୁଥିବା ଉତ୍ପାଦକ ଏବଂ ସ୍ଥାୟୀ ଗ୍ରାମୀଣ ସମ୍ପତ୍ତି ନିର୍ମାଣ ଉପରେ ବିଶେଷ ଧ୍ୟାନ ରହିବ। ସେହିପରି ମୁଖ୍ୟ କୃଷି ଋତୁରେ କୃଷି ଶ୍ରମିକଙ୍କ ଉପଲବ୍ଧତା ସୁନିଶ୍ଚିତ ଆଦି ଯୋଜନାଗୁଡିକ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ରାଜ୍ୟ ସମ୍ପାଦିକା ମମତା ସିଂ, ଭାଜପା ନେତା ଆଲୋକ ସେଠୀ, ଘସିପୁରା ବିଧାନସଭା ନେତା ଡା. ଶମ୍ଭୁନାଥ ରାଉତ, ଜିଲା ସାଧାରଣ ସମ୍ପାଦକ ତଥା ଭିବି-ଜିରାମ ଜିର ଜିଲା ସଂଯୋଜକ ଅନୁବ୍ରତ ବେହେରା, ଜିଲା ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟ ଉପସ୍ଥିତ ଥିଲେ। ପରେ ଜିଲାର ସମସ୍ତ ସାଙ୍ଗଠାନିକ ମଣ୍ଡଳର ସଭାପତି, ଜିଲା ପଦାଧିକାରୀ ଏବଂ ଭିବି-ଜିରାମ-ଜିର ମଣ୍ଡଳସ୍ତରର ସଂଯୋଜକଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲା ସାଧାରଣ ସମ୍ପାଦିକା ଯଶସ୍ୱିନୀ ବଳ, ଜିଲା ସାଧାରଣ ସମ୍ପାଦକ ଅଗନୁ ମହାନ୍ତ, ଜିଲା ଉପସଭାପତି ଜ୍ଞାନ ରଞ୍ଜନ ସାମନ୍ତସିଂହାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀରାଜ କୁଅଁର, ଜିଲା ସମ୍ପାଦକ ଦୁଷ୍ମନ୍ତ ମହାନ୍ତ, ସମ୍ପାଦିକା ରଶ୍ମିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

# ଶ୍ରୀ ଦଧିବାମନ ଜୀଉ ମନ୍ଦିରର ବାର୍ଷିକ ଉତ୍ସବ

**ବଉଳା,୧୯।୧(ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବଂଚୋରେ ଶ୍ରୀ ଦଧିବାମନ ଜୀଉଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ବାର୍ଷିକ ଉତ୍ସବ ଶେଷ ଦିନରେ ଅତିଥିଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ବ୍ଲକ୍ ଅଧକ୍ଷା ସାବିତ୍ରୀ ସେଠୀ, ଆନନ୍ଦପୁର ବ୍ଲକ୍ ଅଧକ୍ଷା ଅଞ୍ଜନା ବାରିକ, ମନ୍ଦିର କମିଟିର ପ୍ରାଣବଲ୍ଲଭ ପାଢ଼ି, ବ୍ଲକ୍ ଉପାଧକ୍ଷ ରତିକାନ୍ତ ରାଉତ, ବରିଷ୍ଠ ସାହିତ୍ୟିକ ଅଶୋକ ପୁହାଣ, ବରିଷ୍ଠ ଶିକ୍ଷାବିତ୍ କମଳ ଲୋଚନ ବିଶ୍ୱାଳ, ସୁଶାନ୍ତ ବରାଳ ଯୋଗଦେଇଥିଲେ। ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତସିଂହାର, ସରପଞ୍ଚ ପ୍ରଶାନ୍ତ ରାଉତ, ପୂର୍ବତନ ସରପଞ୍ଚ ସଶାଙ୍ଗ ଶେଖର ପୁହାଣ, ରାଧା ଗୋବିନ୍ଦ ଦାସ, ସୁଧାଂଶୁ ରାଉତ, ମାର୍କଣ୍ଡ ଚରଣ ଓଝା, ମୁକେଶ ରାଉତ, କର୍ତ୍ତନ ବିହାରୀ ନାୟକ, ଶୁଶାନ୍ତ ବିଶ୍ୱାଳ, କମିଟି ସଦସ୍ୟ ଓ ଗ୍ରାମର ଯୁବକ ସହଯୋଗ କରିଥିଲେ।

# ବିଜେଡିର ନୂତନ କର୍ମକର୍ତ୍ତା ନିଯୁକ୍ତ

**ପାଟଣା,୧୯।୧(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍‌ରେ ନୂତନ କର୍ମକର୍ତ୍ତା ନିଯୁକ୍ତ ହୋଇଛନ୍ତି। ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜିଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ ନିଯୁକ୍ତି ଦେଇଛନ୍ତି। ପୂର୍ବତନ ପାଟଣା ବିଧାୟକ ତଥା ରାଜ୍ୟ ବିଜେଡି ସଧାରଣ ସମ୍ପାଦକ ଜଗନ୍ନାଥ ନାଏକ ଓ ବିଜେଡି ବ୍ଲକ୍ ସଭାପତି ଡମ୍ବରୁ ଦାଶଙ୍କର ସୁପାରିସ କ୍ରମେ ନୂତନ ପଦବୀ ପ୍ରଦାନ କରାଯାଇଛି। ଝୁମ୍ପୁରା ବ୍ଲକ୍ ସିନିୟର ଉପସଭାପତି ଭାବେ ଯଦୁନାଥ ରାଉତ, ଉପସଭାପତି ଭାବେ ଶ୍ରୀବତ୍ସ ସାହୁ, ରାଧାକାନ୍ତ ନାଏକ, କୁଳଧର ମହାନ୍ତ ନିଯୁକ୍ତ ହୋଇଥିବା ବେଳେ ସାଧାରଣ ସମ୍ପାଦକଭାବେ ସହଦେବ ପ୍ରଧାନ, ହେମନ୍ତ ବେହେରା, ସୋନୁ ଚରଣ ନାଏକ, ସମ୍ପାଦକଭାବେ ପୂର୍ଣ୍ଣଚନ୍ଦ୍ର ମୁଣ୍ଡା, କ୍ଷମାନନ୍ଦ ପାତ୍ର, ତ୍ରିଲୋଚନ ମହାନ୍ତ, ଖଗେଶର ନାଏକ, ଜୋନ୍ ସଭାପତିଭାବେ ବାହାଦୁର ବାରିକ, ଯଦୁମଣି ବାରିକ, ମିଡିଆ ପ୍ରଭାରୀଭାବେ ରୁଦ୍ର ନାରାୟଣ ମହାନ୍ତ ନିଯୁକ୍ତ ପାଇଥିବା ବୁକୁ ପଞ୍ଚାୟତ ସଭାପତି ଭାବେ ରାଜକିରଶାର ମହାନ୍ତ, ବଡ଼ନେଉଳି ପାଇଁ ତ୍ରିଲୋଚନ ମହାନ୍ତ, ଉଖୁଣ୍ଡାପାଇଁ ଲକ୍ଷ୍ମୀନାରାୟଣ ସାହୁ, ବାରିଆ ପାଇଁ ସର୍ଙ୍ଖାଳି ଚରଣ ନାଏକ, ଚଉଠିଆ ପାଇଁ କହ୍ନେଇଚରଣ ମହାନ୍ତ, ଖୁଣ୍ଟାପ ପାଇଁ ରବିନାରାୟଣ ବେହେରା, ବଡ଼ ଡୁମୁରିଆ ପାଇଁ କାହ୍ନୁ ଚରଣ ବେହେରା, ଅସନପାଟ ନିର୍ମଳ ଚନ୍ଦ୍ର ନାଏକ, ଗୁଣ୍ଡଣିଆ ପଞ୍ଚାୟତ ପାଇଁ ବୁଧଦେବ ସାହୁ, ନୟା ଧନୁର୍ଜୟପୁର ପାଇଁ ପ୍ରଫୁଲ୍ଲ କୁମାର ବେହେରା ନିଯୁକ୍ତ ହୋଇଛନ୍ତି।

# ବାଲେଶ୍ୱରକୁ ହରାଇ ସେମିରେ ରାଉରକେଲା




ଅତିଥିଙ୍କ ଗହଣରେ ଖେଳାଳି।

**ଆନନ୍ଦପୁର,୧୯।୧(ସୁଶାନ୍ତ କୁମାର ସାହୁ )**

## ଘସିପୁରା କପ୍ କ୍ରିକେଟ୍ ଟୁର୍ନାମେଣ୍ଟ


କେନ୍ଦୁଝର ଜିଲା ଘସିପୁରା ବ୍ଲକ୍‌ରେ ସୋମବାର ମା'ମଙ୍ଗଳା କ୍ଲବ୍ ଆନୁକୂଲ୍ୟରେ ସର୍ବଭାରତୀୟ ଘସିପୁରା କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଶେଷ କ୍ୱାର୍ଟର ଫାଇନାଲ ଖେଳାଯାଇଛି। ବାଲେଶ୍ୱର ଓ ରାଉରକେଲା ମଧ୍ୟରେ ଖେଳାଯାଇଥିଲା। ରାଉଲକେଲା ଆରଏସ୍‌ଏ କ୍ରିକେଟ୍ କ୍ଲବ୍ ୧୩୪ ରନ୍‌ରେ ବାଲେଶ୍ୱରର ଆଦର୍ଶ କ୍ରିକେଟ୍ କ୍ଲବ୍‌କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି।

ରାଉରକେଲା ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୮ ୱିକେଟ ହରାଇ ୨୭୦ ରନ ସଂଗ୍ରହ କରିଥିଲା। ଜବାବରେ ବାଲେଶ୍ୱର ଟିମ୍ ୧୭.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୬ ରନ କରି ପରାସ୍ତ ହୋଇଥିଲା। ରାଉରକେଲାର ବିବସ୍ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ମୁଖ୍ୟ ଅତିଥିଭାବେ ଆନନ୍ଦପୁରର ଯୁବନେତା ବିଶ୍ୱନାଥ ପ୍ରତାପ ଜେନା, ପ୍ରସଂଜିତ ନାୟକ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଅଶୋକ ରାଉତ, ସୁନୀଲ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ମନୋରଞ୍ଜନ ମିଶ୍ର, ସମ୍ବିତ ଜେନା ସ୍କୋରର ରହିଥିଲେ। ବୁବୁ, ମାନସ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ୍ ସଭାପତି ପ୍ରସନ୍ନଜିତ୍ ପଟ୍ଟନାୟକ, ସମ୍ପାଦକ ନାରାୟଣ ସାହୁ, ସଦସ୍ୟ ସୁରେଶ ସାହୁ, ରମେଶ ସାହୁ, ନୃତ୍ୟଗୁରୁ ଜିତୁ ଦାଶ, ମନୋରଞ୍ଜନ ସାହୁ, ନିରଞ୍ଜନ ସାହୁ, ଦାମୋଦର ସାହୁ, ତୋଫାନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# କରଣ ପରିବାରର ବୈଠକ

**କେନ୍ଦୁଝର,୧୯।୧(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର କରଣ ପରିବାରର ବାର୍ଷିକ ବନ୍ଧୁ ମିଳନ ତଥା ବୈଠକ ରବିବାର ବଡ଼ହଲ ଗ୍ରୀନ ଗାର୍ଡେନଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅନୁପ ମହାନ୍ତି, ଉପଦେଷ୍ଟା ରବିନାରାୟଣ ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହ ବନ୍ଧୁମିଳନର ଆବଶ୍ୟକ ଉପରେ ମତ ରଖିଥିଲେ। ବରିଷ୍ଠ ଉପଦେଷ୍ଟା ମଣ୍ଡଳୀର ସଭ୍ୟ ପ୍ରଭଞ୍ଜନ ପଟ୍ଟନାୟକ ପରିବାରକୁ ରାଜନୈତିକ ବିଭେଦରୁ ଊର୍ଦ୍ଧ୍ୱରେ ରଖି ପରିବାରକୁ ଆଗେଇ ନେବା ପାଇଁ ପରାମର୍ଶ ଦେଇଥିଲେ। ଉପଦେଷ୍ଟା ମଣ୍ଡଳୀର ବରିଷ୍ଠ ସଦସ୍ୟ ଆଇନଜୀବୀ ଅଶ୍ୱିନୀ ପଟ୍ଟନାୟକ, ବରିଷ୍ଠ ସଭ୍ୟ କିଶୋର ଚନ୍ଦ୍ର ଦାସ, ସମ୍ପାଦକ ପ୍ରତ୍ୟୁଷ ପଟ୍ଟନାୟକ, ପ୍ରିୟଦର୍ଶୀ ପଟ୍ଟନାୟକ, ପରିବାରର ବରିଷ୍ଠ ସଦସ୍ୟ ବିନୟ ପଟ୍ଟନାୟକ ଯୋଗଦେଇ ଏକ ଶୃଙ୍ଖଳିତ ପରିବାର ଗଠନର ଲକ୍ଷ୍ୟ ନେଇ କାର୍ଯ୍ୟ କରିବା, କରଣ ପରିବାରକୁ ନୂତନ ଦିଗ୍‌ଦର୍ଶନ ଦେବା ସହ ବୈଠକକୁ ଏକ ନିଜସ୍ୱ ସଭାଗୃହରେ କରାଇବା ପାଇଁ ମତ ରଖିଥିଲେ। ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ଦାସ, ବିଧାନ ପଟ୍ଟନାୟକ, ଖବରଦାତା ପ୍ରଦୀପ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଆଇନଜୀବୀ ସୁବ୍ରତ ମହାନ୍ତି, ଅମର ପଟ୍ଟନାୟକ, ମହେଶ ପଟ୍ଟନାୟକ, ଶୁଭେନ୍ଦୁ ପଟ୍ଟନାୟକ ବୈଠକ ପାଇଁ ଆବଶ୍ୟକ ଭିତ୍ତିଭୂମି କରିବାକୁ ପ୍ରସ୍ତାବ ଦେଇଥିଲେ। ଶେଷରେ ସଂଘର ବରିଷ୍ଠ ସଦସ୍ୟ ପ୍ରଦୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ବହୁ ସଦସ୍ୟ ସାମିଲ ହୋଇଥିଲେ।



## ରକ୍ତଦାନ ଶିବିରରେ ୩ଶହ ୟୁନିଟ୍ ରକ୍ତ ସଂଗ୍ରହ

**ସୋର, ୧୯।୧(ଜନ୍ମେଜୟ ମିଶ୍ର)**

ଆଦର୍ଶ ଯୁବ ପରିଷଦ ପକ୍ଷରୁ ରକ୍ତଦାନ ଶିବିର ମ୍ୟୁନିସପାଲିଟି ଅଧୀନ ସୋର ମହିଳା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ମାଧବ ଧଡା, ସୋର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ ଓ ଯୁବ ପରିଷଦ ଅଧ୍ୟକ୍ଷ ଶ୍ରୀଧର ପତ୍ରୀ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଅଞ୍ଜଳି ମହାପାତ୍ର, ବ୍ଲକ ଅଧ୍ୟକ୍ଷା ଅନୁସୂୟା ମଲ୍ଲିକ, ଶିକ୍ଷାବିତ୍ ଅଶୋକ କୁମାର ମହାନ୍ତି, ସୋର କାନାରା ବ୍ୟାଙ୍କ ପରିଚାଳକ ଅରୁନ୍ଧତୀ ପଟ୍ଟନାୟକ, ମାରାଥନ କମିଟି ସଭାପତି ସଞ୍ଜୟ ଦାସ ଓ ଉଦ୍ଧବ ଚରଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୦୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବାଲେଶ୍ୱର ରକ୍ତଭଣ୍ଡାର କର୍ମଚାରୀମାନେ ୧୦୦ ୟୁନିଟ ଓ କଟକ ରକ୍ତଭଣ୍ଡାର କର୍ମଚାରୀମାନେ ୨୦୦ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ।

# ୯.୩୬ କୋଟିରେ ପୁନଃ ନିର୍ମାଣ ହେବ ଲୁଣାବନ୍ଧ

**ବାଲେଶ୍ୱର,୧୯।୧(ବାଞ୍ଛାନିଧି ଦେ)**

■ ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

■ ଦୂର ହେବ ଆଲୁମେଦା ପଞ୍ଚାୟତବାସୀଙ୍କ ସମସ୍ୟା



ଶିଳାନ୍ୟାସ ପର୍ବରେ ବିଧାୟକ ଓ ବିଭାଗୀୟ ଅଧିକାରୀଙ୍କ ସହ ଅଞ୍ଚଳବାସୀ।

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅଧୀନ ଆଲୁମେଦା ପଞ୍ଚାୟତର ସମୁଦ୍ର ଉପକୂଳରେ ଲୁଣାବନ୍ଧର ପ୍ରଶସ୍ତି ଓ ସୁଦୃଢ଼ୀକରଣ ପ୍ରକଳ୍ପକୁ ରବିବାର ବିଧାୟକ ମାନସ କୁମାର ଦତ୍ତ ଶିଳାନ୍ୟାସ କରିଛନ୍ତି। ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ଏହି ବନ୍ଧ ନିର୍ମାଣ ପାଇଁ ୯ କୋଟି ୩୬ ଲକ୍ଷ ୫୭ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ନିର୍ମାଣ ହେବ। ଆସନ୍ତା ୨୦୨୭ ଜୁନ୍ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଅଞ୍ଚଳବାସୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବରୁ ସୁରକ୍ଷା ମିଳିବା ସହିତ ଯାତାୟାତ ବ୍ୟବସ୍ଥା ଓ ସାମଗ୍ରୀକ ଉନ୍ନତିରେ ନୂତନ ଦିଗ ଖୋଲିବ ବୋଲି ବିଧାୟକ ଦତ୍ତ କହିଛନ୍ତି। ସୂଚନା ଯେ, ଆଲୁମେଦା ପଞ୍ଚାୟତରେ ଦୀର୍ଘ ବର୍ଷ ଧରି ବିଭିନ୍ନ ସମୟରେ ସମୁଦ୍ରର ଲୁଣା ପାଣି ମାଡି ଚାଷବାସ କ୍ଷୟକ୍ଷତି ସହ ଲୋକଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଥାଏ। ଫଳରେ ଜନସାଧାରଣ ଭୟଭୀତ ଅବସ୍ଥାରେ ରହିଆସୁଥିଲେ। ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ଲୁଣାବନ୍ଧର ପୁନଃ ନିର୍ମାଣ କରାଯିବା ଦିଗରେ ବିଧାୟକ ଦତ୍ତ ବାସ୍ତବତାର ରୂପ ଦେଇଛନ୍ତି। ଉତ୍ତମ ଗୁଣବତ୍ତା ଓ ଠିକ୍ ମାନଦଣ୍ଡରେ ଏହି ବନ୍ଧର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବାକୁ ବିଧାୟକ ଦତ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଶିଳାନ୍ୟାସ ପର୍ବରେ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ବିକ୍ରମ କେଶରୀ ମଲ୍ଲିକ, ଏସଡ଼ିଓ ତାପସ କୁମାର ନାୟକ, ଜେଇ ମହେଶ୍ୱର ସିଂ, ଭାଜପା ନେତା ଲୋକନାଥ ଭୂୟାଁ ପ୍ରମୁଖଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବର୍ଣ୍ଣାଳୀ-୨୦୨୫

# ନାଚଗୀତରେ ଦୁଲୁକିଲା ବିଦ୍ୟାଳୟ କ୍ୟାମ୍ପସ



ଉତ୍ସବ ଆରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ।

**ଖଇରା, ୧୯।୧(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଅର୍ଜୁନପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ବର୍ଣ୍ଣାଳୀ-୨୦୨୫ ଶନିବାର ସଭା ଓ ସମ୍ବର୍ଦ୍ଧନା ସାଙ୍ଗକୁ ନୃତ୍ୟ ଗୀତର ତାଳେ ତାଳେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ବିଶ୍ୱଜିତ ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ସଞ୍ଜୟ କୁମାର ପଣ୍ଡା ମୁଖ୍ୟବକ୍ତା, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ପଳସା ସରପଞ୍ଚ ମନୋରଞ୍ଜନ ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଏଭଳି ମହୋତ୍ସବ ପ୍ରତିଭାର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିଥାଏ ବୋଲି ପ୍ରକାଶ କରିଥିଲେ। ବିଭିନ୍ନ ଶ୍ରେଣୀରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କ୍ରିଷ୍ଟିପ୍ରିୟଦର୍ଶନୀ ବେହେରା, ରାଜଦୀପ ପଣ୍ଡା, ମାନ୍ୟତା ମଣ୍ଡଳ, କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ସୁପ୍ରଭା ସାହୁ, ସୁଦର୍ଶନ ଦାସ, ସୂର୍ଯ୍ୟନାରାୟଣ ସେଠୀ, ଜ୍ୟୋତିରାଣୀ ସେଠୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀ ପ୍ରୀତିପ୍ରଭା ବେହେରା ମଞ୍ଚ ପରିଚାଳନା କରିଥିଲେ।

# ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତିର ବାର୍ଷିକ ଉତ୍ସବ

**ଖଇରା, ୧୯।୧(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବଣପାରିଆ ଗ୍ରାମର ବ୍ରାହ୍ମଣ ସମିତିର ବରିଷ୍ଠ ଉପଦେଷ୍ଟା ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ବାସଭବନରେ ଆଞ୍ଚଳିକ ବ୍ରାହ୍ମଣ ସମିତି ୧୬ତମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ବେଦପାଠ ପୂର୍ବକ ଜ୍ୟୋତି ଆବାହନ ପରେ ବ୍ରହ୍ମଧ୍ୱଜା ଉତ୍ତୋଳନ କରାଯାଇଥିଲା। ପରେ ଶତାଧିକ ବ୍ରାହ୍ମଣଙ୍କ ବୈଦିକ ଶୋଭାଯାତ୍ରା ଖଇରା ବ୍ଲକଠାରୁ ବାହାରି ସଭାସ୍ଥଳ ପର୍ଯ୍ୟନ୍ତ ଆସିଥିଲା। ସମିତିର ସଭାପତି ଜଳଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବ୍ରହ୍ମସଭାରେ ଜିଲା ସଭାପତି ଡ ଶ୍ରୀଶ ଦାସ ଓ ସମ୍ପାଦକ ଗୌରଚନ୍ଦ୍ର ଦାଶ, ଯୁବ ବାହିନୀ ସମ୍ପାଦକ ବୈଦ୍ୟନାଥ ଆଚାର୍ଯ୍ୟ, ଭଦ୍ରକ ସଭାପତି ମନ୍ଦରଧର ଦୀକ୍ଷିତ, ବାହାନଗା ସଭାପତି ଲକ୍ଷ୍ମୀଧର ମହାପାତ୍ର, ଔପଦା ସମ୍ପାଦକ ଦୈତାରୀ ପାଢ଼ୀ, ବିଶିଷ୍ଟ ପାଲାଗାୟକ ହରିହର ପାଣିଗ୍ରାହୀ, ଜିଲା ବ୍ରାହ୍ମଣ ସମିତିର ଉପଦେଷ୍ଟା ଗୌରାଙ୍ଗ ଚରଣ ପାଣିଗ୍ରାହୀ, ଜିଲା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦାମୋଦର ନାୟକ ପ୍ରମୁଖ ଯୋଗଦେଇ ବ୍ରାହ୍ମଣ ମାନେ ଗୋଡାଣିଆ ନ ହୋଇ ବେଦପାଠ ସହ ସଂସ୍କାରିତ ହେଲେ ସମାଜରେ ପରିବର୍ତ୍ତନ ଆସିବ ବୋଲି କହିଥିଲେ। ବୁଦ୍ଧିରାମ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ। ବିଷ୍ଣୁମୋହନ ଶତପଥୀ, ଉପେନ୍ଦ୍ର ପ୍ରସାଦ ପାଢ଼ୀ, ଲୋକନାଥ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରାହ୍ମଣ ସମିତି ସମ୍ପାଦକ ରମାକାନ୍ତ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ମୁକ୍ତିକାନ୍ତ ଶତପଥୀ, ଅନ୍ତର୍ଯ୍ୟାମୀ ପାତ୍ର ଉପସ୍ଥିତ ଥିଲେ।

# ମା' ବଗଳାଦେବୀଙ୍କଠାରେ ଲାଗି ହେଲା ୧୦୦୮ ପ୍ରକାର ପ୍ରସାଦ



ମା'ଙ୍କ ଠାରେ ଲାଗିଥିବା ୧୦୦୮ ପ୍ରକାର ପ୍ରସାଦ।

**ବାଲେଶ୍ୱର, ୧୯।୧(ବାଞ୍ଛାନିଧି ଦେ)**

## ପୀତାମ୍ବରା ସିଦ୍ଧ ମହାଶକ୍ତି ପୀଠର ବାର୍ଷିକୋତ୍ସବ

ବାଲେଶ୍ୱର ସହର ଉପକଣ୍ଠ କୁରୁଡାସ୍ଥିତ ଶ୍ରୀ ପୀତାମ୍ବରା ସିଦ୍ଧ ମହାଶକ୍ତି ପୀଠର ତ୍ରୟୋଦଶ ବାର୍ଷିକ ଉତ୍ସବ ଓ ଅଧିଷ୍ଠାତ୍ରୀ ଦେବୀ ମା' ବଗଳାମୁଖୀଙ୍କ ଜନ୍ମୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ୩ଦିନ ବ୍ୟାପୀ ଚାଲିଥିବା ମହାଯଜ୍ଞ ଶନିବାର ପୂର୍ଣ୍ଣାହୂତି ଦିଆଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ ବିଜ୍ଞ ପଣ୍ଡିତ ଏବଂ ବ୍ରାହ୍ମଣଙ୍କ ଦ୍ୱାରା ସୂର୍ଯ୍ୟପୂଜା, ଗୁରୁପୂଜା, ମଣ୍ଡଳାଦର୍ଶନ, ଅଗ୍ନିସ୍ଥାପନ, ଶ୍ରୀମନ୍ଦିରରୁ ମା'ଙ୍କ ଯଜ୍ଞ ମଣ୍ଡପକୁ ଆଗମନ, ଅର୍ଚ୍ଚନା, ସହସ୍ରାଦି ବଗଳା ମନ୍ତ୍ରରେ ଯଜ୍ଞାହୂତି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଶ୍ରୀମନ୍ଦିରକୁ ମା' ବଗଳାଦେବୀ ପ୍ରତ୍ୟାବର୍ତ୍ତନ କରିଥିଲେ। ବାଣ ରୋଷଣୀ ସହ ଯଜ୍ଞମଣ୍ଡପରୁ ମା' ମନ୍ଦିରକୁ ବିଜେ କରିବା ପରେ ମହାଆଳତୀ କରାଯାଇଥିଲା। ଶଙ୍ଖ, ହୁଳହୁଳି, ଘଣ୍ଟଘଣ୍ଟା, ମୃଦଙ୍ଗ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ମହାଶକ୍ତି ପୀଠାଧୀଶ ଆଚାର୍ଯ୍ୟ ରବିନାରାୟଣ ମିଶ୍ର ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯଥାବିଧି ପୂଜା ସମ୍ପନ୍ନ ହୋଇଥିଲା। ଜନ୍ମୋତ୍ସବ ଅବସରରେ ମା'ଙ୍କୁ ୧୦୦୮ ପ୍ରକାର ବିଭିନ୍ନ ବ୍ୟଞ୍ଜନ, ମିଷ୍ଟାନ୍ନ, ଫଳମୂଳାଦି ପ୍ରସାଦ ଅର୍ପଣ କରାଯାଇଥିଲା। ଜଣେ ମହିଳା ଭକ୍ତ ମା'ଙ୍କ ପାଇଁ ବିଶାଳ କେକ୍ ପ୍ରସ୍ତୁତ କରିଥିଲେ। ଉତ୍ସବରେ ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ମା' ବଗଳାମୁଖୀଙ୍କୁ ଦର୍ଶନ ପୂର୍ବକ ପୁଣ୍ୟ ଅର୍ଜନ କରିଥିଲେ। ଉପାଚାର୍ଯ୍ୟ ଆଦିତ୍ୟ ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ପୀଠର ସେବିକାସେବକ ଉତ୍ସବ ପରିଚାଳନା କରିଥିଲେ।

# ଗୋଚର ଜମିରୁ ଦୋକାନ ଘର ଉଚ୍ଛେଦ

**ବାହାନଗା, ୧୯।୧(ଅରୂପ କୁମାର ଦାସ )**

ବାହାନଗା ବ୍ଲକ ବିଷ୍ଣୁପୁର ବଜାରରେ ଥିବା ଗୋଚର ଜମିରୁ ପ୍ରଶାସନ ଦୋକାନ ଘର ଉଚ୍ଛେଦ କରିଛି। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦୀର୍ଘଦିନର ଅନିଶ୍ଚିତତା ମଧ୍ୟରେ ସୋମବାର ଶେଷରେ ବିଷ୍ଣୁପୁର ବଜାରକୁ ପ୍ରଶାସନ ଶ୍ରୀହୀନ କରିଛି। ଗୋଚର ଜମିକୁ ଜବରଦଖଲକାରୀଙ୍କ ପାଖରୁ ଉଦ୍ଧାର କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ପରେ ବାଲେଶ୍ୱର ଜିଲାପାଳ, ଉପଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ତହସିଲଦାର, ଅତିରିକ୍ତ ତହସିଲଦାର, ପୋଲିସଫୋର୍ସ ଓ ଆରଆଇଙ୍କ ଉପସ୍ଥିତିରେ ଗୋଚର ଜମିରେ ନିର୍ମାଣ ହୋଇଥିବା ସରକାରୀ ଟଙ୍କାରେ ୧୬ଟି ଦୋକାନ ଘରକୁ ପ୍ରଶାସନ ଉଚ୍ଛେଦ କରିଥିଲା। ଗୋଚର ଜମିରେ ୨୦୨୨ରେ ବିଷ୍ଣୁପୁର ସରପଞ୍ଚ ସେତେବେଳେ ଦୋକାନ ଘର ନିର୍ମାଣ କରିଥିଲେ। ମାତ୍ର ଦୋକାନ ପଛପଟେ ଥିବା ଜଣେ ବ୍ୟକ୍ତିଙ୍କ ଜମିକୁ ରାସ୍ତା ନ ଥିବାରୁ ସେ ଏ ବାବଦରେ କୋର୍ଟରେ କେସ୍ କରିଥିଲେ। କୋର୍ଟ ନିର୍ଦ୍ଦେଶ ଅନୁସାରେ ଆରଆଇ ତଦନ୍ତ କରି ଦୋକାନ ଘରଗୁଡିକ ଗୋଚର ଜମିରେ ବେଆଇନ ଭାବେ ନିର୍ମାଣ ହୋଇଥିବା ଜାଣିବାକୁ ପାଇଥିଲେ। ପ୍ରଶାସନ ବଜାରରେ ଥିବା ସରକାରୀ ଜମିରେ ଯେତେ ବେଆଇନ ଦୋକାନ ଘର ନିର୍ମାଣ ହୋଇଛି ସେସବୁକୁ ଉଚ୍ଛେଦ କରିଥିଲେ। ଏହି ଖବର ଶୁଣି ଜଣେ ଭୂମିହୀନ ମହିଳାଙ୍କର ଗତ ରବିବାର ରାତିରେ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ମୃତ୍ୟୁ ପରେ ପ୍ରଶାସନ ତାଙ୍କ ଘରକୁ ଉଚ୍ଛେଦ କରିବାରୁ ବିରତ ରହିଥିଲା। ଯେହେତୁ ମହିଳାଜଣକ ଭୂମିହୀନ ସେଥିପାଇଁ ତାଙ୍କର ଥଇଥାନ ପରେ ସେ ଘର ଭଙ୍ଗାଯିବ ବୋଲି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସୋର ତହସିଲଦାର ଦୈତାରୀ ମଲ୍ଲିକ ପ୍ରକାଶ କରିଥିଲେ। ଏହି ଉଚ୍ଛେଦରେ ଫୋର୍ସ ଇନଚାର୍ଜ ବାହାନଗାର ଅତିରିକ୍ତ ତହସିଲଦାର କମନଧନ ମାଝୀ, ଆରଆଇ ପାର୍ବତୀ ସିଂ, ସୁପରଭାଇଜର ରାଧାବଲ୍ଲଭ ବେହେରା, ଅଞ୍ଜି ଆରଆଇ ସାଗର କୁମାର ବସ୍କେ, ଖନ୍ତାପଡା ଏଆରଆଇ ମାନସ ବେହେରାଙ୍କ ସମେତ ଗୋପାଳପୁର ଥାନା ଅଧିକାରୀ ମଧୁସ୍ମିତା ସିଂ, ଏସ୍‌ଆଇ ଚନ୍ଦ୍ରଶେଖର ମହାନ୍ତି, ଜଣେ ଏଏସ୍‌ଆଇ ଓ ୧ ପ୍ଲାଟୁନ ପୋଲିସ ଫୋର୍ସ ଉଚ୍ଛେଦ ପାଇଁ ମୁତୟନ ହୋଇଥିଲେ।



ଗୋଚର ଜମିରୁ ଦୋକାନ ଘର ଉଚ୍ଛେଦ କରାଯାଉଛି।

# ଭତ୍ତା ଅପେକ୍ଷାରେ କଳାକାର

## ୧୭ମାସ ହେଲା ମିଳିନି



ଗଙ୍ଗାଧର ନାୟକ।



ଦୀନବନ୍ଧୁ ପ୍ରଧାନ।

**ନୀଳଗିରି, ୧୯।୧(ପ୍ରଶାନ୍ତ ବିଶ୍ୱାଳ)**

ଦିନେ କଳା ପରିବେଷଣ ବେଳେ ଯେଉଁ ଆଖିରୁ ଲୁହ ଝରୁଥିଲା, ଆଜି ସେଇ ଆଖିରୁ ନିଜର ହକ୍ ପାଇଁ ଲୁହ ଝରୁଛି। ହେଲେ କେହି ଏ କଳାକାରଙ୍କ ଦୁଃଖ ବୁଝୁନାହାନ୍ତି। ୧୭ ମାସ ହେଲା କଳାକାରଙ୍କୁ କେନ୍ଦ୍ରୀୟ କଳାକାର ଭତ୍ତା ମିଳିନି। ଯେଉଁ ଭତ୍ତା ଗୋଟିଏ କଳାକାରର ବାର୍ଦ୍ଧକ୍ୟ ସମୟରେ ଆଶାର ବାଡ଼ି ସାଜିଥାଏ, ଆଜି ସେହି ଭତ୍ତା ଟିକିକ ପାଇଁ କଳାକାରଙ୍କୁ ଏ ଅଫିସରୁ ସେ ଅଫିସ ଦୌଡିବାକୁ ପଡୁଛି। ନୀଳଗିରି ଏନ୍‌ଏସି ବରିସାହି ଅଞ୍ଚଳର ଦୀନବନ୍ଧୁ ପ୍ରଧାନ(୭୧) ଜଣେ ଯାତ୍ରା କଳାକାର। ବାର୍ଦ୍ଧକ୍ୟରେ ରୋଗାକ୍ରାନ୍ତ ଶରୀର ଥାଇରଏଡ୍, ଡାଇବେଟିସ ରୋଗରେ ପୀଡ଼ିତ ହୋଇ ଦେହ ଥକିଲାଣି। ୨୦୧୧ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୪୮୦୦ ଟଙ୍କା ଲେଖାଏଁ କେନ୍ଦ୍ରୀୟ କଳାକାର ଭତ୍ତା ପାଉଥିଲେ। ସେହିପରି ଉକ୍ତ ବରିସାହି ଅଞ୍ଚଳର ଗଙ୍ଗାଧର ନାୟକ(୭୯) ୧୫ବର୍ଷ ହେବ ଛଉ କଳା ପରିବେଷଣ କରି ଲୋକଙ୍କ ମନୋରଞ୍ଜନ କରୁଥିଲେ। ହେଲେ ଏବେ ପାରାଲିସିସ ଓ ହୃଦ୍‌ଘାତରେ ପୀଡ଼ିତ ହୋଇ ସ୍ୱେଶ ମେକର ଲଗାଇ ଅନ୍ୟର ସାହାରାରେ ବାଟ ଚାଲୁଛନ୍ତି। ହେଲେ ଉଭୟଙ୍କୁ ୧୭ମାସ ହେବ କେନ୍ଦ୍ରୀୟ କଳାକାର ଭତ୍ତା ମିଳିନାହିଁ। ଫଳରେ ଉଭୟ ପରିବାର ଚଳିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବାରମ୍ବାର ଜିଲା ସଂସ୍କୃତି କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେମାନଙ୍କ କଥା କେହି ଶୁଣିନାହାନ୍ତି। ଦିଲ୍ଲୀ କଥା ଦିଲ୍ଲୀ ବାଲା ବୁଝିବେ କହି ଫେରାଇ ଦେଉଛନ୍ତି ଅଧିକାରୀମାନେ। ଏନେଇ ଦୀନବନ୍ଧୁ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଦ୍ୱାରସ୍ଥ ହୋଇଥିଲେ ହେଲେ କୌଣସି ସୁଫଳ ମିଳିନାହିଁ। ରାଜ୍ୟ ସରକାର ସେମାନଙ୍କ ଦୁଃଖ ବୁଝନ୍ତୁ ବୋଲି ନିବେଦନ କରିଛନ୍ତି। ସେହିପରି ଗଙ୍ଗାଧର କହିଛନ୍ତି, ରାଜ୍ୟରେ ଡବଲ ଇଞ୍ଜିନ ସରକାର ରହିଛି। ଆମ ମୋହନ ସରକାର କ'ଣ ଦିଲ୍ଲୀ ପର୍ଯ୍ୟନ୍ତ ଆମ କଥା ପହଞ୍ଚାଇ ପାରିବେନି। ଆମ ଭଳି ଗରିବ ଅସହାୟ କଳାକାରଙ୍କୁ ସହାୟ ହୁଅନ୍ତୁ। ଆମକୁ ଯଦି କହିବେ ଦିଲ୍ଲୀ କଥା ଦିଲ୍ଲୀ ବାଲା ବୁଝିବେ ଆମେ କଣ ଦିଲ୍ଲୀ ଯାଇପାରିବୁ। ଜିଲାପାଳ ଏ ଦିଗରେ ଦୃଷ୍ଟି ଦିଅନ୍ତୁ କୋହଭରା କଣ୍ଠରେ କହିଛନ୍ତି।

# ଦରଖୋଳି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

**ଔପଦା, ୧୯।୧(ଧରିତ୍ରୀ ପଣ୍ଡା)**

ବାଲେଶ୍ୱର ଜିଲା ଔପଦା ବ୍ଲକ ଦରଖୋଳି ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ମନ ମଧ୍ୟରୁ ଦୁଷ୍ଟଶକ୍ତିକୁ ଦମନ କରିବାକୁ ଆହ୍ୱାନ ଦେଇଥିଲେ। ଉପସ୍ଥିତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ବିଭିନ୍ନ ଉପଦେଶ ଦେବା ସହ ସମସ୍ତଙ୍କୁ ଆଇସକ୍ରିମ ବଣ୍ଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶ୍ୟାମସୁନ୍ଦର ପଣ୍ଡା, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ବିସିବିମ୍ବା ପାତ୍ର, ଅବସରପ୍ରାପ୍ତ ବିଇଓ ପିତାମ୍ବର ବାରିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପଞ୍ଚସଖା ଶିକ୍ଷା ସେତୁର ସଭାପତି ମହେନ୍ଦ୍ର ପ୍ରସାଦ ବାରିକ, ଖବରଦାତା ତଥା ପଞ୍ଚସଖା ଶିକ୍ଷା ସେତୁର ସମ୍ପାଦକ ଅଶୋକ କୁମାର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାଶୀନାଥ ପରିଡ଼ା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଶିକ୍ଷକ ଅକ୍ଷୟ କୁମାର ରାଉଳ ଓ ଶିକ୍ଷୟିତ୍ରୀ ଶାନ୍ତିଲତା ଦାସ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କରିଥିଲେ। ଏହାସହିତ ଶିକ୍ଷକ ହେମେନ୍ଦ୍ର ଦତ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ସୁବ୍ରତ ବେହେରା ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

## ବସ୍ତାନି ବିହୀନ ଶୈକ୍ଷିକ କାର୍ଯ୍ୟକ୍ରମ

**କାଳିପଦା, ୧୯।୧(ରାଜଶ୍ରୀ ପାଣିଗ୍ରାହୀ)**

ବାଲିଆପାଳ ବ୍ଲକ ତାପୁଣ୍ଡିଆସ୍ଥିତ ପିଏମ୍‌ଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ କେନ୍ଦ୍ର ସରକାର ଗଣଶିକ୍ଷା ବିଭାଗର ଚିଠି ନଂ. ୧୦୩୨୦ ଅନୁଯାୟୀ ବସ୍ତାନି ବିହୀନ ଶୈକ୍ଷିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳା ଏବଂ ଧନ୍ଦାମୂଳକ ଶିକ୍ଷାର ବିକାଶ ପାଇଁ ଶିକ୍ଷକ ମନୋଜ କୁମାର ଦତ୍ତ, ଅସୀମ କୁମାର ଧଳଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ ଦିନ ୨ଘଣ୍ଟା ଲେଖାଏଁ ମୋଟ ୬୦ଘଣ୍ଟାର ଶିକ୍ଷା ଦିଆଯାଇଛି। କାର୍ଯ୍ୟସୂଚୀ ଅନୁଯାୟୀ ୫ଟି ପିରିୟଡରେ ଆର୍ଥିକ ବିନିଯୋଗ, ସାକ୍ଷରତା କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ ଗ୍ରାମ୍ୟ ଉଦ୍ୟାନର ପରିଦର୍ଶନ, ନିକଟସ୍ଥ ହାଟ ପରିଭ୍ରମଣ, ନୀଳଗିରି ରାଜପ୍ରସାଦ କ୍ଷେତ୍ର ଭ୍ରମଣ, ଅଞ୍ଜଳି ଖଟୁଆଙ୍କ ଦ୍ୱାରା ପ୍ରଥମ ପର୍ଯ୍ୟାୟରେ ୫୦ ଛାତ୍ରୀଙ୍କୁ ନେଇ ନଡ଼ିଆ କତା ପ୍ରଶିକ୍ଷଣ ଶିବିର, ପ୍ରାକ୍ତନ ଶିକ୍ଷାବିତ୍ ଭଗୀରଥ ଗିରିଙ୍କ ଦ୍ୱାରା ସାଇବର ସଚେତନତା, ମେଡିକାଲ ସୁପରଭାଇଜର ରମାନାଥ କରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସଚେତନତା, ପ୍ରଶିକ୍ଷକ ଜଗନ୍ନାଥ ଦେଙ୍କ ଦ୍ୱାରା ଗୁଡ଼ି ତିଆରି, ଡ. ଚିନ୍ମୟ ନନ୍ଦଙ୍କ ଦ୍ୱାରା ସବୁଜ ଶକ୍ତିର ବ୍ୟବହାର ଉପରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଦିଆଯାଇଥିଲା।

# କାଳିପଦାରେ ଗଦାଧର ଗିରିଙ୍କ ଶ୍ରାଦ୍ଧବାର୍ଷିକୀ



ସ୍ମୃତିଚାରଣ ସଭାରେ ଯୋଗ ଦେଇଥିବା ଅତିଥି।

**କାଳିପଦା, ୧୯।୧(ରାଜଶ୍ରୀ ପାଣିଗ୍ରାହୀ)**

ବାଲେଶ୍ୱର ଜିଲା ବାଲିଆପାଳ ମାଟିର ସାଲିସବିହୀନ ସଂଗ୍ରାମୀ ଜନନେତା, ଐତିହାସିକ ବିଜୟୀ ବାଲିଆପାଳର କ୍ଷେପଣାସ୍ତ୍ର ଘାଟୀ ବିରୋଧୀ ଜନଆନ୍ଦୋଳନର ପୁରୋଧା, ଜଳେଶ୍ୱର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ଗଦାଧର ଗିରିଙ୍କ ୩୯ତମ ଶ୍ରାଦ୍ଧବାର୍ଷିକୀ କାଳିପଦା ବଜାରଠାରେ ଅନୁଷ୍ଠିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ଆୟୋଜିତ ସଭାରେ ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, ମୁଖ୍ୟବକ୍ତା ବିଶିଷ୍ଟ କବି କାଳିପଦ ପଣ୍ଡା, ସମ୍ମାନିତ ଅତିଥି ଭାବେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜନ ନାୟକ, ପ୍ରତାପପୁର ସରପଞ୍ଚ କସ୍ତୁରୀବାଳା ପାତ୍ର, ଓଷ୍ଟାର ସମ୍ପାଦକ ବିଜୟ କୁମାର ପାତ୍ର, ସ୍ୱାଭିମାନୀ ମଞ୍ଚର ଆବାହକ ସତ୍ୟକାମ ମହାନ୍ତି, ଆଇନଜୀବୀ ତୁଷାରକାନ୍ତି ମହାପାତ୍ର, ସାମାଜିକ କର୍ମୀ ତୀର୍ଥ ନାଗ, କୁଶଧ୍ୱଜ ଜେନା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶେଷରେ କାଳିପଦା ବଜାର କମିଟିର ସଭାପତି ନିତ୍ୟାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱରରେ ଖରାପ ବର୍ଗରେ ଏକ୍ୟୁଆଇ

## ପୌରପାଳିକା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ବାଲେଶ୍ୱର, ୧୯।୧(ବାଞ୍ଛାନିଧି ଦେ)**




ସଚେତନତା ପାଇଁ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଉଛି।

ବିଭିନ୍ନ ସହରରେ ଏବେବି ବାୟୁ ଗୁଣାତ୍ମକ ସୂଚକାଙ୍କ (ଏକ୍ୟୁଆଇ) ଅତ୍ୟନ୍ତ ଖରାପ ସ୍ତରରେ ରହିଛି। ବାଲେଶ୍ୱରରେ ମଧ୍ୟ ଦୀର୍ଘଦିନ ଧରିଧରି ଏକ୍ୟୁଆଇ ହାର ଖରାପ ତାଲିକାରେ ରହୁଛି। ଜିଲାରେ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଗତ ୫ ତାରିଖରେ ୭ଦିନିଆ କଟକଣା ମାନିବାକୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ସନ୍ଧ୍ୟା ୬ରୁ ସକାଳ ୬ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ, ପୌରପାଳିକା/ୟୁଏଲ୍‌ବି ସୀମା ମଧ୍ୟରେ ଭଙ୍ଗାରୁଜା ଓ ମାଟିକାମ ନିଷିଦ୍ଧ, ରାସ୍ତାରେ ଦିନକୁ ୩ ଥର ପାଣି ସିଞ୍ଚନ, ସହର ଓ ଅନ୍ୟ ୟୁଏଲ୍‌ବି ଅଞ୍ଚଳରେ ଭାରିଯାନ ପ୍ରବେଶ ସମ୍ପୂର୍ଣ୍ଣ ନିଷିଦ୍ଧ, ଢାବାରେ କୋଇଲା ଜାଳେଣି, ଆବର୍ଜନା ଜାଳିବା, ଖୋଲା ସ୍ଥାନରେ ନିଆଁ ଜାଳିବା ଆଦିକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିଲା। ଫଳରେ ଏକ୍ୟୁଆଇ ମାନରେ ସୁଧାର ଆସିଥିବା ଦେଖିବାକୁ ମିଳିଥିଲା। ଜାନୁଆରୀ ୧ ତାରିଖରେ ଏକ୍ୟୁଆଇ ମାନ ୩୩୭ ଥିବାବେଳେ ୧୦ ତାରିଖ ବେଳକୁ ଏହା ୯୭ରେ ପହଞ୍ଚିଥିଲା। ଏହାପରେ ଖୁଲମ୍‌ଖୁଲା ଖୋଲା ସ୍ଥାନରେ ନିଆଁ ଜାଳିବା, ଆବର୍ଜନା ଜାଳିବା, ଚାଷ ଜମିରେ ନଡ଼ା ଜାଳିବା ଆଦି ଦିଗରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଖାମଖିଆଲି ମନୋଭାବ ଓ ସଚେତନତା ଅଭାବରୁ ପୁଣି ବାଲେଶ୍ୱରରେ ବାୟୁ ଖରାପ ବର୍ଗରେ ପହଞ୍ଚିଛି। ସୋମବାର ଏକ୍ୟୁଆଇ ମାନ ୨୦୭ ରେକର୍ଡ଼ ହୋଇଛି। ଅପରପକ୍ଷରେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଅନ୍ତର୍ଗତ ବାଲେଶ୍ୱର ପୌରପାଳିକା ଆନୁକୂଲ୍ୟରେ ପୌରାଧ୍ୟକ୍ଷା ସବିତା ସାହୁ, ପୌର ନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତିଙ୍କ ଦ୍ୱାରା ସମସ୍ତ ୱାର୍ଡରେ ସଚେତନତା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ସଚେତନତା ଭ୍ୟାନ୍ ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହା ମାଧ୍ୟମରେ ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣର ସ୍ତର, ବାୟୁ ଗୁଣମାନର ଅବନତି ଏବଂ ଏହାକୁ କମାଇବା ପାଇଁ ଗ୍ରହଣୀୟ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଉଛି। ଖୋଲା ଆକାଶରେ ଆବର୍ଜନା ଜଳାଇବା ବନ୍ଦ କରିବା ଏବଂ ଦାୟିତ୍ୱପୂର୍ଣ୍ଣ ଆଚରଣ ଅବଲମ୍ବନ କରି ବାୟୁ ଗୁଣମାନ ସୁଧାର କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଉଛି।

# ନଦୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ମୋରଡ଼ା/ ରାସଗୋବିନ୍ଦପୁର, ୧୯।୧ (ସ୍ୱାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ନଦୀରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣକ ହେଲେ ବେତନଟୀ ଥାନା ଅଞ୍ଚଳର ଧୀରେନ୍ଦ୍ର ସିଂଙ୍କ ପୁଅ କମଳାକାନ୍ତ (୧୫)। ସେ ତାଙ୍କ ଅଜା ଘର ରାସଗୋବିନ୍ଦପୁର ଥାନା ଅଧୀନ ସାନମାଣିଦା ପଞ୍ଚାୟତର ପିଙ୍ଗୁଳି କୁଚିଆଶୋଳ ଗ୍ରାମରେ ରହି ମାଣିଦା ସରକାରୀ ବିଦ୍ୟାଳୟରେ ପଢୁଥିଲେ। ସୋମବାର କମଳାକାନ୍ତ ତାଙ୍କ ମାଉସୀଙ୍କ ସହ ନଦୀ ଅପରପାର୍ଶ୍ୱ ଯୋଡ଼ପୋଡା ଗ୍ରାମକୁ ଯାଉଥିଲେ। ତେବେ ହାତ ତିଆରି ଡ୍ରମ ଭେଳାଟି ଅପର ପାର୍ଶ୍ୱରେ ଥିବାରୁ କମଳାକାନ୍ତ ଉକ୍ତ ଭେଳାକୁ ଆଣିବା ପାଇଁ ଯାଉଥିବା ସମୟରେ ନଦୀରେ ଥିବା ଏକ ଗଭୀର ଗର୍ତ୍ତରେ ପଡ଼ି ବୁଡ଼ି ଯାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ, ଓଡ୍ରାଫ ଟିମ, ପୋଲିସ, ତହସିଲଦାର ଉପେନ୍ଦ୍ର ଦାସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଖୋଜାଖୋଜି ପରେ କମଳାକାନ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସୂଚନାଯୋଗ୍ୟ, ପିଙ୍ଗୁଡ଼ି ଗ୍ରାମରୁ ଯୋଡ଼ପୋଡା ଗ୍ରାମକୁ ଯିବା ପାଇଁ ପୋଲ ନ ଥିବାରୁ ଡ଼ଙ୍ଗା ଦ୍ୱାରା ଜମ୍ବୀରା ନଦୀ ପାର ହେବାକୁ ପଡ଼େ।

# ମିଳୁନି ଖାଦ୍ୟ, ହେଉନି ପାଠପଢ଼ା



ଉପ ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଛାତ୍ରୀଛାତ୍ରମାନେ।

ଉଦଳା, ୧୯।୧ (ସନ୍ତୋଷ କୁମାର ବାଛିନୀ)

## ବିଦ୍ୟାଳୟ ସମସ୍ୟା ନେଇ ଉପଜିଲାପାଳଙ୍କୁ ଗୁହାରି ଜଣାଇଲେ ଛାତ୍ରୀଛାତ୍ର

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ପଦ୍ମପୋଖରୀ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟର ସମସ୍ୟା ନେଇ ଛାତ୍ରୀଛାତ୍ର ଉପ ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ଦଶମ ଶ୍ରେଣୀରେ ପଢୁଥିବା ଉକ୍ତ ବିଦ୍ୟାଳୟର ୧୦ରୁ ଅଧିକ ଛାତ୍ରୀଛାତ୍ର ସୋମବାର ୨୫ କି.ମି. ଦୂର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଛନ୍ତି। ମାଟ୍ରିକ୍ ପରୀକ୍ଷା ପାଖେଇ ଆସୁଥିବାବେଳେ ବିଦ୍ୟାଳୟରେ ଠିକ୍‌ଭାବେ ପାଠପଢ଼ା ହେଉ ନ ଥିବା ଏବଂ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କୁ ଖାଇବା ପାଇଁ ଦିଆଯାଉ ନ ଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି।

ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ରବିନ୍ଦ୍ରନାଥ ରାଉଳ ଅଧିକାଂଶ ଦିନ ବିଦ୍ୟାଳୟକୁ ଆସନ୍ତି ନାହିଁ। ଏହା ସହିତ ହଷ୍ଟେଲରେ ରହୁଥିବା ଅନ୍ତେବାସୀଙ୍କ ଖାଦ୍ୟପେୟ ବାବଦରେ ମଧ୍ୟ ସେ ଅଣଦେଖା କରୁଛନ୍ତି। ୩ ଦିନ ହେବ ଅନ୍ତେବାସୀମାନେ ହଷ୍ଟେଲରେ ଖାଦ୍ୟ ଖାଇ ନ ଥିବା ବେଳେ ନିକଟସ୍ଥ ଗାଁରୁ ଖାଦ୍ୟ ସଂଗ୍ରହ କରି ଏବଂ ନିଜେ ରୋଷେଇ କରି ଖାଇଥିବା ପ୍ରକାଶ କରିଛନ୍ତି। ଆଗକୁ ମାଟ୍ରିକ୍ ପରୀକ୍ଷା ରହିଥିବାରୁ ବିନା ପାଠ ପଢ଼ାରେ ଛାତ୍ରୀଛାତ୍ରମାନେ କିଭଳି ପରୀକ୍ଷା ଦେବେ ତାହାକୁ ନେଇ ଆଶଙ୍କାରେ ରହିଛନ୍ତି। ତେଣୁ ପ୍ରଧାନଶିକ୍ଷକଙ୍କ ବଦଳି ସମେତ ବିଦ୍ୟାଳୟରେ ଠିକ୍‌ଭାବେ ପାଠପଢ଼ା ଯିବାକୁ ନେଇ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଛାତ୍ର ସଞ୍ଜୟ ସିଂ, କ୍ରିଷ୍ଣା ସିଂ, ରାଉତ ସିଂ, ଗେଡେ ହେମ୍ବ୍ରମ, ପାତ୍ର ଉଗ୍ରସାଣ୍ଡି, ବାସନ୍ତୀ ସାମାଡଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ର କହିଛନ୍ତି। ଉପଜିଲାପାଳ ଅନୁପସ୍ଥିତ ଥିବା କାରଣରୁ ସହକାରୀ ଜିଲାପାଳ ଏବଂ ପ୍ରକଳ୍ପ ପ୍ରଶାସକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସହକାରୀ ଜିଲାପାଳ ପ୍ରତୀକ ପଣ୍ଡାଙ୍କୁ ପଚାରିବାରୁ ପିଲାମାନଙ୍କ ଅଭିଯୋଗ ସମ୍ପର୍କରେ ବ୍ଲକ୍ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି। ବିଭାଗୀୟ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ପ୍ରଧାନ ଶିକ୍ଷକ ରାଉଳଙ୍କ ମତାମତ ଜାଣିବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଭତ୍ତା ପାଇଁ ଜିଲାପାଳଙ୍କୁ ଭେଟିଲେ ହିତାଧିକାରୀ



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ହିତାଧିକାରୀମାନେ।

ବାରିପଦା, ୧୯।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍ ଅଧୀନ ଶାଳଗାଁ ଗ୍ରାମପଞ୍ଚାୟତ ପାଳପାଟଣା ଗ୍ରାମର ହିତାଧିକାରୀଙ୍କୁ ସିଧାସଳଖ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବାକୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ଗ୍ରାମର ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ହିତାଧିକାରୀମାନେ ଜିଲାପାଳଙ୍କୁ ଭେଟି ବ୍ୟାଙ୍କ ପରିବର୍ତ୍ତେ ଗ୍ରାମରେ ପ୍ରଦାନ କରିବାକୁ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ପାଳପାଟଣା ଗ୍ରାମର ଭତ୍ତା ହିତାଧିକାରୀମାନେ ବ୍ୟାଙ୍କକୁ ଯାଇ ଭତ୍ତା ସଂଗ୍ରହ କରିବାରେ ବାଧା ଉପୁଜୁଛି। ବ୍ୟାଙ୍କରେ ସେମାନଙ୍କ ଆଙ୍ଗୁଠି ଛାପ ହେଉ ନ ଥିବାରୁ ସେମାନେ ଅନେକ ହଇରାଣ ହରକତ ହେଉଛନ୍ତି। ବୃଦ୍ଧାବୃଦ୍ଧମାନେ ୧୨ କି.ମି. ଦୂର ମାଣତ୍ରୀରେ ଥିବା ବ୍ୟାଙ୍କକୁ ବାରମ୍ବାର ଦୌଡି ଦୌଡି ନୟାନ୍ତ ହୋଇପଡୁଛନ୍ତି। ଏପରିକି ଅର୍ଥଦଣ୍ଡ ସହିତ ଶାରିରୀକ ପୀଡ଼ା ମଧ୍ୟ ସେମାନଙ୍କୁ ଭୋଗିବାକୁ ପଡୁଛି। ବର୍ଷାଦିନେ ନଦୀନାଳ ପାର ହୋଇ ଭତ୍ତା ଆଣିବା କଷ୍ଟକର ହୋଇପଡୁଛି। ପ୍ରତି ମାସରେ ଭତ୍ତା ଆଣିବା ପାଇଁ ଅନ୍ୟର ସାହାରା ନେବାକୁ ପଡୁଛି। ଏଣୁ ଗ୍ରାମରେ ସିଧାସଳଖ ଭତ୍ତା ପ୍ରଦାନ କଲେ ସେମାନେ ଉପକୃତ ହୋଇପାରିବେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଗ୍ରାମର ଚୈତନ୍ୟ ମାଝୀ, ରମାକାନ୍ତ ଦେହୁରୀ, ମାଳତୀ ଦେହୁରୀ, ବାଇଧର ରଣା, ପ୍ରସନ୍ନ ଦେହୁରୀ, ଦୁର୍ଗାମଣି ଜେନା, ରବିନ୍ଦ୍ର ପାକଳ, ସାବିତ୍ରୀ ମାଝୀ, ସାଙ୍ଗିରି ପାତ୍ର, ଆନନ୍ଦ ଦେହୁରୀ ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବି ଜଣାଇଥିଲେ।

# ଦାରିହାକୁଣ୍ଡିରେ ପକ୍ଷୀ ଗଣନା

ବୈଶିଙ୍ଗା, ୧୯।୧ (ରତନ ଦାଶ)

ସରକାରଙ୍କର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିର୍ଦ୍ଦେଶରେ ବେତନଟୀ ଫରେଷ୍ଟ ରେଞ୍ଜ ଅଧୀନ ବେଲାଣପୁରା ନିକଟସ୍ଥ ଦାରିହା କୁଣ୍ଡି ଜଳାଶୟରେ ପକ୍ଷୀ ଗଣନା କାର୍ଯ୍ୟ ବେତନଟୀ ବନାଞ୍ଚଳ ଅଧିକାରୀ ଧ୍ରୁବେନ୍ଦ୍ର ନାଥ ନାୟକ ଓ ବନରକ୍ଷୀ ନମିତା ସେଠୀଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ପକ୍ଷୀ ଗଣନା ସକାଳ ସକାଳ ୫ଟା୩୦ରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପକ୍ଷୀ ଗଣନା ସମୟରେ ବିଭିନ୍ନ ପ୍ରଜାତିର ପକ୍ଷୀ ଯଥା ଲିଟିଲ କର୍ମୋରଣ୍ଟ (ପାଣି କୁଆ) କମନ କିଙ୍ଗ ଫିସର (ମାଛରଙ୍କା) ଗାଡ଼ ୱାଲ, କମନ ମୁରହେନ ପ୍ରଭୃତି ୨୦ରୁ ଅଧିକ ପ୍ରଜାତିର ପ୍ରାୟ ୨୦୦୦ରୁ ଅଧିକ ପକ୍ଷୀ ଚିହ୍ନଟ କରାଯାଇଥିଲା। ଉଲ୍ଲେଖନୀୟ ଯେ, ଏହି ଆଦ୍ରଭୂମି ପ୍ରାକୃତିକ ଜଳାଶୟରେ ଅନେକ ପ୍ରକାର ବିଦେଶୀ ପକ୍ଷୀ ବିଚରଣ କରୁଥିବା ଦେଖିବାକୁ ମିଳିଥିଲା। ଏହି ପକ୍ଷୀ ଗଣନାରେ ବିଭାଗୀୟ କର୍ମଚାରୀ ଶ୍ରୀଧର ମହାକୁଡ଼, ସୁଶାନ୍ତ ମହାନ୍ତ, ଦେବାନନ୍ଦ ମହାନ୍ତ, ଗଜସାଥୀ ରାଜୀବ କୁମାର କବାଟ, ଇକୋ କ୍ଲବର ଡ. ରମାକାନ୍ତ ମହାନ୍ତ ଓ ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାୟକ, ଶିକ୍ଷକ ସତ୍ୟରଞ୍ଜନ ଦୁର୍ଗା, ସ୍ୱେଚ୍ଛାସେବୀ ଗୋବିନ୍ଦ ଚନ୍ଦ୍ର ଦୁର୍ଗା, ଡାକ୍ତର ଧ୍ରୁବଚରଣ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# ଶିମିଳିପାଳ ସଂଲଗ୍ନ ଅଞ୍ଚଳରେ ଅଫିମଚାଷ



ପୋଲିସ,ଅବକାରୀ ଓ ବନ ବିଭାଗ କର୍ମଚାରୀ ଅଫିମ ଗଛ ନଷ୍ଟ କରୁଛନ୍ତି।

ବାରିପଦା, ୧୯।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ୧.୯୧ କୋଟି ଟଙ୍କାର ଗଛ ନଷ୍ଟ କଲା ମିଳିତ ଟିମ୍

ମୟୂରଭଞ୍ଜ ଜିଲା ଶିମିଳିପାଳ ସଂଲଗ୍ନ ଯଶୀପୁର ଥାନା ଅଧୀନ ଗୋପୀନାଥପୁର ଗ୍ରାମରେ ଚାଲିଥିବା ବେଆଇନ ଅଫିମ ଚାଷ ପୋଲିସ, ଅବକାରୀ ଓ ବନ ବିଭାଗ ମିଳିତ ଟିମ୍ ଠାବ କରିଛି। ଗୋଇନ୍ଦା ସୂଚନା ଆଧାରରେ ଚଢ଼ାଉ ପରେ ମୋଟ ୯୫,୮୫୦ଟି ଅଫିମ ଗଛ ନଷ୍ଟ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧ କୋଟି ୯୧ ଲକ୍ଷ ୭୦ ହଜାର ଟଙ୍କାର ହେବ ବୋଲି ପୋଲିସ ସୂଚନା ଦେଇଛି। ଏନେଇ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି। ଉଲ୍ଲେଖଯୋଗ୍ୟ, ଶିମିଳିପାଳ ଅଭୟାରଣ୍ୟ ଭିତରେ ପୂର୍ବରୁ ଏଭଳି ଅଫିମ ଚାଷ ବାରମ୍ବାର ଧରାପଡ଼ିଛି।

# ମଦ ସହ ବାଇକ୍ ଜବତ

ଗୋପବନ୍ଧୁ ନଗର, ୧୯।୧ (ଶାନ୍ତନୁ କୁମାର ମଣ୍ଡୁଆଳ)

ବେଆଇନ ମଦ କାରବାର ଅଭିଯୋଗରେ ସୋମବାର ଖୁଣ୍ଟା ଅବକାରୀ ବିଭାଗ କାହ୍ନୁପୁର ଗ୍ରାମର ଦୁର୍ଗାଦାସ ବିନ୍ଧାଣୀ (୨୧)ଙ୍କ ଠାରୁ ୨୨ ଲିଟର ମଦ ସହ ଏକ ବାଇକ ଜବତ କରିଛି। ଦୁର୍ଗା ବାଇକ୍‌ରେ ମଦ ନେଇ ବିକ୍ରି କରିବାକୁ ଯାଉଥିବା ବେଳେ ଗଡ଼ିଗାଁଛକ ଠାରେ ଅବକାରୀ ବିଭାଗ ହାତରେ ଧରାପଡ଼ିଥିଲେ। ଏ ନେଇ ଏକ ମାମଲା ରୁଜୁ ହୋଇଛି। ଏସ୍‌ଆଇ କୃଷ୍ଣ ସୁନ୍ଦର ସେଠୀ, କିଶୋର ସୋରେନ, ନିରଞ୍ଜନ ମହାନ୍ତ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

# ତ୍ରିରଙ୍ଗା କ୍ଲବର ମକର ମହୋତ୍ସବ

ବାରିପଦା, ୧୯।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ. ୧୫ ପୂର୍ଣ୍ଣଚନ୍ଦ୍ରପୁରସ୍ଥିତ ତ୍ରିରଙ୍ଗା କ୍ଲବର ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ୬ ଦିନିଆ ମକର ମହୋତ୍ସବ ଓ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ୧ମ ତିନିଦିନ ଧରି ଦୌଡ଼, ଡିସ୍‌କସ ଓ ସଟପୁଟ ଥ୍ରୋ, ମା ମାଉସୀଙ୍କ ଶଙ୍ଖ ଫୁଙ୍କା, ମ୍ୟୁଜିକ ଚେୟାର ସମେତ କୁନିକୁନି ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୪ର୍ଥ ସନ୍ଧ୍ୟାରେ ଆକର୍ଷଣୀୟ ନୃତ୍ୟଗୀତ କାର୍ଯ୍ୟକ୍ରମ ସହ ୭୦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଜୁନିୟର ଗ୍ରୁପ ବାଳିକାରେ ଚାମ୍ପିୟନ ହୋଇଥିବା ସୋନୁ ଗୋଛାୟତ ଏବଂ ଭଲିବଲ ପ୍ରତିଯୋଗିତାର ଚାମ୍ପିୟନ ଜଗନ୍ନାଥ ୱାରିୟର୍ସ ଏବଂ ରନରଅପ ଶକ୍ତିମାନ ସିକ୍ସ ଷ୍ଟାର୍ସ ଦଳକୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

କ୍ଲବ୍‌ର ସଭାପତି ଆଲୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାରିପଦା ସଦର ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ଯୋଗଦେଇ ପୁରସ୍କାର ବିତରଣ କରିବା ସହ ମକର ଉତ୍ସବ ପାଳନ ଅବସରରେ ବିଭିନ୍ନ ଖେଳାକୁଦ କରି ପ୍ରତିଭାମାନଙ୍କୁ ଉତ୍ସାହିତ କରୁଥିବାରୁ କ୍ଲବର ଉଦ୍ୟମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ୧୫ ନଂ. ୱାର୍ଡ କାଉନସିଲର ନିରୁପମା ମହାନ୍ତି, ଶିକ୍ଷାବିତ ନବ କିଶୋର ପାଲବାବୁ ଓ ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ଉପସ୍ଥିତ ରହି ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବ୍‌ର ଉପ ସଭାପତି ରବୀନ୍ଦ୍ର ମହାନ୍ତି, ସମ୍ପାଦକ ବିଶ୍ୱରଞ୍ଜନ ବାଗ, ବରିଷ୍ଠ ସଦସ୍ୟ ଲିଟନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଳୟ ଦତ୍ତ ଓ ଉମେଶ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ୩ ଲକ୍ଷ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ମୋରଡ଼ା, ୧୯।୧ (ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ତଥା ବେତନଟୀ ଥାନା ଅଞ୍ଚଳରେ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଲୁଟର ଶିକାର ହୋଇଛନ୍ତି। ବେତନଟୀ ଥାନା ଅଧିକାରୀ ସସ୍ମିତା ମହାନ୍ତଙ୍କ ସୂଚନା ଅନୁଯାୟୀ, ରାଇବଣିଆ ଅଞ୍ଚଳର ଅବସରପ୍ରାପ୍ତ କୃଷି ବିଭାଗୀୟ କର୍ମଚାରୀ କେଦାର ଚନ୍ଦ୍ର ପାଲ ସୋମବାର ବେତନଟୀ ବ୍ୟାଙ୍କ ଅଫ ଇଣ୍ଡିଆରୁ ୩ ଲକ୍ଷ ୧୦ ହଜାର ଟଙ୍କା ଉଠାଇ ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଅପରାହ୍ନ ୧ଟା୩୦ରେ ଫେରିବା ବାଟରେ ବଡ଼ଜାମବଣି ନିକଟ ଜଙ୍ଗଲ ରାସ୍ତାରେ କେଦାର ସ୍କୁଟି ରଖି ଫୋନରେ କଥା ହେଉଥିଲେ। ତେବେ ପୂର୍ବରୁ ତାଙ୍କୁ ଏକ ବାଇକ୍‌ରେ ପିଛା କରୁଥିବା ୨ଜଣ ଯୁବକ ସ୍କୁଟିରେ ଥିବା ଟଙ୍କା ବ୍ୟାଗକୁ ନେଇ ଘଟଣାସ୍ଥଳରୁ ପଳାଇଥିଲେ। ଏନେଇ କେଦାର ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ




ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ରାଇରଙ୍ଗପୁର, ୧୯।୧ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର କଚେରୀ ପଡ଼ିଆ ଷ୍ଟାଡିୟମ ପରିସରରେ ରବିବାର ବନ ବିଭାଗ ଏବଂ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ମିଳିତ ସହାୟତାରେ ୫ ଦିନିଆ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ଅତିଥି ଭାବେ ରାଜ୍ୟ ଜଙ୍ଗଲ, ପରିବେଶ ଜଳବାୟୁ ଏବଂ ଶ୍ରମ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ ଏବଂ ଜିଲା ପରିଷଦ ସଦସ୍ୟା ମିନା ସୋରେନ ଏବଂ କରଞ୍ଜିଆ ବନଖଣ୍ଡ ଅଧିକାରୀ ବୈଦ୍ୟନାଥ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ରାଇରଙ୍ଗପୁର ଉପଖଣ୍ଡ ବନ ଅଧିକାରୀ ସୁବ୍ରତ କୁମାର ପାତ୍ର ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଆୟୋଜନ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ରାଇରଙ୍ଗପୁର ବନଖଣ୍ଡ ଏସିଏଫ୍ ପ୍ରଭାକର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ମେଳାରେ ମୟୂରଭଞ୍ଜ ସମେତ ରାଜ୍ୟର ବିଭିନ୍ନ ଜିଲାର ବୈଦ୍ୟମାନଙ୍କ ବନ ଔଷଧୀ ଏବଂ ମହିଳା ସ୍ୱୟଂ ସହାୟକ ସଂଗଠନ ପକ୍ଷରୁ ଷ୍ଟଲମାନ ଖୋଲିଛି। ଏହି ମେଳା ଆସନ୍ତା ୨୨ ତାରିଖରେ ଉଦ୍‌ଯାପିତ ହେବ।

# ମହା ନାମଲେଖା ଶିବିର

ବେତନଟୀ, ୧୯।୧ (ଧରଣୀଧର ମହାନ୍ତି)

ବେତନଟୀ ବ୍ଲକରେ ଅଧାରୁ ପାଠପଢା ଛାଡୁଥିବା ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପିଏମ୍‌ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ (ଏମ୍‌ପିସି ହାଇସ୍କୁଲ)ରେ ମହା ନାମଲେଖା ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷୟିତ୍ରୀ ଇତିଶ୍ରୀ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ତଥା ଶିକ୍ଷକ ନିରୋଜ କୁମାର ମହାନ୍ତଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅପର୍ଣ୍ଣା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକର ୧୭ ଜଣ ସିଆର୍‌ସିସି ବିଭିନ୍ନ କ୍ଲଷ୍ଟରରୁ ଅଧାରୁ ପାଠ ପଢ଼ା ଛାଡିଥିବା ଛାତ୍ରୀଛାତ୍ରଙ୍କ ସହ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଅଚ୍ୟୁତ ନନ୍ଦ ଦାଶ ଓ ନିରୋଜ କୁମାର ମହାନ୍ତ ପିପିଟି ମାଧ୍ୟମରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନର ଶିକ୍ଷା ପ୍ରଣାଳୀ ସମ୍ବନ୍ଧରେ ଆଲୋଚନା କରିଥିଲେ। ପରେ ୩୦ ଜଣ ଛାତ୍ରୀଛାତ୍ର ଦଶମ ବୋର୍ଡ ପରୀକ୍ଷା ପାଇଁ ନାମ ଲେଖାଇଥିଲେ। ସିଆରସିସି ସଠିଲୋ ସଞ୍ଜୟ କୁମାର ପଣ୍ଡିତ ଧନ୍ୟବାଦ ଦେଇଥିଲେ।

# ଭାଜପାର ଜନଜାଗରଣ ଅଭିଯାନ




କର୍ମଶାଳାରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତାମାନେ।

ବାରିପଦା, ୧୯।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଜୀବିକା ମିଶନ ଗ୍ରାମୀଣ (ଭିବି-ଜି ରାମ ଜି) ଯୋଜନାକୁ ନେଇ ଭାଜପା ପକ୍ଷରୁ ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି । ମୟୂରଭ ଜିଲା(ପୂର୍ବ) ଭାଜପା ସଭାପତି ନିହାର ରଞ୍ଜନ ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ମଢ଼େଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ, ଭାଜପା ରାଜ୍ୟ ଉପସଭାନେତ୍ରୀ ତଥା ପ୍ରଭାରୀ ସିପ୍ରା ବାଜପାୟୀ, ରାଜ୍ୟ ଅନୁସୂଚୀତ ଜନଜାତି ମୋର୍ଚ୍ଚା ସଭାପତି କାନ୍ଦରା ସୋରେନ, ରାଜ୍ୟ ପ୍ରବକ୍ତା କବି ବିଷ୍ଣୁ ଶତପଥୀ, ଉଦଳା ମ୍ୟୁନସିପାଲିଟି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସାଧାରଣ ସମ୍ପାଦକ ପ୍ରବୀଣ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟତମ ଜିଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ସମସ୍ତ ମଣ୍ଡଳ ସଭାପତି, ପୂର୍ବତନ ମଣ୍ଡଳ ସଭାପତି, ମୋର୍ଚ୍ଚା ସଭାପତିଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ କଳା ପ୍ରଦର୍ଶନୀ

ବାରିପଦା, ୧୯।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ଶିଶୁ ଉଦ୍ୟାନ ପରିସରରେ ରବିବାର ଜିଲାସ୍ତରୀୟ କଳା ପ୍ରଦର୍ଶନୀ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ କଳା ଏକାଡେମୀ ଓ ବାରିପଦା ମ୍ୟୁନିସିପାଲିଟିର ମିଳିତ ଆନୁକୂଲ୍ୟରେ ନର୍ସରୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ୪ଟି ଗ୍ରୁପରେ ବିଭକ୍ତ ହୋଇ ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ପିଲା ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ।

ମୟୂରଭଞ୍ଜ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଓ ପ୍ରସିଦ୍ଧ ମନ୍ଦିରଗୁଡ଼ିକର ଚିତ୍ରାଙ୍କନକୁ ନେଇ ଚଳିତ ବର୍ଷର ଥିମ ଥିଲା। ପ୍ରାୟ ୫୦ଜଣ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମେଡାଲ ଦେଇ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ବାରିପଦା ମ୍ୟୁନିସିପାଲଟି କଲ୍ୟାଣ ମଣ୍ଡପରେ ପୁରସ୍କାର ବିତରଣ ଓ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ମୁଖ୍ୟ ବକ୍ତା ଭାବେ ଡିଭାଇନ ଡିପ୍ଲୋମା କଲେଜର ଡିନ ଡ.ରଞ୍ଜିତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଏବଂ କ୍ରିଏଟିଭ ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସ ପ୍ରିନ୍ସିପାଲ ରବୀନ କୁମାର ମହାପାତ୍ର ଉପସ୍ଥିତ ଥିଲେ। ଶ୍ରୀ ଜଗନ୍ନାଥ କଳା ଏକାଡେମୀର ଅଧ୍ୟକ୍ଷା ଶୁଭସ୍ମିତା ଭାରତୀ ହୋତା ଏବଂ ଟ୍ରଷ୍ଟି ରାକେଶ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

କଳା ଶିକ୍ଷକ ଚିରଞ୍ଜୀବ ସାହୁ, ପ୍ରକାଶିନୀ ସାହୁ, ମାମୁନି ଧଳ, ନୃତ୍ୟଗୁରୁ ତପନ କୁମାର ବେହେରା, ସୁଜିତ କୁମାର ଧଳ, ସାଇରୋ ପ୍ରଧାନ, ଯୋଗଗୁରୁ ଚନ୍ଦନ ମିଶ୍ର ଓ ସଞ୍ଚାଳକ ହରେନ୍ଦ୍ର ମହାନ୍ତଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାବ୍ୟତୀତ ଟ୍ରଷ୍ଟି ସୁବାସ ଚନ୍ଦ୍ର ରାଉତ, ଅଙ୍କୁର ଖୁରାନା, ପବିତ୍ର ମୋହନ ପାଢ଼ୀ, ଦେବାଶିଷ ନାୟକ, ସୁକୁଲ ସୋରେନ ଏବଂ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ପରିଚାଳନାରେ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପିଲାମାନେ।

**ଶନିଦେବଙ୍କ ମନ୍ଦିରର ବାର୍ଷିକୋତ୍ସବ**

ବନ୍ତ,(ହରିନାରାୟଣ ମହାନ୍ତି): ବନ୍ତ ବୁକର ଉତ୍ତିପୁରସ୍ଥିତ ଶନିଦେବଙ୍କ ମନ୍ଦିରରେ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ଗ୍ରାମ୍ୟ ପୁଷ୍କରିଣୀରୁ କଳସ ଅଣାଯାଇ ଯଥାରୀତି ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଜନାର୍ଦ୍ଦନ ସ୍ୱାଇଁ ଓ ଦମୟନ୍ତୀ ସ୍ୱାଇଁଙ୍କ ସଂକଳ୍ପ ଉଦ୍ୟାପନ ଏବଂ ରବୀନ୍ଦ୍ର ନାରାୟଣ ପଣ୍ଡାଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉତ୍ସବରେ ଯୋଗ ଦେଇଥିଲେ। ଧରଣୀଧର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଣେଶ ସ୍ୱାଇଁ, ସୁରେଶ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

■କାନପୁର ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା କଲେ ପଞ୍ଚାୟତିରାଜ ଓ ଜଳ ଯୋଗାଣ ମନ୍ତ୍ରୀ

■ଅଧିକାଂଶ ଗାଁ ପାନୀୟ ଜଳ ଯୋଗାଣରୁ ବଞ୍ଚିତ ନେଇ କ୍ଷୋଭ

ଯୋଡ଼ା/ଚମ୍ପୁଆ,୧୯।୧ (ମାନସ ମହାନ୍ତି/ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅନ୍ତର୍ଗତ କାନପୁର ଡ୍ୟାମରେ ନିର୍ମାଣ କରାଯାଉଥିବା ଜଳ ଯୋଗାଣ ପ୍ରକଳ୍ପକୁ ପଞ୍ଚାୟତିରାଜ ଓ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ସୋମବାର ଗସ୍ତ କରି ସମୀକ୍ଷା କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋବୃତ୍ତି ଯୋଗୁ ଅଧିକାଂଶ ଗାଁ ପାନୀୟ ଜଳ ଯୋଗାଣରୁ ବଞ୍ଚିତ ହେଉଛନ୍ତି। ଖୋଦ ମୁଖ୍ୟମନ୍ତ୍ରୀଙ୍କ ଗ୍ରାମ ନିକଟରେ ମଧ୍ୟ ଅବ୍ୟବସ୍ଥା ଦେଖି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଥାନାରେ ଏତଲା ଦେବା ସହ ବିଭାଗୀୟ



ମନ୍ତ୍ରୀ ରବି ନାରାୟଣ ନାୟକ ଓ ଅନ୍ୟମାନେ।

କାର୍ଯ୍ୟାନୁଷ୍ଠାନ ପାଇଁ ମନ୍ତ୍ରୀ ବରିଷ୍ଠ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମନ୍ତ୍ରୀ ନାୟକ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ଗ୍ରାମ ରାଇକଳା, ପର୍ଶଳା ଏବଂ ପରେ କାନପୁର ପ୍ରକଳ୍ପକୁ ପରିଦର୍ଶନ କରିଥିଲେ। ଖବରଦାତାଙ୍କୁ ପ୍ରତିକ୍ରିୟାରେ କହିଥିଲେ, ପ୍ରକଳ୍ପରୁ ଜିଲାର ୫ଟି ବ୍ଲକର ୫୮୯ ଗାଁକୁ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ଚଳିତବର୍ଷ ଜୁଲାଇ ସୁଦ୍ଧା ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଅଞ୍ଚଳର ସମସ୍ତ ଗ୍ରାମକୁ ଜଳ ଯୋଗାଣ କରିବା ଦିଗରେ ସରକାର ବଦ୍ଧପରିକର ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କର ଗସ୍ତ ସୂଚନା ପାଇବା ପରେ କୋଦରାଡ଼ିଆ ସରପଞ୍ଚ ମଞ୍ଜୁଲତା ନାଏକ, ୧୩ ନମ୍ବର ଜୋନ୍ ଜିଲା ପରିଷଦ ଉଦୟ ନାଏକ ପ୍ରମୁଖ ପହଞ୍ଚିଥିଲେ ହେଁ ମନ୍ତ୍ରୀଙ୍କୁ ଭେଟି ପାରି ନ ଥିଲେ। କ୍ଷୋଭର ସହ କହିଥିଲେ, ବିଗତ ସରକାରଙ୍କ ସମୟରେ ୨୦୧୯ରେ ଏହି ପାନୀୟ ଜଳ ମେଗା ପ୍ରକଳ୍ପ ଆରମ୍ଭ ହୋଇଥିଲା। ଗ୍ରାମରେ ପ୍ରକଳ୍ପ ହେଲେ, ପାନୀୟ ଜଳର ସଙ୍କଟ ଦୂର ହେବ ବୋଲି ଭାବି ଗ୍ରାମବାସୀ ପଲ୍ଲିସଭାକୁ ସମର୍ଥନ ଦେଇଥିଲେ। ପଲ୍ଲିସଭାରେ ଗ୍ରାମବାସୀଙ୍କ ଦାବିପୂରଣ ପାଇଁ ଠିକାସଂସ୍ଥା ଏବଂ ସରକାରୀ ବରିଷ୍ଠ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା ପାଳନ କରାଯାଉନାହିଁ। ଅନ୍ୟପକ୍ଷେ ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟସୂଚୀରେ ୧୧ଟା ୩୦ରେ କୋଦରାଡ଼ିଆ ପଞ୍ଚାୟତର ମିରିଗିସିଙ୍ଗାଠାରେ ମେଗା ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ ସମୟ ନିର୍ଦ୍ଧାର ଥିଲେ ହେଁ ବିଭାଗୀୟ ଅଧିକାରୀଙ୍କ ଅବହେଳା ପଦାରେ ପଡ଼ିବା ଆଶଙ୍କାରେ ଜାଣିଶୁଣି ବିଳମ୍ବ କରାଯାଇଥିଲା। ମନ୍ତ୍ରୀଙ୍କ ସେ ଅଞ୍ଚଳକୁ ଗସ୍ତ କାର୍ଯ୍ୟକ୍ରମ ବାତିଲ କରାଯାଇଥିଲା ବୋଲି ମହେଶ୍ୱର ନାଏକ ଅଭିଯୋଗ କରିଛନ୍ତି। ମନ୍ତ୍ରୀଙ୍କ ସହିତ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଭୁବନେଶ୍ୱରରୁ ଆସିଥିବା ବରିଷ୍ଠ ଅଧିକାରୀଙ୍କ ସମେତ କେନ୍ଦୁଝର ଜିଲାପାଳ ବିଶାଳ ସିଂ ଉପସ୍ଥିତ ଥିଲେ।

# ମଣ୍ଡିରେ ଧାନ ବିକି ନ ପାରି ଫେରିଲେ ଚାଷୀ

ଧାମନଗର/ ତିହିଡ଼ି,୧୯।୧ (ସନ୍ତୋଷ କୁମାର ମହାପାତ୍ର/ ସଞ୍ଜିତ ବଳ)

ଚଳିତ ମାସ ୫ ତାରିଖରୁ ସରକାରୀସ୍ତରରେ ମଣ୍ଡି ଉଦ୍‌ଘାଟନ ହୋଇଥିଲେ ହେଁ ଚାଷୀଙ୍କଠାରୁ ଧାନ ମୁଠାଏ କିଣା ହୋଇପାରି ନାହିଁ। ବହୁଦିନର ଅପେକ୍ଷା ପରେ ଚାଷୀମାନେ ଧାନ ବିକିବା ପାଇଁ ସୋମବାର ମଣ୍ଡିକୁ ନେଇଥିଲେ। ହେଲେ ଧାନ ବିକ୍ରି କରି ନ ପାରି ଚାଷୀମାନେ ନିରାଶ ହୋଇ ଫେରିଛନ୍ତି। ଟୋକନ ପାଇଥିବା କେତେକଣ ଚାଷୀଙ୍କୁ ସୋମବାର ଧାନ ବିକ୍ରୟ ନେଇ ଧାମନଗର ବ୍ଲକର ବିଭିନ୍ନ ମଣ୍ଡି ପକ୍ଷରୁ ଖବର ଦିଆଯାଇଥିଲା। ଶ୍ରୀ ଜଗନ୍ନାଥ, ଧାମନଗର, ଦୋବଲ, ଦଳାଙ୍ଗ, କଟସାହି, କୋଠର ଆଦି ସେବା ସମବାୟ ସମିତି ମଣ୍ଡିକୁ ଚାଷୀ ଧାନ ବିକିବା ପାଇଁ ନେଇଥିଲେ। ଶ୍ରୀ ଜଗନ୍ନାଥ ସମିତିରେ ଚାଷୀ ପ୍ରଫୁଲ୍ଲ କୁମାର ରାଉତ, ନବଘନ ଦାସ, ଗୋବର୍ଦ୍ଧନ ପ୍ରଧାନଙ୍କ ଧାନର ମାନ ଆର୍‌ଏମ୍‌ସି ଅଧିକାରୀ ପରୀକ୍ଷଣ ପରେ ଏଫ୍‌ଏକ୍ୟୁ ମାନର ନୁହେଁ ବୋଲି କହିବା ସହ ଧାନ ଘରକୁ ନେଇଯିବାକୁ ଚାଷୀଙ୍କୁ କହିଥିଲେ। ମାନ ନିର୍ଦ୍ଧାରଣ ସମୟରେ ଅତିରିକ୍ତ ତହସିଲଦାର ପଲ୍ଲୀଭାରତ ମହାଲିକ, ନୋଡାଲ ଅଫିସର ଅନୀଲ କୁମାର ସେଠୀ, ମିଲର କର୍ମଚାରୀ, ମଣ୍ଡି ପରିଚାଳକ ପ୍ରକାଶ ରାଉତ, ଚାଷୀ କମିଟି ସଭ୍ୟଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ସରକାରଙ୍କ ପକ୍ଷରୁ କିଛିଦିନ ଭିତରେ ମାନ ନିର୍ଦ୍ଧାରଣର କୋହଳ କିମ୍ବା ଆପୋଷ ବୁଝାମଣା ହେବା ଆଶା ନେଇ ଧାନ ବସ୍ତା ସବୁ ମଣ୍ଡି ଆଗରେ ଥାକ କରି ରଖି ଚାଷୀ ଘରକୁ ଫେରିଯାଇଥିଲେ। ଧାମନଗର ସମିତିରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେଠାରେ ୪ ଚାଷୀ ନନ୍ଦକିଶୋର ରାଉତ, ବସନ୍ତ କୁମାର ପଣ୍ଡା, ବ୍ରଜ କିଶୋର ବାରିକ ଓ ଉମାମଣି ଦାସ ଧାନ ବିକ୍ରି କରିବାକୁ ନେଇଥିଲେ। ଉପସ୍ଥିତ ଆର୍‌ଏମ୍‌ସି ଅଧିକାରୀ ସେମାନଙ୍କ ଧାନର ମାନ ପରୀକ୍ଷଣ କରି ଏଫ୍‌ଏକ୍ୟୁ ମାନର ନୁହେଁ ବୋଲି କହିବା ପରେ ଚାଷୀମାନେ ଧାନ ବିକି ନ ପାରି ଫେରି ଯାଇଥିବା ସମିତି ସମ୍ପାଦକ ବସନ୍ତରାଜ ସାହୁ କହିଛନ୍ତି। ତେବେ ଯେଉଁଭଳି ଭାବେ ସରକାର ମାନ ନିର୍ଦ୍ଧାରଣ କରୁଛନ୍ତି, କୌଣସି ଚାଷୀ ମଣ୍ଡିରେ ଧାନ ବିକିପାରିବେ ନାହିଁ ବୋଲି ଉପସ୍ଥିତ ଚାଷୀମାନେ ପ୍ରକାଶ କରିଛନ୍ତି। ମାନ ନିର୍ଦ୍ଧାରଣରେ କୋହଳ କରାଯିବାକୁ ସେମାନେ ଦାବି କରିଛନ୍ତି।

ସେହିପରି ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ସମବାୟ ସମିତିରେ ଉପୁଜିଥିବା ଅନୁରୂପ ପରିସ୍ଥିତି ଚାଷୀମାନଙ୍କୁ ଚିନ୍ତାରେ ପକାଇଛି। ସୋମବାର ଏହି ସମିତିରେ ଧାନ ଦେବାକୁ ୨୬ଜଣ ଚାଷୀ ଟୋକନ ପାଇଥିଲେ। ସେମାନଙ୍କଠାରୁ ୧୫ଶହ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ସଂଗ୍ରହ କରାଯିବାକୁ ସ୍ଥିର ହୋଇଥିଲା। ତଦନୁଯାୟୀ ଚାଷୀମାନେ ଟ୍ରଲି, ଟ୍ରାକ୍ଟରରେ ଧାନ ନେଇ ସମିତିରେ ପହଞ୍ଚିଥିଲେ। ସମିତିରେ ଧାନ ସଂଗ୍ରହର ପ୍ରଥମ ଦିନ ହୋଇଥିବାରୁ ୩ଟି ରାଇସ୍ ମିଲ୍‌ର ମିଲର୍‌ଙ୍କ ସମେତ ଏଭିଓ ମାନକେତନ ବାରିକ, ନୋଡାଲ ଅଫିସର ତଥା ଏମ୍‌ଆଇ ପ୍ରୀତିଶ ସାମଲ, ସମିତି ସଭାପତି ବିଜୟ ମହାପାତ୍ର, ସମ୍ପାଦକ କୃପାସିନ୍ଧୁ ଦାସ, ଧାନ କ୍ରୟ କମିଟର ସଭାପତି ପ୍ରମୋଦ କୁମାର ଦାସ, ସୀତାକାନ୍ତ ନାୟକ, ରଘୁନାଥ ପାତ୍ର, ସୋମନାଥ ପାଢ଼ୀ, ପ୍ରିୟବ୍ରତ ପାଢ଼ୀ, ଆଲୋକ ଧଳ, ଡିଲଓ ଦେବକାନ୍ତ ନାୟକ, କର୍ମଚାରୀ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଫ୍‌ଏକ୍ୟୁ ଧାନ ସଂଗ୍ରହ ନେଇ ମିଲରମାନେ ଆଲୋଚନା କରିଥିଲେ। ଧାନ ଏଫ୍‌ଏକ୍ୟୁ ହୋଇ ନ ଥିଲେ କେତେ କଟ୍ନିଛଟ୍ନି ହେବ, ସେନେଇ କୌଣସି ନିଷ୍ପତ୍ତି ହୋଇପାରି ନ ଥିଲା। ଶେଷରେ ମିଲରମାନେ ଧାନର ନମୁନା ନେଇ ଫେରିଥିଲେ। ଧାନର ମାନ ପରୀକ୍ଷଣ ପରେ ସେନେଇ ନିଷ୍ପତ୍ତି ହେବ ବୋଲି ମିଲରମାନେ ସୂଚନା ଦେଇଥିଲେ। ତେବେ ଚାଷୀମାନେ ମଣ୍ଡିକୁ ନେଇଥିବା ଧାନକୁ ସମିତି କର୍ତ୍ତୃପକ୍ଷ କେବଳ ଓଜନ କରି ଗୋଦାମରେ ସୁରକ୍ଷିତ ରଖିଥିବା ଜଣାପଡ଼ିଛି।

# ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା

କେନ୍ଦୁଝର,୧୯।୧(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ସୌଜନ୍ୟରୁ ପ୍ରଭାସ ମଞ୍ଜରୀ ଆଇନ ମହାବିଦ୍ୟାଳୟଠାରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାଧିକରଣ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରାଙ୍କ ପ୍ରକ୍ଷ୍ୟ ତତ୍ତ୍ୱାବଧାନରେ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗଦେଇ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ, ବାଲ୍ୟ ବିବାହରୁ ଭାରତ ଗଠନ, କର୍ମକ୍ଷେତ୍ରରେ ମହିଳା ଯୌନ ନିର୍ଯାତନା, କିଶୋରଙ୍କ ଅଧିକାର ଦିଗରେ ଆଲୋକପାତ କରିଥିଲେ। ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଇଂ. ବିଶ୍ୱେଶ୍ୱର ରାଓ ସ୍ଥାୟୀ ଲୋକ ଅଦାଲତର କାର୍ଯ୍ୟକ୍ରମ ଉପରେ ତର୍ଜମା କରିଥିଲେ। ଅଧ୍ୟକ୍ଷ ଧନେଶ୍ୱର ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାଧିକରଣ ସଦସ୍ୟ ଅକ୍ଷୟ ଚନ୍ଦ୍ର ଅଧିକାରୀ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୋଲିସ ଅଧିକାରୀ ଅରୁପ ସାମଲ, ଆଇନଜୀବୀ ସଲମା ବେଗମ, ଅଧ୍ୟାପିକା ସ୍ମୃତିରେଖା ବାରିକ, କ୍ଷୀରାବ୍ଧି ତନୟା ଦାଶ ମହାପାତ୍ର, ବବିନା ଆପଟ୍ଟ, ଅଧ୍ୟାପକ ଭାବଗ୍ରାହୀ ନାୟକ, କାର୍ତ୍ତିକଚନ୍ଦ୍ର ନାୟକ, ଦେବାଶିଷ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଡାକ୍ତର ସଞ୍ଜୀବ ଓଟା ସମ୍ବର୍ଦ୍ଧିତ

କେନ୍ଦୁଝର,୧୯।୧(ଦୀପକ ମିଶ୍ର): ନ୍ୟାସନାଲ କନକ୍ଲେଭ ଅନ୍ ଭିଜନ ଡକ୍ୟୁମେଣ୍ଟ ୨୦୩୬ ଫର୍ ଏକ ଡେଭଲପମେଣ୍ଟ ଓଡ଼ିଶା, କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲାର ଦନ୍ତ ଚିକିତ୍ସକ ଡଃ ସଞ୍ଜୀବ କୁମାର ଓଟା ସମ୍ବର୍ଦ୍ଧିତ ହୋଇଛନ୍ତି। ଜାନୁଆରୀ ୧୮ରେ ଉତ୍କଳ ଇଣ୍ଡିଆ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଏହାର ଲକ୍ଷ୍ୟ ଓ ବିଷୟବସ୍ତୁ ସମ୍ପର୍କରେ ଏକ ଦଳଗତ ଆଲୋଚନା ହୋଇଥିଲା। ଭିତ୍ତିଭୂମି ଓ ବିକାଶ, ସ୍ୱାସ୍ଥ୍ୟ ସେବା ପର୍ଯ୍ୟଟନ ଓ ସଂସ୍କୃତି ସହ ଶିକ୍ଷା ସମ୍ପର୍କରେ ବିଶେଷ ଆଲୋଚନା ହୋଇଥିଲା। ଏଥିରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବାଚସ୍ପତି ସୁରମା ପାଢ଼ୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପଶୁ ପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂହଦେଓ, ଢେଙ୍କାନାଳ ଲୋକସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ପୂର୍ବତନ ଏମ୍‌ପି ରଥୀଦାସ ଶତପଥି, ବଡ଼ଚଣା ବିଧାୟକ ଅମର ନାୟକ, ଡା. ପଦ୍ମନ ଗୁପ୍ତା, ଡା. ମାଧବ ନନ୍ଦ, ଡା. ସୁରେନ୍ଦ୍ର ବେଚନପତି, ଡା. ସଂଜୀବ ଓଟା ପ୍ୟାନେଲ ଆଲୋଚନାରେ ଭାଗ ନେଇଥିଲେ। କେନ୍ଦୁଝରର ବରିଷ୍ଠ ଡା. ସଞ୍ଜୀବଙ୍କୁ ଉପମୁଖ୍ୟମନ୍ତ୍ରୀ, ଲୋକସଭା ସଦସ୍ୟ, ବଡ଼ଚଣା ବିଧାୟକ ଅମର ନାୟକ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

# ୧୨୫ ଅବସର ପ୍ରାପ୍ତ ଶିକ୍ଷକ, କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର,୧୯।୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ସଂସ୍କୃତି ଭବନ ପ୍ରେକ୍ଷାଳୟଠାରେ ରବିବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ୨୦୨୬ବର୍ଷ ନିମନ୍ତେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୩ଜଣ ମହିଳା ୧୧୨ପୁରୁଷ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଞ୍ଜୟ ବସନ୍ତ ଚକ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଧରଣୀଧର ବିଶ୍ୱବିଦ୍ୟାଳୟ କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି, ମୁଖ୍ୟ ବକ୍ତାଭାବେ ରାଜ୍ୟ ଶିକ୍ଷା ବିଭାଗ ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥିଭାବେ ଦାନୀଗ୍ରୁପ ଅଫ୍ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ବସନ୍ତ ଦାନୀ ଯୋଗଦେଇ ସମଗ୍ର କର୍ମମୟ ଜୀବନରୁ ସାଉଁଟି ଥିବା ଅଭିଜ୍ଞତାକୁ ସମାଜ କଲ୍ୟାଣ ଦିଗରେ ବିନିଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ସଂଗଠନର ସମ୍ପାଦକ ରବୀନ୍ଦ୍ର ପଣ୍ଡା ଏ ସମ୍ବର୍ଦ୍ଧନାରେ ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ କହିବା ସହିତ ସଂଘର ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ଚିନ୍ତାମଣି ଜେନା, କୋଷାଧ୍ୟକ୍ଷ ମଦନମୋହନ ତ୍ରିବେଦୀ ନିଜ ବକ୍ତବ୍ୟ ରଖିଥିବା ବେଳେ ସୁଶୀଲ ନାୟକ, କ୍ଷୀରୋଦ ରାଉତ, ଭିକାରୀ ସାହୁ, ରଘୁନାଥ ବେହେରା, ମଥୁର ନାଥ ମହାନ୍ତ, ସୁଧାକର ପଣ୍ଡା, ଅଞ୍ଜାନ ଚାନ୍ଦ, ନଳିନୀକାନ୍ତ ଘଣା, କାଶୀନାଥ ମହାନ୍ତ, ପ୍ରସନ ପରିଡ଼ା, କୃଷ୍ଣଚନ୍ଦ୍ର ରଥ, ବାଙ୍କ ବିହାରୀ ମହାନ୍ତ, ଗୌର ଗିରି, ରବି ସାହୁ, ବଳରାମ ରାଉତ, ଭାଗୀରଥି ଗିରି, ବିଗ୍ରାଧର ଗିରି ପ୍ରମୁଖ ସମ୍ବର୍ଦ୍ଧନା ଉତ୍ସବ ପରିଚାଳନା କରିଥିଲେ।

**ଖଣି ବିଭାଗ ଓ ପୋଲିସର ମିଳିତ ଚଢ଼ାଉ**

# ୨୦ ବାଲି ବୋଝେଇ ହାଇୱା ଜବତ

ବନ୍ତ,୧୯।୧(ହରିନାରାୟଣ ମହାନ୍ତି): ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଭଦ୍ରକ-ଆନନ୍ଦପୁର ୫୩ ନଂ. ରାଜ୍ୟ ରାଜପଥର ଆପଣ୍ଡା ଛକଠାରୁ ବନ୍ତ ବଜାର ପର୍ଯ୍ୟନ୍ତ ଖଣି ବିଭାଗ ଓ ବନ୍ତ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ମୋଟ ୨୦ଟି ବେଆଇନ ବାଲି ବୋଝେଇ ହାଇୱା ଜବତ ସହ ମାମଲା ରୁଜୁ କରାଯାଇ ଜରିମାନା ଆଦାୟ କରାଯାଉଛି। ଖଣି ବିଭାଗ ପକ୍ଷରୁ ୧୧ ହାଇୱା ଜବତ କରାଯାଇଥିବା ବେଳେ ୫ ହାଇୱା ରାସ୍ତାପାର୍ଶ୍ୱରେ ବାଲି ଢାଳି ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ଅଟକ ରଖାଯାଇଥିଲା। ସେହିପରି ବନ୍ତ ପୋଲିସ ପକ୍ଷରୁ ୪ ବାଲି ବୋଝେଇ ହାଇୱା ଜବତ କରାଯାଇଛି। ୫ ଚାଳକଙ୍କୁ ଥାନାରେ ଅଟକ ରଖାଯାଇଥିବା ଆଇଆଇସି ମୋନାଲିସା କର କହିଛନ୍ତି।

ପ୍ରକାଶଥାଉ କି, କେନ୍ଦୁଝର ଜିଲା ହାଟଡିହୀ ତହସିଲ ଅଧୀନ ବିଭିନ୍ନ ବାଲି ଘାଟରୁ ଦୈନନ୍ଦିନ ବହୁସଂଖ୍ୟାରେ ବାଲି ବୋଝେଇ ହାଇୱା ବେଆଇନ ଭାବେ ଆନନ୍ଦପୁର-ଭଦ୍ରକ ରାଜ୍ୟ ରାଜପଥ ଦେଇ ବାହାର ରାଜ୍ୟକୁ ବାଲି ଚୋରା ଚାଲାଣ କରିଆସୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଭଦ୍ରକ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ରବିବାର



ରାତିଠାରୁ ସୋମବାର ସକାଳ ପର୍ଯ୍ୟନ୍ତ ଏହି ଚଢ଼ାଉ କରାଯାଇଥିଲା। ଖଣି ବିଭାଗ ଓ ପୋଲିସର ମିଳିତ ଚଢ଼ାଉ ଫଳରେ ବାଲି ଚୋରା ଚାଲାଣକାରୀମାନଙ୍କ ମନରେ ଭୟ ସୃଷ୍ଟି ହୋଇଥିବା ଆଲୋଚନା ହେଉଛି।

# ଜନଶୁଣାଣି ଶିବିରରେ ୧୪୯ ଅଭିଯୋଗ

ଚାନ୍ଦବାଲି,୧୯।୧(କିଷାନ ପାତ୍ର): ଚାନ୍ଦବାଲି ବ୍ଲକ ସଭାଗୃହରେ ସୋମବାର ଜିଲାପାଳ ଏବଂ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ମନୋଜ ରାଉତ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ ୧୪୯ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରେ ୨୮ଟି ସାମୂହିକ, ୧୧୮ଟି ବ୍ୟକ୍ତିଗତ, ରେଡ଼କ୍ରସ୍ ସମ୍ବନ୍ଧୀୟ ୩ଟି ଅଭିଯୋଗ ଥିଲା। ୩୨ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଛି। ୩ଜଣଙ୍କୁ ରେଡ଼କ୍ରସ୍‌ରୁ ୧୫ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଧାନ କିଣାରେ ବିଳମ୍ବ, ପାନୀୟ ଜଳ ସମସ୍ୟା, ଖାଉଟି କାର୍ଡରେ ନାମ ଯୋଡ଼ିବା, ସାମାଜିକ ଭତ୍ତା ସମ୍ପର୍କିତ ଅଭିଯୋଗ ଆସିଥିଲା। ଜଳ ସମ୍ପଦ ବିଭାଗ ପକ୍ଷରୁ ଚାନ୍ଦବାଲି ଏନ୍‌ଏସି ଅଧୀନ ଲୁଣା ଗ୍ରାମର ନଦୀବନ୍ଧ ଉପରେ ପଥରପ୍ୟାଚିଂ ପାଇଁ ଗତବର୍ଷ ୩ ଲକ୍ଷ ଓ ୭୫ ଲକ୍ଷ ଟଙ୍କାର ଟେଣ୍ଡର ଡକାଯାଇଥିଲା। ଦୁଇଟି ଏଷ୍ଟିମେଟରେ ୯୫ ମିଟରରୁ ଏପର୍ଯ୍ୟନ୍ତ ୪୨ ମିଟରର କାମ ହୋଇଥିବା ବେଳେ ନିମ୍ନମାନର କାମ ଯୋଗୁ ପଥର ନଦୀଗର୍ଭକୁ ଧସିଯାଇଛି। ଦୁଇଟି କାମର ଅବଧି ଚଳିତମାସ ୧୭ ତାରିଖରେ ଶେଷ ହୋଇଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ୭୫ ଲକ୍ଷ ବ୍ୟୟରେ ହେବାକୁ ଥିବା କାମ ଆରମ୍ଭ ହୋଇପାରି ନାହିଁ। କିନ୍ତୁ ୨ଟି କାମର ବିଲ୍ ହୋଇଯାଇଥିବା ଅଭିଯୋଗ ହୋଇଛି। ଏ ବିଷୟରେ ଜିଲାପାଳ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ କ୍ଷିତେଶ କୁମାର ସାହୁଙ୍କୁ ପଚାରିବାରୁ ଆଖୁଆପଦା ଡିଭିଜନରେ ସେ ଅତିରିକ୍ତ ଦାୟିତ୍ୱ ନେଇଛନ୍ତି। ସାଇଟ ଦେଖି ନାହାନ୍ତି, ତେବେ ତଦନ୍ତ କରିବେ ବୋଲି କହିଛନ୍ତି। ଶିବିରରେ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଧମାଇ ଗୁପ୍ତ, ତହସିଲଦାର ଭବତୋଷ ମଲ୍ଲିକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୀବ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ।


**ନିରୁଦ୍ଦିଷ୍ଟ**

ପ୍ରାଚୀ ରିସୋର୍ଟସ ପ୍ରାଇଭେଟ୍ ଲିମିଟେଡ୍, ୬, ଜନପଥ, ଭୁବନେଶ୍ୱର ସର୍ବସାଧାରଣଙ୍କ ଅବଗତି ପାଇଁ ଜଣାଉଛି ଯେ ଆମର ନିମ୍ନଲିଖିତ ଜମିର ମୂଳ କବଲା ରଭ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦେଇଛି। କବଲା ସଂଖ୍ୟା-୪୯୨୯ ଏବଂ ୪୯୩୦, ତା-୨୭/୦୪/୧୯୭୯, ପ୍ଲଟ ନଂ- ୬, ୭, ୧୮ ଏବଂ ୧୯, ରାଜସ୍ୱ ପ୍ଲଟ ନଂ - ୩୮୦, ଖାତା ନଂ - ୨୯୮, କ୍ଷେତ୍ର - ୨.୩୩ ଏକର, ମୌଜା - ଖାରବେଳ ନଗର, ଭୁବନେଶ୍ୱର।

**TENDER**

**EXTERIOR AND INTERIOR PAINTING.**

The "Z1RWA for their 'Advait Complex', Bhubaneswar 751024" invites application from Reputed "Paint Manufacturers only" who are engaged in "Turn Key Painting job" to express their EOI (Expression Of Interest) to Paint both the "Exterior and Interior" walls of the complex comprising of apx "13,00,000 ( Thirteen Lakh) Sq ft area."

For more details, PROCEDURES and Avalabilty of Tender Papers, please connect with: Help Desk Z1- "helpdesk@z1rwa.com OR +91 81051 30275" within seven days from the date of publishing this notice .

ESTATE MANAGER

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

Bid Identification No.S.E.E.C (R&B) 27/2025-26

No : 55/Date 06.01.2026/

No.B-953 : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.22.01.2026 at 05.00 P.M. to dt.07.02.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.09.02.2026 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in

Addendum / Corrigendum, if required, will be available only in the Website.

OIPR- Sd./- Superintending Engineer Electrical Circle (R&B), Odisha, BBSR

**Government of Odisha**
**Office of the Superintending Engineer**
**Rural Works Division-I, Nabarangpur**

No.O-2086

e-mail - eerwngp@rediffmail.com

Letter No. : 317 Date : 16.01.2026

**e-Procurement Notice**

Name of the work : Road Works, Total No. of works : 20 (Twenty) No's., Approx. Estimated Cost : Rs. 5.08 lakhs to Rs. 31.78 lakhs, Class of Contractor : "B", "C" & "D" Class Contractor, Period of completion : 1 (One) Calendar Month

| Procurement Officer | Bid Identification No. | No. of Works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | 5 | 6 | 7 |
| Rural Works Division-I, Nabarangpur | EERWNGP - Online-11/2025-26 | 20 (Twenty) No's | 22.01.2026 at 10.00 A.M. | 30.01.2026 up to 03.00 P.M. | 31.01.2026 at 11.00 A.M. | |

For details can be seen from the Government website www.tendersorissa.gov.in.

OIPR- Sd./- Executive Engineer Rural Works Division-I, Nabarangpur

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE : KEONJHAR**

No.O-2058

email : se_nerwkjr@rediffmail.com

eProcurement Notice for Road Works

Bid Identification No. NCB-39 / RWCKJR / 2025-26

No. 237 / Date : 15.01.2026

1. Name of the Work : S/R to roads in the District of Keonjhar for the year 2025-26. 2. No. of Work : 02 (Two) Nos. 3. Estimated Cost : As per Annexure in NIT. 4. Class of Contractor (Eligible) : As per Annexure in NIT. 5. Period of Completion : As per Annexure in NIT. 6. Other details :

| Procurement Officer | Bid Identification No. | Availability of Tender On-line for Bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-39 / RWCKJR / 2025-26 | Dt.22.01.26 at 11.00 A.M. | Dt.05.02.26 up to 5.00 P.M. | Dt.04.02.26 up to 5.00 P.M. | Dt.06.02.26 at 11.00 A.M. | Will be intimated later |

• Further details can be seen from the website : www.tendersorissa.gov.in

OIPR- Sd./- Chief Construction Engineer R.W. Circle, Keonjhar

**DISTRICT PROJECT OFFICE**
**SAMAGRA SHIKSHA, SUNDARGARH, ODISHA**
In front of B.S. High School, At/PO/Dist - Sundargarh, PIN - 770001

Email - dpcsndgssa.opepa@nic.in Phone No. - 06622-273718

Letter No.162/PDG/Date : 19.01.2026

**NOTICE INVITING TENDER (NIT)**

Sealed tenders are invited from the reputed & credible printers/firms/agencies for printing & supply of "Question cum Answer Sheet, Answer key & Oral questions" for SA-II 2025-26 for Class-I to IV & CI-VI & VII and Annual examination of V & VIII for General Students MLE students, Hindi/Urdu (Persian) medium students for the year 2025-26 of all Govt. & Govt. Aided Schools of Sundargarh district in two systems (Technical & Financial Bid) through Speed Post/Registered Post/Courier only as detailed below.

| Name of Tender | Bid processing fees | Amount of EMD | Last Date & time of receipt of Bid | Date & Time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II 2025-26 for Class-I to IV & VI & VII Annual Examination of V & VIII Students | Rs.2000/- | Rs.55000/- | 29.01.2026 (Upto 5.00 P.M.) | 30.01.2026 at 11.00 A.M. |


The detailed BID document is available in the website www.sundargarh.odisha.gov.in & www.osepa.odisha.gov.in. Intersted and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.

By the Order of Collector-cum-Chairperson, Sundargarh
Sd./-DEO-cum-DPC, SS Sundargarh

**वरीय पुलिस अधीक्षक का कार्यालय, राँची**

**सर्वसाधारण के लिए सूचना**



नाम–सुमम कुमार पाण्डे, उम्र–26 वर्ष, ऊँचाई–5 फीट, 6 ईंच, रंग–साँवला, पहनावा–क्या रंग का फुल शर्ट एवं काला रंग का पैंट पहने हुए है।

उपरोक्त लापता व्यक्ति सुमम कुमार पाण्डे, उम्र–26 वर्ष, पिता–सुलखन लोहरा, सा0–मण्डाटाड मोराबादी, बरियातु, जिला–राँची जो दिनांक–24.12.2025 को अपने घर से बगैर बताए कहीं चले गए जो आजतक अपने घर वापस नहीं आए है। जिसके संबंध में बरियातु थाना सनहा संख्या–21/2025, दिनांक–24.12.2025 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें। Email ID(mc-dcb@jhpolice.gov.in)

पुलिस उपाधीक्षक, सदर, राँची। –9431102090
थाना प्रभारी, बरियातु, राँची। –9431706170

वरीय पुलिस अधीक्षक, राँची

PR 371052 Police(25-26)#D

**वरीय पुलिस अधीक्षक का कार्यालय, राँची**

**सर्वसाधारण के लिए सूचना**



नाम–सरस्वती लोहार, उम्र–19 वर्ष, ऊँचाई–5 फीट, 2 ईंच, रंग–साँवला, पहनावा–बैंगनी रंग का सूट, भूरा रंग का पायजामा एवं भूरा रंग का स्वेटर पहने हुई है।

उपरोक्त लापता महिला सरस्वती लोहार, पिता–विजय लोहार, वर्तमान पता–चन्दवे, थाना–पिठौरिया, जिला–राँची, स्थाई पता–हेसला कमाडीह, थाना–झालदा, जिला–पुरुलिया (पं0बंगाल) जो दिनांक–05.01.2025 को घर से बगैर बताए कहीं चली जो आजतक अपने घर वापस नहीं आई है। जिसके संबंध में पिठौरिया थाना सनहा संख्या–27/2026, दिनांक–07.01.2026 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(mc-dcb@jhpolice.gov.in)

पुलिस उपाधीक्षक, मु0, प्रथम, राँची। –9431742777
थाना प्रभारी, पिठौरिया, राँची। –9431706157

वरीय पुलिस अधीक्षक, राँची

PR 371060 Police(25-26)#D

# ୫ ବର୍ଷରେ ୪୭ରୁ ଅଧିକ ବଡ଼ ବ୍ୟାଙ୍କ ଡକାୟତି

**ଖଣି, ଶିଳ୍ପାନୁଷ୍ଠାନ ଅଞ୍ଚଳରେ ଥିବା ବ୍ୟାଙ୍କ ଉପରେ ଡକାୟତଙ୍କ ନଜର**

- ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଥିବା ବ୍ୟାଙ୍କରୁ ଅଧିକ ଲୁଟ୍
- ସବୁ ବ୍ୟାଙ୍କରେ ସୁରକ୍ଷା ବଢ଼ାଇବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ: ଡିଜିପି
- ସୁରକ୍ଷା ଢିଲା ଥିଲେ ଏସପିଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୯।୧(ତ୍ରିନାଥ ମହାନ୍ତି)



ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ଡକାୟତି ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

କେନ୍ଦୁଝର ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରୁ ସୋମବାର ଡକାୟତମାନେ ସାଢ଼େ ୭କୋଟି ଟଙ୍କାର ସୁନାଗହଣା ଏବଂ ୪.୩୪ଲକ୍ଷ ଟଙ୍କାର ନଗଦ ଟଙ୍କା ଲୁଟି ନେଇଛନ୍ତି। ଏହି ଘଟଣା ପରେ ରାଜ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ଲୁଟି ନେଇଥିବା ୬ ଡକାୟତ ଯେପରି ରାଜ୍ୟ ବାହାରକୁ ଯାଇ ନ ପାରିବେ, କେନ୍ଦୁଝର ଏବଂ ଅନ୍ୟ ସହରରେ ସିଲ୍ କରାଯାଇଛି। ଏହି ଡକାୟତି ପଛରେ ସ୍ଥାନୀୟ କେତେଜଣ ଅପରାଧୀ ଏବଂ ଆନ୍ତଃରାଜ୍ୟ ଅପରାଧୀ ଥିବା ପୋଲିସ ଜାଣିବାକୁ ପାଇଛି। ଏହି ବ୍ୟାଙ୍କ୍ ଲୁଟ୍ ଓଡ଼ିଶାରେ ପ୍ରଥମ ନୁହେଁ। ବିଗତ ୫ବର୍ଷରେ ୪୭ରୁ ଅଧିକ ବ୍ୟାଙ୍କ୍ ଲୁଟ୍ ହୋଇଥିବା ପୋଲିସ ନିକଟରୁ ସୂଚନା ମିଳିଛି। କେବଳ ବ୍ୟାଙ୍କ୍ ଲୁଟ୍ ନୁହେଁ, ୫ ବର୍ଷରେ ୭୯ ଏଟିଏମ୍ ମଧ୍ୟ ଲୁଟ୍ ହୋଇଥିବା ଜଣାପଡ଼ିଛି।

୨୦୨୫ ଜୁଲାଇ ୪ରେ ନୟାଗଡ଼ ଜିଲା ରାଜପାଟଣା ଇଣ୍ଡିଆନ୍ ବ୍ୟାଙ୍କରୁ ୨୭ ଲକ୍ଷ ଟଙ୍କା ଡକାୟତି ହୋଇଥିଲା। ସେହିପରି ୨୦୨୫ ଜୁନ ୧୧ରେ ଭଦ୍ରକ ତିହିଡ଼ି ମାର୍କେଟରେ ଥିବା ଏକ ବ୍ୟାଙ୍କରୁ ଡକାୟତି ହୋଇଥିଲା। ଦୁଇ ଅଭିଯୁକ୍ତ ବ୍ୟାଙ୍କ୍ ଭିତରକୁ ଗ୍ରାହକ ହୋଇ ଯାଇଥିଲେ। ବ୍ୟାଙ୍କ୍ ମ୍ୟାନେଜରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୧୦ଲକ୍ଷ ଟଙ୍କା ଲୁଟ୍‌ପାଟ କରି ନେଇଥିଲେ। ୨୦୨୫ ଡିସେମ୍ବର ୨୩ରେ ବାଲେଶ୍ୱର ବାଲିଆପାଳ ୟୁକୋ ବ୍ୟାଙ୍କରୁ ଲୁଟ୍‌ପାଟ ହୋଇଥିଲା। ରାତିରେ ବ୍ୟାଙ୍କର ଗ୍ରିଲ୍ କାଟି ସୁନାଗହଣା ଏବଂ ଟଙ୍କା ଲୁଟ୍‌ପାଟ ହୋଇଥିଲା। ୨୦୨୩ ଏପ୍ରିଲ ୨୬ରେ ବାଲେଶ୍ୱର ଚନ୍ଦନେଶ୍ୱର ୟୁନିୟନ୍ ବ୍ୟାଙ୍କରୁ ୪୯ ଲକ୍ଷ ଲୁଟ୍‌ପାଟ ହୋଇଥିଲା। ଦୁର୍ବୃତ୍ତମାନେ ବ୍ୟାଙ୍କ୍ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୪୯ ଲକ୍ଷ ଟଙ୍କା ଏବଂ ୮୫୪ ଗ୍ରାମର ସୁନାଗହଣା ଲୁଟି ନେଇଥିଲେ। ସେହିପରି ୨୦୨୨ରେ ଢେଙ୍କାନାଳ ରାସଲ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍ ଶାଖାରୁ ଲୁଟ୍‌ପାଟ ହୋଇଥିଲା। ୬ଜଣ ଅଭିଯୁକ୍ତ ବ୍ୟାଙ୍କ୍ ଭିତରକୁ ପଶି ବନ୍ଧୁକ ଦେଖାଇ ୭ କେଜି ସୁନାଗହଣା ଏବଂ ୧୬ ଲକ୍ଷରୁ ଅଧିକ ଟଙ୍କା ଲୁଟ୍‌ପାଟ ହୋଇଥିଲା। ସେହିପରି ୨୦୨୨ରେ କୋରାପୁଟ, ଲକ୍ଷ୍ମୀପୁର ଏସ୍‌ବିଆଇ ଶାଖାରୁ ସୁନାଗହଣା ଏବଂ ଟଙ୍କା ଲୁଟ୍‌ପାଟ ହୋଇଥିଲା। କିଛି ମାସ ତଳେ ଭୁବନେଶ୍ୱର ବରିମୁଣ୍ଡ ଅଞ୍ଚଳରେ ଥିବା ବିଓଆଇ ବ୍ୟାଙ୍କରେ ମଧ୍ୟ ଲୁଟ୍ ହୋଇଥିଲା। ଦୁଇ ଜଣ ଯୁବକ ବ୍ୟାଙ୍କରେ ପଶି ବନ୍ଧୁକ ଦେଖାଇ ୧୦ ଲକ୍ଷ ଟଙ୍କା ଲୁଟି ନେଇ ଚମ୍ପଟ ମାରିଥିଲେ।

ବ୍ୟାଙ୍କ୍‌କୁ ସୁରକ୍ଷିତ ଭାବି ଲୋକେ ଲକର ଏବଂ ଷ୍ଟ୍ରଙ୍ଗ୍‌ରୁମ୍‌ରେ ସୁନାଗହଣା ରଖୁଛନ୍ତି। ହେଲେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ସୁରକ୍ଷାରେ ଢିଲା କରୁଛନ୍ତି, ଯେଉଁଥିପାଇଁ ଗୋଟିଏ ପରେ ଗୋଟିଏ ଲୁଟ୍ ହେଉଛି। ଅଧିକାଂଶ ଲୁଟ୍ ଗ୍ରାମାଞ୍ଚଳର ବ୍ୟାଙ୍କ୍‌ରେ ହେଉଛି। ଆହୁରି ମଧ୍ୟ ଖଣି ଏବଂ ଶିଳ୍ପାଞ୍ଚଳରେ ଥିବା ବ୍ୟାଙ୍କରେ ଲୁଟ୍‌ପାଟ ହେଉଛି। ତେଣୁ ଏହିସବୁ ଅଞ୍ଚଳରେ ଥିବା ବ୍ୟାଙ୍କ୍‌ରେ ସୁରକ୍ଷା ବଢାଇବାକୁ ଡିଜିପି ଗୁରୁତ୍ୱ ଦେଇଛନ୍ତି। ସମସ୍ତ ବ୍ୟାଙ୍କକୁ ହାଇ ସିକ୍ୟୁରିଟ୍ କ୍ୟାମେରା ଏବଂ ଆଲାର୍ମ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ବ୍ୟାଙ୍କ୍ ସୁରକ୍ଷାରେ ଢିଲା କରିଥିବ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଡିଜିପି ସବୁ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଡିଜିପି ୱାଇ.ବି ଖୁରାନିଆ କହିଛନ୍ତି, ବଡ଼ବିଲରୁ ହୋଇଥିବା ଲୁଟ୍ ସମ୍ପର୍କରେ ଏସ୍‌ପିଙ୍କୁ ରିପୋର୍ଟ ମଗାଯାଇଛି। ବିଭିନ୍ନ ଜିଲାରେ ନାକାବନ୍ଦୀ କରାଯାଇ ଯାଞ୍ଚ କରାଯାଉଛି। ଅଭିଯୁକ୍ତ ଯେପରି ରାଜ୍ୟ ବାହାରକୁ ଯାଇପାରିବେ ନାହିଁ ତାହାର ବ୍ୟବସ୍ଥା ହୋଇଛି। ପୋଲିସ ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରିବ। ଆହୁରି ମଧ୍ୟ ଖଣି ଏବଂ ଶିଳ୍ପାଞ୍ଚଳରେ ଥିବା ବ୍ୟାଙ୍କ୍‌ରେ ସୁରକ୍ଷା ବଢାଇବାକୁ ବ୍ୟାଙ୍କ୍‌କୁ କୁହାଯାଇଛି। ଖୁବ୍‌ଶୀଘ୍ର ବ୍ୟାଙ୍କ୍ ଅଧିକାରୀଙ୍କୁ ନେଇ ଏକ ବୈଠକ କରାଯାଇ ସୁରକ୍ଷା ବିଷୟରେ କଡ଼ା ନିର୍ଦ୍ଦେଶ ଦିଆଯିବ ବୋଲି ଡିଜିପି କହିଛନ୍ତି।

# ୩୦ ଗ୍ରାମ୍ ବ୍ରାଉନ୍‌ସୁଗାର, ୨୬ ଲକ୍ଷ ଟଙ୍କା ଜବତ



ଜବତ ହୋଇଥିବା ଟଙ୍କା ଗଣତି ପାଇଁ ମେଶିନ ନେଇ ପୋଲିସ ଅଧିକାରୀମାନେ ଯାଉଛନ୍ତି।

ଅନୁଗୋଳ,୧୯।୧(ଜ୍ୟୋତିରଞ୍ଜନ ସାହୁ)

- ଜଳେଶ୍ୱରରୁ ଆସୁଥିଲା, ଅନୁଗୋଳରେ ପ୍ୟାକିଂ ହେଉଥିଲା
- ଟଙ୍କା ଗଣିବାକୁ ମେଶିନ ମଗାଇଲା ପୋଲିସ
- ୩ ଜଣଙ୍କୁ ଅଟକ ରଖି ଚାଲିଛି ପଚରାଉଚରା

ଅନୁଗୋଳ ସହର ହାତୀଶାଳପଡ଼ା ଅଞ୍ଚଳର ଏକ ଭଡ଼ାଘରେ ଚାଲିଥିଲା ବ୍ରାଉନସୁଗାର କାରବାର। ଜଳେଶ୍ୱରରୁ ଆସୁଥିବା ଏହି ବେଆଇନ ନିଶା ସାମଗ୍ରୀକୁ ଉକ୍ତ ଭଡ଼ା ଘରେ ଛୋଟ ଛୋଟ ପୁଡ଼ିଆରେ ପ୍ୟାକିଂ କରାଯାଇ ଜିଲାର ବିଭିନ୍ନ ସ୍ଥାନକୁ ପଠାଯାଉଥିଲା। ଏଥିସହ ବିକ୍ରି ଟଙ୍କାକୁ ଉକ୍ତ ଭଡ଼ାଘରେ ଥାକମାରି ରଖାଯାଉଥିଲା। ଏହି ଖବର ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍ ହାତରେ ଲାଗିଥିଲା। ଏହାପରେ ସୋମବାର ଅନୁଗୋଳ ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇ ୩୦ ଗ୍ରାମ ବ୍ରାଉନସୁଗାର ସହ ୨୬ ଲକ୍ଷରୁ ଅଧିକ ଟଙ୍କା ଜବତ କରାଯାଇଥିଲା।

ହାତୀଶାଳପଡ଼ା ଅଞ୍ଚଳରେ ଥିବା ଏକ ଭଡ଼ା ଘର ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳ ପାଲଟିଥିବା ସ୍ୱତନ୍ତ୍ର ସ୍କ୍ୱାଡ୍ ପାଖରେ ଗୁପ୍ତ ସୂଚନା ଥିଲା। କିଛିଦିନ ଧରି ଉକ୍ତ ଘର ଉପରେ ନଜର ରଖାଯାଇଥିଲା। ଗୁପ୍ତ ସୂଚନାର ପ୍ରମାଣ ମିଳିବା ପରେ ପୋଲିସ ସହ ମିଶି ଚଢ଼ାଉ କରିଥିଲା ସ୍ପେଶାଲ ସ୍କ୍ୱାଡ୍। ଉକ୍ତ ଘର ଭିତରକୁ ପ୍ରବେଶ କରିବା ପରେ ପୋଲିସ ଅଧିକାରୀମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଘରର ଭିନ୍ନ ଭିନ୍ନ କୋଣରେ ରଖାଯାଇଥିବା ବ୍ୟାଗ, ବକ୍ସ ଓ ଆଲମାରି ଭିତରୁ ବିପୁଳ ପରିମାଣର ନଗଦ ଟଙ୍କା ମିଳିଥିଲା। ଏତେ ପରିମାଣର ଟଙ୍କା ହାତରେ ଗଣିବା ସମ୍ଭବ ନ ହେବାରୁ ପୋଲିସକୁ ମେଶିନ ମଗାଇବାକୁ ପଡ଼ିଥିଲା। ଏଥିସହ ଉକ୍ତ ଘରେ ଥିବା ୩୦ ଗ୍ରାମ ବ୍ରାଉନ ସୁଗାର ମଧ୍ୟ ଜବତ କରାଯାଇଥିଲା। ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରୁ ଅନୁଗୋଳକୁ ଆସୁଥିବା ବ୍ରାଉନସୁଗାର ଏଠାରେ ରଖାଯାଇ ଛୋଟ ଛୋଟ ପ୍ୟାକେଟ କରାଯାଇ ଜିଲାର ବିଭିନ୍ନ ଅଞ୍ଚଳକୁ ପଠାଯାଉଥିଲା। ବସ୍ତି ଅଞ୍ଚଳ ହୋଇଥିବାରୁ ଏଠାକୁ ଅଜଣା ଲୋକଙ୍କ ଯାତାୟାତକୁ କେହି ସନ୍ଦେହ କରୁ ନ ଥିଲେ। ଏପରି କି ପଡ଼ୋଶୀମାନେ ମଧ୍ୟ କିଛି ଜାଣିପାରୁ ନ ଥିଲେ। ପୋଲିସ ଏହି ମାମଲାରେ ସକାସିଙ୍ଗା ଅଞ୍ଚଳର ମାନସ ନାୟକ, ରାଜେଶ ସାହୁ ଓ କୁମଣ୍ଡ ଅଞ୍ଚଳର ରମେଶ ଚନ୍ଦ୍ର ସାହୁଙ୍କୁ ଅଟକ ରଖିଛି। ଏହି କାରବାରରେ ସମ୍ପୃକ୍ତ ୩ ଜଣଙ୍କ ଭୂମିକା, ଟଙ୍କାର ଉତ୍ସ, ବ୍ୟାଙ୍କିଂଲିଙ୍କ୍ ଓ ଚାଲାଣ ରୁଟ ନେଇ ସେମାନଙ୍କୁ ପଚରାଉଚରା କରାଯାଉଛି। ଏହି ନେଟ୍‌ୱର୍କରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ଜାଣିବାକୁ ପୋଲିସ ଉଦ୍ୟମ କରୁଥିବା ବେଳେ ଟଙ୍କା ଗଣତି ସରିବା ପରେ ସମସ୍ତ ତଥ୍ୟ ପ୍ରକାଶ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# କମିଟ୍‌ମେଣ୍ଟ ପରେ ଜିଲା କୋର୍ଟକୁ ଗଲା ମାମଲା

**ପୀତବାସ ପଣ୍ଡା ହତ୍ୟା ମାମଲା**

ବ୍ରହ୍ମପୁର,୧୯।୧(ସୁବାସ ଚନ୍ଦ୍ର ପାଢ଼ୀ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ସୋମବାର ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ କମିଟ୍‌ମେଣ୍ଟ ହୋଇଛି। ୧୬ ଅଭିଯୁକ୍ତଙ୍କୁ ଆଭାସୀ (ଭିସି) ଜରିଆରେ କୋର୍ଟରେ ହାଜର କରାଯାଇଥିଲା। କମିଟମେଣ୍ଟ ପରେ ମାମଲାର ସମସ୍ତ ଫାଇଲ ବିଚାର ପାଇଁ ଜିଲା ଜଜ୍ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ଆଗାମୀ ଦିନରେ ମାମଲାର ଚାର୍ଜଫ୍ରେମ ପରେ ବିଚାର ଆରମ୍ଭ ହେବ ବୋଲି ଜଣାପଡ଼ିଛି। ୨୦୨୫ ଅକ୍ଟୋବର ୬ ରାତିରେ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ଭାଜପା ନେତା ପୀତବାସଙ୍କୁ ବୈକୁଣ୍ଠନଗରସ୍ଥିତ ତାଙ୍କ ବାସଭବନ ନିକଟରେ ଗୁଳିକରି ହତ୍ୟା କରାଯାଇଥିଲା। ଏହି ମାମଲାରେ ବୈଦ୍ୟନାଥପୁର ଥାନା ପୋଲିସ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ମୋଟ ୧୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବର୍ତ୍ତମାନ ୧୫ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିଥିବା ବେଳେ ପିଣ୍ଟୁ ଫୁଲବାଣୀ ଜେଲରେ ଅଛନ୍ତି।

# ଲିଜ୍‌ରେ କାର୍ ନେଇ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୯।୧(ସତ୍ୟଜିତ ରାଉତ)

ଲିଜ୍‌ରେ କାର୍ ନେଇ ଠକେଇ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଅଞ୍ଚଳର ଚନ୍ଦନ ଓରଫ ତ୍ରିନାଥ ମହାରଣା (୨୬)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କଠାରୁ ଉକ୍ତ କାର୍ ଜବତ କରାଯାଇଛି।

ମିଳିଥିବା ସୂଚନାନୁସାରେ ଅଭିଯୋଗକାରୀ ବଟକୃଷ୍ଣ ସେନାପତି ପାଞ୍ଚବର୍ଷ ହେବ ସମେଇଗାଡ଼ିଆ ଅଞ୍ଚଳରେ ରହୁଛନ୍ତି। ସେଠାରେ ତ୍ରିନାଥଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ବଟକୃଷ୍ଣଙ୍କ କାର୍‌କୁ ଛଅ ମାସ ଲାଗି ତ୍ରିନାଥ ଲିଜ୍‌ରେ ନେଇଥିଲେ। ଚୁକ୍ତି ଅନୁଯାୟୀ ତ୍ରିନାଥ ପ୍ରଥମ ଦୁଇ ମାସର ଅଗ୍ରିମ ବାବଦକୁ ୩୬ ହଜାର ଟଙ୍କା ଦେଇଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ଦେବାକୁ ଥିବା କିସ୍ତି ଆଉ ପରେ ଦେଇ ନ ଥିଲେ। ତେବେ ଲିଜ୍‌ରେ ଦେଇଥିବା କାର୍‌ଟିକୁ କ୍ଷତିଗ୍ରସ୍ତ ଅବସ୍ଥାରେ ଫୁଲବାଣୀର ଏକ ଗ୍ୟାରେଜରେ ପଡ଼ିଥିବା ବଟକୃଷ୍ଣ ଜାଣିବାକୁ ପାଇଥିଲେ। ଏପରି କି ତ୍ରିନାଥ କିଛି ଟଙ୍କା ନେଇ ଉକ୍ତ କାର୍‌କୁ ଅନ୍ୟ ଜଣଙ୍କୁ ଦେଇଥିବା ଜଣାପଡ଼ିଥିଲା। ଘଟଣା ସମ୍ପର୍କରେ ଆଲୋଚନା ପାଇଁ ତ୍ରିନାଥଙ୍କୁ ଘରକୁ ଡାକି ବଟକୃଷ୍ଣ ପଚରାଉଚରା କରିବାବେଳେ ସେ ଲୁହା ଛଡ଼ରେ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗକ୍ରମେ ମଞ୍ଚେଶ୍ୱର ଥାନା ସେପ୍ଟେମ୍ବର ୨୫ରେ ମାମଲା (ନଂ.୬୧୧/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

ଅନୁଗୋଳ/ଛେଣ୍ଡିପଦା,୧୯।୧
(ଜ୍ୟୋତିରଞ୍ଜନ ସାହୁ/ ଅଜିତ ଧଳ)



ଏକ ହତ୍ୟା ମାମଲାର ବିଚାରକରି ଅନୁଗୋଳ ଜିଲା ଦୌରାଜଜ୍ ଦାମୋଦର ରଥ ସୋମବାର ଅଭିଯୁକ୍ତ ଛେଣ୍ଡିପଦା ଥାନା ଟାଙ୍ଗୁଡ଼ିଆ ଗ୍ରାମର ଚତୁର୍ଭୁଜ ମାଝୀ (୪୫)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି।

ମାମଲାରୁ ପ୍ରକାଶ, ୨୦୨୪ ନଭେମ୍ବରରେ କାଳୀପୂଜା ମଣ୍ଡପକୁ ନେଇ ଟାଙ୍ଗୁଡ଼ିଆ ଗ୍ରାମର ଅଭିଯୁକ୍ତ ଚତୁର୍ଭୁଜଙ୍କ ସହ ଚିକୁନ ମାଝୀ (୨୪)ଙ୍କ ବଚସା ହୋଇଥିଲା। ସନ୍ଧ୍ୟାବେଳେ କାଳୀପୂଜା ଭସାଣି ପାଇଁ ସାଜସଜ୍ଜା ସାରି ଘରକୁ ଯାଉଥିବା ସମୟରେ ଅଭିଯୁକ୍ତ ଚତୁର୍ଭୁଜ ଏକ କଟୁରିରେ ଚିକୁନଙ୍କୁ ହାଣି ଦେଇଥିଲେ। ଏହି ମାମଲାରେ ୧୪ଜଣ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ।

## Business

# ରୁପା କେଜି ୩ଲକ୍ଷ

**ସୁନା ଭରି ୧ଲକ୍ଷ ୪୮ହଜାର ଟପିଲା**

ଭୁବନେଶ୍ୱର,୧୯।୧
(ଅନୁରାଧା ମହାରଣା)



ଗ୍ରୀନ୍‌ଲାଣ୍ଡକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁରୋପୀୟ ସଂଘ ମଧ୍ୟରେ ବୃଦ୍ଧି ପାଉଥିବା ଶୁଳ୍କ ଯୁଦ୍ଧ ଯୋଗୁ ସୋମବାର ସୁନା ଓ ରୁପା ମୂଲ୍ୟ ସର୍ବକାଳୀନ ସ୍ତରରେ ପହଞ୍ଚିଛି। ରୁପା ଦର କିଲୋଗ୍ରାମ ପ୍ରତି ୧୦,୦୦୦ ଟଙ୍କା ବୃଦ୍ଧି ପାଇ ୩,୦୨,୬୦୦ରେ ପହଞ୍ଚିଛି। ସେହିପରି ସୁନା ମଧ୍ୟ ୧,୯୦୦ ଟଙ୍କା ବୃଦ୍ଧି ପାଇବାରୁ ପ୍ରତି ୧୦ ଗ୍ରାମ(ଭରି) ମୂଲ୍ୟ ୧,୪୮,୧୦୦ ଟଙ୍କା ସହ ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି।

ବିଶେଷଜ୍ଞଙ୍କ ମତାନୁସାରେ, ଘରୋଇ ଏବଂ ବିଶ୍ୱ ବଜାରରେ ପ୍ରବଳ ଚାହିଦା ଯୋଗୁ ରୁପା ମୂଲ୍ୟରେ ତୀବ୍ର ବୃଦ୍ଧି ହୋଇଛି। ରୁପା ୨୦୨୫ ମସିହାର ଗତି ବଜାୟ ରଖିବା ସହ ପ୍ରାୟ ୩୦% ରିଟର୍ନ ପ୍ରଦାନ କରୁଛି। ଗତ ଡିସେମ୍ବରରେ ଏହାର ମୂଲ୍ୟ ପ୍ରତି କିଲୋଗ୍ରାମ ୨,୩୫,୭୦୧ ଟଙ୍କା ରହିଥିଲା। ଚଳିତ ମାସର ଗତ ସପ୍ତାହରେ ରୁପା ଫ୍ୟୁଚର୍ସ ପ୍ରାୟ ୧୪% ବୃଦ୍ଧି ପାଇଥିଲା। ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ମାର୍ଚ୍ଚ ମାସରେ ଡେଲିଭରି ପାଇଁ ରୁପା ଫ୍ୟୁଚର୍ସ ପ୍ରାୟ ୬% ବୃଦ୍ଧି ପାଇ ଏବେ ପ୍ରତି କିଲୋଗ୍ରାମ ୩,୦୬,୩୬୭ରେ ପହଞ୍ଚିଛି।

ସେହିପରି ସୁନା ଫ୍ୟୁଚର୍ସରେ ମଧ୍ୟ ପ୍ରବଳ ବୃଦ୍ଧି ଦେଖିବାକୁ ମିଳିଛି।ଗତ ସପ୍ତାହରେ ସୁନା ମୂଲ୍ୟରେ ୨.୭% ବୃଦ୍ଧି ପାଇଛି। ସୁନା ଏବଂ ରୁପା ମୂଲ୍ୟ ବୃଦ୍ଧି ପଛରେ ବିଶ୍ୱ କାରକ ରହିଛି। ମୂଲ୍ୟବାନ୍ ଧାତୁର ଚାହିଦା ବୃଦ୍ଧି ଏବଂ ବିଶ୍ୱ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ନିବେଶକମାନେ ସୁରକ୍ଷିତ ନିବେଶ ଆଡ଼କୁ ମୁହାଁଇଛନ୍ତି, ଯାହା ଫଳରେ ସୁନା ଓ ରୁପା ମୂଲ୍ୟରେ ନିରନ୍ତର ବୃଦ୍ଧି ଘଟିଛି।

ଅନ୍ତର୍ଜାତୀୟ ଅନିଶ୍ଚିତତା, ବାଣିଜ୍ୟ ଯୁଦ୍ଧ ଭୟ ଏବଂ ଭୂ-ରାଜନୈତିକ ଉତ୍ତେଜନା ନିବେଶକମାନଙ୍କୁ ନିରାପଦ ସ୍ଥାନ ଆଡ଼କୁ ଟାଣିଛି। ଏହା ବ୍ୟତୀତ ଅନେକ କେନ୍ଦ୍ରୀୟ ବ୍ୟାଙ୍କ ସୁନା କ୍ରୟ ବୃଦ୍ଧି କରୁଛନ୍ତି। ସୌର, ଇଲେକ୍ଟ୍ରୋନିକ୍ସ ଏବଂ ବୈଦ୍ୟୁତିକ ଯାନବାହନ କ୍ଷେତ୍ରରେ ରୁପା ଚାହିଦା ବୃଦ୍ଧି ପାଇଛି, ଯାହା ମୂଲ୍ୟ ବୃଦ୍ଧିର ଆଉ ଏକ କାରଣ ବୋଲି କୁହାଯାଉଛି।

# ୨୪ରୁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୧୯।୧(ଅନୁରାଧା ମହାରଣା)

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍ ଓ ସାଇ ଇଣ୍ଟର ନ୍ୟାଶନାଲ୍ ସ୍କୁଲର ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଚତୁର୍ଥ ଶ୍ରେଣୀରୁ ନବମ ଶ୍ରେଣୀରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ସାଇ ଏଣ୍ଟ୍ରାନ୍ସ ଟେଷ୍ଟ (ଏସ୍‌ଇଟି) ଜାନୁଆରୀ ୨୪ ଓ ୨୫ରେ ଅନୁଷ୍ଠିତ ହେବ। ସୂଚନା ଥାଉକି, ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ସିବିଏସ୍‌ଇ ଓ କ୍ରେମ୍ବ୍ରିଜ ବୋର୍ଡ ସହ ଅନୁବନ୍ଧିତ । ଉଭୟ ସ୍କୁଲରେ ଏକାଦଶ ଶ୍ରେଣୀର ବିଜ୍ଞାନ, ବାଣିଜ୍ୟ ଓ ହ୍ୟୁମାନିଟି ଷ୍ଟ୍ରିମ୍‌ରେ ଛାତ୍ରୀଛାତ୍ରମାନେ ପାଠପଢନ୍ତି। ଏଠାରେ ଇଞ୍ଜିନିୟରିଂ, ମେଡିସିନ୍, ଲ, ସିୟୁଇଟି ଓ ଅନ୍ୟ କ୍ୟାରିୟର ପ୍ରବେଶିକା ପରୀକ୍ଷା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଏ। ପ୍ରତିବର୍ଷ ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ ୩୦୦୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଥାନ୍ତି । ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ତରଫରୁ ବୃତ୍ତି ମଧ୍ୟ ପ୍ରଦାନ କରାଯାଇଥାଏ । ଏହି ପ୍ରବେଶିକା ପରୀକ୍ଷାରେ ଭାଗ ନେବା ପାଇଁ ସ୍କୁଲ ୱେବସାଇଟ୍‌ରେ ପ୍ରବେଶ କରି ନାମ ପଞ୍ଜୀକରଣ କରିପାରିବେ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# କଳାହାଣ୍ଡି ଉତ୍ସବରେ ବେଦାନ୍ତ ଆଲୁମିନିୟମ ପ୍ୟାଭିଲିୟନ୍

ଭୁବନେଶ୍ୱର, ୧୯।୧
(ଅନୁରାଧା ମହାରଣା)




କଳାହାଣ୍ଡି ଉତ୍ସବ-ଘୁମୁରା ୨୦୨୬ର ୨୮ତମ ସଂସ୍କରଣରେ ବେଦାନ୍ତ ଆଲୁମିନିୟମ ଅଂଶଗ୍ରହଣ କରି ଏହାର ଲାଞ୍ଜିଗଡ଼ ବିଶୋଧନାଗାରର ପରିଚାଳନା ଏବଂ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମର ପ୍ରମୁଖ ଦିଗକୁ ପ୍ରଦର୍ଶିତ କରିଥିଲା। କମ୍ପାନୀର ପ୍ୟାଭିଲିୟନକୁ ୩୦,୦୦୦ରୁ ଅଧିକ ଲୋକ ପରିଦର୍ଶନ କରିଥିଲେ। ଏହି ପ୍ୟାଭିଲିୟନରେ ବକ୍ସାଇଟରୁ ଆଲୁମିନିୟମ ଉତ୍ପାଦନ ଏବଂ ଏହାର ପ୍ରୟୋଗ ବିଷୟରେ ଏକ ସ୍ୱଷ୍ଟ ଦୃଷ୍ଟିକୋଣ ପ୍ରଦାନ କରାଯାଇଥିଲା । ଭବାନୀପାଟଣାରେ ଅନୁଷ୍ଠିତ ଏହି ପାଞ୍ଚ ଦିନିଆ ଉତ୍ସବରେ ପ୍ରକଳ୍ପ ସଖୀ ମାର୍କେଟପ୍ଲେସରେ ଗ୍ରାମୀଣ ଓଡ଼ିଶାର ୪୦୦୦ ରୁ ଅଧିକ ମହିଳା ଉଦ୍ୟୋଗୀଙ୍କ ଦ୍ୱାରା ମିଲେଟ ଆଧାରିତ ଜୈବିକ ଉତ୍ପାଦଠାରୁ ଆରମ୍ଭ କରି ହସ୍ତଶିଳ୍ପ ସାମଗ୍ରୀ ପର୍ଯ୍ୟନ୍ତ ବ୍ୟାପକ ଉତ୍ପାଦ ପ୍ରଦର୍ଶିତ ହୋଇଥିଲା। କମ୍ପାନୀ କଳାହାଣ୍ଡିର ଦଶମ ଶ୍ରେଣୀର ୮ ଜଣ ଜିଲା ଟପ୍ପରଙ୍କୁ ବେଦାନ୍ତ ଜ୍ଞାନଶ୍ରୀ ପୁରସ୍କାର ପ୍ରଦାନ କରିଥିଲା। କଳାହାଣ୍ଡି ଜିଲା ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ, ଜିଲାପାଳ ସଚିନ ପ୍ରକାଶ ପାୱାର, ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ, ସୁବର୍ଣ୍ଣପୁର ଜିଲାପାଳ ନୃପରାଜ ଏସ. ସାହୁ ଏବଂ ବେଦାନ୍ତ ଆଲୁମିନା ବିଜ୍‌ନେସ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବେଦାନ୍ତ ଆଲୁମିନା ବିଜ୍‌ନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, କଳାହାଣ୍ଡି ଉତ୍ସବ ୨୦୨୬ରେ ଅଂଶଗ୍ରହଣ ମାଧ୍ୟମରେ କମ୍ପାନୀ ପୁଣି ଥରେ ଏକ ଦାୟିତ୍ୱବାନ ଶିଳ୍ପ ଅଂଶୀଦାର ଭାବରେ ଏହାର ଭୂମିକାକୁ ଦୋହରାଇଛି, ଯାହା କଳାହାଣ୍ଡି ଜିଲାର ସାଂସ୍କୃତିକ ସଂରକ୍ଷଣ, ସାମାଜିକ ବିକାଶ ଏବଂଅର୍ଥନୈତିକପ୍ରଗତିପାଇଁପ୍ରତିଶ୍ରୁତିବଦ୍ଧ।

# 'ରାହୁ କେତୁ' ସହ 'ପେଟ୍ ସଫା'ର ସହଭାଗିତା

ଭୁବନେଶ୍ୱର,୧୯।୧




ପ୍ରସିଦ୍ଧ ଲେଖକ ଏବଂ ନିର୍ଦ୍ଦେଶକ ବିପୁଲ ଭିଜଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଜୀ ଷ୍ଟୁଡିଓ ଏବଂ ବ୍ଲାଇଭ ପ୍ରଡକସନ୍ସ ବ୍ୟାନରରେ ନିର୍ମିତ ହିନ୍ଦୀ କମେଡି ଚଳଚ୍ଚିତ୍ର 'ରାହୁ କେତୁ' ସହ 'ପେଟ୍ ସଫା' ସହଭାଗିତା କରିଛି। ଏହି ଚଳଚ୍ଚିତ୍ରରେ ପୁଲକିତ ସମ୍ରାଟ, ବରୁଣ ଶର୍ମା, ଶାଲିନୀ ପାଣ୍ଡେ ଏବଂ ଚଙ୍କି ପାଣ୍ଡେ ପ୍ରମୁଖ ଭୂମିକାରେ ଅଛନ୍ତି। ଉଦ୍ୟୋଗୀ ଡ. ସଞ୍ଜୀବ ଜୁନେଜା ରାହୁ କେତୁ ଚଳଚ୍ଚିତ୍ରର ସଫଳତା ପାଇଁ ସମଗ୍ର ଦଳକୁ ତାଙ୍କର ଶୁଭକାମନା ଜଣାଇଛନ୍ତି। ଦିଭିସା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡର ମୁଖପାତ୍ର କହିଛନ୍ତି ଯେ, ରାହୁ କେତୁ ଚଳଚ୍ଚିତ୍ରର ସକାରାତ୍ମକ ଶକ୍ତି ଏବଂ ଦର୍ଶକଙ୍କ ସହିତ ଏହାର ଦୃଢ଼ ସମ୍ପର୍କକୁ ବିଚାର କରି, ସେ ତାଙ୍କର ପ୍ରିମିୟମ ଉତ୍ପାଦ ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ ଟ୍ୟାବଲେଟ୍ସକୁ ଫିଲ୍ମର ପ୍ରଚାର ପାଇଁ ବାଛିଛନ୍ତି। ଆୟୁର୍ବେଦିକ ପେଟ ସଫା କୋଷ୍ଠକାଠିନ୍ୟ, ଗ୍ୟାସ ଏବଂ ଏସିଡିଟି ଭଳି ସାଧାରଣ ପାଚନ ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରେ, ଯାହା ପୀଡ଼ିତଙ୍କୁ ଆରାମ ଏବଂ ଖୁସିରେ ଜୀବନକୁ ଉପଭୋଗ କରିବାକୁ ସୁଯୋଗ ଦିଏ। ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ ଟ୍ୟାବଲେଟ୍ସ ୧୬ଟି ଆୟୁର୍ବେଦିକ ଔଷଧିର ମିଶ୍ରଣରେ ତିଆରି କରାଯାଏ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଚିଲିକାରେ ପ୍ରଥମ ରାଜଦଳ କ୍ରାଫ୍ଟ ଇକୋ-ସୁଭେନିର ସପ୍

ଭୁବନେଶ୍ୱର,୧୯।୧(ଅନୁରାଧା ମହାରଣା)



ଫିଶିଂ କ୍ୟାଟ ପ୍ରୋଜେକ୍ଟ ଓ ହ୍ୟୁମାନ ଆଣ୍ଡ ଏନଭାଇରନମେଣ୍ଟ ଆଲାଏନ୍ସ ଲିଗ (ହିଲ) ଏବଂ ଦି ହ୍ୟାବିଟାଟ୍ସ ଟ୍ରଷ୍ଟ ଓ ଭୁବନେଶ୍ୱର ରାଉଣ୍ଡ ଟେବୁଲ ୫୩ର ସହଯୋଗରେ ଓଡ଼ିଶାରେ ପ୍ରଥମ ଥର ପାଇଁ ଏକ ଅଭିନବ ଉଦ୍ୟମ ଆରମ୍ଭ ହୋଇଛି। ଚିଲିକା ହ୍ରଦରୁ ସଂଗ୍ରହ କରାଯାଇଥିବା ଜଳହାଇସିନ୍ଥ (ରାଜଦଳ)ରୁ ତିଆରି କ୍ରାଫ୍ଟ ଏବେ ଟାଙ୍ଗୀ ସହରରେ (ମଙ୍ଗଳାଯୋଡ଼ି ଯାତ୍ରାପଥରେ) ଏକ ଇକୋ-ସୁଭେନିର ଦୋକାନରେ ପ୍ରଦର୍ଶନ ଓ ବିକ୍ରି ପାଇଁ ଉପଲବ୍ଧ। ଏହି ଉଦ୍ଭିଦ ହ୍ରଦରେ ମାଛ ପଥ ବନ୍ଦ କରି ମତ୍ସ୍ୟଜୀବୀମାନଙ୍କୁ କ୍ଷତି ପହଞ୍ଚାଇଥାଏ। କେନ୍ୟାର ଲେକ ଭିକ୍ଟୋରିଆରେ ମହିଳାମାନେ ଏହି ରାଜଦଳରୁ କ୍ରାଫ୍ଟ, ଆସବାବପତ୍ର, କାଗଜ ଓ ବାୟୋ-ଫୁଏଲ ତିଆରି କରି ଆୟ କରୁଛନ୍ତି। ଏହାରି ପ୍ରେରଣାରେ ଚିଲିକାରେ ଏହି ପ୍ରୋଜେକ୍ଟ ଆରମ୍ଭ ହୋଇଛି। ଫିଶିଂ କ୍ୟାଟ ପ୍ରୋଜେକ୍ଟର ସହ-ପ୍ରତିଷ୍ଠାତା ତିଆସା ଆଧ୍ୟା କହିଛନ୍ତି ଯେ, ଆସାମ ଓ ବଙ୍ଗରୁ ଟ୍ରେନର୍ ଆଣି ଖୋର୍ଦ୍ଧା ଜିଲାର ହାଟବରଡ଼ି ଗ୍ରାମର ୧୨ ଜଣ ମତ୍ସ୍ୟଜୀବୀ ମହିଳାଙ୍କୁ ତାଲିମ ଦିଆଯାଇଛି। ହିଲର ପ୍ରୋଜେକ୍ଟ ଅଫିସର ଆର୍ଯ୍ୟ ସ୍ୱାଇଁ ଓ ରବି ଶଙ୍କରନ-ଇନଲାକ୍ସ ଫେଲୋ ଇପ୍ସିଶାମୁନ ନେଶା ମଧ୍ୟ ଏହି ଗୋଷ୍ଠୀକୁ ମାର୍ଗଦର୍ଶନ ଦେଉଛନ୍ତି। ସ୍ଥାନୀୟ ପର୍ଯ୍ୟଟନ ସ୍ଥଳୀ ଓ ଗ୍ରାମ ମେଳାରେ ସେମାନେ ନିଜ ଉତ୍ପାଦ ବିକ୍ରି କରିପାରୁଛନ୍ତି। ଭୁବନେଶ୍ୱର ରାଉଣ୍ଡ ଟେବୁଲ ୫୩ର ଚେୟାରମ୍ୟାନ ସଂଯୋଗ ସାହୁ କହିଛନ୍ତି, ହାଟବରଡ଼ିର ମହିଳାମାନଙ୍କର ନିଷ୍ଠା ଓ ନିପୁଣତା ପ୍ରଶଂସନୀୟ। ଏବେ ସରକାରୀ ସଂସ୍ଥାମାନେ ଅନ୍ୟ ଗୋଷ୍ଠୀକୁ ତାଲିମ ପାଇଁ ସେମାନଙ୍କୁ ନିମନ୍ତ୍ରଣ କରୁଛନ୍ତି। ମହିଳା ଗୋଷ୍ଠୀ ନେତ୍ରୀ ଉର୍ମିଳା ବେହେରା କହିଛନ୍ତି ଯେ ସେମାନେ ସ୍ଥାନୀୟ ମେଳା, ପର୍ଯ୍ୟଟକ ଓ ବ୍ୟବସାୟୀଙ୍କଠାରୁ ବରାଦ ପାଉଛନ୍ତି।

# 'ସ୍କୁଲ୍ ୟୁଥ୍ ଆଇଡିଆଥନ୍'ରେ ଓଡ଼ିଏମ୍ ଓଡ଼ିଶାରେ ପ୍ରଥମ

ଭୁବନେଶ୍ୱର,୧୯।୧(ଅନୁରାଧା ମହାରଣା)

ଭାରତର ଶିକ୍ଷାକ୍ଷେତ୍ରରେ ଓଡିଶା ପାଇଁ ଗର୍ବର ମୁହୂର୍ତ୍ତ ସୃଷ୍ଟି କରିଛି ଭୁବନେଶ୍ୱରସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍। 'ସ୍କୁଲ୍ ୟୁଥ୍ ଆଇଡିଆଥନ୍-୨୦୨୫' (ଇନ୍‌ଷ୍ଟିଚ୍ୟୁଶନାଲ୍ ଲିଡରସିପ୍ ଇନ୍ ଏଣ୍ଟ୍ରେପ୍ରିନରଶିପ୍ ଏବଂ ଇନୋଭେସନ୍)ର ଗ୍ରାଣ୍ଡ ଫାଇନାଲ୍‌ରେ ସାରା ଭାରତର ୧୩୦୦୦ ସ୍କୁଲ୍ ଭାଗ ନେଇଥିଲା ବେଳେ ସର୍ବଶ୍ରେଷ୍ଠ ୧୦ଟି ବିଦ୍ୟାଳୟ ମଧ୍ୟରୁ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ତୃତୀୟ ସ୍ଥାନ ଅଧିକାର କରିଛି । ସୂଚନା ଥାଉ କି, ଏହି ପ୍ରତିଯୋଗିତାରେ ସମଗ୍ର ଓଡିଶାରୁ ଭାଗନେଇଥିବା ସ୍କୁଲ୍ ମାନଙ୍କ ଭିତରୁ ମଧ୍ୟ ଓଡିଏମ୍ ହିଁ ଏକମାତ୍ର ସ୍କୁଲ୍, ଯାହାକୁ ଏହି ସଫଳତା ମିଳିଛି । ଏହି ଉପଲକ୍ଷେ ଜାନୁଆରୀ ୧୮ ରେ ନୂଆଦିଲ୍ଲୀସ୍ଥିତ ଆଇ.ଆଇ.ଟି. ଦିଲ୍ଲୀରେ ଆୟୋଜିତ ଭବ୍ୟ ସମ୍ମାନ ସମାରୋହରେ ଓଡିଏମ୍ ଶିକ୍ଷାସମୂହର ପ୍ରତିଷ୍ଠାତା ଡ.ସତ୍ୟବ୍ରତ ମୀନକେତନଙ୍କୁ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି । ଏହି ସଫଳତା ସମ୍ପର୍କରେ ମତ ପ୍ରକାଶ କରି ଡ.ମୀନକେତନ କହିଛନ୍ତି ଯେ, ଏହି ଗାରିମାମୟ ସଫଳତାର ସମ୍ପୂର୍ଣ୍ଣ ଶ୍ରେୟ 'ଆଇଡିଆଥନ୍'ରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର, ତାଙ୍କର ଶିକ୍ଷକ-ଶିକ୍ଷୟିତ୍ରୀଗଣ ଓ ଅଭିଭାବକମାନଙ୍କୁ ଯାଉଛି । ସେ ଓଡିଏମ୍‌ରେ ଛାତ୍ର-ଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳତା, ନବୋନ୍ମେଷ ଓ ଉଦ୍ୟମଶୀଳତାକୁ ପ୍ରୋତ୍ସାହନ ଦେବା ପ୍ରତି ଓଡିଏମ୍‌ର ଦୃଢ ସଙ୍କଳ୍ପକୁ ପୁନଃପ୍ରକାଶ କରିଛନ୍ତି । ଏହି ସଫଳତା ଓଡିଶା ତଥା ଭାରତବର୍ଷରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ସ୍ୱତନ୍ତ୍ର ପରିଚୟକୁ ଆହୁରି ମଜବୁତ୍ କରିଥିବା ଶିକ୍ଷାବିତ୍‌ମାନେ ମତ ପ୍ରକାଶ କରିଛନ୍ତି ।

**କାବୁଲ୍‌ରେ ବିସ୍ଫୋରଣ ୭ ମୃତ, ୧୩ ଆହତ**

ଆଫଗାନିସ୍ତାନ ରାଜଧାନୀ କାବୁଲରେ ସୋମବାର ଅପରାହ୍ନରେ ବିସ୍ଫୋରଣ ଘଟି ଅନ୍ୟୁନ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୧୩ ଆହତ ହୋଇଛନ୍ତି। ଶହର-ଇ-ନଏରେ ଏକ ହୋଟେଲକୁ ଟାର୍ଗେଟ କରି ଏହି ବିସ୍ଫୋରଣ ଘଟାଯାଇଥିଲା। ବିସ୍ଫୋରଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି।






ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ବିରୋଧ କରି ସୋମବାର କୋଲକାତାରେ ମୁସଲମାନ ସମ୍ପ୍ରଦାୟର ସଦସ୍ୟମାନେ ବିକ୍ଷୋଭରେ ସାମିଲ ହୋଇଛନ୍ତି।

# ତାର୍କିକ ଅସଙ୍ଗତି ତାଲିକାରେ ଥିବା ଲୋକଙ୍କ ନାଁ ପ୍ରକାଶ କର

**ପଶ୍ଚିମବଙ୍ଗ ଏସ୍‌ଆଇଆର୍ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୧୯।୧(ପି.ଟି.)

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ଯେଉଁମାନଙ୍କ ନାମ ତାର୍କିକ ଅସଙ୍ଗତି ତାଲିକାରେ ରହିଛି, ସେଗୁଡ଼ିକୁ ଗ୍ରାମପଞ୍ଚାୟତ ଭବନ, ବ୍ଲକ୍ ଅଫିସ ଓ ୱାର୍ଡ ଅଫିସ୍‌ରେ ପ୍ରଦର୍ଶିତ କରିବା ପାଇଁ ସୁପ୍ରିମକୋର୍ଟ ସୋମବାର ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ୧.୨୫ କୋଟି ଭୋଟର ଉକ୍ତ ତାଲିକାରେ ରହିଥିବା ଜଣାପଡ଼ିଛି। ୨୦୦୨ର ଭୋଟର ତାଲିକା ସହ ସନ୍ତାନଙ୍କୁ ନେଇ ତାର୍କିକ ବିସଙ୍ଗତି ରହିଛି। ଉଦାହରଣ ସ୍ୱରୂପ ମାତାପିତାଙ୍କ ନାମରେ ମେଳ ରହୁ ନ ଥିବାବେଳେ କେଉଁଠି ଭୋଟର ଏବଂ ସେମାନଙ୍କ ମାତାପିତାଙ୍କ ବୟସ ମଧ୍ୟରେ ୧୫ ବର୍ଷରୁ କମ୍ କିମ୍ବା ୫୦ ବର୍ଷରୁ ଅଧିକ ବ୍ୟବଧାନ ରହୁଛି। ବର୍ତ୍ତମାନର ଭୋଟର ତାଲିକା ସଂଶୋଧନ ଦ୍ୱାରା ପ୍ରଭାବିତ ହେବା ସମ୍ଭାବନା ଥିବା ଲୋକମାନେ ସେମାନଙ୍କ ଦସ୍ତାବିଜ୍ ଓ ଆପତ୍ତି ଅଭିଯୋଗ ଦାଖଲ ପାଇଁ ଅନୁମତି ଦେବାକୁ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଜୟମାଲ୍ୟ



ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ଏଥିପାଇଁ ପ୍ରତି ପଞ୍ଚାୟତ କିମ୍ବା ବ୍ଲକ୍ ଅଫିସରେ ଦସ୍ତାବିଜ୍ ଓ ଆପତ୍ତି ଦାଖଲ ପାଇଁ ଅଫିସ ଖୋଲିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏଥିପାଇଁ ପଞ୍ଚାୟତ ଭବନ ଓ ବ୍ଲକ୍ ଅଫିସ ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ଲୋକ ନିୟୋଜିତ କରିବେ। ରାଜ୍ୟରେ ଯେପରି ଆଇନ ଶୃଙ୍ଖଳା ସମସ୍ୟା ସୃଷ୍ଟି ନ ହୁଏ ଏବଂ ସବୁ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୁଏ, ତାହା ସୁନିଶ୍ଚିତ କରିବାକୁ ଅଦାଲତ ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଦଣ୍ଡ ସ୍ଥଗିତ ରଖିବା ଲାଗି ସେନ୍‌ଗାରଙ୍କ ଆବେଦନ ଖାରଜ

**ଉନ୍ନାଓ ବଳାତ୍କାର ମାମଲା**

ନୂଆଦିଲ୍ଲୀ,୧୯।୧(ପି.ଟି.)

ଉତ୍ତରପ୍ରଦେଶର ଉନ୍ନାଓ ବଳାତ୍କାର ମାମଲାରେ ପୀଡ଼ିତାଙ୍କ ବାପାଙ୍କର ହାଜତ ମୃତ୍ୟୁ ଘଟଣାରେ ଭାଜପାର ବହିଷ୍କୃତ ନେତା କୁଲଦୀପ ସିଂ ସେନ୍‌ଗାର ୧୦ ବର୍ଷ ଜେଲ ଦଣ୍ଡାଦେଶକୁ ସ୍ଥଗିତ ରଖିବା ପାଇଁ କରିଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ବିଚାର ପ୍ରକ୍ରିୟା ବିଳମ୍ବ ହେଉଥିବା ଦର୍ଶାଇ ସେନ୍‌ଗାର ଦଣ୍ଡ ସ୍ଥଗିତ ରଖିବା ପାଇଁ ଆବେଦନ କରିଥିଲେ। କେବଳ ବିଳମ୍ବ କାରଣକୁ ନେଇ ଦଣ୍ଡ ସ୍ଥଗିତ ରଖାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ରବିନ୍ଦର ଦୁଦେଜା କହିବା ସହ ପରବର୍ତ୍ତୀ ଶୁଣାଣି ଫେବୃଆରୀ ୩କୁ ଧାର୍ଯ୍ୟ କରିଛନ୍ତି। ସେନ୍‌ଗାର ଦଣ୍ଡ ସ୍ଥଗିତ ରଖିବା ଏବଂ ଜାମିନ ସମୟ ବଢ଼ାଇବା ପାଇଁ ବାରମ୍ବାର ଆବେଦନ କରିଆସୁଛନ୍ତି। କୋର୍ଟଙ୍କ ରାୟକୁ ନେଇ ଉନ୍ନାଓ ପୀଡ଼ିତା ସନ୍ତୋଷ ବ୍ୟକ୍ତ କରିଛନ୍ତି।

୨୦୧୭ରେ ଉନ୍ନାଓ ନାବାଳିକାଙ୍କୁ ସେନ୍‌ଗାର ଅପହରଣ କରିନେଇ ବଳାତ୍କାର କରିଥିଲେ। ଏହା ପରେ ପୀଡ଼ିତାଙ୍କ ବାପାଙ୍କୁ ଅସ୍ତ୍ରଶସ୍ତ୍ର ଆଇନରେ ଗିରଫ କରାଯାଇଥିଲା ଏବଂ ୨୦୧୮ ଏପ୍ରିଲ ୯ରେ ହାଜତରେ ତାଙ୍କର ମୃତ୍ୟୁ ଘଟିଥିଲା। ପୀଡ଼ିତାଙ୍କ ବାପାଙ୍କୁ ହତ୍ୟା ମାମଲାରେ ତଳକୋର୍ଟ ୨୦୨୦ ମାର୍ଚ୍ଚ ୧୩ରେ ସେନ୍‌ଗାରଙ୍କୁ ୧୦ ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ସହ ୧୦ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଥିଲେ। ହାଜତ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ସେନ୍‌ଗାରଙ୍କ ଭାଇ ଅତୁଲ ସିଂ ସେନ୍‌ଗାର ଓ ଅନ୍ୟ ୫ ଜଣଙ୍କୁ ମଧ୍ୟ ୧୦ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଥିଲା।

**ଖାତରେ କାର୍ ଖସି ଇଞ୍ଜିନିୟରଙ୍କ ମୃତ୍ୟୁ ଘଟଣା**

# ନଏଡ଼ା ସିଇଓ ବହିଷ୍କୃତ

ଲକ୍ଷ୍ନୌ,୧୯।୧(ପି.ଟି.)

ନଏଡ଼ା ସେକ୍ଟର ୧୫୦ସ୍ଥିତ ଏକ ନିର୍ମାଣ ସ୍ଥଳରେ ଜଳଭର୍ତ୍ତି ଗର୍ତ୍ତ ମଧ୍ୟକୁ କାର୍ ଖସି ୨୭ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟରଙ୍କ ମୃତ୍ୟୁ ଘଟଣାରେ ନଏଡ଼ା ଅଥରିଟିର ସିଇଓ ଏମ୍. ଲୋକେଶଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରାଯାଇଛି। ଇଞ୍ଜିନିୟରଙ୍କ ମୃତ୍ୟୁକୁ ନେଇ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଉତ୍ତରପ୍ରଦେଶ ସରକାର ସୋମବାର ଆଇଏଏସ୍ ଅଫିସର ଲୋକେଶଙ୍କ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତାଙ୍କୁ ପ୍ରତୀକ୍ଷା ତାଲିକାରେ ରଖିଛନ୍ତି। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ରିଅଲ ଇଷ୍ଟେଟ୍ ଡେଭେଲପରମାନଙ୍କ




ଯୁବରାଜ ମେହେଟ୍ଟା



ସିଇଓ ଏମ୍. ଲୋକେଶ

ଅବହେଳାରୁ ସଫ୍ଟୱେର ଇଞ୍ଜିନିୟର ଯୁବରାଜ ମେହେଟ୍ଟାଙ୍କ ମୃତ୍ୟୁ ଘଟିଲା ବୋଲି ତାଙ୍କ ପରିବାର ଏବଂ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏହା ବିରୋଧରେ ସେମାନେ ବିକ୍ଷୋଭ ଶୋଭାଯାତ୍ରା କରିଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣାକୁ ବିଚାରକୁ ନେଇ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଘଟଣାର ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ନଏଡ଼ା ଅଥରିଟି ସିଇଓ ଲୋକେଶ ହେଉଛନ୍ତି ୨୦୦୩ ବ୍ୟାଚ୍‌ର ଆଇଏଏସ୍ ଅଫିସର। ସେ ନଏଡ଼ା ମେଟ୍ରୋ ରେଳ କର୍ପୋରେଶନ (ଏନ୍‌ଏମ୍‌ଆର୍‌ସି)ର ପରିଚାଳନା ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରୁଥିଲେ।

ଯୁବରାଜଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରେ ଉଲ୍ଲେଖ ରହିଛି। ଏହା ବ୍ୟତୀତ ହୃଦ୍‌ଘାତ ମାମଲା ସମ୍ପର୍କରେ ମଧ୍ୟ ରିପୋର୍ଟରେ କୁହାଯାଇଛି। ଶୁକ୍ରବାର ରାତିରେ ଘନ କୁହୁଡ଼ି ମଧ୍ୟରେ ଯୁବରାଜ କାର୍ ଚଳାଇ ଘରକୁ ଫେରୁଥିବାବେଳେ ଜଳଭର୍ତ୍ତି ଖାତରେ ଖସିପଡ଼ିଥିଲେ। ସାହାଯ୍ୟ ପାଇଁ ସେ ବାରମ୍ବାର ଚିତ୍କାର କରିଥିଲେ ମଧ୍ୟ ତୁରନ୍ତ କୌଣସି ସହାୟତା ମିଳି ନ ଥିଲା। କାର୍ ଓଲଟି ପଡ଼ି ପାଣିରେ ଭାସୁଥିବାବେଳେ ଯୁବରାଜ କୌଣସି ପ୍ରକାରେ ସେଥିରୁ ବାହାରି ଆସି ବାପା ରାଜକୁମାରଙ୍କୁ ଫୋନ୍ କରି ଦୁର୍ଘଟଣା ସମ୍ପର୍କରେ ଜଣାଇଥିଲେ ଓ ସେ ମରିବାକୁ ଚାହାନ୍ତି ନାହିଁ ବୋଲି କହିଥିଲେ। ତାଙ୍କ ବାପା ତୁରନ୍ତ ୧୧୨କୁ ଡାଏଲ କରିବା ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଅନ୍ଧକାର, ଘନ କୁହୁଡ଼ି ଏବଂ ସ୍ୱଳ୍ପ ଦୃଶ୍ୟମାନ୍ୟତା ଯୋଗୁ ଉଦ୍ଧାର କାର୍ଯ୍ୟ ପ୍ରଭାବିତ ହୋଇଥିଲା। ପାଣି ବରଫ ଭଳି ଥଣ୍ଡା ଥିବାରୁ ପୋଲିସ ଓ ଅଗ୍ନିଶମ କର୍ମଚାରୀ ସେଥିରେ ପ୍ରବେଶ କରିପାରି ନ ଥିଲେ। ବେସ୍‌ମେଣ୍ଟର ନିର୍ମାଣାଧୀନ ସ୍ତମ୍ଭଗୁଡ଼ିକରୁ ମଧ୍ୟ ବିପଦ ଆଶଙ୍କା କରାଯାଇଥିଲା। ରାତି ୧ଟା ୪୫ ବେଳକୁ ଯୁବରାଜ ଓ ତାଙ୍କ କାର୍ ସମ୍ପୂର୍ଣ୍ଣ ବୁଡ଼ିଯାଇଥିଲା।

# ଆତଙ୍କବାଦୀଙ୍କ ଗୁଳିରେ ୮ ଯବାନ ଆହତ

ଜମ୍ମୁ,୧୯।୧(ପି.ଟି.)

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲା ଅନ୍ତର୍ଗତ ଚତ୍ରୁ ଜଙ୍ଗଲ ଅଞ୍ଚଳରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ସେନାର ୮ ଯବାନ ଆହତ ହୋଇଛନ୍ତି। ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ଚାଲିଥିଲା। ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ସହ ଆତଙ୍କବାଦୀଙ୍କୁ ନିପାତ କରିବା ନିମନ୍ତେ ଅଧିକ ସୈନ୍ୟଙ୍କୁ ନିୟୋଜିତ କରାଯାଇଛି। ମଧ୍ୟାହ୍ନ ସମୟରୁ ଆରମ୍ଭ ହୋଇଥିବା ଉକ୍ତ ଅଭିଯାନର ନାଁ ଅପରେଶନ ତ୍ରାଶି-୧ ଦିଆଯାଇଛି। ସୂଚନା ଅନୁଯାୟୀ, ତଲାସି ଅଭିଯାନରେ ସାମିଲ ଟିମ୍ ସହ ୨/୩ ଜଣ ବିଦେଶୀ ଆତଙ୍କବାଦୀ ମୁହାଁମୁହିଁ ହୋଇଥିଲେ। ଜୈଶ-ଇ-ମହମ୍ମଦ ସଂଗଠନର ଆତଙ୍କବାଦୀମାନେ ଯବାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ।

# ଦ୍ରୁତ ହ୍ରାସ ପାଉଛି ଚାଇନା ଜନସଂଖ୍ୟା

ବେଜିଂ,୧୯।୧(ପି.ଟି.)

**ଶିଶୁ ଜନ୍ମହାର ୧୭ ପ୍ରତିଶତ ହ୍ରାସ**

୨୦୨୫ରେ ଚାଇନାରେ ଜନ୍ମହାର ୧୦ ବର୍ଷ ପୂର୍ବ ତୁଳନାରେ ୧୦ ନିୟୁତ ହ୍ରାସ ପାଇଥିବାବେଳେ କ୍ରମାଗତ ଚତୁର୍ଥ ବର୍ଷ ପାଇଁ ଜନସଂଖ୍ୟା ହ୍ରାସ ପାଇଛି। ପୂର୍ବରୁ ଦେଶରେ ଲାଗୁ ହୋଇଥିବା ଏକ-ସନ୍ତାନ ନୀତିର ଦୀର୍ଘମିଆଦୀ ପ୍ରଭାବକୁ ଏଥିପାଇଁ ଦାୟୀ କରାଯାଇଛି।

ଜାତୀୟ ପରିସଂଖ୍ୟାନ ବ୍ୟୁରୋ (ଏନ୍‌ବିଏସ୍) ତଥ୍ୟ ଅନୁଯାୟୀ, ୨୦୨୫ରେ ୭.୯୨ ନିୟୁତ ପିଲା ଜନ୍ମହୋଇଛନ୍ତି, ଯାହାକି ୨୦୨୪ରେ ୯.୫୪ ନିୟୁତ ଥିଲା। ଅର୍ଥାତ ବର୍ଷକ ମଧ୍ୟରେ ଶିଶୁ ଜନ୍ମହାର ୧୭ ପ୍ରତିଶତ ହ୍ରାସ ପାଇଛି। ୧୯୪୯ରୁ ଦେଶରେ ଜନ୍ମହାର ଲିପିବଦ୍ଧ ହେବା ପରଠାରୁ ଏହା ସର୍ବନିମ୍ନ। ୨୦୨୩ରେ ଜନ୍ମହାର ଯଥେଷ୍ଟ କମିଥିଲାବେଳେ ଗତବର୍ଷ ଏହା ଉକ୍ତ ରେକର୍ଡକୁ ଭାଙ୍ଗିଦେଇଛି। ଜନସଂଖ୍ୟାରେ ଭାରତ ୨୦୨୩ରେ ଚାଇନାକୁ ଅତିକ୍ରମ କରିଥିବା ଜାତିସଂଘ ରିପୋର୍ଟରେ କୁହାଯାଇଥିଲା। ବର୍ତ୍ତମାନର ପ୍ରଜନନ ହାର ଆଧାରରେ ଚାଇନାର ଲୋକସଂଖ୍ୟା ୨୧୦୦ ସୁଦ୍ଧା ୬୩.୩ କୋଟିକୁ ହ୍ରାସ ପାଇବ ବୋଲି ଜାତିସଂଘର ଅର୍ଥନୀତି ଓ ସାମାଜିକ ବ୍ୟାପାର ବିଭାଗ (ଡିଇଏସ୍‌ଏ) ଆକଳନ କରିଛି। ସୋମବାର ପ୍ରକାଶିତ ଏନ୍‌ବିଏସ୍ ତଥ୍ୟ ଅନୁଯାୟୀ, ଚାଇନାର ଲୋକସଂଖ୍ୟା ୨୦୨୫ରେ ୩.୩୯ ନିୟୁତ ହ୍ରାସ ପାଇ ୧୪୦.୪୯ କୋଟିରେ ପହଞ୍ଚିଥିଲା। ଏହା ପୂର୍ବବର୍ଷ ଲୋକସଂଖ୍ୟା ୧୪୦.୮୩ କୋଟି ଥିଲା।

ଦ୍ରୁତ ବୃଦ୍ଧି ପାଉଥିବା ବରିଷ୍ଠ ଲୋକଙ୍କୁ ନେଇ ଚାଇନା ସମସ୍ୟାର ସମ୍ମୁଖୀନ ହୋଇଛି। ସରକାରୀ ତଥ୍ୟ ଅନୁଯାୟୀ, ୨୦୨୪ ଶେଷଭାଗରେ ଦେଶର ବରିଷ୍ଠ ନାଗରିକଙ୍କ ସଂଖ୍ୟା ୩୧୦ ନିୟୁତରେ ପହଞ୍ଚିଥିଲା। ୨୦୨୫ ବେଳକୁ ଏହି ସଂଖ୍ୟା ୪୦୦ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ୧୯୫୯ ଏବଂ ୧୯୬୧ର ପ୍ରଳୟଙ୍କର ଦୁର୍ଭିକ୍ଷ ବାଦ୍ ଗତବର୍ଷ ଚାଇନାରେ ସର୍ବାଧିକ ଜନସଂଖ୍ୟା ହ୍ରାସ ପାଇଥିଲା ବୋଲି ସାଉଥ୍ ଚାଇନା ମର୍ନିଂ ପୋଷ୍ଟ ରିପୋର୍ଟରେ କୁହାଯାଇଛି। ଇତିମଧ୍ୟରେ ଗତବର୍ଷ ପ୍ରାୟ ୧୧.୩୧ ନିୟୁତ ଲୋକଙ୍କ ମୃତ୍ୟୁ ଘଟିଛି, ଯାହାକି ୫ ଦଶନ୍ଧି ମଧ୍ୟରେ ସର୍ବାଧିକ। ଜନସାଂଖ୍ୟିକ ସଙ୍କଟ ଅର୍ଥନୀତିକୁ ଗମ୍ଭୀର ଭାବେ ପ୍ରଭାବିତ କରିବ ବୋଲି ସତର୍କ କରାଇ ଦିଆଯାଇଥିବାବେଳେ ବେଜିଂ ୨୦୧୬ରେ ଏକ ସନ୍ତାନ ନୀତିକୁ ଉଚ୍ଛେଦ କରି ଦମ୍ପତିମାନଙ୍କୁ ୨ ସନ୍ତାନ ଜନ୍ମ ପାଇଁ ଅନୁମତି ଦେଇଥିଲା। ଏହା ଫଳପ୍ରଦ ନ ହେବାରୁ ୨୦୨୧ରେ ଦମ୍ପତିଙ୍କୁ ୩ଟି ସନ୍ତାନ ଜନ୍ମ ଅନୁମତି ମିଳିଥିଲା।

# ଭାରତ ଗସ୍ତରେ ୟୁଏଇ ରାଷ୍ଟ୍ରପତି

ନୂଆଦିଲ୍ଲୀ,୧୯।୧(ପି.ଟି.)

ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନହ୍ୟାନ ସୋମବାର ନୂଆଦିଲ୍ଲୀ ଆସିଛନ୍ତି। ତାଙ୍କର ଏହି ଗସ୍ତ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁଏଇ ରାଷ୍ଟ୍ରପତିଙ୍କୁ ଦିଲ୍ଲୀ ବିମାନବନ୍ଦରରେ ସ୍ୱାଗତ କରିଥିଲେ। ଅଲ୍ ନହ୍ୟାନ ଦିଲ୍ଲୀରେ ୨ ଘଣ୍ଟାରୁ କମ୍ ସମୟ ରହିବା ଅବସରରେ ପ୍ରଧାନମନ୍ତ୍ରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଆଲୋଚନାରେ ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରତିରକ୍ଷା ଶିଳ୍ପ ସହଯୋଗ ଏବଂ ଆତଙ୍କବାଦ ପ୍ରସଙ୍ଗ ସ୍ଥାନ ପାଇଛି।




ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନହ୍ୟାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

**ଫୁରସତ୍**

# ଜନ୍ମ, ମୃତ୍ୟୁକୁ ଅନୁମତି ନ ଥିବା ଅଜବ ଗାଁ

ବିଶ୍ୱରେ ୧୯୫ଟି ଦେଶ ଅଛି। ପ୍ରତ୍ୟେକ ସ୍ଥାନର ନିଜସ୍ୱ ସ୍ୱତନ୍ତ୍ର ପରିଚୟ ଅଛି। ଏଗୁଡ଼ିକ ମଧ୍ୟରେ ଏପରି ଏକ ସ୍ଥାନ ଅଛି ଯେଉଁଠାରେ ନା କୌଣସି ଶିଶୁକୁ ଜନ୍ମ ନେବାକୁ କିମ୍ବା କୌଣସି ବ୍ୟକ୍ତିକୁ ମରିବାକୁ ଅନୁମତି ଦିଆଯାଇଛି। ଏହା ଶୁଣି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ, କିନ୍ତୁ ଏହା ସତ୍ୟ। ଲୋକଙ୍କ ଚିନ୍ତାଧାରାଠାରୁ ଏହି ଗାଁ ସମ୍ପୂର୍ଣ୍ଣ ଭିନ୍ନ ନିୟମ ଅନୁଯାୟୀ ଚାଲେ। ଏହାର ବ୍ୟବସ୍ଥା ଏବଂ ଜୀବନଶୈଳୀକୁ ବିଶ୍ୱର ଅନ୍ୟ ଦେଶଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ବିବେଚନା କରାଯାଏ। ଏହି କାରଣରୁ ଉକ୍ତ ସ୍ଥାନଟି ପ୍ରାୟତଃ ଚର୍ଚ୍ଚାରେ ରହିଥାଏ।

ଉତ୍ତର ମେରୁରୁ ପ୍ରାୟ ୧୩୦୦ କିଲୋମିଟର ଦୂରରେ ସ୍ୱାଲବାର୍ଡ ନାମକ ଏକ ନରୱେଜିଆନ ଦ୍ୱୀପପୁଞ୍ଜ ଅବସ୍ଥିତ। ଏହି ସ୍ଥାନଟି ନରୱେର ଅଂଶ, କିନ୍ତୁ ଭିଜା ବିନା ଯାତ୍ରା ସମ୍ଭବ। ସେଠାରେ ପହଞ୍ଚିବା ସହଜ ହେଲେ, ସେଠାରେ ଜନ୍ମଦେବା ଏବଂ ମରିବା ପ୍ରାୟ ଅସମ୍ଭବ। ଏହି ସ୍ଥାନକୁ ବିଶ୍ୱର ସବୁଠାରୁ ଅଜବ ଗାଁ ବୋଲି କୁହାଯାଏ।



ସ୍ୱାଲବାର୍ଡରେ କୌଣସି ଡାକ୍ତରଖାନା ନାହିଁ ଏବଂ ଏହା ଅତ୍ୟନ୍ତ ଥଣ୍ଡା। ଏଠାର ଭୂମି ପର୍ମାଫ୍ରୋଷ୍ଟ, ଅର୍ଥାତ୍ ଏହା ବର୍ଷସାରା ଜମାଟ ବାନ୍ଧି ରହିଥାଏ। ଏହା ସେଠାରେ ପୋତାଯାଇଥିବା ମୃତଦେହଗୁଡ଼ିକୁ ପଚିଯିବାରୁ ରୋକିଥାଏ। ଏହା ପୂର୍ବରୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥିଲା, ଫଳରେ କବର ଦେବା ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଯଦି କେହି ଗୁରୁତର ଅସୁସ୍ଥ କିମ୍ବା ଅତ୍ୟଧିକ ବୃଦ୍ଧ ହୁଅନ୍ତି, ତେବେ ସେମାନଙ୍କୁ ଦ୍ୱୀପ ଛାଡ଼ି ମୁଖ୍ୟ ଭୂମି ନରୱେକୁ ଯିବାକୁ ପଡ଼ିବ। ଉନ୍ନତ ଚିକିତ୍ସା ସୁବିଧା ଅଭାବରୁ ଗର୍ଭବତୀ ମହିଳାଙ୍କୁ ପ୍ରସବ ପୂର୍ବରୁ ବିଦାକରି ଦିଆଯାଏ। କାରଣ ଏଠାରେ କୌଣସି ଉନ୍ନତମାନର ମେଡିକାଲ ନାହିଁ। ସ୍ୱାଲବାର୍ଡ ମଧ୍ୟରାତ୍ରି ସୂର୍ଯ୍ୟର ଦେଶ ଭାବରେ ମଧ୍ୟ ଜଣାଶୁଣା। ଶୀତଦିନେ ମାସ ମାସ ଧରି ସୂର୍ଯ୍ୟ ଉଦୟ ହୁଏ ନାହିଁ ଏବଂ ଗ୍ରୀଷ୍ମଦିନେ ସୂର୍ଯ୍ୟ ଅସ୍ତ ହୁଏ ନାହିଁ। ଏଠାରେ ପ୍ରାୟ ୨୫୦୦ରୁ ୩୦୦୦ ଲୋକ ବାସ କରନ୍ତି ଏବଂ ୫୦ରୁ ଅଧିକ ଦେଶର ନାଗରିକ ଭିଜା ବିନା ଏକାଠି ରୁହନ୍ତି। ମଣିଷ ଅପେକ୍ଷା ମେରୁ ଭାଲୁଙ୍କ ସଂଖ୍ୟା ଅଧିକ। ତେଣୁ ରାଇଫଲ ବିନା ବାହାରକୁ ବାହାରିବା ବେଆଇନ। ଏଠାରେ ଅପରାଧ ବହୁତ କମ୍ ଏବଂ ଲୋକମାନେ ସେମାନଙ୍କର ଦ୍ୱାର ବନ୍ଦ ମଧ୍ୟ କରନ୍ତି ନାହିଁ। ଅଜବ ନିୟମ ସତ୍ତ୍ୱେ ଏହି ଭିନ୍ନତା ଉକ୍ତ ଗାଁକୁ ବିଶ୍ୱରେ ଅନନ୍ୟ କରିଥାଏ।



ନେହା କକ୍କର

# ବ୍ରେକ୍ ନେଲେ ନେହା

ମୁମ୍ବାଇ

ଗାୟିକା ନେହା କକ୍କର ନିଜ ସଙ୍ଗୀତ କ୍ୟାରିୟରରୁ ବ୍ରେକ୍ ନେଇଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ଏନେଇ ସୂଚନା ଦେଇଛନ୍ତି। ନେହା ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଦାୟିତ୍ୱ, ସମ୍ପର୍କ, କାମ ଏବଂ ଅନ୍ୟ ସବୁକିଛିରୁ ବିରତି ନେବାର ସମୟ ଆସିଛି। ଜାଣିନାହିଁ ମୁଁ ଫେରିବି କି ନାହିଁ। ଆଶା କରୁଛି ମୋ ଗୋପନୀୟତାକୁ ସମ୍ମାନ ଦେବା ସହ ଏହି ଦୁନିଆରେ ମୁକ୍ତ ଭାବରେ ବଞ୍ଚିବାକୁ ଦେବେ। ଏହା ସହ ନେହା ଫଟୋଗ୍ରାଫର ଏବଂ ପ୍ରଶଂସକମାନଙ୍କୁ ଫଟୋ ନ ଉଠାଇବାକୁ ଅନୁରୋଧ କରିଛନ୍ତି। ନେହା କକ୍କର ପ୍ରାୟତଃ କୌଣସି ନା କୌଣସି କାରଣରୁ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ତାଙ୍କର 'କ୍ୟାଣ୍ଡି ସପ୍' ଗୀତ ରିଲିଜ ହୋଇଥିଲା। ଏହି ଗୀତଟି ତାଙ୍କ ଭାଇ ଟୋନି କକ୍କରଙ୍କ ଦ୍ୱାରା ରଚିତ। ଏହି ଗୀତ ପାଇଁ ନେହାଙ୍କୁ ଟ୍ରୋଲ୍‌ର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତାଙ୍କର ଡ୍ୟାନ୍ସ ଷ୍ଟେପ୍ ପସନ୍ଦ କରାଯାଇ ନ ଥିଲା। ନେହା ପ୍ରାୟତଃ ତାଙ୍କ ଭାଇ ଟୋନିଙ୍କ ସହ ମ୍ୟୁଜିକ ଭିଡିଓ ତିଆରି କରନ୍ତି। ସେମାନଙ୍କର ମ୍ୟୁଜିକ୍ ଭିଡିଓ ସବୁବେଳେ ଚର୍ଚ୍ଚାରେ ରହିଥାଏ। ତାଙ୍କ ବ୍ୟକ୍ତିଗତ ଜୀବନରେ ନେହା ପଞ୍ଜାବୀ ସଙ୍ଗୀତ କଳାକାର ରୋହନ ପ୍ରୀତ ସିଂହଙ୍କୁ ବିବାହ କରିଛନ୍ତି। ସେମାନଙ୍କର ବିବାହ ୨୦୨୦ଅକ୍ଟୋବରରେ ହୋଇଥିଲା। ସେମାନଙ୍କ ବିବାହ ବିଷୟ ନେଇ ସେତେବେଳେ ଢେର ଚର୍ଚ୍ଚା ହୋଇଥିଲା। ୨୦୨୫ରେ ନେହାଙ୍କ ଭଉଣୀ ସୋନୁ କକ୍କର ନେହା ଏବଂ ଟୋନିଙ୍କଠାରୁ ଅଲଗା ହେବାର ଘୋଷଣା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:.................................
ଜନ୍ମ ତାରିଖ: ..............................



ରାଜ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଗଛରେ ଧକ୍କା ହେଲା ବାଇକ୍, ୨ ମୃତ

କ.ନୂଆଗାଁ/ବାଲିଗୁଡ଼ା,୧୯।୧(କାଳୀ ପ୍ରସାଦ ତ୍ରିପାଠୀ/ ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ୍ ସାରଙ୍ଗଗଡ଼ ଥାନା କାଣିବାରୁଢ଼ି ଛକ ନିକଟରେ ସୋମବାର ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛରେ ଧକ୍କା ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସୁଷମା କହଁର( ୨୦) ଓ ଆଶୁତୋଷ ପ୍ରଧାନ (୧୯)। ସୂଚନା ଅନୁସାରେ, ଆଶୁତୋଷ ବାଇକ୍‌ରେ ସୁଷମାଙ୍କୁ ବସାଇ ଫିରିଙ୍ଗିଆ ଅଞ୍ଚଳରୁ ଗୁଟିଙ୍ଗିଆ ଯାଉଥିଲେ। କାଣିବାରୁଢ଼ି ଛକ ନିକଟସ୍ଥ ବୁଲାଣି ରାସ୍ତାରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଆଶୁତୋଷଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସୁଷମା ଗୁରୁତର ଆହତ ହୋଇଥିଲେ। ଖବରପାଇ ସାରଙ୍ଗଗଡ଼ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲା। ସେଠାରେ ଆଶୁତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ସୁଷମାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ବେଳେ ଅଧା ବାଟରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଥାନାରେ ନଂ.୨୧/୨୬ରେ ଏକ ମାମଲା ରୁଜୁ ହୋଇଛି।

# ବାବୁଙ୍କ ଦକ୍ଷତା ମାପିବେ ସରକାର

## ତହସିଲଦାରଙ୍କ ପାଇଁ ଆସିବ ର‌୍ୟାଙ୍କିଙ୍ଗ୍ ବ୍ୟବସ୍ଥା

ଭୁବନେଶ୍ୱର,୧୯।୧
(ରବିନାରାୟଣ ଜେନା)

ରାଜ୍ୟବାସୀଙ୍କୁ କିଭଳି ହାତ ପାଆନ୍ତାରେ ରାଜସ୍ୱ ସେବା ମିଳିବ ତାକୁ ନେଇ ଗତ ୧୮ ମାସ ମଧ୍ୟରେ ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିବିଧ ପ୍ରମାଣପତ୍ର ପ୍ରଦାନ କରିବା ଓ ପୁରୁଣା ଆଇନକୁ ବନ୍ଦ କରିବା ଭଳି ୧୩ଟି ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ହେଲେ ଏବେ ବି ବିବିଧ ପ୍ରମାଣପତ୍ରଠାରୁ ଆରମ୍ଭ କରି ଦାଖଲ ଖାରଜମାମଲାର ଫଇସଲା ଏବଂ ଅନ୍ୟାନ୍ୟ ରାଜସ୍ୱ ସେବା ପାଇବାରେ ଲୋକେ ହଇରାଣ ହରକତ ହେଉଛନ୍ତି। ଆଗାମୀ ଦିନରେ ଲୋକେ ଯେପରି ରାଜସ୍ୱ ସେବା ପାଇବାରେ କୌଣସି ସମସ୍ୟା ନ ଉପୁଜିବ ତାକୁ ନେଇ ରାଜସ୍ୱ ବିଭାଗ ପକ୍ଷରୁ ତହସିଲଦାର ବାବୁମାନଙ୍କ ଦକ୍ଷତା ମପାଯିବ। କେଉଁ ତହସିଲଦାର କେଉଁସବୁ ମାମଲାକୁ ତ୍ୱରିତ ସମାଧାନ କରୁଛନ୍ତି ଏବଂ ତାହା ମଧ୍ୟରେ କେତେସବୁ ଗୁଣାତ୍ମକ ସେବା ରହିଛି ତାକୁ ଆଧାର କରି ର‌୍ୟାଙ୍କିଙ୍ଗ ପ୍ରଦାନ କରାଯିବ। ଯେଉଁ ତହସିଲଦାରମାନେ ଅଭ୍ୟାସଗତ ଭାବେ ଠକୁଥିବେ ସେମାନେ ଏହି ର‌୍ୟାଙ୍କିଙ୍ଗରେ ଧରାପଡ଼ିବେ ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାବାଦ୍ ଯେଉଁ ଅଧିକାରୀମାନେ ଭଲ ପ୍ରଦର୍ଶନ କରିବେ ସେମାନଙ୍କୁ ପ୍ରଶଂସାପତ୍ର ସହିତ ପଦୋନ୍ନତି ଦେବାର ମଧ୍ୟ ବ୍ୟବସ୍ଥା କରାଯିବ। ଏହାସହିତ ରାଜସ୍ୱ ବିଭାଗରେ ଥିବା ପୁରୁଣା ମାମଲା ହଟାଇବା ସହିତ ରାଜସ୍ୱ ସଂସ୍କାରକୁ ଲୋକାଭିମୁଖୀ କରିବାପାଇଁ ବିଭାଗ ଏଭଳି ପଦକ୍ଷେପ ଖୁବ୍‌ଶୀଘ୍ର ନେବ ବୋଲି ଜଣାଯାଇଛି।

ଲୋକସେବା ଭବନରେ ସୋମବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ, ଓଡ଼ିଶା ସରକାରୀ ଭୂ-ପରିଚାଳନା ଆଇନରେ କେତେକ ସଂସ୍କାର ଅଣାଯିବାପାଇଁ ବିଭାଗ ପକ୍ଷରୁ କେତେକ ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଛି। ଏହାକୁ ନେଇ ଖୁବ୍‌ଶୀଘ୍ର ଏକ ଡ୍ରାଫ୍ଟ ପ୍ରସ୍ତୁତ କରାଯିବ ଏବଂ ଏହାକୁ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାବିନେଟ୍‌ରେ ଅଣାଯିବ। ଆସନ୍ତା ବଜେଟ ଅଧିବେଶନ ପୂର୍ବରୁ ନୂତନ ଓଡ଼ିଶା ସରକାରୀ ଭୂ-ପରିଚାଳନା ଆଇନ ଆଣିବାକୁ ବିଭାଗ ଉଦ୍ୟମ କରୁଛି ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା, ତହସିଲଦାରମାନଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ନିକଟରେ ଅଣାଯାଇଥିବା ବିଭିନ୍ନ ରାଜସ୍ୱ ସେବା ଓ ନୂତନ ଆଇନ କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇବା ପାଇଁ ତାଲିମ ପ୍ରଦାନ କରାଯିବ। ପ୍ରତ୍ୟେକ ଦିନ ଅପରାହ୍ନ ୫ଟାରେ ଜିଲାସ୍ତରୀୟ ତହସିଲଦାର, ଭୂ-ବନ୍ଦୋବସ୍ତ ଅଧିକାରୀ, ଅତିରିକ୍ତ ଜିଲାପାଳ ଏବଂ ଜିଲାପାଳଙ୍କୁ ନେଇ ଏକ ଆଭାସୀ ବୈଠକ କରାଯିବ। ବୈଠକରେ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ଅତିରିକ୍ତ ମୁଖ୍ୟଶାସନ ସଚିବ ତଥା ଉନ୍ନୟନ ଆୟୁକ୍ତଙ୍କ ପର୍ଯ୍ୟନ୍ତ ବରିଷ୍ଠ ଅଧିକାରୀ ରହିବେ। କେଉଁ ଦିନ କେଉଁ ଅଧିକାରୀଙ୍କୁ ନେଇ ଆଭାସୀ ବୈଠକ କରାଯିବ ତାହା ନିର୍ଦ୍ଦିଷ୍ଟ କରାଯିବ। ଏନେଇ ଖୁବ୍‌ଶୀଘ୍ର ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହେବ ବୋଲି ବିଭାଗ ପକ୍ଷରୁ ଜଣାଯାଇଛି।

## ଜନ୍ମଦିନ ଶୁଭେଚ୍ଛା





ଶ୍ରୀଜିତ୍ ପଟ୍ଟନାୟକ (ରାଜ୍)
ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର
ରାଜ୍, ତୋର ଆଜି ୧୬ତମ ଜନ୍ମବାର୍ଷିକୀ, ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶିରିଡ଼ି ବାବାଙ୍କ ପାଖରେ ପ୍ରାର୍ଥନା ସେ ତୋର ଚଲାପଥ ସର୍ବଦା କୁସୁମିତ କରିବା ସହ ତୋତେ ଯଶସ୍ୱୀ କରାନ୍ତୁ।
ଶୁଭେଚ୍ଛା ସହ– ବୋଉମା, ମାମି, ପାପା, ମାମା, ମଣ୍ଟୁକାକୁ, ସାନମା, ଟଣ୍ଟୁକାକୁ, କାକି, ଚିଣ୍ଟୁକାକୁ, ସାନକାକି, ଭାଇନା, ଅପା, ଗୁଡୁଭାଇ, ଭାଉଜ, ଦିଦି, ପ୍ରେମ୍, ସ୍ୱେତା, ସିଦ୍ଧେଶ, ଅଜା, ଆଇ, ମାମୁ, ମାଇଁ, ମଉସା, ମାଉସୀ, ବନ୍ଧୁ ଓ ପରିବାରବର୍ଗ।
ଧ-୩୧୫୬

# ଗାଡ଼ି ଧକ୍କାରେ ହେଟାବାଘ ମୃତ

## ଲାଞ୍ଜ, ଗୋଡ଼, ନଖ କାଟିନେଲେ ଦୁର୍ବୃତ୍ତ




କାଳିମେଳା, ୧୯।୧(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ରେଞ୍ଜ ଅଧୀନ ତଥା କାଳିମେଳା-ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥର ଏମ୍‌ଭି ୭୨ ନିକଟସ୍ଥ ଶାନ୍ତିନଗରଠାରେ ସୋମବାର ଭୋର ସମୟରେ ଗୋଟିଏ ହେଟାବାଘର ମୃତଦେହ ଜବତ କରାଯାଇଛି। ଏକ ବଡ ଗାଡ଼ି ଧକ୍କାରେ ହେଟାବାଘର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେବେ ଦୁର୍ବୃତ୍ତମାନେ ମୃତ ହେଟାବାଘର ଗୋଟିଏ ଗୋଡ଼, ଲାଞ୍ଜ ଏବଂ ନଖ କାଟି ନେଇଯାଇଥିବା ଦେଖିବାକୁ ମିଳିଛି। ଖବରପାଇ କାଳିମେଳା ରେଞ୍ଜର ବିଜୟ କୁମାର ନାୟକ, ଫରେଷ୍ଟର ମୃତ୍ୟୁଞ୍ଜୟ ସେଠୀ ଏବଂ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କାଳିମେଳା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଜବତ ହେଟାବାଘର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏହା ଏକ ଅଣ୍ଡିରା ବାଘ ହୋଇଥିବା ବେଳେ ଏହାର ବୟସ ପ୍ରାୟ ୫ ବର୍ଷ ଏବଂ ଉଚ୍ଚତା ସାଢ଼େ ୩ଫୁଟ ବୋଲି କାଳିମେଳା ରେଞ୍ଜର ନାୟକ କହିଛନ୍ତି। ବ୍ୟବଚ୍ଛେଦ ପରେ ହେଟାକୁ ନେଇ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପୋତି ଦିଆଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ: ୧୧।୧୦।୧୯୭୫
ତିରୋଧାନ: ୦୯।୦୧।୨୦୨୬

୰ସଞ୍ଜୟ ଅଗ୍ରୱାଲ
ଗ୍ରାଣ୍ଡରୋଡ୍, ପୁରୀ
-:ଶୋକସନ୍ତପ୍ତ:-
ଅଜୟ ଅଗ୍ରୱାଲ, ନମନ ଅଗ୍ରୱାଲ, ଅକ୍ଷତ ଅଗ୍ରୱାଲ, ଅଭୟ ଅଗ୍ରୱାଲ ଓ ଅଂଶିକା ଅଗ୍ରୱାଲ।
ଧ-୩୧୫୩

### ଦଶାହ ଉପଲକ୍ଷେ



୰ଶରତ ଚନ୍ଦ୍ର ମହାନ୍ତି
(ପୂର୍ବତନ କୃଷି ଅଧିକାରୀ)
ଗ୍ରାମ- ନାଇଲୋ, ଅଢ଼ଙ୍ଗଗଡ଼, ଜଗତ୍‌ସିଂହପୁର
ଆବିର୍ଭାବ- ୧୪।୦୩।୧୯୫୬
ତିରୋଧାନ- ୧୧।୦୧।୨୦୨୬
ଆଜି ତୁମର ଦଶାହ ଅବସରରେ ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଭାଇ- ଅଶୋକ, ଶିଶିର ଓ ସଚ୍ଚିଦାନନ୍ଦ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୩୨୪୬

# ୨୧ରୁ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା'

ଭୁବନେଶ୍ୱର,୧୯।୧ (ଅନୁରାଧା ମହାରଣା)

ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ ଜନତା ମଇଦାନରେ ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ। ଏହା ୨୩ ପର୍ଯ୍ୟନ୍ତ ଚାଲିବ ବୋଲି ଓୟୁଏଟି ଭେଟେରିନାରି କଲେଜ ଅଡିଟୋରିୟମରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଲେ, କ୍ଷୀର, ମାଂସ, ଅଣ୍ଡା ଓ ମାଛ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ ହେବ। ଏକ୍ଷେତ୍ରରେ ଚାଷୀଙ୍କୁ ଉତ୍ସାହିତ କରିବା ସହ ବଜାର ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏହି ସମାବେଶକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ସେହିପରି ଉଦ୍‌ଯାପନୀ ସମାରୋହରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଉପସ୍ଥିତ ରହିବେ। ଚଳିତ ବର୍ଷର ଥିମ୍ ରହିଛି 'ମତ୍ସ୍ୟ-ପ୍ରାଣୀ ଏବେ ନୂତନ ଦିଶା ; ବିକଶିତ ହେବ ଆମ ଓଡ଼ିଶା'। ସମାବେଶରେ ପ୍ରତି ବ୍ଲକରୁ ୨୬ଜଣ ଲେଖାଏ ମୋଟ ୮୧୬୪ ଜଣ ମତ୍ସ୍ୟଚାଷୀ ଓ ପ୍ରାଣିପାଳକ ଯୋଗଦେବେ। ପ୍ରତ୍ୟେକ ଉପଖଣ୍ଡରୁ ୬ଜଣ ସଫଳ ପ୍ରାଣିପାଳକ ଓ ମତ୍ସ୍ୟଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ବିଭାଗ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୦ଜଣ ଶ୍ରେଷ୍ଠ ଅଧିକାରୀ ଏବଂ ବକ୍ତୃତା ଓ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ।

୨୧ ତାରିଖ ସକାଳେ କଳିଙ୍ଗ ଷ୍ଟାଡିୟମରୁ ଜନତା ମଇଦାନ ପର୍ଯ୍ୟନ୍ତ ଏକ ୱାକାଥନ ଆୟୋଜିତ ହେବ। ସମାବେଶରେ ୧୨ଟି ଇଣ୍ଟରାକ୍ଟିଭ ପ୍ୟାନେଲ ଆଲୋଚନାଚକ୍ର ଅନୁଷ୍ଠିତ ହେବ। 'ମନ୍ତ୍ରୀଙ୍କୁ ପଚାରନ୍ତୁ' କାର୍ଯ୍ୟକ୍ରମରେ ଚାଷୀଙ୍କ ପ୍ରଶ୍ନର ସିଧାସଳଖ ଉତ୍ତର ରଖିବେ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ୩ଟି ହ୍ୟାଙ୍ଗର୍‌ରେ ପ୍ରାୟ ୨୦୮ ଷ୍ଟଲ୍‌ରେ ମତ୍ସ୍ୟ, ପ୍ରାଣିପାଳନ, ବିଭିନ୍ନ ବିଭାଗ ଓ କମ୍ପାନୀର ଉତ୍ପାଦ ପ୍ରଦର୍ଶିତ ହେବ। ସେହିପରି ୨ଟି ଖୋଲା ହ୍ୟାଙ୍ଗରରେ ମତ୍ସ୍ୟ ଓ ପ୍ରାଣୀ ଲାଇଭ୍ ଡେମନଷ୍ଟ୍ରେଶନ କରାଯିବ। ପ୍ରତି ସନ୍ଧ୍ୟାରେ ଲୋକନୃତ୍ୟ ଏବଂ ଶାସ୍ତ୍ରୀୟ ନୃତ୍ୟ ସମ୍ବଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସମାବେଶକୁ ଅଧିକ ଆକର୍ଷଣୀୟ କରିବା ପାଇଁ ହରିୟାଣାର ଦୁଇଟି ମଇଁଷି ଷଣ୍ଢ ସୁରବୀର ଏବଂ ଇନ୍ଦର, ଆନ୍ଧ୍ରପ୍ରଦେଶର ଛୋଟ ପ୍ରଜାତିର ପୁଙ୍ଗାନୁର ଗାଈ ଓ ଗୁଜରାଟରୁ କାଙ୍କରେଜ ଷଣ୍ଢ ଆସୁଛି। ୨୩ ତାରିଖ ସକାଳ ୮ଟା ୩୦ରେ ଡଗ ଶୋ ଓ ସନ୍ଧ୍ୟା ୬ଟା ୩୦ରେ ପେଟ୍ ଫ୍ୟାଶନ ଶୋ ହେବ। ଲାଇଭ ସି ଫୁଡ୍ କିଚେନ, ଭର୍ଚୁଆଲ ରିଅଲିଟି ଫାର୍ମ ଟୁର୍, ଡ୍ରୋନ୍ ଶୋ, ଲେଜର୍ ଶୋ, ଚିତ୍ରକଳା ପ୍ରଦର୍ଶନୀ, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଗଣଙ୍କ ସହ ସେଲ୍‌ଫି ଜୋନ ଆଦି ଆକର୍ଷଣ ସାଜିବ। ଖବରଦାତା ସମ୍ମିଳନୀରେ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ପ୍ରାଣିପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ ଆଲମ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମାବେଶ ସମ୍ପର୍କରେ ସୂଚନା ଦେଉଛନ୍ତି।

# Classified Everyday
0674-2580101, 9692975378



## REAL ESTATE
### SALE

Semi- Commercial Land for Sale At ଆଙ୍ଗୁଳା, Near ସିନ୍ଧିଆ High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣ୍ଡା. Area- 16,500 Sqft. (30Lakhs Only) Direct Owner. 7978551614.
D-3115

11decimal (4800 Sqft.) Commercial/ residential plot facing NH and having side road near Kathagada bypass, Dhenkanal is ready for sale. Contact: Mob- 9437521402/ 9337769022.
D-3149

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140.
D-3023

## PURCHASE

**Wanted GA Plot 40' x 60' and 75' x 50' at Ghatikia and Sampur, Bhubaneswar before or after freehold for purchase. Contact: 7656861995 this week.**
D-75859

## AFFIDAVIT

By virtue of an affidavit sworn before Notary Public, Daringbadi, dated- 22.11.2025, I, Jakab Pradhan, Address: Village- Katabadi, P.O.- Partamaha, P.S.- Daringbadi, Dist.- Kandhamal, Odisha, PIN- 762104 declare that I have changed the name of my son from Rupesh Pradhan (Old name) to Rishant Pradhan (New name). Henceforth, he shall be known as Rishant Pradhan (New name) for all purposes.
Jakab Pradhan
D-3147

By virtue of an affidavit sworn before the Executive Magistrate, Saintala, Dtd.- 16.05.2025, I, Prafulla Kumar Nag, S/o.- Late Arakhita Nag, R/o. Village- Deogaon, P.O.- Dhumabhata, P.S.- Saintala, Dist.- Balangir (Odisha), PIN- 767026 declare that now I have changed my son's name from Pratyush Nag to Pratyush Kumar Nag. Henceforth, he shall be known as Pratyush Kumar Nag for all purposes.
Prafulla Kumar Nag
D-3148

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before Executive Magistrate, Bhubaneswar, Dtd.- 12.01.2026, I, Kunti Dighal, D/o.- Yakub Dhanuwar, wife of Alboo Digal, Residential address: Sahid Laxman Behera Basti, IRC Village, P.S.- Nayapalli, Bhubaneswar, Dist.- Khordha, PIN- 751015, my name wrongly mentioned in Aadhaar card xxxx xxxx 2236 Saraswoti Digal. I declare that I have one name KUNTI DIGHAL. Henceforth, I shall be known as Kunti Dighal for all future purposes.
D-3150

By virtue of an order dt. 30th day of June 2017 of Hon'ble Civil Judge (JD) Nimapara, in Civil Suit No. 36 of 2017, the father of Suratha Chandra Jena, Village- Durgapur, P.O.- Dakhinaradas, P.S.- Balanga, Dist.- Puri shall be known as Muralidhar Jena instead of Giridhari Jena for all purpose. A Gazette Notification in this regard shall be published for necessary correction in all official and non-official records.
D-3154

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

Letter No. 84, dated- 16.01.2026

ନୋଟିସ

ମାନ୍ୟବର ଅତିରିକ୍ତ କମିଶନର, ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ (I.A.S.)
ଅତିରିକ୍ତ ରିଭିଜନ୍ କୋର୍ଟ ନଂ.- ୪, ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
ଓ.ଏସ୍.ଏସ୍. କେସ୍ ନଂ.- ୨୧୬/୨୦୨୫

ଜୟଶ୍ରୀ ମାଝି ........ବାଦୀ
ବନାମ
ସେଟଲ୍‌ମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ .....ପ୍ରତିବାଦୀ ସମୂହ

ନୋଟିସ ସି.ପି.ସି. ଅର୍ଡର- ୫ ରୁଲ୍- ୨୦ ମୁତାବକ

ପ୍ରତିବାଦୀ ନଂ.୫- ସୋମନାଥ ସୁନ୍ଦରାୟ, ପିତା: ୰ଭଜି ସୁନ୍ଦରାୟ, ପ୍ରତିବାଦୀ ନଂ.୬- ଲକ୍ଷ୍ମୀଧର ସୁନ୍ଦରାୟ, ପିତା: ୰ହାଡ଼ିବନ୍ଧୁ ଓରଫ ହାଡୁ ସୁନ୍ଦରାୟ, ଉଭୟଙ୍କର ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ପିନ୍- ୭୫୧୦୨୪, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ପ୍ରତିବାଦୀ ନଂ.୭- ନାରାୟଣ ଓରଫ ନାରଣ ସୁନ୍ଦରାୟ, ପିତା- ୰ହାଡ଼ିବନ୍ଧୁ ଓରଫ ହାଡୁ ସୁନ୍ଦରାୟ, ସା- ବାଲିପଡ଼ା, ପୋ- ଦାଢ଼ା, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.୮- ପୁରୁଷୋତ୍ତମ ସୁନ୍ଦରାୟ, ପିତା- ୰କାହ୍ନୁ ସୁନ୍ଦରାୟ, ପ୍ରତିବାଦୀ ନଂ.୯- ଅଧିକାରୀ ସୁନ୍ଦରାୟ, ପିତା- ୰କାହ୍ନୁ ସୁନ୍ଦରାୟ, ପ୍ରତିବାଦୀ ନଂ.୧୦- ଭାଗୀରଥି ସୁନ୍ଦରାୟ, ପିତା- ୰ଅନାଥବନ୍ଧୁ ସୁନ୍ଦରାୟ, ପ୍ରତିବାଦୀ ନଂ.୧୧- ଦାଶରଥି ସୁନ୍ଦରାୟ, ପିତା- ୰ଅନାଥବନ୍ଧୁ ସୁନ୍ଦରାୟ, ପ୍ରତିବାଦୀ ନଂ.୧୨- ମରୁଆ ବେୱା ଓରଫ ସୁନ୍ଦରାୟ, ସ୍ୱାମୀ- ୰ମୋହନି ଓରଫ ମହନ ସୁନ୍ଦରାୟ, ପ୍ରତିବାଦୀ ନଂ.୧୩- କୁଞ୍ଜ ସୁନ୍ଦରାୟ, ପିତା- ଗୋପୀ ସୁନ୍ଦରାୟ, ପ୍ରତିବାଦୀ ନଂ.୧୪- ଦିବାକର ପ୍ରଧାନ, ପିତା- ମଦନ ପ୍ରଧାନ, ପ୍ରତିବାଦୀ ନଂ.୧୫- ଲିଙ୍ଗରାଜ ପ୍ରଧାନ, ପିତା- ମୋହନ ଓରଫ ମହନ ପ୍ରଧାନ, ପ୍ରତିବାଦୀ ନଂ. ୮, ୯, ୧୦, ୧୧, ୧୨ ଓ ୧୫ମ୍ବରଙ୍କ ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ପିନ୍- ୭୫୧୦୨୪, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।

ଉପରୋକ୍ତ ନୋଟିସ ଦ୍ୱାରା ଏହି ଓ.ଏସ୍.ଏସ୍. କେସ୍‌ରେ ତୁମ୍ଭେମାନେ ପ୍ରତିବାଦୀ ହିସାବରେ ନଂ. ୫, ୬, ୭, ୮, ୯, ୧୦, ୧୧, ୧୨, ୧୩, ୧୪ ଓ ୧୫ ରୂପେ ରହିଅଛି। କିନ୍ତୁ ରେଜିଷ୍ଟ୍ରୀ ପୋଷ୍ଟ ମାଧ୍ୟମରେ ତୁମ୍ଭ ପ୍ରତିବାଦୀମାନଙ୍କୁ ବାରମ୍ବାର ନୋଟିସ ଦିଆଗଲେ ମଧ୍ୟ ତୁମ୍ଭେମାନେ ଗ୍ରହଣ କରୁନାହଁ। ଆମ୍ଭେ ବାଦୀ ବାରମ୍ବାର ଚେଷ୍ଟାକରି ମଧ୍ୟ ପ୍ରତିବାଦୀମାନେ ଜୀବିତ କି ମୃତ ଜାଣିପାରୁନାହୁଁ। ଯଦି ପ୍ରତିବାଦୀମାନେ ଜୀବିତ ନାହାନ୍ତି ତେବେ ସେମାନଙ୍କର ଉତ୍ତରାଧିକାରୀମାନେ ଏବଂ ଯଦି ପ୍ରତିବାଦୀ ଜୀବିତ ତେବେ ନିଜେ ଏହି ନୋଟିସ ଦ୍ୱାରା ଉପରୋକ୍ତ କୋର୍ଟ ନିର୍ଦ୍ଦେଶ ଦେଲେ କି ଆସନ୍ତା ତା ୨୩।୦୨।୨୦୨୬ରିଖରେ ୧୧:୩୦ ସମୟେ ଉପରୋକ୍ତ କୋର୍ଟଙ୍କ ଇଜିଲାସରେ ପ୍ରତ୍ୟେକ ପ୍ରତିବାଦୀ ନିଜେ/ଉତ୍ତରାଧିକାରୀ ନିଜେ କିମ୍ବା ତାଙ୍କର ପ୍ରତିନିଧିଙ୍କ ଜରିଆରେ ଉପସ୍ଥିତ ହୋଇ ଯଦି କିଛି ଆପତ୍ତି ଥାଏ, ସେହି ଆପତ୍ତି/ଦାବି ଉପସ୍ଥାପନ କରିବେ।

ପ୍ରତିବାଦୀମାନେ ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉପରୋକ୍ତ କେସ୍‌ର ଫଇସଲା କରାଯିବ। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଓ.ଏସ୍.ଏସ୍. କେଶ୍‌ର ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ତଫସିଲ ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ନଂ.୩୩ମ୍ବର, ମୌଜା- ଭୁଆଷୁଣୀ।

ସାବକ ଖାତା- ମୂଳ ସାବକ ଖାତା ୨୨୦ ସାବକ ମ୍ୟୁଟେସନ୍ ଖାତା ନଂ.୨୨୮/୧୪୪, ସାବକ ପ୍ଲଟ୍- ୫୧୩, ଏରିଆ- ଏ ୧.୭୨୫ ସ୍ଥ ଏ ୦.୦୩୦, ହାଲ୍ ଖାତା- ୧୫୨୨, ହାଲ୍ ପ୍ଲଟ୍- ୨୨୪୪, ଏରିଆ- ୦.୦୯୫ ସ୍ଥ ଏ ୦.୦୩୦।

ଏଣୁ ଉପରୋକ୍ତ ମାମଲାର ଉପର ବର୍ଣ୍ଣିତ ପ୍ରତିବାଦୀ ସମୂହ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ । ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ ।

ସ୍ଥାନ: ଭୁବନେଶ୍ୱର — ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ କ୍ରମେ
ତାରିଖ: — ସ୍ୱା./- କୋର୍ଟ ଅଧିକାରୀ
ଧ-୩୧୫୧

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧
ଶ୍ରୀମତୀ କନକଚମ୍ପା ମେହେର, ଓ.ଏସ୍.ଏସ୍. (ଏସ୍.ଏ.ଜି),
ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନଂ. - ୧୧୯୬/୨୦୨୨

ସୂର୍ଯ୍ୟକାନ୍ତ ବିଶୋଇ ଏବଂ ଅନ୍ୟ ଜଣେ .........ବାଦୀ /ଦରଖାସ୍ତକାରୀ
ବନାମ
ଦେବରାଜ ନାୟକ ଓ ଅନ୍ୟମାନେ .........ପ୍ରତିବାଦୀମାନେ/ଅପରପକ୍ଷ

ନୋଟିସ୍ ଅଣ୍ଡର ଅର୍ଡର-୫, ରୁଲ୍-୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
ପ୍ରତିବାଦୀମାନେ: ୧) ଦେବରାଜ ନାୟକ, ପିତା- ୰ ଜଇ ନାୟକ, ୨) ଉପେନ୍ଦ୍ର ନାୟକ, ପିତା- ୰ ଜଇ ନାୟକ, ୩) ଟୁକୁନା ନାୟକ, ସ୍ୱାମୀ- ଦେବରାଜ ନାୟକ, ପିତା- ୰ ଜୟୀ ନାୟକ, ଠିକଣା- ସା- କୁଜିମହଲ, ପୋ/ଥା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୪) କୁନିଲତା ବେହେରା, ସ୍ୱାମୀ- ଡମ୍ବରୁଧର ବେହେରା, ପିତା- ୰ ଜୟୀ ନାୟକ, କ୍ର. ନଂ. ୧), ୨) ଓ ୪)ଙ୍କ ଠିକଣା- ସା- ଚକେଇସିହାଣି, ପୋ- ରସୁଲଗଡ଼, ଥା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୫) ଅଚ୍ୟୁତ ନାୟକ, ପିତା- ହାଡୁ ନାୟକ, ଠିକଣା: ସା- ପଥରଗାଡ଼ିଆ, ପୋ- ଦାରୁଠେଙ୍ଗ, ଥା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୬) କାମିନୀ ଦେହୁରୀ, ସ୍ୱାମୀ- କୁନାଲ ଦେହୁରୀ, ପିତା- ମହେଶ୍ୱର ନାୟକ, ଠିକଣା- ସା- ଘଙ୍ଗାପାଟଣା, ପୋ- ପାଇକରାପୁର, ଥା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୭) ଦିଗମ୍ବର ମଲ୍ଲ, ପିତା- କୃଷ୍ଣଚନ୍ଦ୍ର ମଲ୍ଲ, ଠିକଣା: ସା- ବଲ୍ଲଭପୁର, ପୋ/ଥା- ସାଲେପୁର, ଜିଲ୍ଲା- କଟକ

ନୋଟିସ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୧ ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଇଜିଲାସରେ ଆସନ୍ତା ତା.୧୧.୦୩.୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଥାନା ନଂ. ୪୦, ମୌଜା- ପଥରଗାଡ଼ିଆ, ହାଲ୍ ଖାତା ନଂ. ୨୮, ହାଲ୍ ପ୍ଲଟ୍ ନଂ. ୪୪୦୧, ରକବା- ଏ୦.୩୭୦ ଡିସିମିଲ ସ୍ଥଧରୁ ଏ୦.୦୭୧ ଡିସିମିଲ ଯାହାର ସାବକ ଖାତା ନଂ. ୩୮୭, ସାବକ ପ୍ଲଟ୍ ନଂ. ୧୧୧୧, ଏରିଆ ଏ୦.୧୭୯ ଡିସିମିଲ ସ୍ଥଧରୁ ଏ୦.୦୭୧ ଡିସିମିଲ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତାରିଖ: — ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର — ସ୍ୱା./- କୋର୍ଟ ଅଫିସର
ଧ-୩୧୫୨

# ଫିଡ୍‌ବ୍ୟାକ୍

ଘରେ ହେଉ କି ବାହାରେ ଲୋକେ କ'ଣ କହିବେ ସେଥିପାଇଁ ଆମେ ଖୁବ୍ ବ୍ୟସ୍ତ ହୋଇପଡ଼ୁ। ଖାସ୍ ଏଇଥି ପାଇଁ ତ ମହିଳାମାନେ ଭିନ୍ନ ଭିନ୍ନ ଭୂମିକାରେ ନିଜକୁ ସାବ୍ୟସ୍ତ କରିବା ଲାଗି ଖୁବ୍ ଚେଷ୍ଟା କରନ୍ତି। ଆଉ ସମସ୍ତଙ୍କଠାରୁ ପଜିଟିଭ୍ ଫିଡ୍‌ବ୍ୟାକ୍ ଆଶା କରିଥାନ୍ତି। କିନ୍ତୁ ସମସ୍ତଙ୍କୁ ସନ୍ତୁଷ୍ଟ କରିବା ବଦଳରେ ନିଜେ ସନ୍ତୁଷ୍ଟ ରହିବା ଅଧିକ ଗୁରୁତ୍ୱପୂର୍ଣ୍ଣ...



ନିଜ କାମର ଫିଡ୍‌ବ୍ୟାକ୍ ଜାଣିବା ପାଇଁ ସମସ୍ତଙ୍କର ଆଗ୍ରହ ଥାଏ। ସାଧାରଣତଃ ମହିଳାମାନେ ଘରେ, ବାହାରେ ଓ ଅଫିସରେ କାମ କରନ୍ତି। ସବୁ ସ୍ଥାନରେ ପଜିଟିଭ୍ ଫିଡ୍‌ବ୍ୟାକ୍ ଶୁଣିବାର ଇଚ୍ଛା ବି ରଖିଥାନ୍ତି। କିନ୍ତୁ ସବୁ ଦାୟିତ୍ୱରେ ସଫଳତାର ସହିତ ଆଗକୁ ଯିବାକୁ ହେଲେ ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ହେବ। ଆଉ ଏଥିପାଇଁ ଅନ୍ୟମାନଙ୍କ ତୁଳନାରେ ନିଜକୁ ନିଜେ ଫିଡ୍‌ବ୍ୟାକ୍ ଦେବା ଅଧିକ ଗୁରୁତ୍ୱପୂର୍ଣ୍ଣ। ପରିବାରରେ ନାରୀଟିଏ ଭିନ୍ନ ଭିନ୍ନ ଭୂମିକାରେ ନିଜର ଦାୟିତ୍ୱ ନିର୍ବାହ କରିଥାଏ। ସମସ୍ତଙ୍କୁ ସନ୍ତୁଷ୍ଟ କରିବା ଲକ୍ଷ୍ୟରେ ନିଜର କର୍ତ୍ତବ୍ୟ ପୂରଣ କରିବାକୁ ଯଥାସମ୍ଭବ ପ୍ରୟାସ ବି କରିଥାଏ। ବିଭିନ୍ନ ପ୍ରକାରର କାମ କରିବା ପରେ ନିଜ ଅବଦାନକୁ ନେଇ ସମସ୍ତଙ୍କ ଠାରୁ ଏକ ସକାରାତ୍ମକ ଫିଡ୍‌ବ୍ୟାକ୍‌ର ଆଶା କରିଥାଏ। ଅନୁରୂପଭାବେ କର୍ମଜୀବୀମାନେ ବି ନିଜ ସହକର୍ମୀ ତଥା ବସ୍‌ଙ୍କଠାରୁ ଏମିତି ଏକ ଫିଡ୍‌ବ୍ୟାକ୍ ଇଚ୍ଛା ରଖନ୍ତି। କିନ୍ତୁ ସବୁ ସମୟରେ ଓ ସବୁସ୍ଥାନରେ ପଜିଟିଭ୍ ଫିଡ୍‌ବ୍ୟାକ୍ ଯେ ମିଳିବ ତାହା ହୋଇ ନ ପାରେ। ତେଣୁ ସବୁ କ୍ଷେତ୍ରରେ ଅନ୍ୟର ଫିଡ୍‌ବ୍ୟାକ୍ ତୁଳନାରେ ନିଜକୁ ନିଜେ ବୁଝେଇ ସନ୍ତୁଷ୍ଟ ରହିବା ଦରକାର। ଏପରି ଭାବନା ରହିଲେ ଆତ୍ମସନ୍ତୋଷ ରହିବା ସହ ଅନ୍ୟମାନଙ୍କ ଠାରୁ କୌଣସି ଆଶା ରହିବନି ଯାହାଫଳରେ ସମ୍ପର୍କ ବି ଠିକ୍ ରହିବ। ତେଣୁ ଫିଡ୍‌ବ୍ୟାକ୍‌କୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରି ଆଗକୁ ବଢ଼ିବାକୁ ହେବ। ଏଥି ନିମନ୍ତେ କେଉଁ ସବୁ ଦିଗପ୍ରତି ଧ୍ୟାନ ରଖିବାକୁ ହେବ ଜାଣନ୍ତୁ।

## ନିଜକୁ ମାନ୍ୟତା ଦିଅନ୍ତୁ

ବେଳେବେଳେ ଅନ୍ୟମାନଙ୍କ ମତାମତକୁ ନେଇ ମନ ବିଚଳିତ ହୋଇଯାଏ। ନିଜ ବିଷୟରେ ନକାରାତ୍ମକ କଥା ଶୁଣି ଆତ୍ମବିଶ୍ୱାସ କମିଯାଏ। ତେଣୁ ପ୍ରଥମ କଥା ହେଉଛି ନିଜକୁ ମାନ୍ୟତା ଦିଅନ୍ତୁ। ଅର୍ଥାତ୍ ନିଜ କାମ କି ବ୍ୟବହାରରେ ସେଭଳି କିଛି ତ୍ରୁଟି ନାହିଁ ଓ ଆପଣ ଯଥାସମ୍ଭବ ଚେଷ୍ଟା କରିଛନ୍ତି ବୋଲି ଭାବିବା ଅଧିକ ମହତ୍ତ୍ୱପୂର୍ଣ୍ଣ। ନିଜର ଛୋଟ ଛୋଟ ଖୁସିକୁ ଏନ୍‌ଜୟ କରନ୍ତୁ। ଆତ୍ମସମ୍ମାନ ବଢ଼ାଇବାର ଏହା ଏକ ସୁନ୍ଦର ଉପାୟ। ଏପରି ହେଲେ ଧୀରେ ଧୀରେ ଅନ୍ୟମାନେ ବି ଆପଣଙ୍କୁ ସ୍ୱୀକାର କରିବା ଆରମ୍ଭ କରିବେ। ତେଣୁ ଅନ୍ୟମାନଙ୍କ ସ୍ୱୀକୃତି ବଦଳରେ ନିଜର ସ୍ୱୀକୃତି ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ।





## ଦାୟିତ୍ୱ ବାଣ୍ଟନ୍ତୁ

ପରିବାର ତଥା କର୍ମକ୍ଷେତ୍ର ଓ ବିଭିନ୍ନ ସ୍ଥାନରେ ମହିଳାଙ୍କୁ ଭିନ୍ନ ଭିନ୍ନ ଭୂମିକାରେ ନିଜର କାମ କରିବାକୁ ପଡ଼ିଥାଏ। ସବୁ ସ୍ଥାନରେ ସମସ୍ତଙ୍କର ଶହେ ପ୍ରତିଶତ ଇଚ୍ଛା ପୂରା କରିବା ସମ୍ଭବ ନୁହେଁ। ତେଣୁ ସବୁ ସ୍ଥାନରେ ଏକ ସନ୍ତୁଳନ ରଖିବାକୁ ହେବ। ଏଥିପାଇଁ ପ୍ରଥମେ ନିଜର ସୀମା ସ୍ଥିର କରନ୍ତୁ। ବାସ୍ତବିକ ରୂପେ ନିଜ ଦାୟିତ୍ୱକୁ ବାଣ୍ଟିବା ଜରୁରୀ। ଏପରି ହେଲେ ଆପଣ ମାନସିକ ଓ ଭାବନାତ୍ମକ ଦୃଷ୍ଟିରୁ ଏକ ସନ୍ତୁଳନ ରକ୍ଷା କରିପାରିବେ। ଫଳରେ ସବୁ ସମ୍ପର୍କରେ ଏକ ସନ୍ତୁଳନ ରକ୍ଷା ହୋଇପାରିବ।

## ପ୍ରକୃତ କାରଣ

ନିଜକୁ ପ୍ରଶ୍ନ କରନ୍ତୁ ଯେ ଯାହା ବି କାମ କରୁଛନ୍ତି, କାହିଁକି କରୁଛନ୍ତି ଅବା ସେହି କାମ ପଛର ଉଦ୍ଦେଶ୍ୟ କ'ଣ। ଯଦି ନିଜର ଖୁସି ପାଇଁ କିମ୍ବା ଦାୟିତ୍ୱ ପୂରା କରିବା ଉଦ୍ଦେଶ୍ୟରେ କୌଣସି କାମ କରୁଥାନ୍ତି ତେବେ ଅନ୍ୟ କାହାର ସ୍ୱୀକୃତି ନିହାତି ଜରୁରୀ ନୁହେଁ। ସମ୍ପର୍କ ମଜଭୁତ କରିବା ପାଇଁ ଆପଣ ନିଜ ହିସାବରେ ଦାୟିତ୍ୱ ଅନୁସାରେ ହିଁ କାମ କରନ୍ତୁ। ଯଦି ନିଜ ଦାୟିତ୍ୱ ପୂରା କରିବା ନେଇ ନିଜେ ସନ୍ତୁଷ୍ଟ ହୋଇ ପାରୁଛନ୍ତି ତା'ହେଲେ ଅନ୍ୟ ଲୋକଙ୍କ ଫିଡ୍‌ବ୍ୟାକ୍ ନକାରାତ୍ମକ ହେଲେ ବି ଅନୁଶୋଚନା କରନ୍ତୁ ନାହିଁ। ନିଜର ପରିଶ୍ରମ ଓ କାମ ସବୁକିଛି କରିବା କ୍ଷେତ୍ରରେ ଆପଣ ଯଥେଷ୍ଟ ଯୋଗଦାନ ଦେଇଛନ୍ତି, ଏହି ଭାବନା ହିଁ ଆଗକୁ ଅଧିକ ସଫଳତା ପାଇବା କ୍ଷେତ୍ରରେ ସହାୟକ ହୋଇପାରିବ। ଆତ୍ମବିଶ୍ୱାସର ଅର୍ଥ ହେଉଛି ନିଜ ଉପରେ ଭରସା କରିବା କିନ୍ତୁ ଅନ୍ୟର ସ୍ୱୀକୃତି ନିହାତି ଜରୁରୀ ନୁହେଁ। ନିଜ କାମକୁ ନେଇ ସନ୍ତୁଷ୍ଟ ରୁହନ୍ତୁ କିନ୍ତୁ ନିଜର ଦୁର୍ବଳତାକୁ ନେଇ ସଚେତନ ବି ରୁହନ୍ତୁ। ଦୁର୍ବଳତାକୁ ଜାଣି ପରିବର୍ତ୍ତନ କରିବା ଦିଗରେ ମଧ୍ୟ ସଚେତନ ରହିବାକୁ ହେବ। ଏଭଳି ହେବା ଫଳରେ ଆପଣ ନିଜର ସବୁ ଭୂମିକାକୁ ନେଇ ସନ୍ତୁଷ୍ଟ ରହିପାରିବେ।

### ଏମାନେ କ'ଣ କରନ୍ତି



**ମନକୁ ବୁଝାଇ ଦେଇଛି:** ବିବାହ ପରେ ଫିଡ୍‌ବ୍ୟାକ୍‌କୁ ନେଇ ଭାରି ବ୍ୟସ୍ତ ଲାଗୁଥିଲା। କାଳେ କେହି କ'ଣ କହିବେ ଭାବି ସବୁବେଳେ ଗୋଟେ ଭୟରେ କାମ କରୁଥିଲି। ହେଲେ କିଛିଦିନ ପରେ ପରିସ୍ଥିତି ସହିତ ନିଜକୁ ବଦଳାଇବାକୁ ବାଧ୍ୟ ହେଇଛି। କାହିଁକି ନା ସବୁବେଳେ ଏକ ଭୟ ମାନସିକତା ଭିତରେ ରହି ମୁଁ ନିଜର କ୍ଷତି କରୁଥିଲି। ଏ ନେଇ ମତେ ପ୍ରଥମେ ମୋ ସ୍ୱାମୀ ବୁଝାଇଥିଲେ। ସେଦିନରୁ ମୁଁ ଜାଣିଥିଲି କି ସମସ୍ତଙ୍କୁ ଶହେ ପ୍ରତିଶତ ସନ୍ତୁଷ୍ଟ କରିବା ସମ୍ଭବ ନୁହେଁ। ତେଣୁ ମୋର କର୍ତ୍ତବ୍ୟ ଅନୁସାରେ ସବୁ କାମ କରୁଛି। କିଏ ଭଲ କହୁ କି ନ କହୁ ସେଥିପ୍ରତି ଆଉ ଏବେ ବେଶି ଚିନ୍ତା କରୁନି।

– ସ୍ମିତାଞ୍ଜଳି ବେହେରା
*ଗୃହିଣୀ, ପ୍ରତାପନଗରୀ, କଟକ*



**ଭୁଲ୍ ସୁଧାରିବାକୁ ଚେଷ୍ଟା କରେ:** ଅଧ୍ୟାପିକାଭାବେ କଲେଜରେ ମୋ କାମକୁ ନେଇ କିଏ କ'ଣ କହୁଛି ସେକଥା ଜାଣିବାର ଭାରି ଆଗ୍ରହ ରହୁଥିଲା। କିନ୍ତୁ ଏତେ ବର୍ଷ ଚାକିରି କରିବା ପରେ ଆଉ କାହାର ଫିଡ୍‌ବ୍ୟାକ୍ ପାଇଁ କିଛି ସେମିତି ବିଚଳିତ ହେଉନି। ଏମିତିକି ଆମ ସିନିଅରମାନେ ଯଦି ନେଗେଟିଭ୍ ଫିଡ୍‌ବ୍ୟାକ୍ ଦିଅନ୍ତି ତେବେ ବି ଏତେ ବ୍ୟସ୍ତ ହୁଏନି। ମୋର ଯଦି ପ୍ରକୃତରେ କୌଣସି କ୍ଷେତ୍ରରେ ଭୁଲ୍ ଥାଏ ତା'ହେଲେ ମୁଁ ସ୍ୱୀକାର କରେ ଓ ସେଥିପ୍ରତି ସଚେତନ ହେବାକୁ ଚେଷ୍ଟା କରେ। ଭବିଷ୍ୟତରେ ଭୁଲ୍ ନ କରିବା ଆଉ ଭଲ କାମ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରେ। କଲେଜରେ କାହା ବିଷୟରେ କୌଣସି ଚୁଗୁଲି କରେନି କି କିଏ କିଛି କହିଲେ ସେ କଥାକୁ ଏତେ ଧ୍ୟାନ ଦିଏନି। ଆଉ ବସ୍ ଯଦି କିଛି କହନ୍ତି ତେବେ ତାଙ୍କୁ ପ୍ରକୃତ ସତ୍ୟ ଜଣାଇଥାଏ। ତେଣୁ ସିଏ ମତେ କେବେ ଦୋଷାରୋପ କରନ୍ତି ନାହିଁ। ବରଂ ଅଧିକ ଭଲ କାମ କରିବା ପାଇଁ ପ୍ରେରଣା ଦେଇଥାନ୍ତି।

– ମଧୁସ୍ମିତା ସ୍ୱାଇଁ
ଅଧ୍ୟାପିକା, ଭୁବନେଶ୍ୱର





# କମାନ୍ତୁ ସ୍କ୍ରିନ୍ ଟାଇମ୍

ମୋବାଇଲ ବ୍ୟବହାର ନେଇ ପିଲାଙ୍କର ଆକର୍ଷଣ ଦିନକୁ ଦିନ ବଢିଚାଲିଛି। ସମୟ ଏବେ ଏମିତି ହୋଇଛି ଯେ ଫୋନ୍‌କୁ ସେମାନଙ୍କ ଠାରୁ ସମ୍ପୂର୍ଣ୍ଣ ଦୂରେଇ ରଖିବା କଷ୍ଟକର ହୋଇପଡିଛି। ଏଭଳି କ୍ଷେତ୍ରରେ ପିଲାଙ୍କର ଫୋନ୍ ବ୍ୟବହାର କମ୍ କରିବା ପାଇଁ କ'ଣ କରିବେ ଜାଣନ୍ତୁ...



➔ ପିଲାଙ୍କ ପାଇଁ ସେମାନଙ୍କ ସହିତ କଥାବାର୍ତ୍ତା ହୋଇ ଏକ ଟାଇମ୍ ଟେବଲ ସ୍ଥିର କରନ୍ତୁ। ପାଠପଢା ଖେଳକୁଦ ସହିତ ଫୋନ୍ ଦେଖିବାର ଏକ ସମୟ ନିର୍ଦ୍ଦିଷ୍ଟ କରନ୍ତୁ, ଯେପରି ପିଲାମାନେ କେବଳ ସେହି ସମୟ ମଧ୍ୟରେ ଫୋନ୍ ବ୍ୟବହାର କରିବେ। ଏପରି ହେଲେ ଅନ୍ୟ ସମୟରେ ସେମାନେ ନିଜ କାମ କରିବେ।

➔ପିଲାଙ୍କୁ ଆଉଟ୍‌ଡୋର୍ ଗେମ୍ ନିମନ୍ତେ ଉତ୍ସାହିତ କରନ୍ତୁ। କ୍ରିକେଟ୍, ଫୁଟବଲ୍ ଓ ସାଇକେଲିଂ ଆଦି ବିଭିନ୍ନ ଖେଳପାଇଁ ବ୍ୟବସ୍ଥା କରି ଦିଅନ୍ତୁ। ଫଳରେ ପିଲାମାନେ ଫୋନ୍‌ଠାରୁ କିଛି ସମୟ ଦୂରରେ ରହିବାର ସୁଯୋଗ ପାଇବେ।

➔ମୋବାଇଲ୍‌କୁ ପିଲାଙ୍କ ପାଇଁ ଏକ ପୁରସ୍କାର ଭଳି ବ୍ୟବହାର କରନ୍ତୁ। ସେମାନେ ହୋମୱାର୍କ କରିସାରିବା ପରେ କିମ୍ବା କୌଣସି ପାଠ ପୂରା କରିସାରିବା ପରେ କିଛି ସମୟ ପାଇଁ ଫୋନ୍ ବ୍ୟବହାର କରିବାର ସୁଯୋଗ ଦିଅନ୍ତୁ। ଏପରି କଲେ ସେମାନଙ୍କର ପାଠପ୍ରତି ଆଗ୍ରହ ବଢ଼ିବ।

➔ନିଜେ ପିଲାଙ୍କ ସହିତ କିଛି ସମୟ କଟାନ୍ତୁ। ସେମାନଙ୍କୁ ବାହାରକୁ ବୁଲାଇବା ପାଇଁ ନିଅନ୍ତୁ କିମ୍ବା ଖେଳନ୍ତୁ। ଏସବୁ ନ ହେଲେ ସେମାନଙ୍କ ସହିତ କେବଳ ଗପନ୍ତୁ। ଫଳରେ ମୋବାଇଲ୍ ବ୍ୟବହାର କରିବାର ସୁଯୋଗ ପାଇବେ ନାହିଁ ପିଲାମାନେ।

➔ମୋବାଇଲ୍ ବ୍ୟବହାରର ଖରାପ ପ୍ରଭାବ ସମ୍ପର୍କରେ ପିଲାଙ୍କୁ ବୁଝାନ୍ତୁ। ପିଲାମାନେ ଖରାପ ପ୍ରଭାବ ସମ୍ପର୍କରେ ବୁଝିପାରିଲେ ନିଜେ ଫୋନ୍ ବ୍ୟବହାର କମ୍ କରିବା ନେଇ ସଚେତନ ହୋଇପାରିବେ।

➔ପିଲାଙ୍କ ଆଗରେ ଅଭିଭାବକମାନେ ନିଜେ ଫୋନ୍ ବ୍ୟବହାର କରନ୍ତୁ ନାହିଁ। ଆବଶ୍ୟକ ହେଲେ ପିଲାଙ୍କୁ ନିଜର ଉଦାହରଣ ଦେଇପାରିବେ।

➔ଶୋଇବା ସମୟରେ ନିଜେ ଫୋନ୍ ଦେଖନ୍ତୁ ନାହିଁ କି ପିଲାଙ୍କୁ ଦେଖାନ୍ତୁ ନାହିଁ। ତେଣୁ ଶୋଇବା ଘରକୁ ଯିବା ପୂର୍ବରୁ ହିଁ ଫୋନ୍‌କୁ ବାହାରେ ରଖି ଯାଆନ୍ତୁ।

# ରୁମ୍ ହିଟର ବ୍ୟବହାର କରୁଥିଲେ..

ଶୀତଦିନେ ଅତ୍ୟଧିକ ଥଣ୍ଡାରୁ ରକ୍ଷା ପାଇବା ପାଇଁ କେତେକେ ରୁମ୍ ହିଟର ବ୍ୟବହାର କରିଥାନ୍ତି। କିନ୍ତୁ ଏହାର ବ୍ୟବହାର କରୁଥିଲେ କେତେକ ଦିଗରୁ ସାବଧାନ ହେବାକୁ ପଡିବ...




➤ରୁମ୍ ହିଟରକୁ ଘରର କେଉଁ ସ୍ଥାନରେ ରଖିବେ ପ୍ରଥମେ ତାହା ସ୍ଥିର କରନ୍ତୁ। ଏହାକୁ ଖଟ, ସୋଫା କିମ୍ବା ଘରର ପରଦା ପାଖରେ ରଖନ୍ତୁ ନାହିଁ। ଏପରି ହେଲେ ନିଆଁ ଲାଗିବାର ଆଶଙ୍କା ରହିଥାଏ। ଏହାକୁ ଘରର ଏକ ଖୋଲା ତଥା ସମତଳ ସ୍ଥାନରେ ରଖନ୍ତୁ ଓ ଧ୍ୟାନ ରଖନ୍ତୁ ଯେପରି ପାଖରେ କୌଣସି ଜ୍ୱଳନଶୀଳ ପଦାର୍ଥ ନ ଥିବ।

➤ଲୋକେ ବେଳେବେଳେ ରାତିସାରା ରୁମ୍ ହିଟର ଲଗାଇ ଛାଡି ଦିଅନ୍ତି। କିନ୍ତୁ ସେପରି କରନ୍ତୁ ନାହିଁ। ଓଭରହିଟିଂ ହେବାର ଆଶଙ୍କା ମଧ୍ୟ ରହିଥାଏ। ତେଣୁ ଶୋଇବା ପୂର୍ବରୁ ରୁମ୍ ହିଟର ବନ୍ଦ କରି ଦିଅନ୍ତୁ।

➤ବନ୍ଦ ହୋଇଥିବା ଘରେ ହିଟର ଲଗାନ୍ତୁ ନାହିଁ। ଏପରି ହେଲେ ଘର ଭିତରେ ଅମ୍ଳଜାନର ଅଭାବ ହୋଇଥାଏ। ଫଳରେ ଅଣନିଃଶ୍ୱାସୀ ହେବାର ଆଶଙ୍କା ରହିଥାଏ। ତେଣୁ ଝରକା କିମ୍ବା କବାଟ ଅଳ୍ପ ଖୋଲା ରଖନ୍ତୁ।

➤ରୁମ୍ ହିଟରରେ ସବୁବେଳେ ଭଲ କ୍ୱାଲିଟିର ସକେଟ୍ ଲଗାନ୍ତୁ। କଟା ହୋଇଥିବା କିମ୍ବା ଖରାପ କ୍ୱାଲିଟିର ଏକ୍ସଟେନଶନ୍ ବୋର୍ଡ ବ୍ୟବହାର କରନ୍ତୁ ନାହିଁ।

➤ପାଣି ପାଖରେ ଏହାକୁ ରଖନ୍ତୁ ନାହିଁ।

## ସୌନ୍ଦର୍ଯ୍ୟ

# ଶୀତରେ ଗ୍ଲୋଇଂ ମେକ୍‌ଅପ୍

ଠିକ୍ ଭାବରେ ମେକ୍‌ଅପ୍ ନ ନେଲେ ଶୀତଦିନେ ସୌନ୍ଦର୍ଯ୍ୟ ଖରାପ ହୋଇ ଯାଇଥାଏ। ତେଣୁ ସୁନ୍ଦର ତଥା ଗ୍ଲୋଇଂ ମେକ୍‌ଅପ୍ ନିମନ୍ତେ କେଉଁ ସବୁ ଦିଗ ପ୍ରତି ଅଧିକ ଧ୍ୟାନ ଦେବାକୁ ହେବ ଜାଣନ୍ତୁ...

➔ପ୍ରଥମେ ମେକ୍‌ଅପ୍ ଲଗାଇବା ପୂର୍ବରୁ ମୁହଁରେ ସବୁଆଡେ ଏକ ପ୍ରାଇମର ଲଗାନ୍ତୁ। ଭିଟାମିନ୍-ଇ ଥିବା ପ୍ରାଇମର ସ୍କିନ୍‌କୁ ହାଇଡ୍ରେଟ୍ ରଖିଥାଏ। ତେଣୁ ସବୁବେଳେ ଭଲ କ୍ୱାଲିଟିର ପ୍ରାଇମର ଲଗାନ୍ତୁ।

➔କ୍ରିମ୍‌ଥିବା ଫାଉଣ୍ଡେଶନ୍ ବ୍ୟବହାର କରନ୍ତୁ। ଏହା ସ୍କିନ୍‌କୁ ଏକ ସୁନ୍ଦର ଲୁକ୍ ଦେବ। କିନ୍ତୁ ସାଧାରଣ ଫାଉଣ୍ଡେଶନ୍ ହେଲେ ଶୀତଦିନେ ଶୁଷ୍କତା କାରଣରୁ ଗାର ପଡିବା ଭଳି ଦେଖାଯିବ।

➔ସୁନ୍ଦର ମେକ୍‌ଅପ୍ ନିମନ୍ତେ ବ୍ଲଶ୍ କରିବା ମଧ୍ୟ ଜରୁରୀ। ତେଣୁ ୱାର୍ମ ଟୋନ୍ ଥିବା ପିଚ୍ ବ୍ଲଶ ମୁହଁରେ ଲଗାନ୍ତୁ। ଏହାକୁ ହାଲୁକା ଭାବରେ ଲଗାଇବେ। ଅଧିକ ଲଗାଇଲେ ମେକ୍‌ଅପ୍ ଭଲ ଲାଗିବ ନାହିଁ।

➔ନ୍ୟୁଟଲ ଆଇ ମେକ୍‌ଅପ୍ କରନ୍ତୁ। କାରଣ ଶୀତଦିନେ ସୂର୍ଯ୍ୟାଲୋକ ସବୁବେଳେ ଅଧିକ ଉଜ୍ଜ୍ୱଳ ନ ଥାଏ। ତେଣୁ ଏହି ପ୍ରକାରର ଆଖି ମେକଅପ୍ ମୁହଁକୁ ଅଧିକ ଗ୍ଲୋ ଦେଖାଯିବାରେ ସାହାଯ୍ୟ କରେ। ଆଖି ଚାରିପାଖରେ ପ୍ରାଇମର୍ ମଧ୍ୟ ଲଗାନ୍ତୁ। ୱାର୍ମ ଓ ନ୍ୟୁଡ୍ ଟୋନ୍ ଆଇସାଡୋ ଲଗାନ୍ତୁ।

➔ଶୀତଦିନେ ଥଣ୍ଡା ପ୍ରଭାବରୁ ଓଠ ଫାଟିବା ଭଳି ସମସ୍ୟା ମଧ୍ୟ ଦେଖା ଦେଇଥାଏ। ତେଣୁ ଏସ୍‌ପିଏଫ୍ ଥିବା ମଶ୍ଚରାଇଜର ଓ ଲିପ୍ ବାମ୍ ଲଗାନ୍ତୁ। ଟେଣ୍ଟେଡ୍ କିମ୍ବା କଲର୍ ଚେଞ୍ଜିଂ ବାମ୍ ବ୍ୟବହାର କରିପାରିବେ। ଶେଷରେ ନ୍ୟୁଡ ମ୍ୟାଟ୍ ଲିପ୍‌ଷ୍ଟିକ୍ କିମ୍ବା ଟିକ୍ ଲିପ୍ ଟିଣ୍ଟ ଲଗାଇ ଓଠରେ ମେକଅପ୍ ଦିଅନ୍ତୁ।

➔ଶୀତଦିନେ ଖରାଦିନିଆ ମେକଅପ୍ ସାମଗ୍ରୀ ଖରାପ ଲୁକ୍ ଦେଇଥାଏ। ତେଣୁ ତାହାର ବ୍ୟବହାର କରନ୍ତୁ ନାହିଁ।

➔ଅଧିକ ବ୍ରଞ୍ଜର ଲଗାଇଲେ ମେକ୍‌ଅପ୍ ଖରାପ ଲାଗିଥାଏ। ଏପରି କରନ୍ତୁ ନାହିଁ।

➔ସ୍କିନ୍‌କୁ ହାଇଡ୍ରେଟ୍ ରଖିବା ପାଇଁ ଶୀତଦିନେ ଯତ୍ନ ନିଅନ୍ତୁ।

➔ଭିଟାମିନ୍ ଇ, ସି, ଆଣ୍ଟି ଅକ୍ସିଡାଣ୍ଟ ଓ ଓମେଗା-୩ ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ଯେପରିକି ବିଭିନ୍ନ ପ୍ରକାରର ମଞ୍ଜି, ସବୁଜ ପନିପରିବା, ଫଳ, କନ୍ଦମୂଳ ଆଦି ଅଧିକ ଖାଆନ୍ତୁ। ଏଭଳି କେତେକ ଖାଦ୍ୟ ସ୍କିନ୍‌କୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।



## ଖାଦ୍ୟରୁଚି

# ବଥୁଆଶାଗ ପରଟା



**ଆବଶ୍ୟକ ସାମଗ୍ରୀ–**
ବଥୁଆ ଶାଗ– ୧ ବିଡା, ଅଟା– ୨୫୦ ଗ୍ରାମ୍, ସିଝା ଆଳୁ– ୧ଟି (ବଡ), ଜୁଆଣି– ଅଧା ଛୋଟ ଚାମଚ, କଞ୍ଚା ଲଙ୍କା– ୪ଟି, ହେଙ୍ଗୁ– ଅଳ୍ପ, ସ୍ୱାଦ ଅନୁସାରେ ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ–**
ପ୍ରଥମେ ଶାଗକୁ ଭଲଭାବେ ବାଛି ସେଥିରେ ଥିବା ପତ୍ରଗୁଡିକୁ ଅଲଗା କରି ଧୋଇ ଦିଅନ୍ତୁ। କଞ୍ଚାଲଙ୍କାକୁ ଛୋଟ ଛୋଟ କରି କାଟି ରଖନ୍ତୁ। ଏବେ ଏହି ଶାଗକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଅଟା ସହିତ କଟା ହୋଇଥିବା ଶାଗ, ସିଝା ଆଳୁ, କଞ୍ଚା ଲଙ୍କା, ଜୁଆଣି, ହେଙ୍ଗୁ ଓ ଲୁଣ ମିଶାଇ ଭଲଭାବେ ଚକଟି ଦିଅନ୍ତୁ। ଏବେ ଏହାକୁ ଅଧଘଣ୍ଟା ପର୍ଯ୍ୟନ୍ତ ଘୋଡାଇ ରଖି ଦିଅନ୍ତୁ। ଏହାପରେ ପରଟା ଆକାରରେ ଛୋଟ ଛୋଟ କରି ବେଲି ରଖନ୍ତୁ। ତାୱା ଗରମ ହେବା ପରେ ସେଥିରେ ବେଲା ହୋଇଥିବା ପରଟାକୁ ପକାଇ ଉପରେ ତେଲ ଦେଇ ବାଦାମୀ ହେବାଯାଏ ସେକି ଦିଅନ୍ତୁ। ଦୁଇପଟ ସେକି ହୋଇଯିବା ପରେ ତାୱାରୁ କାଢି ଦିଅନ୍ତୁ। ତେଲ ବଦଳରେ ଆପଣ ଚାହିଁଲେ ଘିଅ ମଧ୍ୟ ବ୍ୟବହାର କରିପାରିବେ। ସବୁ ପରଟାକୁ ଏହିଭଳି ସେକି ଚଟଣି କିମ୍ବା ସସ୍ ସହିତ ଖାଆନ୍ତୁ।

ଧରିତ୍ରୀ 52 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୦/୨୦୨୬ Bhubaneswar, Tuesday, January 20/ 2026

# ମେଲବୋର୍ନରେ ଜୋକୋଭିଚ୍‌ଙ୍କ ଶତକ


ନୋଭାକ ଜୋକୋଭିଚ୍

## ଅଷ୍ଟ୍ରେଲିଆନ ଓପନ ଟେନିସ

ମେଲବୋର୍ନ, ୧୯।୧ (ଏପି)

ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ୬-୩, ୬-୨, ୬-୨ରେ ସ୍ପେନର ପେଡ୍ରୋ ମାର୍ଟିନେଜଙ୍କୁ ହରାଇ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ମେଲବୋର୍ନରେ ତାଙ୍କର ଶତକ ମ୍ୟାଚ୍ ବିଜୟ ହାସଲ କରିଛନ୍ତି। ଫଳରେ ଏହି ୩୮ବର୍ଷୀୟ ୪ଟି ଗ୍ରାଣ୍ଡସ୍ଲାମ ମଧ୍ୟରୁ ୩ଟିରେ ଶତକ ମ୍ୟାଚ ବିଜୟ ହାସଲ କରିବାର ଏକ ଗୌରବ ଅର୍ଜନ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ବିଜୟ ଲାଭ କରିଥିବା ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି ଆଲେକ୍ସ ଡି' ମିନାଉର, ଡାନିଲ ମେଡଭେଡେଭ, କାସ୍ପର ରୁଡ୍, ଜୋର୍ଡାନ ଥମ୍ପସନ, ମାରିନ୍ ସିଲିକ୍, ଆଲେକ୍‌ଜାଣ୍ଡର ଶେଭଚେଙ୍କୋ ପ୍ରମୁଖ ଅନ୍ୟତମ ରହିଛନ୍ତି।

### ସ୍ୱିଟେକ୍, ଗଫ୍, ଆନିମିସୋଭା ବିଜୟୀ

ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ ଇଗା ସ୍ୱିଟେକ ଭଲରୂପେ ଜାଣନ୍ତି ପ୍ରଥମ ଅଷ୍ଟ୍ରେଲିଆ ଟାଇଟଲ ଏବଂ ଏକ କ୍ୟାରିୟର ଗ୍ରାଣ୍ଡସ୍ଲାମ ଜିତିବାକୁ ହେଲେ ତାଙ୍କୁ ଅନେକ କିଛି କରିବାକୁ ପଡ଼ିବ। ସୋମବାର ଅନୁଷ୍ଠିତ ଏକ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ମ୍ୟାଚରେ ଦ୍ୱିତୀୟ ର୍‍ୟାଙ୍କିଙ୍ଗପ୍ରାପ୍ତ ସ୍ୱିଟେକ୍ ୭-୬(୪), ୬-୩ ସେଟ୍‌ରେ ୧୩୦ ର୍‍ୟାଙ୍କିଙ୍ଗପ୍ରାପ୍ତ ଚାଇନିଜ କ୍ୱାଲିଫାୟର ୟୁଆନ ୟୁଇ'ଙ୍କୁ ହରାଇ ଦେଇଛନ୍ତି। ଗତବର୍ଷ ୱିମ୍ବଲଡନ ଜିତିବା ପରେ ସେ ତାଙ୍କ ୪ର୍ଥ ଫ୍ରେଞ୍ଚ ଓପନ ଟାଇଟଲ ଜିତିଥିଲେ। ୨୦୨୨ରେ ୪ଟି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ମଧ୍ୟରୁ ସେ କେବଳ ୟୁଏସ୍ ଓପନ ଓ ଅଷ୍ଟ୍ରେଲିଆନ ଓପନ ଜିତିପାରି ନ ଥିଲେ। ଏହି ଦୁଇଟି ଟୁର୍ନାମେଣ୍ଟରେ ସେ ଦୁଇଥର ସେମିଫାଇନାଲରେ ପ୍ରବେଶ କରିପାରିଛନ୍ତି। ବିଶ୍ୱର ୩ ନମ୍ବର କୋକୋ ଗଫ୍ ସୋମବାର ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛନ୍ତି। ରଡ୍ ଲାଭର ଆରେନାଠାରେ ସେ କାମିଲା ରାଖିମୋଭାଙ୍କୁ ୬-୨, ୬-୩ସେଟ୍‌ରେ ହରାଇ ଦେଇଛନ୍ତି। ସ୍ୱିଟେକଙ୍କ ଭଳି ଗଫ୍ ଦୁଇ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ମେଲବୋର୍ନ ପାର୍କରେ ସେ କିନ୍ତୁ ଥରେ ହେଲେ ସେମିଫାଇନାଲ ଅତିକ୍ରମ କରିପାରି ନାହାନ୍ତି। ସେହିପରି ଆମେରିକା ତଥା ବିଶ୍ୱର ୪ ନମ୍ବର ଖେଳାଳି ଆମାଣ୍ଡା ଆନିମିସୋଭା ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ସୁଇଜରଲାଣ୍ଡର ସିମୋନ ୱାଲ୍‌ଟର୍ଟଙ୍କୁ ୬-୩, ୬-୨ରେ ହରାଇ ଦେଇଛନ୍ତି। ସୋମବାର ମହିଳା ସିଙ୍ଗଲ୍ସରେ ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ଜିତିଥିବା ଅନ୍ୟ ଖେଳାଳିମାନେ ହେଲେ ୬ ନମ୍ବର ଜେସିକା ପେଗୁଲା, ୮ ନମ୍ବର ମୀରା ଆନ୍ଦ୍ରିଭା, ୧୭ ନମ୍ବର ଭିକ୍ଟୋରିଆ ଏମ୍‌ବୋକୋ ଓ ନମ୍ବର ୨୫ ପାଉଲା ବଦୋସା।

# ସର୍ବଭାରତୀୟ ଲାଲ୍‌ମନି କ୍ରିକେଟ ଉଦ୍‌ଘାଟିତ



ଅତିଥିବୃନ୍ଦ ଟୁର୍ନାମେଣ୍ଟର ଟ୍ରଫି ଉନ୍ମୋଚନ କରୁଛନ୍ତି।

ସୋନପୁର, ୧୯।୧ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଗାନ୍ଧୀ ପଡ଼ିଆରେ ଜିଲା କ୍ରିକେଟ୍ ସଂଘ ଆନୁକୂଲ୍ୟରେ ୩୭ତମ ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାରଠାରୁ ଆରମ୍ଭ ହୋଇଛି। ଟର୍ଫ ପିଚ୍‌ରେ ସମସ୍ତ ମ୍ୟାଚ୍ ଖେଳାଯାଉଛି। ଉଦ୍‌ଘାଟନୀ ମ୍ୟାଚ୍ ସୁବର୍ଣ୍ଣପୁର ଏସ୍‌ଡିସିଏ ଓ ବଲାଙ୍ଗୀର ୱାଇଏସ୍‌ସିସି ମଧ୍ୟରେ ହୋଇଥିଲା। ଏଥିରେ ୱାଇଏସସିସି ବଲାଙ୍ଗୀର ବିଜୟୀ ହୋଇଛି। ପ୍ରଥମ ଫର୍ମାଟ ୧୫ଓଭର ବିଶିଷ୍ଟ ଥିଲା। ମ୍ୟାଚ୍‌ରେ ସୁବର୍ଣ୍ଣପୁର ଦଳ ଟସ୍ ଜିତି ପ୍ରଥମେ ଫିଲଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବଲାଙ୍ଗୀର ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୭ ଉଇକେଟ୍ ହରାଇ ୧୮୧ ରନ କରିଥିଲା। ଦଳ ପକ୍ଷରୁ ପୁରୁଷୋତ୍ତମ ପଧାନ ୩୩ ବଲରୁ ସର୍ବାଧିକ ୮୩ରନ, ଶ୍ରେଷ୍ଠ ଋଷଭ ୩୦ବଲରୁ ୫୭ରନ କରିଥିଲେ। ସୁବର୍ଣ୍ଣପୁର ପକ୍ଷରୁ ଶୁଭମ ବିଷ୍ଟ ଓ କେ.ଜି.କ୍ରିଷ୍ଣା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସୁରଜ ମହାପାତ୍ରଙ୍କ ୩୩ବଲରୁ ୪୪ରନ, ଗୋବିନ୍ଦ ପାତ୍ରଙ୍କ ୧୩ବଲରୁ ୨୨ରନ ଓ ବରୁଣ ଦାସଙ୍କ ୧୬ରନ ସହାୟତାରେ ସୁବର୍ଣ୍ଣପୁର ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ରନ ସଂଗ୍ରହ କରିଥିଲା। ବଲାଙ୍ଗୀରର ପ୍ରତୀକ ରଞ୍ଜନ ୪ଟି ଓ ଡିନା ଦାସ ୨ଟି ଉଇକେଟ ନେଇଥିଲେ। ବଲାଙ୍ଗୀର ଟିମ୍ ୬୭ରନରେ ବିଜୟୀ ହୋଇଥିଲା।

୨ୟ ଫର୍ମାଟ ୬ ଓଭର ବିଶିଷ୍ଟ ହୋଇଥିଲା। ବଲାଙ୍ଗୀର ଦଳ ୫ଉଇକେଟ୍ ହରାଇ ୫୯ରନ ସଂଗ୍ରହ କରିଥିଲା। ସୁବର୍ଣ୍ଣପୁରର ଶୁଭମ ବିଷ୍ଟ ୩ଟି ଉଇକେଟ ଅକ୍ତିଆର କରିଥିଲେ। ନିର୍ଦ୍ଧାରିତ ଓଭରରେ ସୁବର୍ଣ୍ଣପୁର ୩ ଉଇକେଟ ବିନିମୟରେ ମାତ୍ର ୪୭ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ବଲାଙ୍ଗୀର ୧୨ ରନରେ ବିଜୟୀ ହୋଇଥିଲା। ବଲାଙ୍ଗୀର ଦଳର ପ୍ରତୀକ ରଞ୍ଜନଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲାପାଳ ଡ. ନୃପରାଜ ସାହୁ, ଏସ୍‌ପି ନାରାୟଣ ନାୟକ, ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି ଓ ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଯୋଗଦାନ କରିଥିଲେ। ସୁବର୍ଣ୍ଣପୁର ଜିଲା କ୍ରିକେଟ ସଂଘର ସଭାପତି ରାମଶଙ୍କର ସାହୁ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ପ୍ରଦୀପ ସେଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ବି ସତ୍ୟନାରାୟଣ ରାଓ ଧନ୍ୟବାଦ ପ୍ରଦାନ କରିଥିଲେ। ଇଣ୍ଡିଆନ ବ୍ୟାଙ୍କର ଶାଖା ପରିଚାଳକ ସୌମ୍ୟଦର୍ଶନ ସାହୁ ଓ ରାଇସ୍ ମିଲର ଆସୋସିଏଶନର ଆଶିଷ ରଞ୍ଜନ ବାବୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ପରିଚାଳନା କରିଥିଲେ ସମୀର ପାଣିଗ୍ରାହୀ ଓ ବିଶ୍ୱଜିତ ପୁରୋହିତ। ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ କ୍ଷେତ୍ରବାସୀ ସାହୁ। ଅନଲାଇନ ସ୍କୋରିଂ କରିଥିଲେ ବିଶ୍ୱନାଥ ନାୟକ। ଧାରା ବିବରଣୀ ପ୍ରଦାନ କରିଥିଲେ ବି ଏସ ରାଓ, ପାର୍ଥସାରଥି ଦାଶ, ସଞ୍ଜୀବ ମିଶ୍ର ଓ ବିନୋଦ ମହାକୁର।

# ଦିବ୍ୟଦର୍ଶିନୀ ଓଡ଼ିଶା ଅଧିନାୟିକା

## ବିସିସିଆଇ ସିନିୟର ମହିଳା ଦିନିକିଆ କ୍ରିକେଟ



ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ରାଜକୋଟରେ ହେବାକୁଥିବା ସିନିୟର ଦିନିକିଆ ମହିଳା କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ମହିଳା କ୍ରିକେଟ ଦଳ ସୋମବାର ଘୋଷିତ ହୋଇଛି। ଓଡ଼ିଶା ମହିଳା ସିନିୟର ଚୟନ କମିଟି ଅଧ୍ୟକ୍ଷ ସସ୍ମିତା ପଟ୍ଟନାୟକ ଘୋଷଣା କରିଥିବା ଦଳରେ ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ଅଧିନାୟିକା ମନୋନୀତ କରାଯାଇଛି। ରାଜକୋଟସ୍ଥିତ ସାନୋସାରା କ୍ରିକେଟ ଗ୍ରାଉଣ୍ଡ(ବି)ରେ ଫେବୃଆରୀ ୬ରେ ମଧ୍ୟ ପ୍ରଦେଶ ବିପକ୍ଷରେ ମ୍ୟାଚ ଖେଳି ଓଡ଼ିଶା ଏହାର ଅଭିଯାନ ଆରମ୍ଭ କରିବ। ଏଲିଟ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଏହାପରେ ଫେବୃଆରୀ ୮ରେ ଆସାମ, ୧୦ରେ ଉତ୍ତର ପ୍ରଦେଶ, ୧୨ରେ କର୍ଣ୍ଣାଟକ, ୧୪ରେ ପଣ୍ଡିଚେରୀ, ୧୬ରେ ବରୋଦା ଓ ୧୮ରେ ମହାରାଷ୍ଟ୍ର ବିପକ୍ଷରେ ଖେଳିବ। **ଓଡ଼ିଶା ଦଳ:** ସୁଶ୍ରୀ ଦିବ୍ୟଦର୍ଶିନୀ (ଅଧିନାୟିକା), ତନ୍ମୟୀ ବେହେରା (ଉପ ଅଧିନାୟିକା), ଅଞ୍ଜଳି ସିଂ, ଇନ୍ଦ୍ରାଣି ଛତ୍ରିଆ, ଜ୍ୟୋତି କୁମାରୀ ପ୍ରସାଦ, ମାଧୁରୀ ମେହେଟା, ମୋନାଲିସା ରାଉତ, ରାମେଶ୍ୱରୀ ନାଏକ, ରାଣୀ ଟୁଡୁ, ରଶ୍ମିତା ଚିନ୍ନାରା, ରୀମାଲକ୍ଷ୍ମୀ ଏକ୍କା, ଏସ୍.ବି. ଲରେନ୍ସ, ସଙ୍ଗୀତା ଖାଡ଼ିଆ, ସରିତା ମେହେର, ଶିଲ୍ପା ସ୍ୱାଇଁ, ଶୁଭ୍ରା ନିର୍ଝରିଣୀ ସ୍ୱାଇଁ, ତରନ୍ନା ପ୍ରଧାନ, ନିବେଦିତା ଜନ୍ ନାଏକ (ସବ୍‌ଜେକ୍ଟ ଟୁ ଫିଟ୍‌ନେସ)।

# ପଞ୍ଜାବ ପାଇଁ ରଣ୍‌ଜୀ ଖେଳିବେ ଗିଲ୍

**ନୂଆଦିଲ୍ଲୀ, ୧୯।୧:** ନ୍ୟୁଜିଲାଣ୍ଡଠାରୁ ୨-୧ ବ୍ୟବଧାନରେ ଦିନିକିଆ ସିରିଜ୍‌ରେ ପରାଜିତ ହେବା ପରେ ଭାରତର ଟେଷ୍ଟ ଓ ଦିନିକିଆ ଅଧିନାୟକ ଶୁବମନ ଗିଲ୍ କ୍ରିକେଟରୁ ବ୍ରେକ ନେବା ବଦଳରେ ରଣଜୀ ଟ୍ରଫିରେ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଗୁରୁବାରଠାରୁ ରାଜକୋଟରେ ସୌରାଷ୍ଟ୍ର ବିପକ୍ଷରେ ଖେଳାଯିବାକୁ ଥିବା ଗ୍ରୁପ୍-ବି' ମ୍ୟାଚ୍‌ରେ ପଞ୍ଜାବ ପାଇଁ ସେ ଖେଳିବେ। ଦେଶର ପ୍ରମୁଖ ଘରୋଇ ଟୁର୍ନାମେଣ୍ଟର ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହେବା ପାଇଁ ପଞ୍ଜାବ ଦଳର ସାହାଯ୍ୟ କରିବାକୁ ଗିଲ ଇଚ୍ଛା ପ୍ରକଟ କରିଛନ୍ତି। ସେ ବର୍ତ୍ତମାନ ଇନ୍ଦୋରରେ ଥିବାବେଳେ ରାଜକୋଟକୁ ଏବେ କୌଣସି ସିଧାସଳଖ ଫ୍ଲାଇଟ୍ ନାହିଁ। ଏଣୁ ତାଙ୍କୁ ରାଜକୋଟରେ ପହଞ୍ଚିବା ପାଇଁ ୮ ଘଣ୍ଟା ଲାଗିବ ବୋଲି ପଞ୍ଜାବ ଦଳ ସୂତ୍ରରୁ କୁହାଯାଇଛି। ପଞ୍ଜାବ ବର୍ତ୍ତମାନ ଗ୍ରୁପ୍-ବି'ରେ ୫ ମ୍ୟାଚ୍‌ରେ ୧୧ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି। ନକ୍‌ଆଉଟ୍ ରାଉଣ୍ଡରେ ସ୍ଥାନ ପକ୍କା କରିବା ଲାଗି ଦଳକୁ ତା'ର ବଳକା ୩ ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଦରକାର। ଗିଲଙ୍କ ଫେରିବା ଦ୍ୱାରା ପଞ୍ଜାବ ଦଳର ବ୍ୟାଟିଂ ଲାଇନ-ଅପ୍ ଶକ୍ତିଶାଳୀ ହେବ।

# ମାଡ୍ରିଡ ଲୌରିଅସ୍ ୱାର୍ଲ୍ଡ ସ୍ପୋର୍ଟସ ଆୱାର୍ଡ ଆୟୋଜକ

ମାଡ୍ରିଡ୍, ୧୯।୧ (ପି.ଟି.)

ମାଡ୍ରିଡ କ୍ରମାଗତ ତୃତୀୟ ବର୍ଷ ପାଇଁ ଲୌରିଅସ ୱାର୍ଲ୍ଡ ସ୍ପୋର୍ଟସ ଆୱାର୍ଡର ଆୟୋଜକ ହେବାକୁ ଯାଉଛି। ସୋମବାର ଏହା ଘୋଷଣା କରାଯାଇଛି। ଗତବର୍ଷ ଭଳି ଏହି ପୁରସ୍କାର ଉତ୍ସବ ଏପ୍ରିଲ ୨୦ରେ ସିବେଲେସ୍ ପ୍ୟାଲେସଠାରେ ହେବ। ପୁରସ୍କାରର ୨୦୨୬ ସଂସ୍କରଣ ପୁଣି ଥରେ ବିଶ୍ୱର କ୍ରୀଡ଼ା ସମ୍ପ୍ରଦାୟଙ୍କ ସମେତ ମନୋରଞ୍ଜନ, ସଂସ୍କୃତି ଓ ଫ୍ୟାଶନର ଜଣାଶୁଣା ବ୍ୟକ୍ତିତ୍ୱ ମାନଙ୍କୁ ଏକତ୍ରିତ କରିବ। ପ୍ରତ୍ୟେକ ୭ଟି ପ୍ରମୁଖ କାଟେଗୋରୀରେ ଜଣେ ଲେଖାଏ ବିଜେତାଙ୍କୁ ଆଇକନିକ ଲୌରିଅସ୍ ପ୍ରତିମୂର୍ତ୍ତି ସହ ପୁରସ୍କୃତ କରାଯିବ।

# ପ୍ରମୋଦଙ୍କୁ ସ୍ୱର୍ଣ୍ଣ ; ପୂଜ୍ୟମ୍, ନୁରୁଲଙ୍କୁ ବ୍ରୋଞ୍ଜ୍

## ଇଜିପ୍ଟ ପାରା ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର, ୧୯।୧ (ତପନ ସ୍ୱାଇଁ)

କାଏରୋରେ ଅନୁଷ୍ଠିତ ଇଜିପ୍ଟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶା ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଗତ ୧୩ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ଓଡ଼ିଶାର ପ୍ରମୋଦ ଭଗତ, ପୂଜ୍ୟମ ମିଶ୍ର ଓ ନୁରୁଷ ହୋସେନ ଖାଁ ପଦକ ହାସଲ କରିଛନ୍ତି। ପ୍ରମୋଦ ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏସ୍‌ଏଲ୍-୩ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ଅନ୍ୟତମ ଭାରତୀୟ ଖେଳାଳି ଉମେଶ ବିକ୍ରମ କୁମାରଙ୍କୁ ୧୯-୨୧, ୨୧-୧୫, ୨୧-୧୩ରେ ପରାସ୍ତ କରିଛନ୍ତି। ସେହିପରି ଏସ୍‌ଏଲ୍୩-ଏସ୍‌ଏଲ୍୪ ପୁରୁଷ ଡବଲ୍ସରେ ପ୍ରମୋଦ ଓ ସୁକାନ୍ତ କଦମଙ୍କ ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଉମେଶ ବିକ୍ରମ ଓ ସୂର୍ଯ୍ୟକାନ୍ତ ଯାଦବ ଓହରି ଯାଇଥିଲେ। ଫଳରେ ୱାକ୍‌ଓଭର ପାଇ ପ୍ରମୋଦ-ସୁକାନ୍ତ ଯୋଡ଼ି ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ସେହିପରି ଏସ୍‌ଏଲ୍୩-ଏସ୍‌ଏଲ୍-୪ ପୁରୁଷ ଡବଲ୍ସରେ ମଣ୍ଟୁ କୁମାରଙ୍କୁ ସାଥୀକରି ଓଡ଼ିଶାର ପୂଜ୍ୟମ୍ ମିଶ୍ର ବ୍ରୋଞ୍ଜ ପଦକ ଜିତିଛନ୍ତି। ସେମିଫାଇନାଲରେ ଏହି ଯୋଡ଼ି ଅନ୍ୟତମ ଭାରତୀୟ ଉମେଶ ବିକ୍ରମ କୁମାର ଓ ସୂର୍ଯ୍ୟକାନ୍ତ ଯାଦବଙ୍କଠାରୁ ୧୮-୨୧, ୧୫-୨୧ରେ ହାରି ଯାଇଛନ୍ତି। ଡବ୍ଲ୍ୟୁଏଚ-୨ ପୁରୁଷ ସିଙ୍ଗଲ୍ସ ବର୍ଗରେ ନୁରୁଲ ହୋସେନ ଖାଁ ବ୍ରୋଞ୍ଜ ଜିତିଛନ୍ତି। ସେମିଫାଇନାଲରେ ସେ ଇରାକର ମହମ୍ମଦ କରିମ ଅବୋଦ ଆଲାମିରଙ୍କଠାରୁ ୬-୨୧, ୯-୨୧ରେ ହାରିଛନ୍ତି।


ପଦକ ସହ ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି।

# ଭାରତରେ ଖେଳ ନଚେତ ବାଦ୍

## ବାଂଲାଦେଶ ଆଗରେ ସର୍ତ୍ତ ରଖିଲା ଆଇସିସି

**ବେଙ୍ଗାଲୁରୁ, ୧୯।୧:** ଆସନ୍ତା ଫେବୃଆରୀରେ ହେବାକୁ ଯାଉଥିବା ଟି୨୦ ବିଶ୍ୱକପ୍‌ରେ ବାଂଲାଦେଶ ଦଳ ଅଂଶଗ୍ରହଣ କରିବ କି ନାହିଁ, ସେ ନେଇ ଲାଗି ରହିଥିବା ଅନିଶ୍ଚିତତା ଜାରି ରହିଛି। ଏହି ଅନିଶ୍ଚିତତାର ଅନ୍ତ ଘଟାଇବା ଲାଗି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଆଗରେ ଏକ ସର୍ତ୍ତ ରଖାଯାଇଛି। କିଛି ଗଣମାଧ୍ୟମ ରିପୋର୍ଟ ମୁତାବକ, ଆଇସିସି ପକ୍ଷରୁ ବାଂଲାଦେଶକୁ କୁହାଯାଇଛି ଯେ, ଭାରତରେ ମ୍ୟାଚ୍ ଖେଳିବାକୁ ରାଜି ହୋଇଯାଅ ନ ହେଲେ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିବାକୁ ପ୍ରସ୍ତୁତ ରୁହ। ଏଥିସହିତ ଆସନ୍ତା ବୁଧବାର ସୁଦ୍ଧା ସ୍ପଷ୍ଟ କରିବାକୁ ବିସିବିକୁ କୁହାଯାଇଛି। ଯଦି ବାଂଲାଦେଶ ଭାଗ ନ ନେବାକୁ ନିଷ୍ପତ୍ତି ନିଏ, ତେବେ ସ୍କଟଲାଣ୍ଡ ବଦଳ ଦଳ ଭାବେ ବିଶ୍ୱକପ୍‌ରେ ସାମିଲ କରାଯିବ।

ସମସ୍ୟାର ସମାଧାନ ଲାଗି ଢାକାଠାରେ ରବିବାର ଆଇସିସି ଓ ବିସିବି ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କିନ୍ତୁ କୌଣସି ସମାଧାନର ବାଟ ମିଳି ନ ଥିଲା। ଆଲୋଚନା ବେଳେ ବାଂଲାଦେଶର ମ୍ୟାଚ୍‌କୁ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବା ପାଇଁ ବିସିବି ପକ୍ଷରୁ ଅନୁରୋଧ କରାଯାଇଥିଲା। ହେଲେ ଆଇସିସି ପକ୍ଷରୁ ଆନୁଷ୍ଠାନିକ ଭାବେ କିଛି ପ୍ରତିକ୍ରିୟା ପ୍ରକାଶ କରାଯାଇ ନ ଥିଲା।

### ରିପୋର୍ଟକୁ ବିସିବିର ଖଣ୍ଡନ

ଆଇସିସି ପକ୍ଷରୁ ବାଂଲାଦେଶକୁ ଆସନ୍ତା ୨୧ ତାରିଖ ମଧ୍ୟରେ ଭାରତରେ ଖେଳିବ କି ନାହିଁ ସ୍ପଷ୍ଟ କରିବାକୁ ନେଇ ପ୍ରକାଶ ପାଇଥିବା ରିପୋର୍ଟକୁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଖଣ୍ଡନ କରିଛି। ସେଭଳି କୌଣସି ତାରିଖ ଧାର୍ଯ୍ୟ ହୋଇନାହିଁ ଏବଂ ପୁଣି ଥରେ ଭେନ୍ୟୁ ସ୍ଥାନାନ୍ତର ଲାଗି ବୋର୍ଡ ପକ୍ଷରୁ କୁହାଯାଇଛି। ବିସିବି ନିର୍ଦ୍ଦେଶକ ଅମଜାଦ ହୋସେନ ପ୍ରକାଶ କରିଛନ୍ତି ଯେ, ଗତ ଶନିବାର ଜଣେ ଆଇସିସି ପ୍ରତିନିଧି ଆସିଥିଲେ। ଆମ ବୋର୍ଡର ଅଧିକାରୀଙ୍କ ସହ ତାଙ୍କର ବୈଠକ ହୋଇଥିଲା। ଆମେ ସେମାନଙ୍କୁ ବିକଳ୍ପ ଭେନ୍ୟୁ ଲାଗି ଅନୁରୋଧ କରିଥିଲୁ। ଆଇସିସି ପ୍ରତିନିଧିଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିଲା। ସେହି ସମୟରେ ସେମାନେ କହିଥିଲେ ଯେ, ଆଇସିସିକୁ ଏ ବିଷୟରେ ଜଣାଇବେ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ